R.N.I. REGN. No. 65000/96 POSTAL REGN. No. OR/BN-32/12-14

ସମୟ SAMAYA

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

30th ANNIVERSARY

ଏକତ୍ରିଂଶତମ ବର୍ଷ

ସଂଖ୍ୟା : ୨୩

ତିଥି : ପୂର୍ଣ୍ଣିମା

୨୭ ଅକ୍ଟୋବର ୨୦୨୬, ମଙ୍ଗଳବାର

ସମ୍ବଲପୁର

ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

27 October 2026, Tuesday

Bhubaneswar | Balasore | Angul | Berhampur | Sambalpur

## ଆରବିଆଇ ଡାଟା ସେଣ୍ଟର ଲୋକାର୍ପଣ କଲେ ମୋଦୀ

# ଭାରତକୁ ଓଡ଼ିଶା ଦେଇଛି ଅନେକ ନୂଆ ସଂସ୍ଥାନ



ଭୁବନେଶ୍ୱର/ଜଟଣୀ,୨୬।୧୦, (ସବ୍ୟୁ): ଜଟଣୀର ଇନଫୋଭ୍ୟାଲି-୨ରେ ଆରବିଆଇର ଅତ୍ୟାଧୁନିକ ଗ୍ରୀନ୍ ଫିଲ୍ଡ ଡାଟା ସେଣ୍ଟରକୁ ଲୋକାର୍ପଣ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ୟୁପିଆଇ, ଏନଇଏଫଟି ଓ ଆରଟିଜିଏସ ଭଳି ଡିଜିଟାଲ୍ କାରବାରର ତଥ୍ୟ ସୁରକ୍ଷିତ ରଖିବା ସହ ସାଇବର ଆକ୍ରମଣ ଓ ବୈଷୟିକ ସମସ୍ୟା ସମୟରେ ବ୍ୟାଙ୍କିଙ୍ଗ ସେବା ଅବ୍ୟାହତ ରଖିବାରେ ଏହା ସହାୟକ ହେବ। ଏଠାରେ କ୍ଲାଉଡ୍ କମ୍ପ୍ୟୁଟିଂ, ଏଆଇ ଓ ବିଗ୍ ଡାଟା ଆନାଲିଟିକ୍ସ ସହ ସାଇବର ସୁରକ୍ଷା ପ୍ରଶିକ୍ଷଣ ଉପରେ ମଧ୍ୟ ଗୁରୁତ୍ୱ ଦିଆଯିବ। ଦେଶର ଡିଜିଟାଲ୍ ବ୍ୟାଙ୍କିଙ୍ଗ ବ୍ୟବସ୍ଥାକୁ ଅଧିକ ସୁରକ୍ଷିତ ଓ ସୁଦୃଢ଼ କରିବାରେ ଏହି ଡାଟା ସେଣ୍ଟର ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ପ୍ରାୟ ୧୭୦ କୋଟି ଟଙ୍କାରେ ଜଟଣୀର ଇନ୍ଫୋଭ୍ୟାଲି-୨ରେ ଭାରତୀୟ

### ଖୋଲିଲା ସାଇବର ସୁରକ୍ଷା ପ୍ରଶିକ୍ଷଣ କେନ୍ଦ୍ର
### ଘରେ ଘରେ ପହଞ୍ଚିଛି ଡିଜିଟାଲ ବ୍ୟାଙ୍କିଙ୍ଗ
### ଡାଟା ସେଣ୍ଟର ଲାଗି ୧୭୦ କୋଟି ବ୍ୟୟ

ରିଜର୍ଭ ବ୍ୟାଙ୍କର ଗ୍ରୀନଫିଲ୍ଡ ଡାଟା ସେଣ୍ଟର ଓ ଏଣ୍ଟରପ୍ରାଇଜ୍ କମ୍ପ୍ୟୁଟିଂ ଓ ସାଇବର ସୁରକ୍ଷା ତାଲିମ ପ୍ରତିଷ୍ଠାନ ନିର୍ମାଣ ହୋଇଛି। ଏହା ନଭି ମୁମ୍ବାଇ ପରେ ଦେଶର ଦ୍ୱିତୀୟ ଆରବିଆଇ ଡାଟା ସେଣ୍ଟର। ଆଜି ଓଡ଼ିଶା ମାଟିରୁ ଏହାକୁ ଦେଶବାସୀଙ୍କ ପାଇଁ ଉତ୍ସର୍ଗ କରିଛନ୍ତି ମୋଦି। ଏହାପରେ ସେ କହିଛନ୍ତି ଯେ ମହାପ୍ରଭୁଙ୍କ ଆଶୀର୍ବାଦରୁ ଭୁବନେଶ୍ୱରରେ ନୂଆ ସଂସ୍ଥା ଖୋଲିଛି। ନୂଆ ଭାରତ ନିର୍ମାଣରେ ନୂଆ ଅବଦାନ ଭେଟିଦେଲା। ଦେଶର ବିକାଶରେ ଛୋଟ ସହରର ବଡ଼ ଭୂମିକା ରହିବା ଦରକାର। ଆଜିର ଏହି ସଂସ୍ଥା ଓଡ଼ିଶାର ଓ ଦେଶର ବିକାଶ ପାଇଁ କାର୍ଯ୍ୟ କରିବ ବୋଲି ସେ କହିଛନ୍ତି। ପୂର୍ବ ସରକାରକୁ ମଧ୍ୟ ତେର୍ଚ୍ଛାବାଣ ମାରିବାକୁ ମଧ୍ୟ ପଛାଇ ନାହାନ୍ତି ପ୍ରଧାନମନ୍ତ୍ରୀ ମୋଦି। ସେ କହିଛନ୍ତି, ଦେଶରେ ଗରୀବଙ୍କ ନାଁ ନେଇ ଦୀର୍ଘ ସମୟ ଧରି ପ୍ରଚାର ପ୍ରସାର ଚାଲିଥିଲା। ୬୦/୭୦ ଦଶକରେଗରୀବଙ୍କ ନାଁ ନେଇ ବ୍ୟାଙ୍କ ଜାତୀୟକରଣ ହେଲା।ମାତ୍ର ୨୦୧୪ ପର୍ଯ୍ୟନ୍ତ ଗରୀବ ଲୋକେ ପ୍ରକୃତ ସେବାରୁ ବଞ୍ଚିତ ହୋଇ ରହିଥିଲେ। ଗରୀବଙ୍କୁ ବ୍ୟାଙ୍କ ଖାତା ଖୋଲିବା ପାଇଁ ଗ୍ୟାରେଣ୍ଟର ଦରକାର ପଡୁଥିଲା। ମାତ୍ର ଆଜି ଡିଜିଟାଲ ବ୍ୟାଙ୍କିଙ୍ଗ ଘରେ ଘରେ ପହଞ୍ଚି ପାରିଛି। ପୂର୍ବରୁ କେନ୍ଦ୍ରରେ କ୍ଷମତାରେ ଥିବା କଂଗ୍ରେସକୁ ଇଙ୍ଗିତ (୯ ପୃଷ୍ଠାରେ)

# ଆଜି ବାତ୍ୟାରୂପ ନେବ 'ଅର୍ଣ୍ଣବ'

### ୨୮ ସକାଳେ ଦକ୍ଷିଣ ଆନ୍ଧ୍ର ସ୍ଥଳଭାଗ ଛୁଇଁବ
### ପ୍ରବେଶ ବେଳେ ପବନ ୧୪୦ ବେଗରେ ବୋହିବ
### ଦକ୍ଷିଣ ଓଡ଼ିଶାରେ ଅତି ପ୍ରବଳ ବର୍ଷିବ

ଭୁବନେଶ୍ୱର,୨୬।୧୦,(ସବ୍ୟୁ): ବଙ୍ଗୋପସାଗରରେ ସମ୍ଭାବ୍ୟ ବାତ୍ୟା ବଳ ଗୋଟାଇ ସ୍ଥଳଭାଗ ଆଡକୁ ମାଡି ଆସୁଛି। ରବିବାର ଗଭୀର ଅବପାତ ରୂପ ନେଇ ସରିବା ପରେ ବଙ୍ଗୋପସାଗରର ଦକ୍ଷିଣ-ପଶ୍ଚିମ ଦିଗରେ ଘଣ୍ଟା ପ୍ରତି ୮ କିମି ବେଗରେ ଗତି କରୁଛି। ଆସନ୍ତାକାଲି (ସୋମବାର) ସକାଳ ସୁଦ୍ଧା ଏହା ବାତ୍ୟା (ଅର୍ଣ୍ଣବ) ରୂପ ନେବ। ୨୭ ତାରିଖରେ ଏହା ପଶ୍ଚିମ, ଉତ୍ତର ପଶ୍ଚିମରୁ ପୂର୍ବ କେନ୍ଦ୍ରୀୟ ଏବଂ ପାର୍ଶ୍ୱବର୍ତ୍ତୀ ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗରରେ ଭୀଷଣ ବାତ୍ୟାରେ ପରିଣତ ହେବ। ୨୮ ତାରିଖ ପୂର୍ବାହ୍ନ ସୁଦ୍ଧା ଆନ୍ଧ୍ରପ୍ରଦେଶର ୟାନାମ ଉପକୂଳରୁ ବାପଟଲା ମଧ୍ୟରେ ଭୀଷଣ ବାତ୍ୟା ରୂପ ନେଇ ୧୪୦ ବେଗରେ ପ୍ରବେଶ କରିବ। ଆନ୍ଧ୍ରପ୍ରଦେଶରେ ଛାରଖାର କରିବା ସହ ଦକ୍ଷିଣ ଓଡ଼ିଶାରେ ପ୍ରବଳରୁ ଅତିପ୍ରବଳ ବର୍ଷିବ।

ରବିବାର ସନ୍ଧ୍ୟା ୫.୩୦ ସୁଦ୍ଧା ବିଶାଖାପଟନମ୍‌ର ପୂର୍ବ, ଦକ୍ଷିଣ-ପୂର୍ବ ଠାରୁ ୮୨୦ କିମି, କାକିନାଡା ଠାରୁ ୯୧୦ କିମି, ମଛଲିପଟନମଠାରୁ ୧୦୧୦ କିମି ଏବଂ ବାପଟଲା ଠାରୁ ୧୦୮୦ କିମି ଦୂରରେ ରହିଛି। ୨୬ ତାରିଖରେ ସମୁଦ୍ରରେ ପବନ ଘଣ୍ଟା ପ୍ରତି ୯୫ରୁ ୧୦୫ କିମି ଓ ଝଟକା ୧୧୫ କିମି ରହିବ। ୨୭ରୁ ପବନର ବେଗ ବୃଦ୍ଧି ପାଇବା ସହ ୧୧୫ରୁ ୧୨୫ କିମି ଓ ଝଟକା ୧୪୦ କିମି ବେଗରେ ବୋହିବାର ସମ୍ଭାବନା ଥିବା ବେଳେ ବାତ୍ୟା ୨୮ ତାରିଖ ସକାଳୁ ଦିନ ୧୨ଟା ପର୍ଯ୍ୟନ୍ତ ସ୍ଥଳଭାଗ ଛୁଇଁବା ସମୟରେ ଘଣ୍ଟା ପ୍ରତି ପବନର ବେଗ ୧୧୫ରୁ ୧୨୫ ଓ ଝଟକା ୧୪୦ କିମି ରହିବ।

ରାଜ୍ୟରେ ୨୭ ତାରିଖରୁ ବର୍ଷା ଆରମ୍ଭ ହେବ। ବିଶେଷକରି ଦକ୍ଷିଣ ଓଡ଼ିଶାରେ ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, କେନ୍ଦୁଝର, ମୟୁରଭଞ୍ଜ, କନ୍ଧମାଳ, କଳାହାଣ୍ଡି, ନବରଙ୍ଗପୁର, ଖୋର୍ଦ୍ଧା, ନୟାଗଡ଼, ଜଗତସିଂହପୁର ଓ ପୁରୀ ଜିଲ୍ଲାର ସ୍ଥାନେ ସ୍ଥାନେ ପ୍ରବଳ ବର୍ଷା ନେଇ ୟେଲୋ



ପ୍ରବଳରୁ ଅତିପ୍ରବଳ ବର୍ଷା ନେଇ ଗଜପତି, ଗଞ୍ଜାମ, ରାୟଗଡ଼ା, କୋରାପୁଟ ଓ ମାଲାକାନାଗିରି ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି। ଏହାସହ ବାଲେଶ୍ୱର, ୱାର୍ଣ୍ଣିଂ ଜାରି ହୋଇଛି। ୨୮ ତାରିଖ ଲାଗି ଗଜପତି, ଗଞ୍ଜାମ, ରାୟଗଡ଼ା, କୋରାପୁଟ ଏବଂ ମାଲକାନାଗିରି ଜିଲ୍ଲାକୁ ପ୍ରବଳରୁ ଅତିପ୍ରବଳ (୯ ପୃଷ୍ଠାରେ)

## ୯୦ଲକ୍ଷ ଠକେଇ, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୨୬।୧୦,(ସବ୍ୟୁ): ଜଣେ ପୂର୍ବତନ ରେଳ କର୍ମଚାରୀଙ୍କ ଠାରୁ ୯୦ଲକ୍ଷ ଟଙ୍କା ଠକି ନେଇଥିବା ଠକ ତପନ କୁମାର ଦାସ (୩୭)କୁ ମୈତ୍ରୀବିହାର ଥାନା ପୋଲିସ ଗିରଫ କରି ରବିବାର କୋର୍ଟଚାଲାଣ କରିଛି। ଅଭିଯୁକ୍ତ ତପନ ଅଭିଯୋଗକାରୀ ସମରେନ୍ଦ୍ର ଜେନା (୬୩)ଙ୍କ ଶାଳକର ବନ୍ଧୁ ହୋଇଥିବାରୁ ସେ ଯାହା କହିଥିଲେ ତାଙ୍କ କଥାରେ ବିଶ୍ୱାସ କରି ୯୦ଲକ୍ଷ ଟଙ୍କା ବିନିଯୋଗ ପାଇଁ ଦେଇଥିଲେ। ଅଭିଯୁକ୍ତ ତପନ ଅଭିଯୋଗକାରୀଙ୍କୁ କହିଥିଲା, ହାଇଦ୍ରାବାଦରେ ନିଜର ଏକ ବଡ ଗାର୍ମେଣ୍ଟ ବ୍ୟବସାୟ ଅଛି। ସେହି (୯ ପୃଷ୍ଠାରେ)

# 'ଅର୍ଣ୍ଣବ' ମୁକାବିଲା : ୮ ମନ୍ତ୍ରୀଙ୍କୁ ୮ ଜିଲ୍ଲା ଦାୟିତ୍ୱ

### ୫ ଜିଲ୍ଲାର ସ୍ୱତନ୍ତ୍ର ଦାୟିତ୍ୱରେ ୫ ଆଇଏଏସ୍
### ୫ ଜିଲ୍ଲାରେ ୨୪ ଓଡ୍ରାଫ୍, ୬ ଏନଡିଆରଏଫ୍ ଟିମ୍ ନିୟୋଜିତ
### ୨୮,୨୯ ସ୍କୁଲ, କଲେଜ, ଅଙ୍ଗନବାଡ଼ି କେନ୍ଦ୍ର ବନ୍ଦ ନିଷ୍ପତ୍ତି

ଭୁବନେଶ୍ୱର,୨୬।୧୦,(ସବ୍ୟୁ): ସମ୍ଭାବ୍ୟ ବାତ୍ୟା 'ଅର୍ଣ୍ଣବ' ମୁକାବିଲା ଲାଗି ରାଜ୍ୟ ସରକାର ୮ ଜଣ ମନ୍ତ୍ରୀଙ୍କୁ ଦାୟିତ୍ୱ ଦେଇଛନ୍ତି। ଏହାସହ ଦକ୍ଷିଣ ଓଡ଼ିଶାର ୫ ଜିଲ୍ଲା ବେଶି ପ୍ରଭାବିତ ହେଉଥିବା ବେଳେ ଏହି ଜିଲ୍ଲା ପାଇଁ ୫ ଜଣ ଆଇଏଏସ ଅଧିକାରୀଙ୍କୁ ମୁକାବିଲା ଲାଗି ସ୍ୱତନ୍ତ୍ର ଦାୟିତ୍ୱ ଦିଆଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କୋରାପୁଟ ଜିଲ୍ଲା ପାଇଁ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓଙ୍କୁ ଦାୟିତ୍ୱ ଦେଇଥିବା ବେଳେ ରାୟଗଡ଼ା ଜିଲ୍ଲା ପାଇଁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା, କନ୍ଧମାଳ ଜିଲ୍ଲା ପାଇଁ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାଏକ, ଗଞ୍ଜାମ ଜିଲ୍ଲା ପାଇଁ ପରିବହନ ମନ୍ତ୍ରୀ ବିଭୂତି ଜେନା, ନବରଙ୍ଗପୁର ଜିଲ୍ଲା ପାଇଁ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ମହାପାତ୍ର, ମାଲକାନଗିରି ଜିଲ୍ଲା ପାଇଁ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, କଳାହାଣ୍ଡି ଜିଲ୍ଲା ପାଇଁ ସ୍ୱାସ୍ଥ୍ୟ ମନ୍ତ୍ରୀ ମକେଶ ମହାଲିଙ୍ଗ ଓ ଗଜପତି ଜିଲ୍ଲା ପାଇଁ ଉପଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କୁ ବାତ୍ୟା ମୁକାବିଲା ପାଇଁ ଦାୟିତ୍ୱ ନ୍ୟସ୍ତ କରିଛନ୍ତି।

ସେହିଭଳି ସମ୍ଭାବ୍ୟ ବାତ୍ୟା ଆନ୍ଧ୍ରପ୍ରଦେଶ ସ୍ଥଳଭାଗ ଛୁଇଁବାକୁ ଥିବା ବେଳେ ଏହାର ପ୍ରଭାବ ଓଡ଼ିଶାରେ ସିଧାସଳଖ ପଡୁନାହିଁ। କିନ୍ତୁ ବର୍ଷାର ପରିମାଣ ଅଧିକା ହେବା ସମ୍ଭାବନା ଥିବାରୁ ରାୟଗଡ଼ା ଜିଲ୍ଲା ପାଇଁ ଆଇଏଏସ୍ କେ ସୁଦର୍ଶନ ଚକ୍ରବର୍ତ୍ତୀ, କୋରାପୁଟ ଜିଲ୍ଲା ପାଇଁ ଆଇଏଏସ୍ ପୁମା ଟୁଡୁ, ଗଜପତି ଜିଲ୍ଲା ପାଇଁ ଆଇଏଏସ୍ ବିଜୟ କୁମାର ଦାଶ, ମାଲକାନାଗିରି ଜିଲ୍ଲା ପାଇଁ ଆଇଏଏସ୍ ୟେଦୁଲ୍ଲା ବିଜୟ ଏବଂ ନବରଙ୍ଗପୁର ଜିଲ୍ଲା (୯ ପୃଷ୍ଠାରେ)

# କାର୍-ବାଇକ ମୁହାଁମୁହିଁ, ଦୁଇ ମୃତ

ପଦ୍ମପୁର,୨୬।୧୦,(ସବ୍ୟୁ): ବରଗଡ଼ ଜିଲ୍ଲା ପଦ୍ମପୁର ଥାନା ଅନ୍ତର୍ଗତ ନରସିଂହପୁରଠାରେ କାର୍ ଓ ବାଇକ ମଧ୍ୟରେ ମୁହାଁମୁହିଁ ଧକ୍କା ହେବାରୁ ଦୁଇ ଜଣଙ୍କ ମୃତ୍ୟୁଘଟିଛି। ଏହି ମର୍ମନ୍ତୁଦ ଦୁର୍ଘଟଣାକୁ ନେଇ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।ମୃତକଦ୍ୱୟ ହେଲେ ରୋହିତ ରଣା ଓ କର୍ଣ୍ଣ ରଣା। ପୁଲିସ ସୂତ୍ରରୁ (୯ ପୃଷ୍ଠାରେ)

# ୧୦୦ କୋଟିର ହାୱାଲା କାରବାର, ୧୮ ଗିରଫ

ନୂଆଦିଲ୍ଲୀ,୨୬।୧୦: ଅନ୍ତର୍ଜାତୀୟ ନିଶାଦ୍ରବ୍ୟ ଚୋରା ଚାଲାଣ ନେଟୱର୍କକୁ ଧରିବା ପାଇଁ ନାର୍କୋଟିକ୍ କଣ୍ଟ୍ରୋଲ ବ୍ୟୁରୋ (ଏନ୍‌ସିବି) ପକ୍ଷରୁ 'ଅପରେସନ୍ ଟ୍ରାଇଡେଣ୍ଟ' ଆରମ୍ଭ କରାଯାଇଛି। ଶୁକ୍ରବାର ଅଭିଯାନରେ ଉତ୍ତର-ପୂର୍ବ ଭାରତର ଆସାମ, ମିଜୋରାମ ଓ ମଣିପୁରର ୩୮ଟି ସ୍ଥାନରେ ଏକକାଳୀନ ଚଢ଼ାଉ କରାଯାଇଛି। ଏଥିରେ ପ୍ରାୟ ୧୦୦ କୋଟି (୯ ପୃଷ୍ଠାରେ)



## ମାଓ ଦମ୍ପତିଙ୍କ ଆତ୍ମସମର୍ପଣ, ଅସ୍ତ୍ରଶସ୍ତ୍ର ହସ୍ତାନ୍ତର

କୋଲକାତା,୨୬।୧୦: ମୁଣ୍ଡ ଉପରେ ମୋଟ ୭ ଲକ୍ଷ ଟଙ୍କାର ପୁରସ୍କାର ଥିବା ମାଓବାଦୀ ଦମ୍ପତି କୋଲକାତା ପୁଲିସ କମିସନର ଅଜୟ କୁମାର ନନ୍ଦଙ୍କ ସମ୍ମୁଖରେ ଆତ୍ମସମର୍ପଣ କରିଛନ୍ତି। ଏହି ଅବସରରେ ସେମାନେ ନିଜ ନିଜ ଅସ୍ତ୍ରଶସ୍ତ୍ର ମଧ୍ୟ ହସ୍ତାନ୍ତର କରିଥିଲେ। ଆତ୍ମସମର୍ପଣ କରିଥିବା ଦମ୍ପତି ହେଲେ ମଙ୍ଗଳ ଓ ମାଳତୀ। ଉଭୟ ପଶ୍ଚିମବଙ୍ଗର ବାସିନ୍ଦା ହୋଇଥିବା ବେଳେ ଝାଡ଼ଖଣ୍ଡରେ ମାଓବାଦୀ (୯ ପୃଷ୍ଠାରେ)

# କଙ୍ଗାରୁ କୋର୍ଟରେ ଅର୍ଥଦଣ୍ଡ, ଥାନାର ଦ୍ୱାରସ୍ଥ ହେଲେ ପୀଡିତ ପରିବାର

ଭାପୁର,୨୬।୧୦,(ସବ୍ୟୁ): ନୟାଗଡ ଜିଲ୍ଲାର ଭାପୁର ବ୍ଲକ ଫତେଗଡ ଥାନା ଅଧୀନ କଳପଙ୍ଗି ଗ୍ରାମରେ କେତେକ ଅସାମାଜିକ ବ୍ୟକ୍ତିଙ୍କ ଦୌରାତ୍ମ୍ୟ ଯୋଗୁଁ ଉକ୍ତ କଳପଙ୍ଗୀ ଗ୍ରାମର ଅଯୋଧା ଦାସଙ୍କ ପରିବାରବର୍ଗ ଆକ୍ରୋଶର ଶିକାର ହୋଇଥିବା ନେଇ ଫତେଗଡ ଥାନାରେ ଅଯୋଧାଙ୍କ ପତ୍ନୀ ରଞ୍ଜୁ ଦାସ ଲିଖିତ ଅଭିଯୋଗ କରିଥିବା ଜଣାଯାଇଛି। ଅଭିଯୋଗକ୍ରମେ କଳପଙ୍ଗି ଗ୍ରାମର ବିପିନ ବିହାରୀ ପରିଡ଼ା,ବୀର ରାଉତ ଓ ମାଟିଆ ନାୟକ ପ୍ରମୁଖ ଗ୍ରାମର ମୁଖିଆ ଭାବେ ଦର୍ଶାଇ ଏକ ନୀରିହ ପରିବାର ଉପରେ ଦାଉ ସାଧୁଥିବା



ଅଭିଯୋଗ ହେଉଛି। ଅଭିଯୋଗକାରିଣୀ ରଞ୍ଜୁଙ୍କ ଅଭିଯୋଗ ଯେ ତାଙ୍କ ଦେଢଶୁର ବ୍ରଜବନ୍ଧୁ ଦାସ ଗତ ୨ ବର୍ଷ ତଳେ ସ୍ଥାନୀୟ ଅଞ୍ଚଳରେ ଏକ ସରକାରୀ ଜାଗା ଜବରଦଖଲ କରିବାକୁ କେନ୍ଦ୍ର କରି ଉପରୋକ୍ତ ୩ ଜଣ ବ୍ୟକ୍ତି ଗ୍ରାମର କେତେକ ଅସାମାଜିକ ଯୁବକଙ୍କୁ ଏକାଠି କରି ବ୍ରଜବନ୍ଧୁଙ୍କ ପରିବାର ଉପରେ ଦାଉ ସାଧିବା ସହ ଗ୍ରାମରେ ଏକ କଙ୍ଗାରୁ କୋର୍ଟ ବସାଇ ଜୋରିମନା ବାବଦରେ ଗ୍ରାମକୁ ୧ ଲକ୍ଷ ଟଙ୍କା ଦେବା ପାଇଁ ଦାବି କରିଥିଲେ। ମାତ୍ର ବ୍ରଜବନ୍ଧୁ ସେମାନଙ୍କ କଥା ନ ଶୁଣିବାରୁ ପରବର୍ତ୍ତୀ (୯ ପୃଷ୍ଠାରେ)

15001/123/2627

## ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ୨୦୨୬ ପାଳନ ଅବସରରେ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା



ଚଳିତ ବର୍ଷ ଅକ୍ଟୋବର ୨୬ ତାରିଖ ଠାରୁ ନଭେମ୍ବର ୧ ତାରିଖ ପର୍ଯ୍ୟନ୍ତ ସମଗ୍ର ରାଜ୍ୟରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ କରାଯାଉଛି। ଏହି ଅବସରରେ ମୁଁ ରାଜ୍ୟର ଜନସାଧାରଣଙ୍କୁ ଦୁର୍ନୀତି ବିରୋଧୀ ଅଭିଯାନରେ ସକ୍ରିୟ ଭାବେ ସାମିଲ ହୋଇ ସାଧାରଣ ଜୀବନରେ ସାଧୁତା ଓ ସ୍ୱଚ୍ଛତାକୁ ପାଳନ କରିବାକୁ ଅନୁରୋଧ କରୁଛି।

ଦୁର୍ନୀତି ପ୍ରଗତିର ଅନ୍ତରାୟ। ଏକ ବିକଶିତ ଓ ସମୃଦ୍ଧ ଓଡ଼ିଶା ଗଠନ ପାଇଁ ଦୁର୍ନୀତିମୁକ୍ତ ଶାସନ ଅପରିହାର୍ଯ୍ୟ। କେବଳ ସରକାରୀ ପ୍ରୟାସ ନୁହେଁ, ବରଂ ସଚେତନ ନାଗରିକଙ୍କ ସକ୍ରିୟ ସହଭାଗିତା ହିଁ ଦୁର୍ନୀତି ବିରୋଧୀ ଅଭିଯାନକୁ ସଫଳ କରିପାରିବ। ରାଜ୍ୟର ପ୍ରତ୍ୟେକ ଜନସାଧାରଣ ଦୁର୍ନୀତି ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବା ସହିତ ସାଧାରଣ ଜୀବନରେ ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱ ଆପଣାଇଲେ ଆମ ଶାସନ ବ୍ୟବସ୍ଥା ଅଧିକ ସୁଦୃଢ଼ ହେବ।

ଆମ ରାଜ୍ୟକୁ ବିକାଶର ଶିଖରରେ ପହଞ୍ଚାଇବାକୁ ଆମ ସରକାର ଦୁର୍ନୀତି ବିରୁଦ୍ଧରେ 'ଜିରୋ ଟଲେରାନ୍ସ' ବା ଶୂନ୍ୟ ସହନଶୀଳତା ନୀତି ଗ୍ରହଣ କରିଛନ୍ତି। ଦୁର୍ନୀତିଗ୍ରସ୍ତ ସରକାରୀ ଅଧିକାରୀଙ୍କୁ ଚାକିରିରୁ ବହିଷ୍କାର କରିବା ସହ ଅସାଧୁ ଅବସରପ୍ରାପ୍ତ ଅଧିକାରୀମାନଙ୍କ ପେନସନ ମଧ୍ୟ ବନ୍ଦ କରାଯାଇଛି। ଦୁର୍ନୀତି ବିରୋଧରେ ଓଡ଼ିଶା ଭିଜିଲାନ୍ସର କାର୍ଯ୍ୟାନୁଷ୍ଠାନ ଜାତୀୟ ସ୍ତରରେ ସ୍ୱୀକୃତି ପାଇଛି। ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ (NCRB) ରିପୋର୍ଟ ଅନୁଯାୟୀ ଓଡ଼ିଶା ଭିଜିଲାନ୍ସ ଦେଶର ଅନ୍ୟତମ ଶ୍ରେଷ୍ଠ ପ୍ରଦର୍ଶନକାରୀ ଦୁର୍ନୀତି ନିବାରଣ ସଂସ୍ଥା ଭାବେ ସ୍ଥାନ ପାଇଛି। ଏହା ଆମ ସମସ୍ତଙ୍କ ପାଇଁ ଗୌରବର ବିଷୟ। ଏଥିପାଇଁ ମୁଁ ରାଜ୍ୟ ଦୁର୍ନୀତି ନିବାରଣ ବିଭାଗର ଅଧିକାରୀ ଓ କର୍ମଚାରୀମାନଙ୍କୁ ଅଭିନନ୍ଦନ ଜଣାଉଛି।

ଆସନ୍ତୁ, ଦୁର୍ନୀତି ବିରୋଧୀ ଅଭିଯାନରେ ସାମିଲ ହେବା। ସାଧୁତା ଓ ସ୍ୱଚ୍ଛତାକୁ ଜୀବନର ପ୍ରତ୍ୟେକ କ୍ଷେତ୍ରରେ ଅବଲମ୍ବନ କରି "ସମୃଦ୍ଧ ଓଡ଼ିଶା" ଗଢିବାରେ ସହାୟକ ହେବା। ଆପଣଙ୍କ ସହଯୋଗ ହିଁ ହେବ ସମୃଦ୍ଧ ଓଡ଼ିଶାର ଆଧାର।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR: 15001/15001/2/26-27/0122

## ଇତିହାସ

୧୮୯୦ - ପତ୍ରକାର ତଥା ସମାଜସେବୀ, ସ୍ୱତନ୍ତ୍ରତା ସେନାନୀ ଗଣେଶଶଙ୍କର ବିଦ୍ୟାର୍ଥୀଙ୍କ ଜନ୍ମ ।
୧୯୪୭ - ବିଭାଜନ ପରେ ପାକିସ୍ତାନର ଆକ୍ରମଣରେ ଅତିଷ୍ଟ ହୋଇ ଜମ୍ମୁ କାଶ୍ମୀରର ରାଜା ହରି ସିଂହ ଭାରତକୁ ସମର୍ଥନ କରିଥିଲେ ।
୧୯୪୭ - ଆମେରିକା ପୂର୍ବ ରାଷ୍ଟ୍ରପତି ବିଲ୍ କ୍ଲିଣ୍ଟନଙ୍କ ପତ୍ନୀ ହିଲାରି କ୍ଲିଣ୍ଟନ୍‌ଙ୍କର ଜନ୍ମ ।
୧୯୫୮ - ଆମେରିକାର ପ୍ରଥମ ଜେଟ୍ ବିମାନ ବୋଇଂ ୭୦୭କୁ ପ୍ୟାନ୍ ଆମେରିକା ୱାର୍ଲ୍ଡ ଏୟାରୱେଜ୍ ସେବା ପାଇଁ ସାମିଲ କରାଗଲା ।
୧୮୮୬- ଓଡ଼ିଆ କବି, ଗାଳ୍ପିକ, ନାଟ୍ୟକାର ତଥା ଆଧୁନିକ ପଞ୍ଚଶଖା ଗୋଦାବରୀଶ ମିଶ୍ରଙ୍କ ଜନ୍ମ ।
୧୯୭୯ - ଦକ୍ଷିଣ କୋରିଆର ପୂର୍ବ ରାଷ୍ଟ୍ରପତି ପାର୍କ ଚୁଙ୍ଗ ହିଙ୍କର ହତ୍ୟା ।
୧୯୯୪ - ଇଜରାଇଲ୍ ଓ ଜାର୍ଡନ ୪୬ ବର୍ଷର ଯୁଦ୍ଧ ପରେ ଶାନ୍ତି ସନ୍ଧିରେ ସ୍ୱାକ୍ଷର କରିଥିଲେ ।
୧୯୯୮ - ମଧ୍ୟ ଆମେରିକାର କିଛି ଦେଶରେ ବାତ୍ୟା କାରଣରୁ ତିନି ହଜାରରୁ ଅଧିକ ଲୋକଙ୍କର ମୃତ୍ୟୁ ଘଟିଥିବାବେଳେ ଅନେକ ଲୋକ ନିଜ ଘର ହରାଇଥିଲେ ।

## କର୍ମକ୍ଷେତ୍ରେ ଅବସାଦ



ଆଜିକାଲି ଅଫିସ୍‌ରେ ଅନେକଙ୍କ କ୍ଷେତ୍ରରେ ନିୟମିତ ଅବସାଦ ଦେଖାଦେଉଛି । ସେମାନେ ପ୍ରାୟ ସବୁଦିନ କାର୍ଯ୍ୟାଳୟରେ ଦୁଃଖୀ, ଚିନ୍ତାଗ୍ରସ୍ତ ରହିଥାଆନ୍ତି । ଏଭଳି ଲୋକମାନେ ଓ୍ୱାର୍କ ଡିପ୍ରେସନ୍ ବା କର୍ମକ୍ଷେତ୍ର ଅବସାଦ ସମସ୍ୟା ଦେଇ ଗତି କରୁଥାଆନ୍ତି । ଓ୍ୱାର୍କ ଡିପ୍ରେସନ ଏଭଳି ଏକ ରୋଗ ଯେଉଁଥିରେ ରୋଗୀ ଅଫିସ୍‌ରେ କାମ କରିବା ସମୟରେ ବିସାଦଗ୍ରସ୍ତ ହେବା ଭଳି ଅନୁଭବ କରିଥାଏ । ଅଫିସ୍ ସମୟରେ ଏମାନଙ୍କ ନିକଟରେ ଅନେକ ସମସ୍ୟା ଦେଖାଦେଇଥାଏ । ସେମାନେ ନିଜ କାମରେ ଏକାଗ୍ରତା ଆଣିପାରନ୍ତି ନାହିଁ । ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ବାର୍ତ୍ତା ଅନୁସାରେ କର୍ମକ୍ଷେତ୍ରର ନକରାତ୍ମକ ବାତାବରଣ ଲୋକଙ୍କ ମାନସିକ ଓ ଶାରିରୀକ ଉଭୟଙ୍କ ଉପରେ ଖରାପ ପ୍ରଭାବ ପକାଇଥାଏ । ଯାହା ଅଫିସ୍ କାମ ଉପରେ ମଧ୍ୟ ପ୍ରଭାବ ପକାଇଥାଏ । ଯାହାଫଳରେ ଅଫିସ୍‌ରେ କର୍ମଚାରୀଙ୍କ ଅନୁପସ୍ଥିତି ବଢ଼ିବା ସହିତ କର୍ମଚାରୀଙ୍କ କାର୍ଯ୍ୟକ୍ଷମତାକୁ ମଧ୍ୟ କମାଇଥାଏ । ତେବେ ଏହି ରୋଗର ଅନେକ ଲକ୍ଷଣ ରହିଥାଏ, ଯେପରି ଅଫିସ୍‌ରେ ଚିନ୍ତା ଜନକ ପରିସ୍ଥିତିରେ ଆଙ୍ଗଜାଇଟ୍‌ରେ ବୃଦ୍ଧି, କାମରେ ମନ ଲାଗିବା, ପ୍ରେରଣାହୀନ ଲାଗିବା, କାମ କରିବା ପାଇଁ ଆଗ୍ରହ ନ ରହିବା, କାମରେ ବେଶି ଭୁଲ ହେବା, ଅଫିସ୍‌ରେ ଏକା ଲାଗିବା ଆଦି । ତେବେ ଏହାର କାରଣ ଅନେକ ହୋଇପାରେ, ଅଫିସ୍‌ର ନକରାତ୍ମକ ବାତାବରଣ, ଅନିୟମିତ ଓ୍ୱାର୍କିଂ ସିଫଫ, ସିନିଅରଙ୍କର ସହଯୋଗ ନମିଳିବା, ଅଧିକ କାମ, ଚାକିରି ଚାଲିଯିବାର ଭୟ ଇତ୍ୟାଦି । ତେବେ କେତୋଟି ଦିଗ ଅଛି ସେଥିପ୍ରତି ଧ୍ୟାନ ଦେଲେ ଏହା ଭଲ ହୋଇପାରିବ । ପ୍ରତି ଅଧାଘଣ୍ଟାରେ ନିଜ ଡେସ୍କରୁ ୧୦ ମିନିଟ୍ ବ୍ରେକ୍ ନିଅନ୍ତୁ । ସେହିଭଳି ଲଞ୍ଚବ୍ରେକ୍ ସମୟରେ କିଛି ସମୟ ଖୋଲାରେ କାଟନ୍ତୁ । ଅଫିସ୍‌ରେ ଯଦି ସୁବିଧା ଅଛି ତେବେ କିଛି ହାଲୁକା ବ୍ୟାୟାମ କରନ୍ତୁ । ପ୍ରତିଦିନ ସକାଳୁ ମେଡିଟେସନ କରନ୍ତୁ । ଅଫିସ୍‌ରେ ଯାହା ବି ସମସ୍ୟା ରହିଛି ସେ ନେଇ ନିଜର କାହା ସହିତ ଆଲୋଚନା କରନ୍ତୁ । ଅଫିସ୍ ଓ ଘରେ ବ୍ରିଦିଂ ଏକ୍ସରସାଇଜ୍ କରନ୍ତୁ । ନିଜ ମନକୁ ଶାନ୍ତ ରଖିବାକୁ ଚେଷ୍ଟା କରନ୍ତୁ । ତେବେ ଯଦି ଅଧିକ ସମସ୍ୟା ହେଉଛି ତେବେ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ ।

## ଛେନାକେକ୍



ସାମଗ୍ରୀ- ମଇଦା ୪କପ, ଚିନି ୨ କପ, ଛେନା ୨ କପ, ରିଫାଇନତେଲ ୨ କପ, ବେକିଂ ପାଉଡ଼ର ୧ ଚାମଚ, ଗୁଣ୍ଡକ୍ଷୀର ୧ କପ, ଗୁଜୁରାତି ୫ଟା, ଦରକାର ମୁତାବକ ଲୁଣ ।

ପ୍ରଣାଳୀ- ଚିନିକୁ ଗୁଣ୍ଡ କରିଦିଅନ୍ତୁ । ଛେନାରୁ ପାଣି ନିଗାଡ଼ି ଦେଇ ଚିନିଗୁଣ୍ଡ ମିଶାଇ ଭଲଭାବେ ଫେଣ୍ଟିଦିଅନ୍ତୁ । ସେହି ଫେଣ୍ଟାରେ ରିଫାଇନ ତେଲ ମଧ୍ୟ ମିଶାଇ ଫେଣ୍ଟିବେ । ମଇଦାରେ ବେକିଂ ପାଉଡ଼ର ଓ ଲୁଣକୁ ଭଲଭାବରେ ମିଶାଇ ଦିଅନ୍ତୁ । ଚକଟା ଛେନାରେ ମଇଦା, ଗୁଣ୍ଡକ୍ଷୀର, ଗୁଜୁରାତି ଗୁଣ୍ଡ ମିଶାଇ ଦିଅନ୍ତୁ । ଓଭେନରେ ତେଲମାରି ଛେନା ମିଶ୍ରଣକୁ ଢାଳନ୍ତୁ । ପ୍ରସ୍ତୁତ ହୋଇଯିବ ଛେନା କେକ୍ ।

## ଉଡ଼ନ୍ତା ସ୍କେଟବୋର୍ଡ

ଚୀନର ହୁବେଇ ପ୍ରାନ୍ତର ୨୬ ବର୍ଷୀୟ ଯୁବକ ସଙ୍ଗ ସିଙ୍ଗ୍ୟୁ ଏକ ଉଡନ୍ତା ସ୍କେଟବୋର୍ଡର ନିର୍ମାଣ କରିଛନ୍ତି । ସେ ଏହି ସ୍କେଟବୋର୍ଡ ସ୍ପାଇଡର-ମ୍ୟାନ୍ ଚଳଚ୍ଚିତ୍ରର 'ଗ୍ରୀନ୍ ଗୋବ୍ଲିନ୍'ର ଉଡ଼ିବା ବୋର୍ଡରୁ ପ୍ରେରଣା ପାଇ ନିର୍ମାଣ କରିଛନ୍ତି । ୧୦ଟି ଇଲେକ୍ଟ୍ରିକ୍ ମୋଟର ଯୁକ୍ତ ଏହି ଅନନ୍ୟ ଉଡ଼ିବା ସ୍କେଟବୋର୍ଡକୁ ସେ ନିଜେ ପ୍ରସ୍ତୁତ କରିଛନ୍ତି । ପ୍ରଥମେ ୫ଟି ଜେଟ୍ ଇଞ୍ଜିନ୍ ଲଗାଇ ମଡ଼େଲ୍ ତିଆରି କରୁଥିବା ସମୟରେ ପରୀକ୍ଷଣ ବେଳେ ସେଥିରେ ନିଆଁ ଲାଗିଯିବାରୁ ସେ ଇଲେକ୍ଟ୍ରିକ୍ ମୋଟର ମଡ଼େଲ୍ ପ୍ରସ୍ତୁତ କରିଥିଲେ । ଯାହାକୁ ତିଆରି କରିବା ପାଇଁ ପ୍ରାୟ ଦୁଇ ମାସ ସମୟ ଲାଗିଥିଲା । ସେହିଭଳି ଏହାକୁ ଚଳାଇବା ଶିଖିବା ପାଇଁ ସେ ୧୦ ଦିନରୁ ଅଧିକ ଅଭ୍ୟାସ କରି ବର୍ତ୍ତମାନ ନଦୀ ଓ ଉପତ୍ୟକା ଉପରେ ମଧ୍ୟ ସଫଳତାର ସହ ଉଡ଼ାଣ ଭରୁଛନ୍ତି । ଉଡ଼ାଣ ସମୟରେ ଶରୀରର ସାମାନ୍ୟ ପରିବର୍ତ୍ତନ ମଧ୍ୟ ସ୍କେଟବୋର୍ଡର ଭାରସାମ୍ୟ ବିଗାଡ଼ି ପାରୁଥିବାରୁ, ସେ ଏକ ସ୍ୱତନ୍ତ୍ର ଏଆଇ ସିଷ୍ଟମ ତିଆରି କରିଛନ୍ତି ଯାହା ସ୍କେଟବୋର୍ଡର ବାଲାନ୍ସ ଉପରେ ନଜର ରଖି ଇୟରଫୋନ୍ ଜରିଆରେ ଶରୀରକୁ କେଉଁ ଦିଗକୁ ଝୁଙ୍କାଇବାକୁ ହେବ ତାହା ନିର୍ଦ୍ଦେଶ ଦେଇଥାଏ । ସୋସିଆଲ ମିଡିଆରେ ସମସ୍ତେ ଏହାର ଖୁବ ପ୍ରଶଂସା କରୁଥିବା ଦେଖିବାକୁ ମିଳୁଛି ।



## ସୋସିଆଲ କୋଟ୍ସ



ଅମିତାଭଙ୍କ ଠାରୁ ଅଭିନୟ ବିଷୟରେ ଅନେକ କିଛି ଶିଖିଛି । ତାଙ୍କ ସହ କାମକରିବା ଖୁବ ଭଲ ଅନୁଭୂତି ଥିଲା । ସେଥିପାଇଁ ସବୁବେଳେ ଗର୍ବ ଲାଗେ କି ତାଙ୍କ ସହ କାମ କରିବାର ସୁଯୋଗ ମୋତେ ମିଳିଛି ।

**ଫାତିମା ସନା ଶୈଖ୍, ଅଭିନେତ୍ରୀ**



ନିଜ ହସ ପଛରେ ସାରା ଅଲ୍ଲୀ ଖାନ୍ ଅନେକ ଦୁଃଖ ଲୁଚାଇ ରଖିଥାଆନ୍ତି । ସେ ଯେତେ କଷ୍ଟରେ ଥିଲେ ବି କେବେ କିଛି କୁହନ୍ତି ନାହିଁ । ସେ ଜଣେ ଭଲ ଅଭିନେତ୍ରୀ ସହିତ ଭଲ ମଣିଷ ।

**କରଣ ଜୋହର, ଫିଲ୍ମ ମେକର୍ସ**



ସବୁ ରୋଲର ନିଜର ଭିନ୍ନଭିନ୍ନ ଭାଗ୍ୟ ରହିଥାଏ । ମୋତେ ସବୁ ରୋଲ କରିବାକୁ ଭଲ ଲାଗେ । ମୋ ଅଭିନୟ କାରଣରୁ ଯଦି ଲୋକଙ୍କ ଜୀବନରେ ପରିବର୍ତ୍ତନ ଆସୁଛି, ତେବେ ସେଥିପାଇଁ ମୁଁ ଖୁସି ।

**ଦୟାଶଙ୍କର ପାଣ୍ଡେ, ଅଭିନେତା**

## ସଂଘର୍ଷପୂର୍ଣ୍ଣ ଥିଲା କ୍ୟାରିୟର



ବର୍ଷ ବର୍ଷ ଧରି ପ୍ରତ୍ୟାଖ୍ୟାନ, ନିରାଶଜନକ କ୍ୟାରିୟର୍ ଏବଂ ' ମିଡ୍‌ନାଇଟ୍ସ ଚିଲ୍‌ଡ୍ରେନ୍ ' ଓ ' ବାହୁବଳୀ : ବିଫୋର୍ ଦ ବିଗିନିଂ ' ଭଳି ବଡ଼ ପ୍ରୋଜେକ୍ଟ ବନ୍ଦ ହୋଇଯିବା ପରେ ଅଭିନେତ୍ରୀ ୱାମିକା ଗବ୍ବି ଅଭିନୟ ଛାଡ଼ିବାକୁ ଚିନ୍ତା କରିଥିଲେ । ମୁମ୍ବାଇରେ ପ୍ରାୟ ସାତ ବର୍ଷ ବିତାଇବା ପରେ ମଧ୍ୟ ସେ ଆଶାନୁରୂପ ସୁଯୋଗ ପାଉନଥିଲେ । ମାତ୍ର ଚଳଚ୍ଚିତ୍ର ନିର୍ମାତା ବିଶାଲ ଭରଦ୍ୱାଜଙ୍କ ସହ ଏକ ତିନିଦିନିଆ ଅଭିନୟ କର୍ମଶାଳା ତାଙ୍କପାଇଁ ଟର୍ଣ୍ଣିଂ ପଏଣ୍ଟ ସାଜିଥିଲା । ପରବର୍ତ୍ତୀ ସମୟରେ ବିକ୍ରମାଦିତ୍ୟ ମୋଟୱାନେଙ୍କ ୱେବ୍ ସିରିଜ୍ 'ଜୁବିଲି' ତାଙ୍କୁ ଫେମ ଦେଇଥିଲା । ଯାହାପରେ ସେ ଅନେକ ହିଟ ଫିଲ୍ମ ସହ ସିରିଜରେ ଅଭିନୟ କରିଛନ୍ତି । ତେବେ ନିଜ କ୍ୟାରିୟରର ପ୍ରାରମ୍ଭିକ ସମୟରେ ସେ ଅନେକ କମେଣ୍ଟ ଶୁଣିଛନ୍ତି, ଯାହା ତାଙ୍କୁ ଖୁବ ନିରାଶ କରିଥିଲା । ହେଲେ ନିଜ ଉପରେ ଥିବା ବିଶ୍ୱାସ କାରଣରୁ ସେ ଆଜି କ୍ୟାରିୟରରେ ଏତେ ବାଟରେ ପହଞ୍ଚି ପାରିଛନ୍ତି ।



## ପେଙ୍ଗୁଇନ ପରେଡ଼

ଜାପାନରେ ହ୍ୟାଲୋୱିନ୍ ଅବସରରେ ଏକ ଅନନ୍ୟ ଏବଂ ମନୋରମ ପେଙ୍ଗୁଇନ୍ ପରେଡ଼ର ଆୟୋଜନ କରାଯାଇଛି । ଯେଉଁଥିରେ ପ୍ରାୟ ୬୦ ସେଣ୍ଟିମିଟର ଲମ୍ବା ଛଅଟି ପେଙ୍ଗୁଇନ୍‌ଙ୍କୁ ପାର୍କର ଷ୍ଟାଫ୍ ମାନେ ନିଜ ହାତରେ ପ୍ରସ୍ତୁତ କରିଥିବା କଖାରୁ ଏବଂ ବାଦୁଡି ଭଳି ଆକର୍ଷକ କଷ୍ଟ୍ୟୁମ ପିନ୍ଧାଇ ଫୁଲ ଓ ପକ୍ଷୀଙ୍କ ମଧ୍ୟରେ ବୁଲାଉଛନ୍ତି । ହ୍ୟାଲୋୱିନ୍ ପର୍ବ ପଶ୍ଚିମ ଦେଶମାନଙ୍କରେ ଭୂତ - ପ୍ରେତ ଓ ଭୟାନକ ପୋଷାକ ପିନ୍ଧି ପାଳନ କରାଯାଇଥାଏ । ତେବେ ଏହି ଆୟୋଜନରେ ପେଙ୍ଗୁଇନ୍‌ଙ୍କ ଚାଲି ଓ ସେମାନଙ୍କର ଏପରି ସାଜସଜ୍ଜା ଦେଖି ପାର୍କକୁ ବୁଲିବାକୁ ଆସୁଥିବା ଲୋକମାନେ ଖୁବ ଖୁସି ହେଉଥିବା ଦେଖିବାକୁ ମିଳୁଛି । ଏହି ନିଆରା ପରେଡ ଆସନ୍ତା ଅକ୍ଟୋବର ୩୧ ଅର୍ଥାତ୍ ହ୍ୟାଲୋୱିନ୍ ପର୍ଯ୍ୟନ୍ତ ଜାରି ରହିବ । ସୋସିଆଲ ମିଡିଆରେ ଏହାର ଭିଡିଓ ମଧ୍ୟ ଖୁବ ଭାଇରାଲ ହେବାରେ ଲାଗିଛି ।

## ଦୌଡ଼ିଦୌଡ଼ି ଜ୍ୟୋତିର୍ଲିଙ୍ଗ ଦର୍ଶନ

ବିହାରର ଅରରିଆ ଜିଲ୍ଲାର ୧୯ ବର୍ଷୀୟ ଯୁବକ ମୋନୁ ମେଟୁରବାଲା ନିଜ ମା'ଙ୍କ ପାଇଁ ପ୍ରତିଦିନ ପ୍ରାୟ ୫୦ କିଲୋମିଟର ଦୌଡୁଛନ୍ତି । ମୋନୁଙ୍କ ମା' ଗୁରୁତର ଭାବେ ଅସୁସ୍ଥ ଥିବାବେଳେ ଏବଂ ଚିକିତ୍ସା ପରେ ମଧ୍ୟ ସ୍ୱାସ୍ଥ୍ୟବସ୍ଥାରେ ସୁଧାର ନଆସିବାରୁ, ସେ ଭଗବାନ ଶିବଙ୍କ ନିକଟରେ ପ୍ରାର୍ଥନା କରି ମାନସିକ କରିଥିଲେ । ଯେ ମା' ସୁସ୍ଥ ହୋଇଗଲେ ସେ ଦୌଡ଼ି ଦୌଡ଼ି ୧୨ଟି ଜ୍ୟୋତିର୍ଲିଙ୍ଗ ଦର୍ଶନ କରିବେ । ମା'ଙ୍କ ଆରୋଗ୍ୟ ପରେ ନିଜ ବଚନ ପୂରଣ କରିବାକୁ ଗତ ୧୫ ମାର୍ଚ୍ଚ ୨୦୨୬ରୁ ସେ ଏହି ଯାତ୍ରା ଆରମ୍ଭ କରିଛନ୍ତି । ବର୍ତ୍ତମାନ ସୁଦ୍ଧା ପ୍ରାୟ ୮ ହଜାର କିଲୋମିଟର ଦୌଡ଼ି ସେ ୫ଟି ଜ୍ୟୋତିର୍ଲିଙ୍ଗ ଦର୍ଶନ କରିସାରିଛନ୍ତି । ଏହି ଭାବପୂର୍ଣ୍ଣ ଯାତ୍ରା ସମୟରେ ଅଜଣା ଲୋକମାନେ ତାଙ୍କୁ ଖାଦ୍ୟ, ପାନୀୟ ଏବଂ ରାତିରେ ରହିବା ପାଇଁ ସାହାଯ୍ୟ କରୁଛନ୍ତି । ମା'ଙ୍କ ପାଇଁ ନେଇଥିବା ଏହି ସଂକଳ୍ପ ଏବେ ତାଙ୍କ ଜୀବନର ସବୁଠାରୁ ବଡ଼ ଲକ୍ଷ ପାଲଟିଛି ଏବଂ ବାକି ୭ଟି ଜ୍ୟୋତିର୍ଲିଙ୍ଗ ଦର୍ଶନ କରି ନିଜର ମାନସିକ ପୂରଣ କରିବା ତାଙ୍କର ମୂଳ ଲକ୍ଷ୍ୟ ଅଟେ । ସୋସିଆଲ ମିଡିଆରେ ତାଙ୍କର ଏହି ପ୍ରୟାସକୁ ସମସ୍ତେ ପ୍ରଶଂସା କରୁଥିବା ଦେଖିବାକୁ ମିଳିଛି ।





**ମେଷ:** ଶତ୍ରୁରେ ବିଜୟ, ବ୍ୟବସାୟରେ ଲାଭ, ବନ୍ଧୁଦର୍ଶନ, ଶରୀର ସୁସ୍ଥ, ଶୁଭଖବର, ଅନୁଷ୍ଠାନରୁ ଲାଭ, ଦାମ୍ପତ୍ୟ ଖୁସି, ସନ୍ତାନ ସୁଖ, ଭରଣୀ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ସବୁଜ, ସଂଖ୍ୟା-୭, ଆରାଧନା-ଭଗବାନ ଶିବ ।

**ବୃଷ:** ସହଯୋଗ ବୃଦ୍ଧି, ଅର୍ଥ ସମସ୍ୟା, ନୂତନ କାର୍ଯ୍ୟରେ ଲାଭ, ଶୁଭଖବର ଲୋକସମ୍ପର୍କ ବୃଦ୍ଧି, ବିଦେଶ ଭ୍ରମଣ, ବିଦ୍ୟାରେ ସଫଳତା, ବନ୍ଧୁଗୃହେ ଯାତ୍ରା, ଉତ୍ସବ ପ୍ରତି ଆଗ୍ରହ, ରୋହିଣୀ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୫, ଆରାଧନା- ମହାଲକ୍ଷ୍ମୀ ।

**ମିଥୁନ:** ଅପମାନ, ଶରୀର କ ଷ୍ଟ, ବନ୍ଧୁଲାଭ, ଦୂରଯାତ୍ରା, ପାରିବାରିକ ସମସ୍ୟା, ଲୋକସମ୍ପର୍କ ବୃଦ୍ଧି, ବ୍ୟବସାୟରେ ଲାଭ, ଗାଡ଼ିଚାଳନାରେ ସତର୍କ, ଶତ୍ରୁ ସମସ୍ୟା, ଆଶା ବିଫଳ, ଆଦ୍ରା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ- ସବୁଜ, ସଂଖ୍ୟା-୪, ଆରାଧନା-ମା' ବଗଳାମୁଖୀ ।

**କର୍କଟ:** ଧନଲାଭ, ନୂତନ କାର୍ଯ୍ୟରେ ଖୁସି, ବନ୍ଧୁଦର୍ଶନ, ସମ୍ପତ୍ତି ବିବାଦ, ଶରୀର ସୁସ୍ଥ, ଉଚ୍ଚଆଶାରେ ଶୁଭ, ଦ୍ରବ୍ୟଲାଭ, ପିଲାଙ୍କ ଖୁସି, ନିଯୁକ୍ତିଲାଭ, ପୁଷ୍ୟା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଗୋଲାପି, ସଂଖ୍ୟା-୭, ଆରାଧନା-ମା' ଦକ୍ଷିଣକାଳୀ ।

**ସିଂହ:** ସମ୍ମାନିତ, ପାରିବାରିକ ଦୁଃଖ, ବନ୍ଧୁଦର୍ଶନ, ଅତିଥି ସତ୍କାର, ସମ୍ପତ୍ତିଲାଭ, ନୂତନ କର୍ମ ଆରମ୍ଭ, ଦାମ୍ପତ୍ୟ ଖୁସି, ଶୁଭଖବର, ଅନୁଷ୍ଠାନରୁ ଲାଭ, ସ୍ୱାଦିଷ୍ଟ ଭୋଜନ, ଯାତ୍ରାରେ ସତର୍କ, ଅଶ୍ଳେଷା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଧଳା, ସଂଖ୍ୟା-୫, ଆରାଧନା- ପ୍ରଭୁ ରାଧାବଲ୍ଲଭ ।

**କନ୍ୟା:** ବନ୍ଧୁଲାଭ, ଆଶା ସଫଳ, ଲୋକସମ୍ପର୍କରେ ଉନ୍ନତି, ଦ୍ରବ୍ୟଲାଭ, ବିବାଦ ସମାଧାନ, ଉତ୍ସବ ପ୍ରତି ଆଗ୍ରହ, ସନ୍ତାନକଷ୍ଟ, ମାନସିକ କଷ୍ଟ, ବ୍ୟବସାୟରେ ସ୍ୱଳ୍ପ ଲାଭ, ହସ୍ତା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ପିଙ୍କ, ସଂଖ୍ୟା-୮, ଆରାଧନା- ଲକ୍ଷ୍ମୀନାରାୟଣ ।

**ତୁଳା:** ମାନସିକ ଅଶାନ୍ତି, ବନ୍ଧୁବିଦ୍ରୋହ, ଯାତ୍ରାରେ ସତର୍କ, ଅର୍ଥଲାଭ, ଦେବକାର୍ଯ୍ୟରେ ଆଗ୍ରହ, ଗୃହେ ଶାନ୍ତି, ତୀର୍ଥାଟନ, ଲୋକସମ୍ପର୍କ ବୃଦ୍ଧି, ବ୍ୟବସାୟରେ ଲାଭ, ସ୍ୱାତୀ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ସବୁଜ, ସଂଖ୍ୟା- ୭, ଆରାଧନା- ଶଙ୍କର ଭଗବାନ ।

**ବିଛା:** ମାନସିକ ଶାନ୍ତି, ସ୍ତ୍ରୀ ସହଯୋଗ, ବନ୍ଧୁଲାଭ, ବିବାଦ ମୁକ୍ତ, ଶତ୍ରୁ ସମସ୍ୟା, ଉଚ୍ଚଆଶାରେ ବିଳମ୍ବ, କଚେରୀ ମାମଲା, ଶରୀର ସୁସ୍ଥ, ଲୋକସମ୍ପର୍କ ବୃଦ୍ଧି, ନୂତନ କାର୍ଯ୍ୟ ଆରମ୍ଭ, ସନ୍ତାନ ସୁଖ, ଜ୍ୟେଷ୍ଠା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ- ହଳଦୀ, ସଂଖ୍ୟା- ୯, ଆରାଧନା- ପ୍ରଭୁ ଜଗନ୍ନାଥ ।

**ଧନୁ:** ଶରୀର ଅସୁସ୍ଥ, ଅର୍ଥ ସମସ୍ୟା, ବ୍ୟବସାୟରେ କଷ୍ଟ, ଶତ୍ରୁ ପରାଜିତ, ଲୋକସମ୍ପର୍କ ବୃଦ୍ଧି, ଦୂରଯାତ୍ରା, କିଛି କାର୍ଯ୍ୟରେ ବିବାଦ, ସମ୍ମାନଲାଭ, ଅତିଥି ସତ୍କାର, ଦେବକାର୍ଯ୍ୟରେ ଖୁସି, ପୂର୍ବାଷାଢ଼ା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ- ଧଳା, ସଂଖ୍ୟା-୫, ଆରାଧନା- ଗ୍ରାମଦେବତୀ ।

**ମକର:** ଅର୍ଥଲାଭ, ବ୍ୟବସାୟରେ ଶତ୍ରୁତା, ଦୂରଯାତ୍ରା, ମାମଲା ସମାଧାନ, ଯାତ୍ରାରେ ଲାଭ, ଦ୍ରବ୍ୟପ୍ରାପ୍ତି, ନୂତନ କାର୍ଯ୍ୟ ଆରମ୍ଭ, ଶତ୍ରୁ ସମସ୍ୟା ସମାଧାନ, ବିଶିଷ୍ଟ ବ୍ୟକ୍ତିଙ୍କ ସାହାଯ୍ୟ, ସମ୍ମାନବୃଦ୍ଧି, ଶ୍ରବଣା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ- ନୀଳ, ସଂଖ୍ୟା-୮, ଆରାଧନା- ମା' ମଙ୍ଗଳା ।

**କୁମ୍ଭ:** ଅର୍ଥ ସମସ୍ୟା, ଦୂରଯାତ୍ରା, ଦେବକାର୍ଯ୍ୟରେ ଲାଭ, ବ୍ୟକ୍ତିଙ୍କ ସହାୟତା, ଯାତ୍ରାରେ ସମସ୍ୟା, ଦ୍ରବ୍ୟ ନଷ୍ଟ, ଶତ୍ରୁ ସମସ୍ୟା, ବ୍ୟବସାୟିକ କଷ୍ଟ, ଗୃହେ ଉତ୍ସବ, ବିଦ୍ୟାରେ ସଫଳତା, ସନ୍ତାନ ଖୁସି, ଶତଭିଷା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ବାଇଗଣି, ସଂଖ୍ୟା-୬, ଆରାଧନା- ଗୋମାତାଙ୍କୁ ଖାଦ୍ୟ ଦିଅନ୍ତୁ ।

**ମୀନ:** ଯାତ୍ରାରେ ଶୁଭ, ସମ୍ପତ୍ତି ବିବାଦ, ଭ୍ରାତୃ କଳହ, ଶରୀର ସୁସ୍ଥ, ଆଶା ସଫଳ, ନୂତନ ବନ୍ଧୁଲାଭ, ଦ୍ରବ୍ୟଲାଭ, ଦାମ୍ପତ୍ୟ ଖୁସି, ପିଲାଙ୍କ ସମସ୍ୟା, ତୀର୍ଥ ସମସ୍ୟା, ବନ୍ଧୁ ସହଯୋଗ, ରେବତୀ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ନାଲି, ସଂଖ୍ୟା-୬, ଆରାଧନା- ପ୍ରଭୁ ଜଗନ୍ନାଥ ।

**ଆଶ୍ୱିନ ଶୁକ୍ଳ ପକ୍ଷ ପୂର୍ଣ୍ଣିମା**
**୨୬.୧୦.୨୦୨୬, ସୋମବାର**



ପଣ୍ଡିତ: ସତ୍ୟଶିବ ନନ୍ଦ
(ଜ୍ୟୋତିଷ ଭାସ୍କର ଓ କର୍ମକାଣ୍ଡ ସୌରଭ)
ମୋ:୮୯୧୭୨୮୪୩୩୮

Ministry of Home Affairs
Government of India
ଦେଶପ୍ରେମର ପଥରେ, ଆସନ୍ତୁ ଯାତ୍ରା କରିବା ଏକତା ନଗରକୁ
CBC 19101/13/0019/2627
ଆଭ୍ୟନ୍ତରୀଣ ସୁରକ୍ଷା ବାହିନୀକୁ ସଲାମ୍
ଏକତାର ବିଭିନ୍ନ ରୂପକୁ, ଏକ ସ୍ଥାନରେ ଦେଖନ୍ତୁ
Rashtriya Ekta Diwas
ଜାତୀୟ ଏକତା ଦିବସ
୩୧ ଅକ୍ଟୋବର, ୨୦୨୬
ଏକତା ନଗର, ଗୁଜରାଟ
ଭାରତ ପର୍ବ
୧ ରୁ ୧୫ ନଭେମ୍ବର, ୨୦୨୬
ଏକତା ନଗର, ଗୁଜରାଟ
ସୂଚନା ପାଇବା ଏବଂ ରହିବା ବ୍ୟବସ୍ଥା ବୁକ୍ କରିବା ପାଇଁ ସ୍କାନ୍ କରନ୍ତୁ, ଅଥବା rashtriyaektadiwas.com ପରିଦର୍ଶନ କରନ୍ତୁ

ନରେନ୍ଦ୍ର ମୋଦୀ
ମାନ୍ୟବର ପ୍ରଧାନମନ୍ତ୍ରୀ

## ଆଶୁତୋଷ ପରିଡ଼ା ପାଇଲେ ୪୭ତମ ଶାରଳା ପୁରସ୍କାର

# ଗୁରୁ ଦୁର୍ଗା ଚରଣ ରଣବୀର ଏବଂ ଦାମୋଦର ବେହେରାଙ୍କୁ ଇଲା-ବଂଶୀଧର ପଣ୍ଡା କଳା ସମ୍ମାନ

ଭୁବନେଶ୍ୱର, (ସବ୍ୟୁ): ପ୍ରସିଦ୍ଧ ଓଡ଼ିଆ କବି ଡକ୍ଟର ଆଶୁତୋଷ ପରିଡ଼ାଙ୍କୁ ୪୭ତମ ଶାରଳା ପୁରସ୍କାର ପ୍ରଦାନ କରାଯାଇଛି। ଇଣ୍ଡିଆନ୍ ମେଟାଲ୍ସ ପବ୍ଲିକ ଚାରିଟେବୁଲ୍ ଟ୍ରଷ୍ଟ (ଇମ୍ପାକ୍ଟ) ଦ୍ୱାରା ପ୍ରତିଷ୍ଠିତ ଏହି ପୁରସ୍କାର ପ୍ରତିବର୍ଷ ଶ୍ରେଷ୍ଠ ସାହିତ୍ୟିକ କୃତି ପାଇଁ ପ୍ରଦାନ କରାଯାଇଥାଏ। ସମ୍ମାନିତ ମୁଖ୍ୟ ଅତିଥି, ଜଣାଶୁଣା ଭାରତୀୟ ଗୀତିକାର, କବି ତଥା ଔପନ୍ୟାସିକ ଶ୍ରୀ ଆର. ବୈରାମୁଥୁ ଏହି ପୁରସ୍କାର ପ୍ରଦାନ କରିଛନ୍ତି। ଏହି ପୁରସ୍କାର ସ୍ୱରୂପ ଏକ ତାମ୍ର ଫଳକ, ପ୍ରଶସ୍ତି ପତ୍ର ଏବଂ ୭ ଲକ୍ଷ ଟଙ୍କାର ନଗଦ ଅର୍ଥରାଶି ପ୍ରଦାନ କରାଯାଇଛି। ପରଭା ପବ୍ଲିକେସନ ଦ୍ୱାରା ପ୍ରକାଶିତ ଡକ୍ଟର ପରିଡ଼ାଙ୍କ ପ୍ରଶଂସିତ କବିତା ସଙ୍କଳନ 'ବିଶ୍ୱାସ ଦେ ପୃଥିବୀ' ପାଇଁ ତାଙ୍କୁ ଏହି ସମ୍ମାନ ମିଳିଛି। ଏହି ଅବସରରେ, ପ୍ରଦର୍ଶନ କଳା କ୍ଷେତ୍ରରେ ଅବଦାନ ପାଇଁ ୨୦୨୫ରେ ପଦ୍ମଶ୍ରୀ ପାଇଥିବା କିମ୍ବଦନ୍ତୀ ଓଡ଼ିଶୀ ଗୁରୁ ଦୁର୍ଗା ଚରଣ ରଣବୀର ଏବଂ ଦୃଶ୍ୟ କଳା କ୍ଷେତ୍ରରେ ଉତ୍କର୍ଷତା ପାଇଁ ଭାସ୍କର୍ଯ୍ୟ ଶିଳ୍ପୀ ତଥା କଳା ଶିକ୍ଷାବିତ୍ ଦାମୋଦର ବେହେରାଙ୍କୁ ଜୀବନବ୍ୟାପୀ ସାଧନା ପାଇଁ ଇଲା-ବଂଶୀଧର ପଣ୍ଡା କଳା ସମ୍ମାନରେ ସମ୍ମାନିତ କରାଯାଇଛି। ପ୍ରତ୍ୟେକ କଳାକାରଙ୍କୁ ପ୍ରଶସ୍ତି ପତ୍ର, ତାମ୍ର ଫଳକ ଏବଂ ୨.୫ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ଉତ୍ସବରେ ସଭାପତିତ୍ୱ କରି ଇମ୍ପାକ୍ଟର ଟ୍ରଷ୍ଟି ଶ୍ରୀମତୀ ପାରମିତା ପଣ୍ଡା, ଡକ୍ଟର ପରିଡ଼ାଙ୍କୁ ଅଭିନନ୍ଦନ ଜଣାଇବା ସହ 'ବିଶ୍ୱାସ ଦେ ପୃଥିବୀ'କୁ ଆମ ସମୟର ଏକ ଗଭୀର ପ୍ରତିଫଳନ ବୋଲି ବର୍ଣ୍ଣନା କରିଥିଲେ ଏବଂ କହିଥିଲେ ଯେ କବି ସର୍ବଦା ସାମାଜିକ ବାସ୍ତବତାକୁ ନିଜ କାର୍ଯ୍ୟର କେନ୍ଦ୍ରବିନ୍ଦୁରେ ରଖିଛନ୍ତି। ପୁରସ୍କାରର ସୁଦୀର୍ଘ ପରମ୍ପରା ବିଷୟରେ ସେ କହିଛନ୍ତି: "ଓଡ଼ିଆ ସାହିତ୍ୟ, ସଙ୍ଗୀତ ଏବଂ କଳାର ବିକାଶ ପାଇଁ ଇମ୍ପାକ୍ଟ ସର୍ବଦା ପ୍ରତିବଦ୍ଧ ରହିଛି। ଏହି ପ୍ରତିଭାମାନଙ୍କୁ ସମ୍ମାନିତ କରି ଆମେ ଅତ୍ୟନ୍ତ କୃତଜ୍ଞତା ଅନୁଭବ କରୁଛୁ। ଆମେ ଆଶା କରୁଛୁ ଯେ ସେମାନଙ୍କର ଜୀବନଯାତ୍ରା ଆମର ଯୁବପିଢ଼ିଙ୍କୁ ଏହି ଐତିହ୍ୟକୁ ଆଦର କରିବା ଏବଂ ଗର୍ବର ସହ ଆଗକୁ ନେଇଯିବା ପାଇଁ ପ୍ରେରଣା ଯୋଗାଇବ।"




ପଦ୍ମଭୂଷଣ, ପଦ୍ମଶ୍ରୀ, ସାହିତ୍ୟ ଏକାଡେମୀ ପୁରସ୍କାର, ସାତୋଟି ଜାତୀୟ ଚଳଚ୍ଚିତ୍ର ପୁରସ୍କାର ଏବଂ ନିକଟରେ ୨୦୨୬ ପାଇଁ ଜ୍ଞାନପୀଠ ପୁରସ୍କାରରେ ସମ୍ମାନିତ ମୁଖ୍ୟ ଅତିଥି ଶ୍ରୀ ଆର. ବୈରାମୁଥୁ ନିଜର ଅଭିଭାଷଣରେ କହିଥିଲେ "ଭାଷା ହେଉଛି ଏକ ସଂସ୍କୃତି, ଏବଂ ଏହା ଅନ୍ୟ ସଂସ୍କୃତିଗୁଡ଼ିକ ସହିତ ନିରନ୍ତର ଭାବରେ ବଞ୍ଚିରହିଥାଏ। ଜଣକର ମାତୃଭାଷା ହିଁ ତାହାର ପରିଚୟ। ଲୋକମାନେ ନିଜ ଭାଷାର ସୁରକ୍ଷା କରିବା ଉଚିତ। ଯେତେବେଳେ ଏକ ଭାଷା ଶକ୍ତିଶାଳୀ ହୁଏ, ଏହାର ସୀମା ବୃଦ୍ଧି ପାଏ। ମୁଁ ସଂସ୍କୃତିର ଦୁଇ ରକ୍ଷକ, ସ୍ୱର୍ଗତ ଡ. ବଂଶୀଧର ପଣ୍ଡା ଏବଂ ସ୍ୱର୍ଗତ ଶ୍ରୀମତୀ ଇଲା ପଣ୍ଡାଙ୍କୁ ପ୍ରଣାମ କରୁଛି, ଯେଉଁମାନେ ୪୭ ବର୍ଷ ଧରି ଏହି ସାଂସ୍କୃତିକ ପରମ୍ପରାକୁ ପୋଷଣ ଏବଂ ସୁରକ୍ଷିତ କରି ରଖିଛନ୍ତି।" ପଦ୍ମଭୂଷଣ ତଥା ଜ୍ଞାନପୀଠ ପୁରସ୍କାର ବିଜେତା ଡକ୍ଟର ପ୍ରତିଭା ରାୟ ଏହି ଉତ୍ସବରେ ସମ୍ମାନିତ ଉଦ୍‌ଘାଟକ ଏବଂ ବିଶିଷ୍ଟ ଅତିଥି ଭାବେ ଯୋଗଦେଇ କହିଥିଲେ: ମୁଁ ଉପନ୍ୟାସ ଲେଖିପାରେ, କିନ୍ତୁ ମୁଁ କବିତା ବ୍ୟାପକ ଭାବରେ ପଢ଼େ, କାରଣ ଏହା ହେଉଛି ସାହିତ୍ୟର ହୃଦୟ, ଏବଂ ଏହା ବିନା ସାହିତ୍ୟର ଅସ୍ତିତ୍ୱ ରହିପାରିବ ନାହିଁ। ଯେଉଁଠାରେ କବିମାନଙ୍କର ଶବ୍ଦ ସରିଯାଏ, ସେଠାରେ କବିତା ନିଜକୁ ସମ୍ପୂର୍ଣ୍ଣ କରିଥାଏ, ଏହାର ସମ୍ବେଦନଶୀଳତା ଏବଂ ଭାବନା ଦ୍ୱାରା ପାଠକମାନଙ୍କର ହୃଦୟକୁ ଛୁଇଁଥାଏ।

ଡକ୍ଟର ଆଶୁତୋଷ ପରିଡ଼ା କହିଛନ୍ତି: "ମତେ ପ୍ରାୟତଃ ପଚରାଯାଏ ଯେ ବିଜ୍ଞାନରେ କ୍ୟାରିୟର ଗଢ଼ିବା ପରେ ମଧ୍ୟ ମୁଁ କାହିଁକି କବିତା ଲେଖେ ? କିନ୍ତୁ ବିଜ୍ଞାନ ଏବଂ କବିତା ପରସ୍ପରର ବିପରୀତ ନୁହଁନ୍ତି। ସେମାନେ ମାନବୀୟ କୌତୂହଳ ଏବଂ କଳ୍ପନାଶକ୍ତିକୁ ପରସ୍ପର ସହ ବାଣ୍ଟିଥାନ୍ତି। ମୁଁ କେବେହେଲେ ସେମାନଙ୍କ ମଧ୍ୟରେ କୌଣସି ଦ୍ୱନ୍ଦ୍ୱ ଅନୁଭବ କରିନାହିଁ। ମୋ ପାଇଁ, କବିତା ହେଉଛି ମାନବୀୟ ସ୍ମୃତିର ଏକ ଯାତ୍ରା, ଏକ ସୁନ୍ଦର ପୃଥିବୀକୁ ପୁନର୍ବାର ଜୀବନ୍ତ କରିବାର ଏକ ମାଧ୍ୟମ। ୧୯୭୪ ମସିହାରେ ଡକ୍ଟର ବଂଶୀଧର ପଣ୍ଡା ଏବଂ ଶ୍ରୀମତୀ ଇଲା ପଣ୍ଡାଙ୍କ ଦ୍ୱାରା ପ୍ରତିଷ୍ଠିତ ଇଣ୍ଡିଆନ୍ ମେଟାଲ୍ସ ପବ୍ଲିକ ଚାରିଟେବୁଲ୍ ଟ୍ରଷ୍ଟ (ଇମ୍ପାକ୍ଟ), ଶାରଳା ପୁରସ୍କାର (୧୯୮୦ରେ ପ୍ରତିଷ୍ଠିତ), ଇଲା-ବଂଶୀଧର ପଣ୍ଡା କଳା ସମ୍ମାନ ଏବଂ ଏକଲବ୍ୟ ପୁରସ୍କାର ମାଧ୍ୟମରେ ଓଡ଼ିଆ ସାହିତ୍ୟ ଓ କଳାର ପ୍ରସାର କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରିଆସିଛି।

## ଓଡ଼ିଶା ଚଳଚ୍ଚିତ୍ର ଉନ୍ନୟନ ନିଗମର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ଉଦ୍‌ଯାପିତ

# ଚଳଚ୍ଚିତ୍ର ଜଗତରେ ୫୦ ବର୍ଷର ଅବଦାନ ପାଇଁ ମହାଶ୍ୱେତା ରାୟଙ୍କୁ ସମ୍ବର୍ଦ୍ଧନା

ଭୁବନେଶ୍ୱର, (ସବ୍ୟୁ): ଭୁବନେଶ୍ୱର କଳିଙ୍ଗ ଷ୍ଟୁଡିଓଠାରେ ଓଡ଼ିଶା ଚଳଚ୍ଚିତ୍ର ଉନ୍ନୟନ ନିଗମର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ଉଦଯାପିତ ହୋଇଯାଇଛି। ଓଡ଼ିଆ ସିନେମାର ସମୃଦ୍ଧ ଐତିହ୍ୟକୁ ମନେ ପକାଇବା, ଚଳଚ୍ଚିତ୍ର ଜଗତର ବରିଷ୍ଠ କଳାକାରମାନଙ୍କ ଅବଦାନକୁ ସମ୍ମାନ ଜଣାଇବା ଏବଂ ନୂତନ ପିଢ଼ିକୁ ଓଡ଼ିଆ ସିନେମାର ସୁବର୍ଣ୍ଣ ଯୁଗ ସହ ପରିଚିତ କରାଇବା ଲକ୍ଷ୍ୟରେ ତିନି ଦିନ ଧରି ଉତ୍ସବର ଆୟୋଜନ କରାଯାଇଥିଲା। ଉଦଯାପନୀ ସଂଧ୍ୟାରେ ଓଡ଼ିଆ ଚଳଚ୍ଚିତ୍ର ଜଗତରେ ଦୀର୍ଘ ୫୦ ବର୍ଷର ସଫଳ ଯାତ୍ରା ଓ ଅବଦାନ ପାଇଁ ବରିଷ୍ଠ ଅଭିନେତ୍ରୀ ଶ୍ରୀମତୀ ମହାଶ୍ୱେତା ରାୟଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏହି ଅବସରରେ ନିଜର ଅଭିନୟ ଯାତ୍ରା ସଂପର୍କରେ କହିବା ସହ ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ ଅଭିନୟ କରିବେ ବୋଲି ମହାଶ୍ୱେତା କହିଛନ୍ତି। ମହାଶ୍ୱେତା ରାୟ ଓଡ଼ିଆ ସିନେମାର ଜଣେ ପ୍ରତିଷ୍ଠିତ ଅଭିନେତ୍ରୀ ଭାବେ ନିଜର ଅଭିନୟ ପ୍ରତିଭା ମାଧ୍ୟମରେ ଦର୍ଶକଙ୍କ ହୃଦୟରେ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିଛନ୍ତି। ତାଙ୍କର ୫୦ ବର୍ଷର ଚଳଚ୍ଚିତ୍ର ଯାତ୍ରା ଓଡ଼ିଆ ଚଳଚ୍ଚିତ୍ର ଜଗତର ଏକ ଗୌରବମୟ ଅଧ୍ୟାୟ। ତାଙ୍କୁ ଏହି ସମ୍ମାନ ପ୍ରଦାନ ଓଡ଼ିଆ ସିନେମା ପ୍ରତି ତାଙ୍କର ଅବଦାନକୁ ସ୍ୱୀକୃତି ଦେବା ସହ ଆଗାମୀ ପିଢ଼ିର କଳାକାରମାନଙ୍କୁ ପ୍ରେରଣା ଯୋଗାଇବ। ସମ୍ବର୍ଦ୍ଧନା ସମାରୋହରେ ଦିଗପହଣ୍ଡିର ମାନ୍ୟବର ବିଧାୟକ ତଥା ଓଡ଼ିଆ ସିନେମା ଜଗତର ଲୋକପ୍ରିୟ ଅଭିନେତା ଡ. ସିଦ୍ଧାନ୍ତ ମହାପାତ୍ର, ବରିଷ୍ଠ ନିର୍ଦ୍ଦେଶକ ପଦ୍ମଶ୍ରୀ ଶିଶିର ମିଶ୍ର ଏବଂ ଓଏଫଡିସିର ପରିଚାଳନା ନିର୍ଦ୍ଦେଶକ ସୁରେନ୍ଦ୍ର କୁମାର ପଣ୍ଡା ଯୋଗ ଦେଇଥିଲେ।




ଆଜି ଅପରାହ୍ନରେ ୨୦୨୪ ମସିହାରେ ନିର୍ମିତ ଚଳଚ୍ଚିତ୍ର 'ଲହରୀ' ଏବଂ ଅଭିନେତ୍ରୀ ଶ୍ରୀମତୀ ମହାଶ୍ୱେତା ରାୟଙ୍କ ଅଭିନୀତ ୧୯୮୦ ମସିହାର ସୁପରହିଟ୍ ଚଳଚ୍ଚିତ୍ର 'ମାଆ ଓ ମମତା' ପ୍ରଦର୍ଶିତ କରାଯାଇଥିଲା। ଉଦଯାପନୀ ସନ୍ଧ୍ୟାରେ ସୂର୍ଯ୍ୟମୟୀ ମହାପାତ୍ର, ନିକିତା ମିଶ୍ର, ପୁନମ ମିଶ୍ର, ଭୂମିକା ଦାଶ, ଶୁଭାଶିଷ ଶର୍ମା, ଆକାଶ ହୋତା, ସନୋଜ କୁମାର ଓ ଶୁଭମ ନାୟକ ପ୍ରମୁଖ ମଞ୍ଚରେ ସଙ୍ଗୀତ ଓ ନୃତ୍ୟଭିତ୍ତିକ ମନୋରଞ୍ଜନ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ସେହିପରି ଗତକାଲି ଦ୍ୱିତୀୟ ଦିବସରେ ଜାତୀୟ ପୁରସ୍କାରପ୍ରାପ୍ତ ଓଡ଼ିଆ ଚଳଚ୍ଚିତ୍ର 'ପ୍ରତୀକ୍ଷା' ଓ 'ବିଦେହ' ପ୍ରଦର୍ଶିତ ହୋଇଥିଲା। ଏହି ଅବସରରେ କଟକ CBFCର ପୂର୍ବତନ ଆଞ୍ଚଳିକ ଅଧିକାରୀ ଶ୍ରୀ ଗୋପାଳକୃଷ୍ଣ ମହାପାତ୍ର ଏବଂ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ସିନେ ସମୀକ୍ଷକ ଶ୍ରୀ ସୂର୍ଯ୍ୟ ଦେଓ ଉଭୟ ଚଳଚ୍ଚିତ୍ରର କଳାକାର ଓ ଟେକ୍ନିକାଲ୍ ଟିମଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସନ୍ଧ୍ୟାରେ ପୁରାତନ ଓଡ଼ିଆ ସଙ୍ଗୀତର ମନୋମୁଗ୍ଧକର ପରିବେଷଣ ଦର୍ଶକମାନଙ୍କୁ ଓଡ଼ିଆ ସଙ୍ଗୀତର ସୁବର୍ଣ୍ଣ ଅତୀତକୁ ମନେ ପକାଇ ଦେଇଥିଲା। ଏଥିରେ ଦେବାଶିଷ ମହାପାତ୍ର, ଗୀତା ଦାଶ, ସୋହିନୀ ମିଶ୍ର, ଶୁଭାଶିଷ ମହାକୁଡ଼, ଶଶାଙ୍କ ଶେଖର ଓ ଆଦ୍ୟାଶା ଦାସ ପ୍ରମୁଖ ସଂଗୀତ ପରିବେଷଣ କରିଥିଲେ।

# ନୁଭୋକୋ ଭିସ୍ତାସର ଆର୍ଥିକ ଫଳାଫଳ ଘୋଷଣା

ଭୁବନେଶ୍ୱର(ସବ୍ୟୁ): ନୁଭୋକୋ ଭିସ୍ତାସ୍ କର୍ପୋରେସନ୍ ଲିମିଟେଡ୍ ୨୦୨୭ ଆର୍ଥିକ ବର୍ଷର ଦ୍ୱିତୀୟ ତ୍ରୈମାସିକ ଆର୍ଥିକ ଫଳାଫଳ ଘୋଷଣା କରିଛି । ସେପେଟମ୍ବର ୩୦, ୨୦୨୬ରେ ଶେଷ ହୋଇଥିବା ତ୍ରୈମାସିକରେ ଆୟ, ପରିଚାଳନାଗତ ଲାଭ ଏବଂ କର ପରବର୍ତ୍ତୀ ଲାଭରେ ବାର୍ଷିକ ଉଲ୍ଲେଖନୀୟ ବୃଦ୍ଧି ହୋଇଥିବା କମ୍ପାନୀ ପକ୍ଷରୁ କୁହାଯାଇଛି । ସିମେଣ୍ଟ ବ୍ୟବସାୟରେ ଏକ ଦଶନ୍ଧି ପୂରଣ କରିଥିବା କମ୍ପାନୀ ୨୦୨୮ ଆର୍ଥିକ ବର୍ଷ ସୁଦ୍ଧା ବାର୍ଷିକ ୩୫୦ ଲକ୍ଷ ମେଟ୍ରିକ୍ ଟନ୍ ସିମେଣ୍ଟ ଉତ୍ପାଦନ କ୍ଷମତା ହାସଲ କରିବାକୁ ଲକ୍ଷ୍ୟ ରଖିଛି । କମ୍ପାନୀର ପରିଚାଳନା ନିର୍ଦ୍ଦେଶକ ଜୟକୁମାର କୃଷ୍ଣସ୍ୱାମୀ କହିଛନ୍ତି ଯେ, ପ୍ରବଳ ବର୍ଷା, ପରିବହନ ଓ ଯୋଗାଣ ବ୍ୟବସ୍ଥାରେ ବାଧା ଏବଂ ଭୂରାଜନୈତିକ ଅନିଶ୍ଚିତତା ଯୋଗୁଁ କଞ୍ଚାମାଲ ଖର୍ଚ୍ଚ ବୃଦ୍ଧି ସେ%୦ କମ୍ପାନୀ ଦୃଢ଼ ପ୍ରଦର୍ଶନ କରିଛି । ଉନ୍ନତମାନର ଉତ୍ପାଦ ଓ ବଜାରର ସୁଚିନ୍ତିତ ସମନ୍ୱୟ ଏହି ଅଭିବୃଦ୍ଧିରେ ସହାୟକ ହୋଇଛି ।

## ଜାତୀୟ ସହରାଞ୍ଚଳ ସମ୍ମିଳନୀ ଉଦ୍‌ଯାପିତ

# ବିକଶିତ ଭାରତ-୨୦୪୭ ପାଇଁ ସହରାଞ୍ଚଳ ବିକାଶ ଉପରେ ଗୁରୁତ୍ୱ

ଭୁବନେଶ୍ୱର(ସବ୍ୟୁ):ବିକଶିତ ଭାରତ ୨୦୪୭ ଲକ୍ଷ୍ୟ ହାସଲ ଦିଗରେ ସହରାଞ୍ଚଳ ପ୍ରଶାସନ, ନଗର ଯୋଜନା ଓ ଜନସେବା ପ୍ରଦାନ ବ୍ୟବସ୍ଥାକୁ ସୁଦୃଢ଼ କରିବା ଲାଗି ବିଭିନ୍ନ କାର୍ଯ୍ୟକାରୀ ପରାମର୍ଶ ସହ ଜାତୀୟ ସହରାଞ୍ଚଳ ସମ୍ମିଳନୀ-୨୦୨୬ ରବିବାର ଭୁବନେଶ୍ୱର ଠାରେ ଉଦଯାପିତ ହୋଇଯାଇଛି ।

ଉଦଯାପନୀ ଅଭିଭାଷଣରେ କେନ୍ଦ୍ର ଗୃହ ନିର୍ମାଣ ଓ ସହରାଞ୍ଚଳ ବ୍ୟାପାର ମନ୍ତ୍ରୀ ମନୋହର ଲାଲ ଭାରତର ସହରୀକରଣର ଐତିହାସିକ ବିକାଶଧାରା ଏବଂ ସହରାଞ୍ଚଳ ଭିତ୍ତିଭୂମି ଓ ସେବାର ଉନ୍ନତି ପାଇଁ କେନ୍ଦ୍ର ସରକାରଙ୍କ ନିରନ୍ତର ପ୍ରୟାସ ସମ୍ପର୍କରେ ଆଲୋକପାତ କରିଥିଲେ । ସେ କହିଥିଲେ, ଆମ ସହରଗୁଡ଼ିକ ଭବିଷ୍ୟତରେ ସାମ୍ନା କରିବାକୁ ଥିବା ଆହ୍ୱାନଗୁଡ଼ିକ ଉପରେ ଆଲୋଚନା କରିବା ହିଁ ଏହି ସମ୍ମିଳନୀର ଉଦ୍ଦେଶ୍ୟ । ଏହି ଅବସରରେ ସେ ଅମୃତ ଯୋଜନା, ସ୍ୱଚ୍ଛ ଭାରତ ମିଶନ୍-ସହରାଞ୍ଚଳ ଏବଂ ପିଏମ୍ ସ୍ୱନିଧି ଭଳି ଜାତୀୟ ଅଭିଯାନ ମାଧ୍ୟମରେ ପାନୀୟ ଜଳ ଓ ପରିମଳ ସେବାର ସମ୍ପ୍ରସାରଣ, ଆବର୍ଜନା ପରିଚାଳନାରେ ଉନ୍ନତି, ସହରାଞ୍ଚଳ ଯାତାୟାତ ବ୍ୟବସ୍ଥାର ସୁଦୃଢ଼ୀକରଣ ଏବଂ ଆର୍ଥିକ ଅନ୍ତର୍ଭୁକ୍ତୀକରଣ କ୍ଷେତ୍ରରେ ହୋଇଥିବା ଅଗ୍ରଗତିକୁ ଉଲ୍ଲେଖ କରିଥିଲେ । ନିଯୁକ୍ତି କେନ୍ଦ୍ର ଓ ସାର୍ବଜନୀନ ପରିବହନ ବ୍ୟବସ୍ଥା ନିକଟରେ ସୁଲଭ ମୂଲ୍ୟରେ ଗୃହ ଉପଲବ୍ଧ କରାଇବା, ନିର୍ମାଣ କ୍ଷେତ୍ରରେ ପୁନଃଚକ୍ରଣ ବ୍ୟବସ୍ଥାର ପ୍ରୋତ୍ସାହନ ଏବଂ ପୁରୁଣା ଆବର୍ଜନାକୁ ବୈଜ୍ଞାନିକ ପଦ୍ଧତିରେ ନିଷ୍କାସନ କରିବା ଉପରେ ସେ ଗୁରୁତ୍ୱ ଦେଇଥିଲେ । ଦେଶର ଅଧାରୁ ଅଧିକ ପୁରୁଣା ଆବର୍ଜନାର ବୈଜ୍ଞାନିକ ନିଷ୍କାସନ ହୋଇସାରିଥିବା ଉଲ୍ଲେଖ କରିବା ସହ ଏହି ପ୍ରୟାସକୁ ଜାରି ରଖିବା ଏବଂ ନୂଆ ଆବର୍ଜନା ଜମା ହେବାକୁ ରୋକିବା ଆବଶ୍ୟକ ।



ଉଦଯାପନୀ ଅଧିବେଶନରେ ସ୍ୱାଗତ ଭାଷଣ ଦେଇ ଗୃହ ନିର୍ମାଣ ଓ ସହରାଞ୍ଚଳ ବ୍ୟାପାର ମନ୍ତ୍ରଣାଳୟର ସହରାଞ୍ଚଳ ବିକାଶ ସଚିବ ସତେନ୍ଦ୍ର ସିଂହ ସାତଟି ବୈଷୟିକ

### ସହରର ଭବିଷ୍ୟତ ଆହ୍ୱାନ ଉପରେ ଆଲୋଚନା ସମ୍ମିଳନୀର ଉଦ୍ଦେଶ୍ୟ: କେନ୍ଦ୍ରମନ୍ତ୍ରୀ

ଅଧିବେଶନର ମୁଖ୍ୟ ନିଷ୍କର୍ଷ ଉପରେ ଆଲୋକପାତ କରିଥିଲେ । ନୀତିଗତ ଆଲୋଚନାକୁ କାର୍ଯ୍ୟକାରୀଯୋଗ୍ୟ ସହରାଞ୍ଚଳ ସମାଧାନରେ ପରିଣତ କରିବା ଉପରେ ସେ ଜୋର୍ ଦେଇଥିଲେ ।

ଏହି ଅବସରରେ ନୀତି ଆୟୋଗର ସଦସ୍ୟ ରାଜୀବ ଗୌବା ଦେଶରେ ଦ୍ରୁତ ସହରୀକରଣକୁ ସଠିକ୍ ଭାବେ ପରିଚାଳନା କରିବା ପାଇଁ ସହରାଞ୍ଚଳ ଶାସନ, ନଗର ଯୋଜନା ଓ ପୌର ଆର୍ଥିକ ବ୍ୟବସ୍ଥାରେ ବ୍ୟାପକ ସଂସ୍କାର ଆବଶ୍ୟକ ବୋଲି କହିଥିଲେ ।

ଏହି ସମ୍ମିଳନୀର ଦ୍ୱିତୀୟ ଦିନରେ ବିଶୋଧିତ ବ୍ୟବହୃତ ଜଳର ପୁନଃଚକ୍ରଣ ଓ ପୁନଃବ୍ୟବହାରକୁ ପ୍ରୋତ୍ସାହନ ଦେବା ଲାଗି ବୈଷୟିକ ସହଯୋଗ ସୁଦୃଢ଼ କରିବା ନିମନ୍ତେ ଜାପାନ ଆନ୍ତର୍ଜାତିକ ସହଯୋଗ ସଂସ୍ଥା ଏବଂ କେନ୍ଦ୍ରୀୟ ଜନସ୍ୱାସ୍ଥ୍ୟ ଓ ପରିବେଶ ଯାନ୍ତ୍ରିକ ସଂଗଠନ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡା. କୃଷ୍ଣ ଚନ୍ଦ୍ର ମହାପାତ୍ର ଓ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀ ଯୋଗ ଦେଇଥିଲେ ।

# କେନ୍ଦ୍ରୀୟ ବିଦ୍ୟାଳୟ ସମ୍ମୁଖରେ ଦାଦାବଟି ଆଦାୟ ଅଭିଯୋଗ : ୪ ଗିରଫ

ପୁରୀ, (ସବ୍ୟୁ): ପୁରୀ ସହରରେ ଦାଦାବଟି ଆଦାୟ ଓ ଲୋକଙ୍କୁ ଭୟଭୀତ କରିବା ଅଭିଯୋଗରେ ତାଳବଣିଆ ଥାନା ପୋଲିସ ୪ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ କେନ୍ଦ୍ରୀୟ ବିଦ୍ୟାଳୟ ସମ୍ମୁଖରେ ଛୁରି ଓ ଲୁହାରଡ୍ ଦେଖାଇ ସ୍ଥାନୀୟ ଲୋକ ଏବଂ ପର୍ଯ୍ୟଟକଙ୍କ ଠାରୁ ଦାଦାବଟି ଆଦାୟ କରୁଥିବା ପୋଲିସ ପକ୍ଷରୁ ପ୍ରକାଶ। ପୋଲିସ ପ୍ରେସ୍ ବିଜ୍ଞପ୍ତି ଅନୁଯାୟୀ, ଗତ ୨୪ ତାରିଖ ଦିନ ପାଟ୍ରୋଲିଂ ସମୟରେ ଏଭଳି ଘଟଣା ସମ୍ପର୍କରେ ସୂଚନା ପାଇ ତାଳବଣିଆ ଥାନାର ଏକ ପୋଲିସ ଟିମ୍ ଘଟଣାସ୍ଥଳରେ ପହଞ୍ଚିଥିଲା। ପୋଲିସକୁ ଦେଖି ଅଭିଯୁକ୍ତମାନେ ଖସିଯିବାକୁ ଉଦ୍ୟମ କରିଥିଲେ। ଏହି ସମୟରେ ଜଣେ ପୋଲିସ କର୍ମଚାରୀଙ୍କୁ ଲୁହାରଡ୍‌ରେ ଆକ୍ରମଣ କରାଯାଇଥିବା ପ୍ରେସ୍ ବିଜ୍ଞପ୍ତିରେ ଉଲ୍ଲେଖ ରହିଛି। ତେବେ ପୋଲିସ ଟିମ୍ ଅଭିଯୁକ୍ତମାନଙ୍କୁ କାବୁ କରିଥିଲା। ଗିରଫ ଅଭିଯୁକ୍ତମାନେ ହେଲେ ବ୍ରହ୍ମଗିରି ଥାନା ଅନ୍ତର୍ଗତ କନ୍ଦଗଡ଼ାର ବାମଦେବ ନାୟକଙ୍କ ପୁଅ ସାଗର ନାୟକ (୨୬), ବଳିଘାଟ ସୁଭଦ୍ରା ନଗରର




ପ୍ରହଲ୍ଲାଦ ମହାନ୍ତିଙ୍କ ପୁଅ ଶ୍ରୁତିରଞ୍ଜନ ମହାନ୍ତି ଓରଫ କାହ୍ନା (୩୫), ସିଦ୍ଧମହାବୀର ଚମାରସାହିର ସ୍ୱର୍ଗତ ମଗୁଣି ପ୍ରଧାନଙ୍କ ପୁଅ କୁନୁ ଓରଫ ନାରାୟଣ ପ୍ରଧାନ (୨୨) ଏବଂ ବିନୋବା ନଗରର ଅଭିମନ୍ୟୁ ପାଢ଼ୀଙ୍କ ପୁଅ ସୁନୀଲ କୁମାର ପାଢ଼ୀ (୪୨)। ସମସ୍ତେ ପୁରୀ ତାଳବଣିଆ ଥାନା ଅଞ୍ଚଳର ବୋଲି ପୋଲିସ ସୂଚନା ଦେଇଛି। ଅଭିଯୁକ୍ତମାନଙ୍କଠାରୁ ଦୁଇଟି ଛୁରି, ଦୁଇଟି ଲୁହାରଡ୍ ଏବଂ ୯୦୦ ଟଙ୍କା ଜବତ କରାଯାଇଛି। ଏହି ଘଟଣାରେ ତାଳବଣିଆ ଥାନା କେସ୍ ନମ୍ବର ୩୦୫, ତାରିଖ ୨୪.୧୦.୨୦୨୬ରେ ମାମଲା ରୁଜୁ କରାଯାଇଛି। ଭାରତୀୟ ନ୍ୟାୟ ସଂହିତା (BNS)ର ବିଭିନ୍ନ ଧାରାରେ ମାମଲା ରୁଜୁ ପରେ ଅଭିଯୁକ୍ତମାନଙ୍କୁ ଗିରଫ କରି କୋର୍ଟରେ ହାଜର କରାଯାଇଥିବା ପୋଲିସ ପକ୍ଷରୁ କୁହାଯାଇଛି।

## ଚୋରା କାଠବୋଝେଇ ପିକଅପ ଭ୍ୟାନ ଜବତ, ଗାଡି ଛାଡି ଚାଳକ, ମାଫିଆ ଫେରାର

# ୧୮ ଖଣ୍ଡ ମୂଲ୍ୟବାନ ଶାଳଗଣ୍ଡି ଜବତ

ବେତନଟୀ (ସବ୍ୟୁ)- ମୟୂରଭଞ୍ଜ ଜିଲ୍ଲାର ବେତନଟୀ ରେଞ୍ଜ ତଥା ବେତନଟୀ ଥାନା ଅଧୀନ ଦାନ୍ତିଆମୁହାଁ-ଭାଲିଆଡିହା ରାସ୍ତାର ମଶିଣାଶୋଳ ଠାରେ ଚଢ଼ାଉକରି ଚୋରା କାଠବୋଝେଇ ପିକଅପ ଭ୍ୟାନ ଜବତ କରିବାରେ ବେତନଟୀ ବନବିଭାଗ ସଫଳ ହୋଇଛି। ସୂଚନା ମୁତାବକ ମଶିଣାଶୋଳ- କେନ୍ଦୁଛାଟିଆ ରାସ୍ତାପାର୍ଶ୍ୱରୁ ବେଆଇନ ଭାବରେ ମୂଲ୍ୟବାନ ଶାଳଗଛ ଗୁଡିକୁ କାଟି ଚୋରା ଚାଲାଣ କରାଯାଉଥିବା ଖବରପାଇ ବେତନଟୀ ରେଞ୍ଜର ଜ୍ୟୋତିରଞ୍ଜନ ସେନାପତିଙ୍କ ନିର୍ଦ୍ଦେଶକ୍ରମେ କୃଷ୍ଣଚନ୍ଦ୍ରପୁର ବନପାଳ ପଦ୍ମାବତୀ ବେହେରା ବନରକ୍ଷୀ ସନ୍ତୋଷ କୁମାର ନାଏକ, ପାରା ବନକର୍ମଚାରୀ ଏବଂ ଗଜସାଥୀ ପ୍ରମୁଖ ସଦଳବଳେ ମସିଣାଶୋଳ ଠାରେ ଚଢ଼ାଉକରି କରିଥିଲେ। ବନବିଭାଗର ଟିମକୁ ଦେଖି ପିକଅପ ଚାଳକ ଓ କାଠମାଫିଆମାନେ ଜଙ୍ଗଲ ଭିତରେ ଫେରାର ହୋଇଯାଇଥିଲେ। ଘଟଣାସ୍ଥଳରୁ ବାରିପଦା ମ୍ୟୁନିସିପାଲିଟି ଅନ୍ତର୍ଗତ କାଳୀମନ୍ଦିର ସାହି ୱାର୍ଡନଂ ୧୦ ଅଞ୍ଚଳର ବଳରାମ ସାହୁଙ୍କ ପୁଅ ସୋମନାଥ ସାହୁଙ୍କ ନାମରେ ପଞ୍ଜିକୃତ ଓଆର-୧୧ସି-୦୦୨୯ ନମ୍ବର ବିଶିଷ୍ଟ ଚୋରା ଶାଳକାଠ ପିକଅପ ଭ୍ୟାନକୁ ଜବତ କରି କୃଷ୍ଣଚନ୍ଦ୍ରପୁରସ୍ଥିତ ସିଜରୟାର୍ଡ଼କୁ ଅଣାଯାଇଛି। ଜବତ ପିକଅପ ଭ୍ୟାନରେ ବିଭିନ୍ନ ମୋଟେଇର ୧୮ ଖଣ୍ଡ କାଠଗଣ୍ଡି ଥିବାବେଳେ ଏହାର ପରିମାଣ ୭୪. ୭୦ ସିଫ୍ଟ ରହିଛି। ଯାହାର ଆନୁମାନିକ ବଜାରମୂଲ୍ୟ ୧ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବାନେଇ ଆକଳନ କରାଯାଉଛି। ଏନେଇ ବନବିଭାଗ ପକ୍ଷରୁ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଜାରି ରହିଛି।



# ଉତ୍କଳ ବିଶ୍ୱବିଦ୍ୟାଳୟରେ ଚାକିରି କରାଇ ଦେବାକୁ କହି ଠକେଇ

ଭୁବନେଶ୍ୱର, (ସବ୍ୟୁ) : ଉତ୍କଳ ବିଶ୍ୱବିଦ୍ୟାଳୟରେ ଚାକିରି କରାଇ ଦେବାକୁ କହି ଦମ୍ପତିଙ୍କ ସମେତ ବହୁ ଆଶାୟୀଙ୍କ ଠାରୁ ଲକ୍ଷ ଲକ୍ଷ ଟଙ୍କା ଠକେଇ ହୋଇଥିବା ଅଭିଯୋଗ ହୋଇଛି । ୪ଜଣ ନୂଆପଲ୍ଲୀ ଥାନାରେ ଅଭିଯୋଗ କରିଛନ୍ତି । ଦମ୍ପତିଙ୍କ ଠାରୁ ୭ଲକ୍ଷ ଟଙ୍କା ନେଇଥିବା ବେଳେ ଅନ୍ୟ ଦୁଇଜଣଙ୍କ ଠାରୁ ୫ଲକ୍ଷ ଟଙ୍କା ଠକି ନେଇଥିବା ଅଭିଯୋଗ ହୋଇଛି । ଫେରାର ଥିବା ଠକ ଗଣେଶ ନାୟକ ଆଶାୟୀଙ୍କୁ ଚାକିରି ଦେବା ସହ କ୍ୱାର୍ଟର୍ସ ମିଳିବାରେ ସହଯୋଗ କରିବେ ବୋଲି ପ୍ରତିଶ୍ରୁତି ଦେଉଥିଲେ । ୧୨ଲକ୍ଷ ଟଙ୍କା ଠକେଇକୁ ନେଇ ଅଭିଯୋଗ ହୋଇଥିବା ବେଳେ ବାସ୍ତବରେ ଗଣେଶ ଓ ତା'ର ସହଯୋଗୀମାନେ କେତେଜଣଙ୍କ ଠାରୁ କେତେ ଟଙ୍କା ଠକିଛନ୍ତି ସ୍ପଷ୍ଟ ଜଣାପଡିନାହିଁ । ଗଣେଶ ଓ ତା'ର ସହଯୋଗୀମାନେ ଗିରଫ ହେଲେ କେତେ ଲୋକଙ୍କ ଠାରୁ କେତେ ଟଙ୍କା ଠକେଇ ହୋଇଛି ଜଣାପଡ଼ିବ ବୋଲି ପୋଲିସ କହିଛି ।

ଫେରାର ଗଣେଶ ନାୟକ ଜଣେ ଦମ୍ପତିଙ୍କୁ ଉତ୍କଳ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ୍‌କୁ ଆଣି ବୁଲାଇବା ପରେ ଗୋଟିଏ କ୍ୱାର୍ଟର୍ସ ଦେଖାଇ ତା'ର ଚାବି ମଧ୍ୟ ତାଙ୍କୁ ଦେଇଥିଲେ । ଏପରିକି ଉତ୍କଳ ବିଶ୍ୱବିଦ୍ୟାଳୟରେ ଥିବା ଗେଷ୍ଟ ହାଉସ୍‌ରେ ତାଙ୍କୁ ୭ଦିନ ରହିବା ବ୍ୟବସ୍ଥା କରାଇଥିଲା ଗଣେଶ । ଆଶାୟୀଙ୍କୁ କ୍ୟାମ୍ପସ୍‌ରେ ବୁଲାଇବା ସହ କ୍ୱାର୍ଟର୍ସ ପ୍ରଭୃତି ଦେଖାଇ ତାଙ୍କ ବିଶ୍ୱାସଭାଜନ ହେଉଥିଲା ଗଣେଶ । ଏପରିକି ଜଣେ ସେକ୍ସନ ଅଫିସରଙ୍କ ପାଖକୁ ନେଇ ଦମ୍ପତି ଓ ଅନ୍ୟ କେତେକ ଆଶାୟୀଙ୍କୁ କଥାବାର୍ତ୍ତା କରାଇଥିଲା । ସେହି ସେକ୍ସନ ଅଫିସରଙ୍କ ଘରକୁ ଗଣେଶ ମାଛ, ମାଂସ ଠାରୁ ଆରମ୍ଭ ବିଭିନ୍ନ ସାମଗ୍ରୀ ନେଇ ଦେଉଥିବା ଠକେଇର ଶିକାର ହୋଇଥିବା କେତେକ ଚାକିରି ଆଶାୟୀ ମଧ୍ୟ ଦେଖିଛନ୍ତି । ଦମ୍ପତିଙ୍କୁ ଗେଷ୍ଟହାଉସ୍‌ରେ ରଖାଇବା ପରେ ଚାକିରି ଦେବାରେ ବିଭ୍ରାନ୍ତିକର ମନ୍ତବ୍ୟ ଦେବା ଦ୍ୱାରା ସେ ସନ୍ଦେହ ପ୍ରକଟ କରିଥିଲେ । କେବଳ ସେ ଦୁଇଜଣ ନୁହଁନ୍ତି ଅନ୍ୟ ଦୁଇଜଣ ମଧ୍ୟ ଗଣେଶଙ୍କୁ ସନ୍ଦେହ କରିଥିଲେ । ଦମ୍ପତିଙ୍କ ସମେତ ୪ଜଣ ପୋଲିସରେ ଅଭିଯୋଗ କରିବା ପରେ ପୋଲିସ ଅଭିଯୋଗ ଗ୍ରହଣ କରି ତଦନ୍ତ ଆରମ୍ଭ କରିଛି ।

ଉତ୍କଳ ବିଶ୍ୱବିଦ୍ୟାଳୟର କେଉଁ ଅଫିସରମାନେ ଠକ ଗଣେଶ ପଛରେ ଅଛନ୍ତି ତାହା ତଦନ୍ତ ଆଗକୁ ବଢିଲେ ଜଣାପଡ଼ିବ ବୋଲି ସୂଚନା ମିଳିଛି । ଗଣେଶ ଉତ୍କଳ ବିଶ୍ୱବିଦ୍ୟାଳୟ ଅଫିସ୍, କ୍ୱାର୍ଟର୍ସ ଓ ଅନ୍ୟାନ୍ୟ ସେକ୍ସନକୁ ହାପ୍‌ପ୍ୟାଣ୍ଟ, ଗଞ୍ଜି ପିନ୍ଧି ଯାତାୟାତ କରୁଥିବା ଠକେଇର ଶିକାର ହୋଇଥିବା ଚାକିରି ଆଶାୟୀ ଗଣମାଧ୍ୟମକୁ କହିଛନ୍ତି । ଉତ୍କଳ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ୍‌ରେ ଗଣେଶ ଏଭଳି ଚଳପ୍ରଚଳ କରିବା ଦ୍ୱାରା ଚାକିରି ଆଶାୟୀଙ୍କ ବିଶ୍ୱାସଭାଜନ ହୋଇ ଟଙ୍କା ଠକିବାରେ ସଫଳ ହେଉଥିବା ଅଭିଯୋଗ ହୋଇଛି । ଗଣେଶ ପଛରେ କେଉଁ ପ୍ରଭାବଶାଳୀମାନେ ଅଛନ୍ତି ତାହା ଠକେଇର ଶିକାର ହୋଇଥିବା ଚାକିରି ଆଶାୟୀମାନେ କହିପାରି ନାହାନ୍ତି । ହେଲେ ତାଙ୍କ କହିବା କଥା ଯଦି ପ୍ରଭାବଶାଳୀ ନାହାନ୍ତି ତେବେ ସେ ଗେଷ୍ଟ ହାଉସ୍‌ରେ ଦମ୍ପତିଙ୍କୁ ୭ଦିନ ରଖିବା ସହ ତାଙ୍କୁ ଗୋଟିଏ କ୍ୱାର୍ଟର୍ସ ଚାବି ଦେଲା କିପରି ? ତେଣୁ ସେମାନଙ୍କ କହିବା କଥା ଅଫିସର ଓ ରାଜନୈତିକ ଲୋକ ଗଣେଶ ର୍ୟାକେଟ୍‌ରେ ସମ୍ପୃକ୍ତ ଅଛନ୍ତି ।



ଜଟଣୀରେ ନବନିର୍ମିତ ଆରବିଆଇ ଡାଟା ସେଣ୍ଟର



ଡାଟା ସେଣ୍ଟର ବୁଲି ଦେଖୁଛନ୍ତି ପ୍ରଧାନମନ୍ତ୍ରୀ




ପ୍ରଧାନମନ୍ତ୍ରୀଙ୍କ ସହ ଉପସ୍ଥିତ ଅଛନ୍ତି କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।

# ମହୁମାଛି ପାଳନରୁ ଜୀବିକା ସମୃଦ୍ଧି : ବେଦାନ୍ତ ଆଲୁମିନିୟମର 'ବେଦାମୃତ' ଝାରସୁଗୁଡ଼ା ଚାଷୀଙ୍କୁ ସଶକ୍ତ କରୁଛି

ଭୁବନେଶ୍ୱର, (ସବ୍ୟୁ) : ଓଡ଼ିଶାର ଝାରସୁଗୁଡ଼ା ଜିଲ୍ଲା ଭୁଗ୍ରାପାଲି ଗାଁର ଚାଷଜମିରେ ଧାନ ଓ ପନିପରିବା ଚାଷ ସହ ଏବେ ମହୁମାଛିଙ୍କ ଗୁଣୁଗୁଣୁ ଶବ୍ଦ ଏକ ନୂଆ ଆୟର ସମ୍ଭାବନା ସୃଷ୍ଟି କରିଛି। ଚାଷୀ କ୍ଷୀରୋଦ୍ର ପଟେଲଙ୍କ ପାଇଁ ମହୁମାଛି ଏବେ ଅତିରିକ୍ତ ରୋଜଗାରର ଏକ ଗୁରୁତ୍ୱପୂର୍ଣ୍ଣ ମାଧ୍ୟମ ପାଲଟିଛି। ନିଜର ୬ ଏକର ଜମିରେ ଚାଷ କରିବା ସହ ସେ ମହୁମାଛି ପାଳନରୁ ବାର୍ଷିକ ପ୍ରାୟ ୨୫ ହଜାର ଟଙ୍କା ଆୟ କରୁଛନ୍ତି। ପ୍ରଥମେ ମାତ୍ର ୩ଟି ମହୁମାଛି ବାକ୍ସରୁ ଆରମ୍ଭ ହୋଇଥିବା ଏହି ଉଦ୍ୟମ ଏବେ ତାଙ୍କ ସାତ ଜଣିଆ ପରିବାରର ଆର୍ଥିକ ସୁରକ୍ଷାକୁ ମଜବୁତ କରିବାରେ ସହାୟକ ହୋଇଛି। କ୍ଷୀରୋଦ୍ରଙ୍କ ଏହି ସଫଳତା ହେଉଛି ଭାରତର ସର୍ବବୃହତ୍ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମର ଜୀବିକାଭିତ୍ତିକ ପଦକ୍ଷେପ 'ବେଦାମୃତ'ର ସଫଳ ଉଦାହରଣ। ଗ୍ରାମାଞ୍ଚଳର ଚାଷୀଙ୍କୁ ବୈଜ୍ଞାନିକ ପଦ୍ଧତିରେ ମହୁମାଛି ପାଳନ ସମ୍ପର୍କରେ ତାଲିମ ଦେଇ ଏହି କାର୍ଯ୍ୟକ୍ରମ ସେମାନଙ୍କ ଆୟର ବିକଳ୍ପ ଉତ୍ସ ସୃଷ୍ଟି କରିବା ସହ ପ୍ରାକୃତିକ ପରାଗସଙ୍ଗମ ମାଧ୍ୟମରେ କୃଷି ଉତ୍ପାଦକତା ବୃଦ୍ଧିରେ ସହାୟକ ହେଉଛି। ବ୍ୟବହାରିକ ତାଲିମ, ମହୁମାଛି ବାକ୍ସ ବଣ୍ଟନ



ଏବଂ ନିରନ୍ତର ବୈଷୟିକ ସହାୟତା ଜରିଆରେ ଏହି ପଦକ୍ଷେପ ଚାଷୀ ପରିବାରଗୁଡ଼ିକୁ ସ୍ଥାୟୀ ଆୟର ସୁଯୋଗ ପ୍ରଦାନ କରୁଛି।

କ୍ଷୀରୋଦ୍ର ପ୍ରଥମ ୩ଟି ମହୁମାଛି ବାକ୍ସ ପାଇବାର ମାତ୍ର ୩ ମାସ ମଧ୍ୟରେ ପ୍ରାୟ ୨୩ କିଲୋଗ୍ରାମ ମହୁ ସଂଗ୍ରହ କରିଥିଲେ। ପରବର୍ତ୍ତୀ ସମୟରେ ମହୁମାଛିଙ୍କ ସଂଖ୍ୟା ବଢ଼ିବା ସହ ସେ ମହୁମାଛି କଲୋନି ବିକ୍ରି କରିବା ମଧ୍ୟ ଆରମ୍ଭ କରିଥିଲେ। ଏହା ସହିତ, ପରାଗସଙ୍ଗମରେ ଉନ୍ନତି ଯୋଗୁଁ ତାଙ୍କ ପନିପରିବା ଉତ୍ପାଦନରେ ପ୍ରାୟ ୩୦ ପ୍ରତିଶତ ବୃଦ୍ଧି ହୋଇଥିବା ଆକଳନ କରାଯାଇଛି। ଏହା ପାରମ୍ପରିକ ଚାଷ ସହ ମହୁମାଛି ପାଳନର ସମନ୍ୱୟ କିପରି ଅଧିକ ଲାଭ ଦେଇପାରେ, ତାହା ଦର୍ଶାଉଛି।

ନିକଟବର୍ତ୍ତୀ ଗାଁଗୁଡ଼ିକରେ ମଧ୍ୟ ଏଭଳି ପରିବର୍ତ୍ତନ ଦେଖିବାକୁ ମିଳୁଛି। ସାଲେପାଲି ଗାଁର ମଞ୍ଜରୀ ପ୍ରଧାନ ଘରୋଇ ଦାୟିତ୍ୱ ସହ କୃଷି କାର୍ଯ୍ୟରେ ନିୟୋଜିତ ରହିଥିବା ବେଳେ 'ବେଦାମୃତ' ମାଧ୍ୟମରେ ଏକ ନୂଆ ଜୀବିକାର ସୁଯୋଗ ପାଇଛନ୍ତି। ମାତ୍ର ଗୋଟିଏ ମହୁମାଛି ବାକ୍ସରୁ ଆରମ୍ଭ କରି ସେ ୮ ଲିଟର ମହୁ ସଂଗ୍ରହ କରିଛନ୍ତି। ଏହା ତାଙ୍କୁ ଅତିରିକ୍ତ ଆୟ ସହ ଆର୍ଥିକ ଆତ୍ମବିଶ୍ୱାସ ମଧ୍ୟ ପ୍ରଦାନ କରିଛି। ମହୁ ଉତ୍ପାଦନରୁ ବଜାର ପର୍ଯ୍ୟନ୍ତ ସମଗ୍ର ପ୍ରକ୍ରିୟାକୁ ଅଧିକ ସୁଦୃଢ଼ କରିବା ପାଇଁ 'ବେଦାମୃତ' ପକ୍ଷରୁ କୋଲାବିରାଠାରେ ଏକ ଆଧୁନିକ ମହୁ ପ୍ରକ୍ରିୟାକରଣ କେନ୍ଦ୍ର ସ୍ଥାପନ କରାଯାଇଛି। ଏଠାରେ ମହୁ ନିଷ୍କାସନ, ପ୍ରକ୍ରିୟାକରଣ ଓ ପ୍ୟାକେଜିଂର ସୁବିଧା ରହିଛି। ଏହି କେନ୍ଦ୍ର ଗ୍ରାମୀଣ ଉତ୍ପାଦକମାନଙ୍କୁ ଗୁଣବତ୍ତା ମାନଦଣ୍ଡ ପୂରଣ କରିବା, ଉତ୍ପାଦର ମୂଲ୍ୟ ବୃଦ୍ଧି କରିବା ଏବଂ ଅଧିକ ମୂଲ୍ୟ ମିଳୁଥିବା ବଜାରରେ ପହଞ୍ଚିବାରେ ସହାୟତା କରିବ। ଏହା ଫଳରେ ସ୍ଥାନୀୟ ମହୁ ଉତ୍ପାଦନକୁ ବ୍ୟାପକ ବାଣିଜ୍ୟିକ ସୁଯୋଗ ସହ ଯୋଡ଼ାଯାଇପାରିବ।

ବୈଜ୍ଞାନିକ ପଦ୍ଧତି, ଚାଷୀଙ୍କ ସାମୂହିକ ସହଭାଗିତା, ପ୍ରକ୍ରିୟାକରଣ ଭିତ୍ତିଭୂମି ଓ ବଜାର ସଂଯୋଗକୁ ଏକାଠି କରି 'ବେଦାମୃତ' ଗ୍ରାମୀଣ ଜୀବିକାର ଏକ ସମ୍ପ୍ରସାରଣଯୋଗ୍ୟ ମଡେଲ୍ ବିକଶିତ କରୁଛି। ଏହା କେବଳ ଚାଷୀଙ୍କ ଆୟ ବୃଦ୍ଧିରେ ସୀମିତ ନୁହେଁ; ପରାଗସଙ୍ଗମ ମାଧ୍ୟମରେ ଜୈବ ବିବିଧତାର ସୁରକ୍ଷା ଏବଂ ଉପଲବ୍ଧ କୃଷି ସମ୍ବଳର ଉତ୍ତମ ବ୍ୟବହାରକୁ ମଧ୍ୟ ପ୍ରୋତ୍ସାହିତ କରୁଛି।

# ଏସ୍‌ସିବିରେ ଅଚଳ ହେଲା ଲିଫ୍ଟ, ଅଧଘଣ୍ଟା ଫସିଲେ ୬ ରୋଗୀ ଓ ସମ୍ପର୍କୀୟ

କଟକ, (ସବ୍ୟୁ): ରୋଗୀଙ୍କୁ ସୁସ୍ଥ କରିବା ପାଇଁ ଯେଉଁଠି ଚାଲିଛି ଚିକିତ୍ସା, ସେଠାରେ ରୋଗୀ ଓ ସମ୍ପର୍କୀୟଙ୍କ ଜୀବନ ଯଦି ବିପଦରେ ପଡ଼େ, ତେବେ ସାଧାରଣ ଲୋକ ଭରସା କରିବେ କାହାକୁ? ରାଜ୍ୟର ସର୍ବବୃହତ୍ ସରକାରୀ ଚିକିତ୍ସାଳୟ ଏସ୍‌ସିବି ମେଡିକାଲରେ ଲିଫ୍ଟ ଅଚଳ ହୋଇ ୬ ଜଣ ରୋଗୀ ଓ ସମ୍ପର୍କୀୟ ଦୀର୍ଘ ଅଧଘଣ୍ଟାରୁ ଅଧିକ ସମୟ ଧରି ଫସି ରହିବା ଘଟଣା ମେଡିକାଲର ସୁରକ୍ଷା ବ୍ୟବସ୍ଥା ଓ ରକ୍ଷଣାବେକ୍ଷଣକୁ ନେଇ ସାଂଘାତିକ ପ୍ରଶ୍ନ ଉଠାଇଛି। ସର୍ଜରୀ ବିଭାଗ ଅଟ୍ଟାଳିକାରେ ଘଟିଥିବା ଏହି ଅଘଟଣ କେବଳ ଏକ ଯାନ୍ତ୍ରିକ ତ୍ରୁଟି ନା ନିୟମିତ ଯାଞ୍ଚ ଓ ରକ୍ଷଣାବେକ୍ଷଣରେ ଅବହେଳାର ପରିଣାମ, ତାହା ଏବେ ବଡ଼ ପ୍ରଶ୍ନ ହୋଇ ଛିଡ଼ା ହୋଇଛି। ରବିବାର ସନ୍ଧ୍ୟାରେ ସର୍ଜରୀ ବିଭାଗରେ ଥିବା ରୋଗୀ ଓ ସମ୍ପର୍କୀୟଙ୍କ ଲାଗି ଉଦ୍ଦିଷ୍ଟ ଲିଫ୍ଟଟି ହଠାତ୍ ଅଚଳ ହୋଇପଡ଼ିଥିଲା। ଲିଫ୍ଟ ଭିତରେ ଥିବା ୬ ଜଣ ବାହାରକୁ ଆସି ନପାରି ଅଣନିଃଶ୍ୱାସୀ ପରିସ୍ଥିତିରେ ଫସି ରହିଥିଲେ। ଦୀର୍ଘ ସମୟ ଧରି ଲିଫ୍ଟ ଖୋଲି ନଥିବାରୁ ଭିତରେ ଥିବା ଲୋକଙ୍କ ମଧ୍ୟରେ ଭୟ ଓ ଆତଙ୍କ ଖେଳିଯାଇଥିଲା। ବାହାରେ ଥିବା ରୋଗୀଙ୍କ ସମ୍ପର୍କୀୟ ମଧ୍ୟ ଚିନ୍ତିତ ହୋଇପଡ଼ିଥିଲେ। ପରିସ୍ଥିତି ଏପରି ହୋଇଥିଲା ଯେ, ଲିଫ୍ଟ ଭିତରେ ଫସିଥିବା ଲୋକଙ୍କୁ ଉଦ୍ଧାର କରିବା ପାଇଁ ଧାଁଦୌଡ଼ ଆରମ୍ଭ ହୋଇଥିଲା।

ଖବର ପାଇ ଅଗ୍ନିଶମ ବାହିନୀ ଓ ଲିଫ୍ଟ ମରାମତି କର୍ମଚାରୀ ପହଞ୍ଚି ଉଦ୍ଧାର କାର୍ଯ୍ୟ କରିଥିଲେ। ପ୍ରାୟ ଅଧଘଣ୍ଟାରୁ ଅଧିକ ସମୟର ଆତଙ୍କ ଓ ଅପେକ୍ଷା ପରେ ଲିଫ୍ଟ ଭିତରୁ ଶେଖ୍ ମାୱାଜ୍ (୩୨), ରାଜ୍‌ଦା ବେଗମ୍ (୫୦), ପ୍ରଦ୍ୟୁମ୍ନ ମହାପାତ୍ର (୩୬), ବାଦଲ ଦାସ (୫୯), ବିମଳା ପ୍ରଧାନ (୪୨) ଓ ସାନ୍ତନୁ ସାହୁ (୪୫)ଙ୍କୁ ସୁରକ୍ଷିତ ଉଦ୍ଧାର କରାଯାଇଥିଲା। ସମସ୍ତଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ମେଡିକାଲ କର୍ତ୍ତୃପକ୍ଷ କହିଛନ୍ତି। ତେବେ ସୌଭାଗ୍ୟବଶତଃ ସମସ୍ତେ ଉଦ୍ଧାର ପାଇଥିଲେ ମଧ୍ୟ ଏହି ଘଟଣାର ଭୟାବହତାକୁ ଏଡ଼ାଇ ଦିଆଯାଇ ନପାରେ।

ଏସ୍‌ସିବି ଭଳି ଏକ ପ୍ରମୁଖ ଚିକିତ୍ସାନୁଷ୍ଠାନରେ ଲିଫ୍ଟ ହଠାତ୍ ଅଚଳ ହେବା ଘଟଣା ଏହାର ନିୟମିତ ଯାଞ୍ଚ ଓ ରକ୍ଷଣାବେକ୍ଷଣକୁ ନେଇ ସନ୍ଦେହ ସୃଷ୍ଟି କରିଛି। ଲିଫ୍ଟ ଭଳି ଏକ ଅତ୍ୟାବଶ୍ୟକ ସେବାର ନିୟମିତ ଯାଞ୍ଚ କରାଯାଉଛି କି ନାହିଁ, ତ୍ରୁଟି ଚିହ୍ନଟ ହେଲେ ତାହାର ତୁରନ୍ତ ମରାମତି ହେଉଛି କି ନାହିଁ, ଏହାର ଉତ୍ତର ମେଡିକାଲ କର୍ତ୍ତୃପକ୍ଷ ଦେବା ଆବଶ୍ୟକ। ରୋଗୀଙ୍କ ଚିକିତ୍ସା ଓ ଯାତାୟାତ ପାଇଁ ଉଦ୍ଦିଷ୍ଟ ଲିଫ୍ଟର ସୁରକ୍ଷା ନିଶ୍ଚିତ କରିବା ମେଡିକାଲ ପ୍ରଶାସନର ପ୍ରାଥମିକ ଦାୟିତ୍ୱ। ଏଥିରେ ସାମାନ୍ୟ ଅବହେଳା ମଧ୍ୟ ଗୁରୁତର ବିପଦକୁ ଡାକି ଆଣିପାରେ। ଲିଫ୍ଟ ଭିତରେ ଫସିଥିବା ୬ ଜଣଙ୍କୁ ସୁରକ୍ଷିତ ଉଦ୍ଧାର କରାଯିବା ଆଶ୍ୱସ୍ତିକର ହୋଇଥିଲେ ମଧ୍ୟ ଏହାକୁ ନେଇ ଆତ୍ମସନ୍ତୋଷ ପ୍ରକାଶ କରିବାର ସମୟ ନୁହେଁ। ଯଦି ଉଦ୍ଧାର କାର୍ଯ୍ୟରେ ଅଧିକ ବିଳମ୍ବ ହୋଇଥାନ୍ତା କିମ୍ବା ଲିଫ୍ଟରେ ଗୁରୁତର ଯାନ୍ତ୍ରିକ ତ୍ରୁଟି ଦେଖାଦେଇଥାନ୍ତା, ତେବେ ପରିସ୍ଥିତି ଅଧିକ ଭୟଙ୍କର ହୋଇପାରିଥାନ୍ତା।

# ୨ ଲକ୍ଷ ୧୫ ହଜାର ଠକେଇ ଘଟଣା : ଯୁବକ ଗିରଫ

କଟକ, (ସବ୍ୟୁ) : ମାଲଗୋଦାମ ଥାନା ପୁଲିସ ଜଣେ ବେକାର ଯୁବକଙ୍କୁ ସରକାରୀ ଚାକିରି କରାଇଦେବାକୁ କହି ୨ ଲକ୍ଷ ୧୫ ହଜାର ଟଙ୍କା ଠକିନେବା ଘଟଣାରେ ଦ୍ୱିତୀୟ ଅଭିଯୁକ୍ତକୁ ଗିରଫ କରିଛି । ଅଭିଯୁକ୍ତ ଜଣକ ହେଉଛି ଜଗତସିଂହପୁର ବିରିଡ଼ି ଅଞ୍ଚଳର ଦିବ୍ୟଦର୍ଶନ ବେହେରା । ତାକୁ ଆଜି କୋର୍ଟ ଚାଲାଣ କରାଯାଇଛି । ଏହି ଘଟଣାର ଅନ୍ୟତମ ଅଭିଯୁକ୍ତ ମଙ୍ଗଳାବାଗ ପୁଲିସ ଦ୍ୱାରା ଗିରଫ ହୋଇ ଜେଲ୍‌ରେ ରହିଛି ।

ଗତବର୍ଷ ଅଭିଯୁକ୍ତ ଦିବ୍ୟଦର୍ଶନ ଓ ତାର ଅନ୍ୟ ଜଣେ ସାଙ୍ଗ ସହିତ ଫ୍ରେଣ୍ଡ୍‌ସ କଲୋନୀରେ ରହୁଥିବା ଯୋବ୍ରା ମୁରାଦଖାଁ ପାଟଣାର ସୀତାକାନ୍ତ ନାୟକଙ୍କର ଭେଟ ହୋଇଥିଲା । ସୀତାକାନ୍ତ ଜଣେ ବେକାର ଯୁବକ । ଚାକିରି ପାଇଁ ଉଦ୍ୟମ କରୁଛନ୍ତି । ଏହି କ୍ରମରେ ଦିବ୍ୟଦର୍ଶନ ଚାକିରି କରାଇଦେବାକୁ ନିର୍ଭରଯୋଗ୍ୟ ପ୍ରତିଶ୍ରୁତି ଦେଇଥିଲେ । ତେବେ ଏଥି ପାଇଁ ୪ ଲକ୍ଷ ଟଙ୍କା ଲାଗିବ ବୋଲି କହିଥିଲେ । ଏଥିରେ ସୀତାକାନ୍ତ ରାଜି ହୋଇ ପ୍ରଥମେ ୨ ଲକ୍ଷ ୧୫ ହଜାର ଟଙ୍କା ପ୍ରଦା କରିଥିଲେ । ଚାକିରି ପାଇବା ପରେ ବାକି ଟଙ୍କା ଦେବେ ବୋଲି କହିଥିଲେ । ମାତ୍ର ଟଙ୍କା ନେବା ପରେ ଦିବ୍ୟଦର୍ଶନ ଆଉ ଧରାଛୁଆଁ ଦେଉନଥିଲା । ଆଜି କାଲି କହି ସମୟ ଗଡ଼ାଇଲା । ଏଭଳି କିଛି ମାସ ଚାଲିବା ପରେ ଚାକିରି ହୋଇନଥିଲା । ତେଣୁ ସୀତାକାନ୍ତ ତାଙ୍କର ପଇସା ଫେରସ୍ତ ମାଗିଥିଲେ । ଟଙ୍କା ଦେବାକୁ ବି ଦିବ୍ୟଦର୍ଶନ ଓ ତାର ସାଙ୍ଗ ଖେଳିଥିଲେ । ଏଭଳି ସ୍ଥିତିରେ ଗତ ଅଗଷ୍ଟ ମାସ ୨୮ ତାରିଖରେ ସୀତାକାନ୍ତ ମାଲ୍‌ଗୋଦାମ ଥାନାରେ ଏତଲା ଦେଇଥିଲେ । ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ ବେଳକୁ କିଛି ଦିନ ମଧ୍ୟରେ ଦିବ୍ୟଦର୍ଶନର ସାଙ୍ଗ ମଙ୍ଗଳାବାଗ ପୁଲିସ ହାତରେ ଗିରଫ ହୋଇଥିଲା । ତେଣୁ ଏହି କେସ୍‌ରେ ମାଲ୍‌ଗୋଦାମ ପୁଲିସ ତାକୁ ଗିରଫ ଦର୍ଶାଇଥିଲା । ବାକି ରହିଥିଲା ଦିବ୍ୟଦର୍ଶନ । ସେ ମାମଲା ହେବା ଶୁଣିବା ପରେ ଫେରାର୍ ହୋଇଯାଇଥିଲା । ଗତକାଲି ସେ ଘରେ ଥିବା ବିଷୟ ମାଲ୍‌ଗୋଦାମ ଥାନା ପୁଲିସ ଜାଣିବା ପରେ ସେଠାରେ ଚଢ଼ଉ କରି ଗିରଫ କରିଥିବା ଥାନା ଅଧିକାରୀ ଦୀପକ ଖଣ୍ଡାଏତରାୟ ସୂଚନା ଦେଇଛନ୍ତି ।

## ପ୍ରଧାନମନ୍ତ୍ରୀଙ୍କ ୧୩୯ ତମ 'ମନ୍ କି ବାତ୍' କାର୍ଯ୍ୟକ୍ରମ

# ସମୃଦ୍ଧ ଓଡ଼ିଶା ଏବଂ "ବିକଶିତ ଭାରତ' ଗଠନରେ "ମନ କି ବାତ" କାର୍ଯ୍ୟକ୍ରମ ଗୁରୁତ୍ୱ ରଖିବ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, (ସବ୍ୟୁ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ "ମନ୍ କି ବାତ୍" ରେଡିଓ କାର୍ଯ୍ୟକ୍ରମ ଆମ ସମସ୍ତଙ୍କ ପାଇଁ ପ୍ରେରଣାର ଉତ୍ସ ପାଲଟିଛି। ପ୍ରତି ମାସର ଶେଷ ରବିବାରରେ ପ୍ରସାରିତ ହେଉଥିବା ଏହି କାର୍ଯ୍ୟକ୍ରମ ଯୁବବର୍ଗଙ୍କ ମନରେ କିଛି ନୂଆ କରିବା ପାଇଁ ଆଗ୍ରହ ସୃଷ୍ଟି କରୁଛି। କେବଳ ଯୁବବର୍ଗ ନୁହନ୍ତି, ପଛୁଆ ଓ ଆଦିବାସୀ ଅଂଚଳରେ ଯେଉଁ ବ୍ୟକ୍ତିମାନେ ନିଜ ଅଧ୍ୟବସାୟ ବଳରେ ସଫଳତା ହାସଲ କରିଛନ୍ତି ସେମାନଙ୍କ ସଫଳତାକୁ ମୋଦିଜୀ ଏହି କାର୍ଯ୍ୟକ୍ରମ ଜରିଆରେ ଲୋକଲୋଚନକୁ ଆଣିପାରୁଛନ୍ତି ବୋଲି ରାଜ୍ୟ କାର୍ଯ୍ୟାଳୟରେ ମୋଦିଜୀଙ୍କ ୧୩୯ତମ "ମନ୍ କି ବାତ" କାର୍ଯ୍ୟକ୍ରମ ଶୁଣିବା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଏହି କାର୍ଯ୍ୟକ୍ରମ "ସମୃଦ୍ଧ ଓଡ଼ିଶା' ଏବଂ "ବିକଶିତ ଭାରତ' ଗଠନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି। ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ୧୩୭ ତମ "ମନ କି ବାତ" ଅଧ୍ୟାୟକୁ ମନେପକାଇ କହିଛନ୍ତି ଯେ, ଓଡ଼ିଶାର ସମ୍ବଲପୁରସ୍ଥିତ ଡେବ୍ରୀଗଡ଼ ବନ୍ୟପ୍ରାଣୀ ଅଭୟାରଣ୍ୟ ଅଂଚଳର ଜଣେ ଆଦିବାସୀ ମହିଳା ମୈଥିଳୀଙ୍କ ପରିବେଶ ସୁରକ୍ଷା ଓ ଆତ୍ମନିର୍ଭରଶୀଳତାର ଉଦ୍ୟମକୁ ପ୍ରଧାନମନ୍ତ୍ରୀ ମୋଦିଜୀ ସ୍ୱୀକୃତି



ଦେଇଥିଲେ। ଏହା ଯୁବଶକ୍ତି ଏବଂ ଅନ୍ୟସବୁ ବର୍ଗର ଲୋକଙ୍କ ମଧ୍ୟରେ ଆତ୍ମବିଶ୍ୱାସ ବଢ଼ାଇଛି।

ଆଜିର "ମନ୍ କି ବାତ" କାର୍ଯ୍ୟକ୍ରମ ବିଷୟରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି ଯେ, ମୋଦିଜୀଙ୍କ ଆହ୍ୱାନରେ ସ୍ୱଚ୍ଛତା ଆଜି ସାରା ଦେଶରେ ଏକ ବଡ଼ ଆନ୍ଦୋଳନରେ ପରିଣତ ହୋଇଛି ଏବଂ ଯୁବସମାଜ ଏହାକୁ ଆଗେଇ ନେବାରେ ପ୍ରମୁଖ ଭୂମିକା ଗ୍ରହଣ କରୁଛନ୍ତି। ଭୋକାଲ୍ ଫର ଲୋକାଲ୍‌ରେ ସ୍ୱଦେଶୀ ଉତ୍ପାଦକୁ ମୋଦିଜୀ ଗୁରୁତ୍ୱାରୋପ କରିଛନ୍ତି। ସେହିପରି ଏସଏଚ୍‌ଜି ଓ ମହିଳାମାନଙ୍କ ଗୋଷ୍ଠୀଗତ ଉଦ୍ୟମ ଏବଂ ସେଗୁଡ଼ିକର ଉପଯୁକ୍ତ ମାର୍କେଟିଂ ଉପରେ ପ୍ରଧାନମନ୍ତ୍ରୀ କହିଛନ୍ତି। ମହାରାଷ୍ଟ୍ରର ଆଦିବାସୀ ମହିଳାମାନଙ୍କ ଦ୍ୱାରା ପରିଚାଳିତ 'ଶବରୀ ନ୍ୟାଚୁରାଲ୍ସ' ଏବଂ କର୍ଣ୍ଣାଟକର ଉଦାହରଣ ଦେଇ ଉତ୍ପାଦର ଉନ୍ନତ ପ୍ୟାକେଜିଂ କିଭଳି ବଜାର ସୃଷ୍ଟି ଓ ରୋଜଗାର ବୃଦ୍ଧିରେ ସହାୟକ ହୋଇପାରିଛି, ସେବିଷୟରେ ପ୍ରଧାନମନ୍ତ୍ରୀ କହିଛନ୍ତି। ଆଧୁନିକ ଟେକ୍ନୋଲୋଜି ଜରିଆରେ କିପରି ସମସ୍ୟାର ସମାଧାନ କରାଯାଇପାରିବ ସେବିଷୟରେ ମୋଦିଜୀ "ମନ କି ବାତ" କାର୍ଯ୍ୟକ୍ରମରେ ବିଶେଷ ଗୁରୁତ୍ୱ ଦେଇଥିଲେ। ଦୁର୍ଗମ ଅଂଚଳରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ କିପରି ଏହି ଟେକ୍ନୋଲୋଜିର ବ୍ୟବହାର କରାଯାଇପାରିବ ତାହାର ଉଦାହରଣ ଦେବାକୁ ଯାଇ "ଇ-ସଞ୍ଜୀବନୀ" ବିଷୟରେ କହିଥିଲେ। ସୁଦୂର ଆଣ୍ଡାମାନ-ନିକୋବର ଏବଂ ଲକ୍ଷାଦ୍ୱୀପ ଭଳି ଦୁର୍ଗମ ଅଂଚଳରେ 'ଇ-ସଞ୍ଜୀବନୀ' ମାଧ୍ୟମରେ ଲୋକଙ୍କୁ ଡାକ୍ତରୀ ପରାମର୍ଶ ଓ ଔଷଧ ଯୋଗାଇ ସୁସ୍ଥ କରାଯିବା କଥା ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଛନ୍ତି। ଏହା ଦେଶର ଡିଜିଟାଲ୍ ସ୍ୱାସ୍ଥ୍ୟସେବା ବିପ୍ଳବର ଏକ ଉତ୍କୃଷ୍ଟ ଉଦାହରଣ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି।

ପ୍ରଧାନମନ୍ତ୍ରୀ ମୋଦିଜୀ ମିଲେଟ୍‌ର ଗୁରୁତ୍ୱ ଉଲ୍ଲେଖ କରିବା ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଓଡ଼ିଶା ମିଲେଟ୍ ଚାଷ କ୍ଷେତ୍ରରେ ସାରା ଦେଶରେ ଏକ ଅଗ୍ରଣୀ ରାଜ୍ୟ। ରାଜ୍ୟ ସରକାର ଚାଷୀମାନଙ୍କୁ ଏମ୍‌ଏସ୍‌ପି ଏବଂ ଇନ୍‌ପୁଟ୍ ସହାୟତା ପ୍ରଦାନ କରୁଛନ୍ତି। ଆଗାମୀ ନଭେମ୍ବର ୧୦ ତାରିଖରେ ଓଡ଼ିଶା ସରକାର 'ମାଣ୍ଡିଆ ଦିବସ' ପାଳନ କରିବାକୁ ଯାଉଛନ୍ତି। ଦକ୍ଷିଣ ଓଡ଼ିଶାର କୋରାପୁଟଠାରୁ ଆରମ୍ଭ କରି ପଶ୍ଚିମର ସମ୍ବଲପୁର, ବରଗଡ଼, କନ୍ଧମାଳ ଏବଂ ଉତ୍ତର ଓଡ଼ିଶାର ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ ପର୍ଯ୍ୟନ୍ତ ବ୍ୟାପକ ଭାବେ ମାଣ୍ଡିଆ ଚାଷ ହେଉଛି। ଯେଉଁ ଖାଦ୍ୟ ଦିନେ ଗରିବଙ୍କ ଆହାର ଥିଲା, ଆଜି ତାହା ଉନ୍ନତ ପ୍ରକ୍ରିୟାକରଣ (ବିସ୍କୁଟ୍, କୁକିଜ୍ ଇତ୍ୟାଦି) ମାଧ୍ୟମରେ ତାରକା ହୋଟେଲଗୁଡ଼ିକରେ ସ୍ଥାନ ପାଇଛି। ଏହାଦ୍ୱାରା ଆଦିବାସୀ ଓ ପଛୁଆ ବର୍ଗର ଚାଷୀମାନେ ଉପକୃତ ହେବା ସହ ସେମାନଙ୍କ ମଧ୍ୟରେ ଏହି ଚାଷ ପାଇଁ ଆଗ୍ରହ ବୃଦ୍ଧି ପାଇଛି। ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ ଏହି 'ମନ୍ କି ବାତ୍' କାର୍ଯ୍ୟକ୍ରମ ସମାଜ ଓ ଯୁବବର୍ଗଙ୍କୁ ଆଗକୁ ବଢ଼ାଇବା ସହ ନୂତନ ଉଦ୍ଭାବନ ସୃଷ୍ଟି କରିବାରେ ବଡ଼ ଭୂମିକା ଗ୍ରହଣ କରିଛି। ସେଥିପାଇଁ ପ୍ରଧାନମନ୍ତ୍ରୀ ମୋଦିଜୀଙ୍କୁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଧନ୍ୟବାଦ ଜଣାଇଛନ୍ତି। ରାଜ୍ୟ ସଭାପତି ତଥା ରାଜ୍ୟ ସଭା ସାଂସଦ ମନମୋହନ ସାମଲ, ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂ ଦେଓ, ମନ୍ତ୍ରୀ ସୁରେଶ ପୂଜାରୀ ପ୍ରମୁଖ ଉପସ୍ଥିତ ରହି ରାଜ୍ୟ କାର୍ଯ୍ୟାଳୟରେ "ମନ କି ବାତ" କାର୍ଯ୍ୟକ୍ରମ ଶୁଣିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାଂସଦ ଶ୍ରୀମତୀ ଅନିତା ଶୁଭଦର୍ଶିନୀ, ବିଧାୟକ ନବୀନ ଜୈନ୍, ଓମ୍ ପ୍ରକାଶ ମିଶ୍ର, ରାଜ୍ୟ ଉପସଭାପତି ଅଶୋକ ମିଶ୍ର, ରାଜ୍ୟ ସାଧାରଣ ସମ୍ପାଦକ ସାରଦା ଶତପଥୀ, ବିଂଚି ନାରାୟଣ ତ୍ରିପାଠୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜଗନ୍ନାଥ ପ୍ରଧାନ, ରାଜ୍ୟ କୋଷାଧ୍ୟକ୍ଷ ଅଜୟ କୁମାର ଅଗ୍ରୱାଲ, ରାଜ୍ୟ ସ୍ୱଚ୍ଛଭାରତ ସଂଯୋଜକ ମହେଶ୍ୱର ମହାନ୍ତି, ଭୁବନେଶ୍ୱର ଜିଲ୍ଲା ସଭାପତି ନିରଞ୍ଜନ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ହାଇକୋର୍ଟରେ ସ୍ଥାୟୀ ବିଚାରପତି ନିଯୁକ୍ତି

# ରାଷ୍ଟ୍ରପତିଙ୍କୁ ରାଇରଙ୍ଗପୁରରେ ଭେଟିବ ନିଖିଳ ଓଡ଼ିଶା ଆଇନଜୀବୀ ସଂଘ

ଭୁବନେଶ୍ୱର (ସବ୍ୟୁ): ଓଡ଼ିଶା ହାଇକୋର୍ଟରେ ଆସନ୍ତା ମାସ ୧୫ ତାରିଖ ପରେ ବିଚାରପତିଙ୍କ ସଂଖ୍ୟା ୩୩ରୁ ୧୩ରେ ପହଞ୍ଚିବ । ଅନ୍ୟପକ୍ଷରେ



ହାଇକୋର୍ଟର ବିଚାରପତି ମାନଙ୍କ ଉପରେ ମକଦ୍ଦମାର ଭାର ବଢ଼ି ଚାଲିଛି ।ଏଥିପାଇଁ ଉଦବେଗ ପ୍ରକାଶ କରିଛି ନିଖିଳ ଓଡ଼ିଶା ଆଇନଜୀବୀ ସଂଘ। ରାଜ୍ୟର ଆଇନଜୀବୀ ମାନଙ୍କ ଏହି ସର୍ବବୃହତ୍ ଓ ସର୍ବପୁରାତନ ସଂଘର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ହାଇକୋର୍ଟର ବରିଷ୍ଠ ଆଇନଜୀବୀ ବିଭୁପ୍ରସାଦ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ସଂଘର ସାଧାରଣ ସମ୍ପାଦକ ସଞ୍ଜୀବ ମହାନ୍ତିଙ୍କ ପ୍ରସ୍ତାବ କ୍ରମେ ଆସନ୍ତା ନଭେମ୍ବର ୪ ତାରିଖରେ ସଂଘର ଏକ ପ୍ରତିନିଧି ଦଳ ଏହି ମର୍ମରେ ରାଷ୍ଟ୍ରପତିଙ୍କୁ ଭେଟି ହାଇକୋର୍ଟରେ ସ୍ଥାୟୀ ବିଚାରପତି ଅଭାବ ପ୍ରସଙ୍ଗରେ ମହାମହିମଙ୍କ ଦୃଷ୍ଟି ଆକର୍ଷଣ କରିବ ।

ରାଜ୍ୟରେ ଆଇନଜୀବୀ ମାନଙ୍କ କଲ୍ୟାଣ ପାଣ୍ଠି୨୫ କୋଟି ଟଙ୍କାକୁ ବୃଦ୍ଧି, ଆଇନଜୀବୀ ସୁରକ୍ଷା ଆଇନ ପ୍ରଣୟନ, ସ୍ୱାସ୍ଥ୍ୟ ବୀମା ଓ ଆଡଭୋକେଟ୍ ଏକାଡେମୀ ପ୍ରସଙ୍ଗ ସଂପର୍କରେ ସଂଘର ପ୍ରତିନିଧି ଦଳ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ ଓ ଆଇନମନ୍ତ୍ରୀଙ୍କୁ ଭେଟିବା ସଂପର୍କରେ ବୈଠକରେ ନିଷ୍ପତି ଗ୍ରହଣ କରାଯାଇଛି । ଆସନ୍ତା ଡିସେମ୍ବର ୨୯ ଓ ୩୦ ତାରିଖରେ ରାଜ୍ୟର ୫ଟି ବାର ଆସୋସିଏସନ୍ ସେମାନଙ୍କ ସ୍ଥାନରେ ରାଜ୍ୟ ସମ୍ମିଳନୀ ଆୟୋଜନ କରିବା ପାଇଁ ଇଚ୍ଛା ପ୍ରକାଶ କରିଥିବାରୁ ଏ ସଂପର୍କରେ ନିଷ୍ପତି ପାଇଁ ବରଗଡ଼ ବାର୍ ଆସୋସିଏସନ୍ ସଭାପତି ଭୀଷ୍ମଦେବ ସରାଫ ବରିଷ୍ଠ ସଦସ୍ୟ ଜୀବନ କୁମାର ସାହୁ, ସମୀର ନାୟକ, ସମ୍ବଲପୁର ବାର ଆସୋସିଏସନ୍ ସଂପାଦକ ପ୍ରବୀଣ ସିଂହଦେଓ, ସୁନ୍ଦରଗଡ଼ ବାର ସଭାପତି ଅଶୋକ ସ୍ୱାଇଁଙ୍କୁ ବାର ଆସୋସିଏସନ୍ ଗୁଡ଼ିକ ସହିତ ସଂଯୋଜନା ଦାୟିତ୍ୱ ଦିଆଯାଇଛି ।

# ନନ୍ଦନକାନନ : ଜନ୍ମ ଉତ୍ସବ ଆଢୁଆଳରେ ମୃତ୍ୟୁର ଛାୟା

ବାରଙ୍ଗ,(ସବ୍ୟୁ): ଗୋଟିଏ ପଟେ ନୂଆ ଅତିଥିଙ୍କ ଆଗମନକୁ ନେଇ ନନ୍ଦନକାନନ ଖୁସି ମନାଉଥିବା ବେଳେ ଅନ୍ୟପଟେ ମୃତ୍ୟୁ ଖବର ସେହି ଖୁସିକୁ ମଉଳାଇ ଦେଉଛି । ରବିବାର ଦିନ ଗୋଟିଏ ସମ୍ବର ଛୁଆ ଜନ୍ମ ହୋଇଥିବା ସୂଚନା ମିଳିଥିବା ବେଳେ ଗୋଟିଏ କଳା ରାଜହଂସର ମୃତ୍ୟୁ ହୋଇଛି ।ବିଶେଷଜ୍ଞଙ୍କ ମତରେ, କଳା ରାଜହଂସ ଭଳି ବିଦେଶୀ ପ୍ରଜାତିଙ୍କ ପାଇଁ ପାଣିର ମାନ, ତାପମାତ୍ରା ଏବଂ ଖାଦ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ତେବେ ଏହି ମାନଦଣ୍ଡ ପାଳନ ହେଉଛି କି ବୋଲି ବିଭିନ୍ନ ମହଲରୁ ପ୍ରଶ୍ନ କରାଯାଉଛି ।ଗତ କିଛି ଦିନ ମଧ୍ୟରେ ନନ୍ଦନକାନନରେ କୁମ୍ଭୀର ଛୁଆ, ଲଭ ବାର୍ଡ, ଶାଗୁଣା, କଟନ ଟପ ଟାମାରିନ ଓ ରାଟେଲ୍YP ମୃତ୍ୟୁ ପରେ ଏହି ମୃତ୍ୟୁ ଚିକିତ୍ସା ଓ ସୁରକ୍ଷାର ଜନ୍ତୁ ପରିଚାଳନା ବ୍ୟବସ୍ଥାର ସ୍ୱଚ୍ଛତାକୁ ନେଇ ଆଲୋଚନା ଜୋର୍ ଧରିଛି ।ମୃତ ରାଜହଂସର ବ୍ୟବଚ୍ଛେଦ ରିପୋର୍ଟକୁ ଅପେକ୍ଷା କରାଯାଇଛି । ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପକୃତ କାରଣ ଜଣାପଡିବ ବୋଲି ସୂଚନା ମିଳିଛି ।

# ପୁରୀ ପୋଲିସ ପକ୍ଷରୁ ନିଶାମୁକ୍ତି ସଚେତନତା ଅଭିଯାନ ଆରମ୍ଭ

ପୁରୀ, (ସବ୍ୟୁ): ନିଶାଦ୍ରବ୍ୟର କୁପ୍ରଭାବ ସମ୍ପର୍କରେ ଜନସାଧାରଣ, ବିଶେଷକରି ଯୁବପିଢ଼ିଙ୍କୁ ସଚେତନ କରିବା ସହ ଏକ ନିଶାମୁକ୍ତ ସମାଜ ଗଠନ ଲକ୍ଷ୍ୟରେ ପୁରୀ ପୋଲିସ ପକ୍ଷରୁ ଏକ ସ୍ୱତନ୍ତ୍ର ସଚେତନତା ଅଭିଯାନ ଆରମ୍ଭ କରାଯାଇଛି। ଏହି ଅଭିଯାନର ସଫଳ ରୂପାୟନ ପାଇଁ ପୁରୀ ପୋଲିସ ପକ୍ଷରୁ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଛି। ଅଭିଯାନର ଅଂଶସ୍ୱରୂପ ପୁରୀ ସହରର ବିଭିନ୍ନ ପ୍ରମୁଖ ସ୍ଥାନ ଓ ନିଶାଦ୍ରବ୍ୟ ପ୍ରବଣ ଅଞ୍ଚଳରେ ସଚେତନତାମୂଳକ ପୋଷ୍ଟର ଲଗାଯାଇଛି। ଏଥିସହ ଅଟୋରିକ୍ସା ଓ ସରକାରୀ ବସ୍‌ଗୁଡ଼ିକରେ ମଧ୍ୟ ପୋଷ୍ଟର ଲଗାଇ ଜନସାଧାରଣଙ୍କ ନିକଟରେ ସଚେତନତାର ବାର୍ତ୍ତା ପହଞ୍ଚାଇବାକୁ ପଦକ୍ଷେପ ନିଆଯାଉଛି। ନିଶା ସେବନ ଦ୍ୱାରା ଯୁବସମାଜ ଓ ପରିବାର ଉପରେ ପଡୁଥିବା ନକାରାତ୍ମକ ପ୍ରଭାବ ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଇବା ସହ ନିଶାଦ୍ରବ୍ୟଠାରୁ ଦୂରେଇ ରହିବାକୁ ଏହି ଅଭିଯାନ ମାଧ୍ୟମରେ ଆହ୍ୱାନ ଦିଆଯାଉଛି।




ନିଶାଦ୍ରବ୍ୟର ଅବୈଧ କାରବାର ଓ ଅପବ୍ୟବହାର ରୋକିବା କେବଳ ପୋଲିସର ଦାୟିତ୍ୱ ନୁହେଁ, ଏଥିପାଇଁ ସମାଜର ସମସ୍ତ ବର୍ଗର ସହଯୋଗ ଜରୁରୀ। ତେଣୁ ଏକ ସୁସ୍ଥ, ସୁରକ୍ଷିତ ଓ ନିଶାମୁକ୍ତ ସମାଜ ଗଠନ ଦିଗରେ ସକ୍ରିୟ ସହଯୋଗ କରିବାକୁ ପୁରୀ ପୋଲିସ ପକ୍ଷରୁ ଜନସାଧାରଣଙ୍କୁ ଆହ୍ୱାନ କରାଯାଇଛି। ନିଶାଦ୍ରବ୍ୟ ସମ୍ପର୍କିତ କୌଣସି ସୂଚନା ବା ଅଭିଯୋଗ ଥିଲେ ୭୩୭୦୪୮୮୫୫୩ ନମ୍ବରରେ ଯୋଗାଯୋଗ କରିବାକୁ ପୁରୀ ପୋଲିସ ପକ୍ଷରୁ ଅନୁରୋଧ କରାଯାଇଛି।

# ଜୁଆ ଆଡ୍ଡାରେ ଚଢ଼ଉ : ୧୩୧ ଜୁଆଡି ଗିରଫ

ବ୍ରହ୍ମପୁର,(ସବ୍ୟୁ): ବ୍ରହ୍ମପୁର ପୁଲିସ ଜିଲ୍ଲାରେ ବେଲଗାମ ଜୁଆ ଆଡ୍ଡା ପରମ୍ପରା ଆଳରେ ପ୍ରତିଟି ଥାନାରେ ପ୍ରତିଦିନ ମାମଲା ସଂଖ୍ୟା ଲମ୍ବୁଛି । ପୁଲିସ ଚଢ଼ଉ କରି ଜୁଆ ଧରୁଛି । ତା'ପରେ ମଧ୍ୟ ଆଇନ କାନୁନ ଭୟ କରୁନାହାନ୍ତି ଜୁଆ ଖେଳାଳି । ରବିବାର ଦିନ ପୁଲିସ ଜିଲ୍ଲା ଅନ୍ତର୍ଗତ ୧୦ଟି ଥାନା ପକ୍ଷରୁ ବିଭିନ୍ନ ସ୍ଥାନରେ ଚାଲିଥିବା ଜୁଆ ଆଡାରେ ଚଢ଼ଉ କରି ମୋଟ ୧୩୧ ଜଣ ଜୁଆ ଖେଳୁଥିବା ଅଭିଯୋଗରେ ଗିରଫ ହୋଇଛନ୍ତି । ଘଟଣାରେ ମୋଟ ୨୫ଟି ମାମଲା ରୁଜୁ ହୋଇଥିବା ବେଳେ ଆଡାରୁ ନଗଦ ୮ ଲକ୍ଷ ୬୭ ହଜାର ୪୪୦ ଟଙ୍କା, ୪୦ଟି ମୋବାଇଲ ଫୋନ, ଗୋଟିଏ କାର ଓ ୨୭ଟି ଗାଡ଼ି ଜବତ କରିଥିବା ପୁଲିସ କହିଛି । ପୁଲିସ ନିକଟରୁ ମିଳିଥିବା ତଥ୍ୟ ଅନୁଯାୟୀ ଗୋଳନ୍ଥରା ଥାନା ପୁଲିସ ଗୋଟିଏ ମାମଲା ରୁଜୁ କରି ୬ ଜଣଙ୍କୁ ଗିରଫ କରିଛି । ସେମାନଙ୍କ ନିକଟରୁ ୨୦ ହଜାର ୯୬୦ ଟଙ୍କା, ବଡ଼ବଜାର ଥାନା ପୁଲିସ ୫ଟି ମାମଲାରେ ୩୧ଜଣଙ୍କୁ ଗିରଫ କରି ୨ ଲକ୍ଷ ୨୯ ହଜାର ୧୬୦ ଟଙ୍କା, ଦିଗପହଣ୍ଡି ଥାନା ଗୋଟିଏ ମାମଲାରେ ୪ଜଣଙ୍କୁ ଗିରଫ କରି ସେମାନଙ୍କ ନିକଟରୁ ୨୦ ହଜାର ୧୦୦ ଟଙ୍କା, କେ. ନୂଆଗାଁ ଥାନା ପୁଲିସ ଦୁଇଟି ମାମଲାରେ ୧୪ ଜଣଙ୍କୁ ଗିରଫ କରି ୧୪ ହଜାର ୦୯୦ ଟଙ୍କା, ନିମଖଣ୍ଡି ଥାନା ଗୋଟିଏ ମାମଲାରେ ୫ ଜଣଙ୍କୁ ଗିରଫ କରି ୧ ଲକ୍ଷ ୨୦୦ ଟଙ୍କା, ଟାଉନ ଥାନା ତିନୋଟି ମାମଲାରେ ୧୩ ଜଣଙ୍କୁ ଗିରଫ ସହ ୨ ଲକ୍ଷ ୫୨ ହଜାର ୧୦ ହଜାର ୩୫୦ ଟଙ୍କା, ସଦର ଥାନା ଦୁଇଟି ମାମଲାରେ ୮ ଜଣଙ୍କୁ ଗିରଫ ସହ ୪୭ ହଜାର ୯୯୦ ଟଙ୍କା ଓ ଜରଡା ଥାନା ଛଅଟି ମାମଲାରେ ୩୦ ଜଣଙ୍କୁ ଗିରଫ ସହ ୪୨ ହଜାର ୫୨୦ ଟଙ୍କା ଜବତ, ଗୋପାଳପୁର ଥାନା ତିନୋଟି ମାମଲାରେ ୧୫ଜଣଙ୍କୁ ଗିରଫ ସହ ୧ ଲକ୍ଷ ୩୩ ହଜାର୨୧୦ ଟଙ୍କା ଓ ଗୋସଣିନୂଆଗାଁ ଥାନା ଗୋଟିଏ ମାମଲାରେ ୫ଜଣଙ୍କୁ ଜୁଆ ଖେଳୁଥିବା ପାଲିସହ ତାଙ୍କ ନିକଟରୁ ୬୮ ୬୦ ଟଙ୍କା ଜବତ କରିଥିବା ପୁଲିସ କହିଛି ।

# ବିଭିନ୍ନ ସ୍ଥାନରେ ଗଜଲକ୍ଷ୍ମୀ ପୂଜା



ବୁଗୁଡ଼ା ,(ସବ୍ୟୁ): ବୁଗୁଡ଼ା ଅଞ୍ଚଳର ବିଭିନ୍ନ ସ୍ଥାନରେ କୁମାର ପୂର୍ଣ୍ଣମୀ ଅବସରରେ ଗଜଲକ୍ଷ୍ମୀ ପୂଜା ଅନୁଷ୍ଠିତ ହୋଇଯାଇଛି । ବୁଗୁଡାସହରର ହାଇସ୍କୁଲ ଛକ ଓ ବ୍ଲକ କଲୋନୀସମେତ ଜଗତ ପାଟଣା, ଗୋଳିଆ, ଚଢିଆପଲ୍ଲୀ ଆଦି ବିଭିନ୍ନ ଗ୍ରାମରେ ଗଜଲକ୍ଷ୍ମୀଙ୍କ ପୂଜା ପାରମ୍ପରିକ ରୀତିନୀତିରେ ଅନୁଷ୍ଠିତ ହୋଇଯାଇଛି । ପୁରୋହିତମାନଙ୍କ ଦ୍ୱାରା ବିଭିନ୍ନ ପୂଜାମଣ୍ଡପରେ ବିରାଜିତ ଗଜଲକ୍ଷ୍ମୀଙ୍କର ହୋମ ଯଜ୍ଞ ସହ ପୂଜା ମନ୍ତ୍ର ପାଠ ଆଦି କାର୍ଯ୍ୟକ୍ରମ ହୋଇଥିଲା ।

ସ୍ଥାନୀୟ ବ୍ଲକ କଲୋନୀ ପୂଜା ମଣ୍ଡପରେ ଦେବୀ ଗଜଲକ୍ଷ୍ମୀଙ୍କ ପୂଜା କାର୍ଯ୍ୟ ପୁରୋହିତ ଚିତ୍ତ ରଞ୍ଜନ ଦାଶ , ଶକ୍ତି ପ୍ରସାଦ ହୋତା ଓ ଦିଲ୍ଲୀପ କୁମାର ଦାଶଙ୍କ ଦ୍ୱାରା ସମ୍ପାଦିତ ହୋଇଥିଲା ବେଳେ କର୍ତ୍ତା ଭାବେ ନିଳାଞ୍ଚଳ ପଣ୍ଡା ଦାୟିତ୍ୱ ନିର୍ବାହ କରିଥିଲେ ।

ସେହିପରି ହାଇସ୍କୁଲ ଛକ ପୂଜା ମଣ୍ଡପରେ ମା ଗଜଲକ୍ଷ୍ମୀଙ୍କ ପୂଜାକାର୍ଯ୍ୟରେ ପୁରୋହିତ ଭାବେ ଦଣ୍ଡପାଣି ଦାଶ ଓ ମନୋଜ କୁମାର ଦାଶ ଏବଂ କର୍ତ୍ତା ଭାବେ ମନୋଜ ସାହୁ ଯୋଗ ଦେଇଥିଲେ । ଦେବୀ ଗଜଲକ୍ଷ୍ମୀଙ୍କ ଦର୍ଶନାର୍ଥେ ବିଭିନ୍ନ ପୂଜା ମଣ୍ଡପରେ ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା ।

# ପୁଅକୁ ଡାକ୍ତର କରିବାକୁ ଭତ୍ତା କାର୍ଡ ବନ୍ଧା ରଖିଲେ ଦିବ୍ୟାଙ୍ଗ ଦମ୍ପତି

ଫୁଲବାଣୀ, (ସବ୍ୟୁ):ଘରର ସମସ୍ତଙ୍କଠାରୁ ସାନ ପୁଅ ଚଳିତ ବର୍ଷ ଏନଇଇଟି ପରୀକ୍ଷାରେ କୃତକାର୍ଯ୍ୟ ହୋଇଛନ୍ତି । ମାତ୍ର ନାମ ଲେଖାଇବା ପାଇଁ ମା' ବାପାଙ୍କ ପାଖରେ ଅର୍ଥ ନାହିଁ । ଉଭୟେ ପୁଣି ଦିବ୍ୟାଙ୍ଗ । ଏଭଳି ସ୍ଥଳେ ନିଜ ଭଉଣୀ ଭାଇ ମଧ୍ୟ ସହାୟତା କରିବାକୁ ପଛଘୁଞ୍ଚା ଦେଲେ । ବିଚରା ଦିବ୍ୟାଙ୍ଗ ଦମ୍ପତି ଶେଷରେ ସେମାନଙ୍କ ବାର୍ଦ୍ଧକ୍ୟ ଭତ୍ତା କାର୍ଡକୁ ପୁଅକୁ ଡାକ୍ତର କରିବାକୁ ଯାଇ ବନ୍ଧା ପକାଇଥିଲେ । ୨୨ ହଜାର ଟଙ୍କା ନେଇ ପୁଅ ଯାଜପୁରସ୍ଥିତ ମହାରାଜା ଯଯାତି କେଶରୀ ସରକାରୀ ମେଡିକାଲ କଲେଜରେ ନାମ ଲେଖାଇଛନ୍ତି । ଏଭଳି ଏକ ଘଟଣା କନ୍ଧମାଳ ଜିଲା ଦାରିଙ୍ଗବାଡି ବ୍ଲକ ଧୁସାରୀ ଗାଁରେ ଦେଖିବାକୁ ମିଳିଛି ।

ଗ୍ରାମର କେପାଙ୍ଗା ସୁନାମାଝୀ, ସ୍ତ୍ରୀ ନାଗାଟାଲୁ ୪ ପୁଅ ଓ ୪ ଝିଅଙ୍କୁ ନେଇ ତାଙ୍କ ପରିବାର । ସାନପୁଅ ସୁଶାନ୍ତ ସୁନାମାଝୀ ଚଳିତବର୍ଷ ଏନଇଇଟି ପରୀକ୍ଷାରେ ସେ କୃତକାର୍ଯ୍ୟ ହୋଇଛନ୍ତି । ହେଲେ ଡାକ୍ତରୀ ପାଠ୍ୟକ୍ରମରେ ନାମ ଲେଖାଇବାକୁ ପରିବାର ଲୋକଙ୍କ ପାଖରେ ଅର୍ଥ ନାହିଁ । ପୁଅର ଭବିଷ୍ୟତ ଏବଂ ଡାକ୍ତର ହେବାର ସ୍ୱପ୍ନରେ ମା' ବାପା ଭତ୍ତାକାର୍ଡକୁ ବନ୍ଧା ପକାଇବାକୁ ନିଷ୍ପତ୍ତି ନେଇ ଗ୍ରାମରେ ଥିବା ଏକ ଏସଏଚଜିରେ ଗୋଟିଏ କାର୍ଡ ଏବଂ ଜଣେ ଦୋକାନୀଙ୍କ ପାଖରେ ଆଉ ଗୋଟିଏ କାର୍ଡ ବନ୍ଧକ ରଖି ୨୨ ହଜାର ଟଙ୍କା ଏବଂ ଏକ ଜମିକୁ ଆଉ ଜଣଙ୍କ ପାଖରେ ବନ୍ଧକ ରଖି କିଛି ଟଙ୍କା ଆଣିବା ପରେ ସୁଶାନ୍ତଙ୍କ ଯାଜପୁରସ୍ଥିତ ମେଡିକାଲ କଲେଜରେ ନାମ ଲେଖା ହୋଇଛି ।

# ତାଲା ଭାଙ୍ଗି ଲୁଟି ନେଲେ ୨୦ ଭରି ଅଳଙ୍କାର ସହ ସ୍କୁଟି

ଦିଗପହଣ୍ଡି,(ସବ୍ୟୁ):: ଗଞ୍ଜାମ ଜିଲା ଦିଗପହଣ୍ଡି ଏନଏସି ୧ ନଂ ଓ୍ୱାର୍ଡ ପୁଞ୍ଜିକୟାଁ ଛକ ବିଷଧର ନଗରରେ ରହୁଥିବା ପ୍ରଧାନଶିକ୍ଷକ ପଦ୍ମନ ଶବରଙ୍କ ଘର ଗ୍ରୀଲ ଓ କବାଟ ତାଲା ଭାଙ୍ଗି କିଛି ଦୁର୍ବୃତ୍ତ ଆଲମିରା ଚାବି ତାଡ଼ି ସେଥିରେ ଥିବା ପ୍ରାୟ ୨୦ ଭରି ସୁନା ଅଳଙ୍କାର, ସିସିଟିଭି ମନିଟର ଏବଂ ସ୍କୁଟି ଚୋରି କରି ନେଇଥିବା ଜଣାପଡିଛି । ସ୍କୁଲ ପୂଜାଛୁଟି ଥିବାରୁ ପଦ୍ମନ ଘରେ ତାଲା ପକାଇ ପୈତୃକ ଗାଁକୁ ଯାଇଥିଲେ । ଗତ ଶୁକ୍ରବାର ରାତିରେ ପୁଞ୍ଜିକୟାଁ ଛକ ଦୁର୍ଗାପୂଜା ଅବସରରେ ମେଳୋଡ଼ି ଚାଲିଥିଲା ।

ବିଳମ୍ବିତ ରାତି ଯାଏ ପୁଞ୍ଜିକୟାଁ ଛକରେ ଜନଗହଳି ଥିଲେ ସୁଦ୍ଧା ଦୁର୍ବୃତ୍ତମାନେ ଏହାକୁ ଖାତିର ନ କରି ତାଙ୍କ ଘର ତାଲା ଭାଙ୍ଗି ଚୋରି କରିଥିବା ଜଣାପଡ଼ିଛି । ଖବରପାଇ ପଦ୍ମନ ଗାଁରୁ ଫେରି ଶନିବାର ଏନେଇ ଦିଗପହଣ୍ଡି ଥାନାରେ ଏତଲା ଦେଇଛନ୍ତି । ଏତଲାକୁ ଭିତ୍ତିକରି ଆଇଆଇସି କିଶୋର କୁମାର ସାମଲ ମାମଲା ନଂ.୪୪୯/୨୬ ଅନୁଯାୟୀ ମୋକଦ୍ଦମା ରୁଜୁ କରିଛନ୍ତି । ତଦନ୍ତକାରୀ ଅଧିକାରୀ ଅତିରିକ୍ତ ଆଇଆଇସି କୃଷ୍ଣମୟୀ ବରାଳ ଶନିବାର ପ୍ରାଥମିକ ତଦନ୍ତ କରିଥିଲେ । ରବିବାର ମଧ୍ୟାହ୍ନରେ ସାଇଣ୍ଟିଫିକ ଟିମ ଓ ସନ୍ଧାନୀ କୁକୁର ସହାୟତାରେ ତଦନ୍ତ କରାଯାଇଥିଲେ ମଧ ପୋଲିସକୁ କୌଣସି ସୁରାକ ମିଳିପାରିନାହିଁ । ସେହିପରି ଗତ ଅଗଷ୍ଟ ୯ ତାରିଖ ସନ୍ଧ୍ୟାରେ ଦିଗପହଣ୍ଡି ଏନଏସି ୧ ନଂ ଓ୍ୱାର୍ଡ ରାଜପୁର ରୋଡ୍ରେ ରହୁଥିବା ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଭାସ୍କର ସାହୁଙ୍କ ଘର ସମ୍ମୁଖ କବାଟ ତାଲା ଭାଙ୍ଗି ଦୁର୍ବୃତ୍ତମାନେ ସମାନ ଢଙ୍ଗରେ ଘର ଭିତରେ ଥିବା ୨ଟି ଗଡ଼ରେଜ ଆଲମିରା ଚାବି ଭାଙ୍ଗି ଲକର୍ ତାଡ଼ି ଦେଇ ସେଥିରେ ଥିବା ପ୍ରାୟ ୩୦ ଭରି ଓଜନର ସୁନା ଅଳଙ୍କାର, ୫୦ ଭରି ଓଜନର ରୁପା ଅଳଙ୍କାର, ନଗଦ ୮ ଲକ୍ଷ ଟଙ୍କା ଓ ୨ଟି ଏଟିଏମ କାର୍ଡ ଲୁଟି ନେଇଥିଲେ । ଏହି ଚୋରି ଘଟଣାରେ ପୋଲିସ କାହାରିକୁ ଗିରଫ କରିପାରି ନ ଥିବା ଜଣାପଡ଼ିଛି ।

# ଗୋପବନ୍ଧୁ ଭବନରେ ମାସିକ ସନ୍ଥ ଦିବସ ପାଳିତ



ବାରିପଦା, (ସବ୍ୟୁ) : ସଦ୍‌ଭାବନା ସମିତି ଆନୁକୂଲ୍ୟରେ ୫୬୮ତମ ମାସିକ ସନ୍ଥ ଦିବସ ସ୍ଥାନୀୟ ଗୋପବନ୍ଧୁ ଭବନଠାରେ ପାଳିତ ହୋଇଯାଇଛି । ଏହି ଅବସରରେ ବୁଦ୍ଧ ଜୟନ୍ତୀକୁ ବାର୍ଷିକ ସନ୍ଥ ଦିବସ ଭାବେ ପାଳନ କରିବାକୁ ସମିତି ପକ୍ଷରୁ ରାଷ୍ଟ୍ରପତିଙ୍କ ନିକଟରେ ଦାବି କରାଯାଇଥିଲା । ସମିତିର କୋଷାଧ୍ୟକ୍ଷ ସନ୍ଦୀପ କୁମାର ଚାନ୍ଦଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ମହର୍ଷି ବାଲ୍ମୀକି, ମହାତ୍ମା ଗାନ୍ଧୀ ଓ ଉତ୍କଳମଣି ଗୋପବନ୍ଧୁଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା ।

ସମିତି ପକ୍ଷରୁ ସ୍ଥାପିତ ଓଁକାର ପ୍ରତୀକ ନିକଟରେ ଗୀତା, ବାଇବେଲ ଓ କୋରାନ ପୂଜନ ସହ "ପାପପୁଣ୍ୟର ହିସାବ ଖାତା ନିଜ ପାଖରେ' ବିଷୟରେ ଆଲୋଚନା ହୋଇଥିଲା । ସମିତିର ପ୍ରତିଷ୍ଠାତା ଧର୍ମରତ୍ନ ପୂର୍ଣ୍ଣଚନ୍ଦ୍ର ବୁଗୁଡେଇ ନିଜ ବକ୍ତବ୍ୟରେ ମାନବ ସେବା ଓ ଦାନର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ । ବେରୋଜଗାର ଓ ଅସହାୟଙ୍କୁ ଖାଦ୍ୟ ଓ ବସ୍ତ୍ର ଯୋଗାଇବା ମାନବୀୟ କର୍ତ୍ତବ୍ୟ ବୋଲି ସେ କହିଥିଲେ । "ଯେ କର୍ମ ଘେନି ଧନଯ, ସେ ଧନୀ' ଉକ୍ତି ମାଧ୍ୟମରେ ସେବା ଓ କର୍ମର ମହତ୍ତ୍ୱକୁ ଉପସ୍ଥାପନ କରାଯାଇଥିଲା । କାର୍ଯ୍ୟକ୍ରମରେ ପ୍ରଫେସର ବିଚିତ୍ରାନନ୍ଦ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ବରିଷ୍ଠ ସାମ୍ବାଦିକ ଡଃ ବିଜୟ କୁମାର ଅଗ୍ରଓ୍ୱାଲା, ନନ୍ଦ କୁମାର ମହାପାତ୍ର, ଡଃ ଶଶୀଧର ବିଶ୍ୱାଳ, ପ୍ରାଧ୍ୟାପକ ସୁନୀଲ କୁମାର ଜେନା, ରାଜେନ୍ଦ୍ର କୁମାର ସାମଲ, କୈବଲ୍ୟପ୍ରସାଦ ମହାପାତ୍ର ଓ ଏସ୍.କେ. ନିଜାମ ସମ୍ମାନିତ ଅତିଥି ଭାବେ ଯୋଗଦେଇ ମତବ୍ୟକ୍ତ କରିଥିଲେ । ସମ୍ପାଦକ ମାନସ ରଞ୍ଜନ ମହାପାତ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ ସତ୍ୟାନନ୍ଦ ସେଜପଡ଼ା ଧନ୍ୟବାଦ ଅର୍ପଣ କରିଥିଲେ ।

# ବାଇକ୍ ଦୁର୍ଘଟଣାରେ ଯୁବକ ଗୁରୁତର

ବୁଗୁଡା, (ସବ୍ୟୁ): ବୁଗୁଡ଼ା ନିକଟସ୍ଥ ବଡଦିଆପଲ୍ଲୀ ଓ ତୁଙ୍କାପଡା ଉଭୟ ଗାଁକୁ ସଂଯୋଗ କରୁଥିବା ରାସ୍ତାରେ ବାଇକ ଦୁର୍ଘଟଣାରେ ଜଣେ ଗୁରୁତର ହୋଇ ବ୍ରହ୍ମପୁରକୁ ସ୍ଥାନାନ୍ତର ହୋଇଥିବା ଜଣାଯାଇଛି । ଗୁରୁତର ଯୁବକ ଜଣକ ହେଲେ ପୋଲସରା ଥାନା ଅନ୍ତର୍ଗତ ରୁମାଗଡ ଗାଁର ଅମର କୁମାର ନାୟକ(୪୦) । ଅମର ଓ ତାଙ୍କର ସାଥୀ କୁମର ନାଇକ(୨୮) କୌଣସି କାମରେ ତୁଙ୍କାପଡା ଯାଇ ସେଠାରୁ ବାଇକରେ ଫେରୁଥିବା ବେଳେ ବଡଦିଆପଲ୍ଲୀ ଗାଁ ପୂର୍ବରୁ ଏକ ବୁଲାଣି ରାସ୍ତାରେ ଅନ୍ୟ ଏକ ବାଇକ ସହ ଧକ୍କା ହେବା ଫଳରେ ଦୁହେଁ ଆହତ ହୋଇଥିଲେ । ଘଟଣା ସ୍ଥଳରୁ ଉଭୟଙ୍କୁ ଉଦ୍ଧାର କରି ବୁଗୁଡା ମେଡିକାଲକୁ ଅଣାଯାଇଥିଲା । ଦୁର୍ଘଟଣାରେ ଅମରଙ୍କ ଡାହାଣ ଗୋଡ ଭାଙ୍ଗି ଯାଇଥିବା ବେଳେ ତାଙ୍କର ସାଥିର ଡାହାଣ ଗୋଡରେ ଆଘାତ ଲାଗିଥିଲା । ମେଡିକାଲରେ ଦୁହିଁଙ୍କ ପ୍ରାଥମିକ ଚିକିତ୍ସା ପରେ ଅମରଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ବ୍ରହ୍ମପୁରକୁ ସ୍ଥାନାନ୍ତର କରାଯାଇଥିଲା ।

# ମୁଣ୍ଡାରୀବାନୀ ପରୀକ୍ଷା ଫଳ ପ୍ରକାଶିତ

## ୧୧୩୦ ପରୀକ୍ଷାର୍ଥୀ ଉତ୍ତୀର୍ଣ୍ଣ



ବାରିପଦା, (ସବ୍ୟୁ) : ଭାରତ ମୁଣ୍ଡା ସମାଜ ଦ୍ୱାରା ପରିଚାଳିତ କେନ୍ଦ୍ରୀୟ ମୁଣ୍ଡାରୀ ମାଧ୍ୟମିକ ଶିକ୍ଷା ପରିଷଦ (ସେଣ୍ଟ୍ରାଲ ବୋର୍ଡ ଅଫ୍ ମୁଣ୍ଡାରୀ ସେକେଣ୍ଡାରୀ ଏଜୁକେସନ) ଆନୁକୂଲ୍ୟରେ ଅନୁଷ୍ଠିତ ୨୦୨୫ ମସିହାର ମୁଣ୍ଡାରୀବାନୀ ପରୀକ୍ଷା ଫଳ ରବିବାର ପ୍ରକାଶିତ ହୋଇଛି । ଏହି ପରୀକ୍ଷାରେ ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ମୋଟ ୧୧୩୦ ଜଣ ପରୀକ୍ଷାର୍ଥୀ ଉତ୍ତୀର୍ଣ୍ଣ ହୋଇଛନ୍ତି ।

ଏହି ପରୀକ୍ଷାରେ ଓଡ଼ିଶା, ପଶ୍ଚିମବଙ୍ଗ ଓ ଝାଡ଼ଖଣ୍ଡ ରାଜ୍ୟର ପରୀକ୍ଷାର୍ଥୀମାନେ ଅଂଶଗ୍ରହଣ କରିଥିଲେ । ଭାରତ ମୁଣ୍ଡା ସମାଜର ପଦାଧିକାରୀମାନଙ୍କ ନେତୃତ୍ୱରେ ବିଭିନ୍ନ ଅ*ଳର ମୁଣ୍ଡାରୀବାନୀ ଶିକ୍ଷକମାନଙ୍କ ସହଯୋଗରେ ଗତ ଜୁନ୍ ୭ ତାରିଖରେ ଏହି ପରୀକ୍ଷା ଶାନ୍ତିଶୃଙ୍ଖଳାର ସହ ଅନୁଷ୍ଠିତ ହୋଇଥିଲା ।

କେନ୍ଦ୍ରୀୟ ମୁଣ୍ଡାରୀ ମାଧ୍ୟମିକ ଶିକ୍ଷା ପରିଷଦର ଅଧ୍ୟକ୍ଷ ରବିନ୍ଦ୍ରନାଥ ସିଂହ, ପରୀକ୍ଷା ନିୟନ୍ତ୍ରକ ଗୋବର୍ଦ୍ଧନ ସିଂହ, ଭାରତ ମୁଣ୍ଡା ସମାଜର କେନ୍ଦ୍ରୀୟ ସାଧାରଣ ସମ୍ପାଦକ ନାଥ ସିଂହ, କୋଷାଧ୍ୟକ୍ଷ ବାଇଧର ସିଂହ, ଉପସଭାପତି ସୁନାରାମ ସିଂହ, ଶିକ୍ଷା ସମ୍ପାଦକ ବିଜୟ କୁମାର ସିଂହ, ସମ୍ପାଦକ ବସନ୍ତ କୁମାର ସିଂହ, ସମ୍ପାଦକ ରଘୁନାଥ ସିଂହ ଏବଂ ମୁଣ୍ଡାରୀବାନୀ ଶିକ୍ଷକ ସୁକଦେବ ସିଂହ ଓ ଲଳିତ କୁମାର ସିଂହଙ୍କ ଉପସ୍ଥିତିରେ ପରୀକ୍ଷା ଫଳ ପ୍ରକାଶ କରାଯାଇଥିଲା । ଏହି ଅବସରରେ ଭାରତ ମୁଣ୍ଡା ସମାଜର ରାଜ୍ୟ ଯୁବ ସଭାପତି ସବରନ ସିଂହ ମଧ୍ୟ ଉପସ୍ଥିତ ଥିଲେ ।

# ସାଢ଼େ ୪ ବର୍ଷର ଶିଶୁକନ୍ୟା ନିଖୋଜ

## ୩ ପୁଲିସ ଟିମ୍‌ର ତନାଘନା

ବାରିପଦା, (ସବ୍ୟୁ) : ଘର ବାରଣ୍ଡାରେ ଖେଳୁଥିବା ସାଢ଼େ ୪ ବର୍ଷର ଶିଶୁକନ୍ୟା ନିଖୋଜ ହେବା ଘଟଣା ବାରିପଦା ସହରରେ ଚାଞ୍ଚଲ୍ୟ ସୃଷ୍ଟି କରିଛି । ଭଞ୍ଜପୁର ରେଳ ଷ୍ଟେସନ ନିକଟ ଜମୁନାଦେଇପୁର ଅଞ୍ଚଳରୁ ନିଖୋଜ ଶିଶୁଟିକୁ ଖୋଜିବା ପାଇଁ ପୁଲିସର ୩ଟି ଟିମ୍ ନିୟୋଜିତ ହୋଇଛନ୍ତି । ଅନ୍ୟପକ୍ଷରେ, ଜଣେ ବ୍ୟକ୍ତି ଏକ ଛୋଟ ଝିଅକୁ ନେଇ ଯାଉଥିବା ସମ୍ପର୍କରେ ମିଳିଥିବା ସୂଚନାକୁ ଆଧାର କରି ପୁଲିସ ତଦନ୍ତ ଚଳାଇଛି । ସୂଚନା ଅନୁଯାୟୀ, ଶିଶୁକନ୍ୟାର ମାଆ ଚାନ୍ଦମଣି ସୋରେନ ଜମୁନାଦେଇପୁର ଓ୍ୱାର୍ଡ ନମ୍ବର ୧୮ରେ ଏକ ଭଡ଼ାଘରେ ରହୁଛନ୍ତି । ରବିବାର ପୂର୍ବାହ୍ନ ପ୍ରାୟ ୧୧ଟାରେ ତାଙ୍କ ଝିଅ ମାହି ମହିରା ସୋରେନ ଓରଫ୍ ସିହି ଘର ବାରଣ୍ଡାରେ ଖେଳୁଥିଲା ।

ମାଆ ରୋଷେଇ କରିବାକୁ ଘର ଭିତରକୁ ଯାଇଥିବା ବେଳେ ଫେରି ଆସି ଝିଅକୁ ପାଇନଥିଲେ । ଘଟଣାସ୍ଥଳରେ ଶିଶୁଟିର ଚପଲ ପଡ଼ିଥିବା ଦେଖି ପରିବାର ଲୋକେ ଆତଙ୍କିତ ହୋଇପଡ଼ିଥିଲେ । ପରିବାର ଲୋକେ ଆଖପାଖ ଅଞ୍ଚଳରେ ବହୁ ଖୋଜାଖୋଜି କରିବା ପରେ ମଧ୍ୟ ଶିଶୁଟିର କୌଣସି ସନ୍ଧାନ ନମିଳିବାରୁ ଭଞ୍ଜପୁର ଥାନାରେ ଅଭିଯୋଗ କରିଥିଲେ । ଏହାପରେ ପୁଲିସ ତଦନ୍ତ ଆରମ୍ଭ କରିଥିଲା । ଏହି ସମୟରେ ଭୁଗୁଡ଼ାକଟା ଅଞ୍ଚଳର ଜଣେ ମହିଳା ଜଣେ ବୟକ୍ତିଙ୍କ ସହ ଏକ ଛୋଟ ଝିଅ କାନ୍ଦି କାନ୍ଦି ଯାଉଥିବା ଦେଖିଥିବା ସୂଚନା ଦେଇଥିଲେ । ତେବେ ସେହି ଶିଶୁଟି ନିଖୋଜ ଝିଅ କି ନୁହେଁ, ତାହା ସ୍ପଷ୍ଟ ହୋଇନାହିଁ ।

ଶିଶୁକନ୍ୟାର ପିତା ସୁନୀଲ କୁମାର ସୋରେନ ସୀମା ସୁରକ୍ଷା ବାହିନୀରେ କାର୍ଯ୍ୟରତ ଥିବା ଜଣାପଡ଼ିଛି । ଘଟଣାକୁ ଗୁରୁତ୍ୱର ସହ ନେଇ ପୁଲିସ ୩ଟି ଟିମ୍ ଗଠନ କରି ଶିଶୁଟିର ସନ୍ଧାନ ଜାରି ରଖିଛି । ଶିଶୁକନ୍ୟାଟିର ନିଖୋଜ ହେବା ପଛରେ ଅପହରଣ ନା ଅନ୍ୟ କୌଣସି କାରଣ ରହିଛି, ତାହା ତଦନ୍ତ ପରେ ସ୍ପଷ୍ଟ ହେବ । ଏବେ ପରିବାର ଲୋକେ ଝିଅର ସୁରକ୍ଷିତ ଫେରିବା ଅପେକ୍ଷାରେ ରହିଛନ୍ତି ।

# ପୋଲିଓମୁକ୍ତ ବିଶ୍ୱ ଗଠନ ସଚେତନତା ରାଲି



ବାରିପଦା, (ସବ୍ୟୁ) : ବିଶ୍ୱ ପୋଲିଓ ଦିବସ ଅବସରରେ ବାରିପଦା ରୋଟାରୀ କ୍ଲବ ଆନୁକୂଲ୍ୟରେ ପୋଲିଓମୁକ୍ତ ବିଶ୍ୱ ଗଠନ ଲକ୍ଷ୍ୟରେ ଏକ ସଚେତନତା କାର ରାଲି ଅନୁଷ୍ଠିତ ହୋଇଯାଇଛି । ବ୍ୟାନର, ପୋଷ୍ଟର ଓ ସ୍ଲୋଗାନ ସହ ୧୫ଟି କାରରେ ରୋଟାରିଆନମାନେ ସହରର ବିଭିନ୍ନ ମୁଖ୍ୟ ରାସ୍ତା ପରିକ୍ରମା କରି ଜନସାଧାରଣଙ୍କୁ ପୋଲିଓ ନିରାକରଣ ସମ୍ପର୍କରେ ସଚେତନ କରିଥିଲେ । ଏକ ବର୍ଷରୁ ପାଞ୍ଚ ବର୍ଷ ବୟସର ଶିଶୁମାନଙ୍କୁ ନିୟମିତ ବ୍ୟବଧାନରେ ପୋଲିଓ ବୁନ୍ଦା ଖୁଆଇବା ସହ ଟିକାକରଣ ପ୍ରତି ଅବହେଳା ନ କରିବାକୁ ରାଲି ମାଧ୍ୟମରେ ବାର୍ତ୍ତା ଦିଆଯାଇଥିଲା । ପୋଲିଓ ନିରାକରଣ ଦିଗରେ ରୋଟାରୀ ଇଣ୍ଟରନ୍ୟାସନାଲ ବିଭିନ୍ନ ଦେଶର ସରକାର ଓ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ସହ ମିଳିତ ଭାବେ ଉଲ୍ଲେଖନୀୟ କାର୍ଯ୍ୟ କରିଆସୁଛି । ଶିଶୁମାନଙ୍କୁ ପୋଲିଓରୁ ସୁରକ୍ଷିତ ରଖିବା ସହ ଏହି ସଂକ୍ରାମକ ରୋଗର ସମ୍ପୂର୍ଣ୍ଣ ନିରାକରଣ ପାଇଁ ଜନସଚେତନତା ଅପରିହାର୍ଯ୍ୟ ବୋଲି ଏହି ଅଭିଯାନରେ ଗୁରୁତ୍ୱାରୋପ କରାଯାଇଥିଲା । କ୍ଲବର ସମ୍ପାଦକ ସନ୍ଦୀପ କୁମାର ଚାନ୍ଦଙ୍କ ସହ ବରିଷ୍ଠ ସଦସ୍ୟ ବିଭୁ ପ୍ରସାଦ ଦାସ, ନିରୋଜ ପଣ୍ଡା, ଅରୁଣ କୁମାର ଦାଶ, ମୋହନ ବର୍ଣ୍ଣଓ୍ୱାଲ, ଗଣେଶ ଦାସ, ଶ୍ୟାମଳ ପଟ୍ଟନାୟକ, ବୀଣାପାଣି ଦାଶ, ଧରିତ୍ରୀ ପ୍ରହରାଜ, କମଳ ଖଣ୍ଡେଲଓ୍ୱାଲ ଓ ମହେନ୍ଦ୍ର ରାବତ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ । ବାରିପଦା ମୟୂର ରୋଟ୍ରାକଫ କ୍ଲବର ପ୍ରତୀକ କୁମାର କର, ପ୍ରଭାସ କୁମାର ଦାସ ଓ ରୂପମ ମହାକୁଡ଼ ପ୍ରମୁଖ ରାଲିର ଆୟୋଜନ ଓ ପରିଚାଳନାରେ ସହଯୋଗ କରିଥିଲେ ।

# କୁଆଁରୀ କନ୍ୟାଙ୍କ ଜହ୍ନିଓଷା ପୂଜା ଉଦ୍‌ଯାପିତ

ବୁଗୁଡ଼ା ,(ସବ୍ୟୁ): ବୁଗୁଡ଼ା ଅଞ୍ଚଳର ଗାଁଗହଳରେ ଏବେ ବି କେବଳ କୁଆଁରୀ କନ୍ୟାଙ୍କ ନିଆରା ଜହ୍ନିଓଷା ପର୍ବିକୁମାର ପୂର୍ଣ୍ଣିମାରେ କ୍ରୀଡା କୌତୁକ ଓ ନୃତ୍ୟ ଗୀତ ସହ ଉଦ୍‌ଯାପିତ ହୋଇଯାଇଛି । ବୁଗୁଡା ସହର ଓ ବିଭିନ୍ନଗାଁରେ ଆଶ୍ୱିନ ମାସରେ କୁମାରୀ ଝିଅମାନେ ଏହି ଓଷାପାଳନ କରିଆସୁଥିଲେ । ବୁଗୁଡା ଏନଏସିର ଯାଦବସାହି, ଖଦାଳ ସାହି ଆଦିର କୁମାରୀମାନେ ଏକତ୍ରିତ ଏହି ବ୍ରତ ପାଳନ କରି ପାର୍ବଣ ପରିବେଶକୁ ଅଧିକ ସରସ କରିଥିଲେ । ଓଷା ପାଳନ ପାଇଁ ଗ୍ରାମବାସୀ ତଥା ସାହି ବାସିନ୍ଦାଙ୍କ ମଧ୍ୟ ସହାୟତା ମିଳୁଥିଲା । ଏ ବର୍ଷ ସ୍କୁଲପିଲାଙ୍କଠାରୁ ମହାବିଦ୍ୟାଳୟରେ ପାଠ ପଢୁଥିବା ଏବଂ ପାଠ ଛାଡିଥିବା ଝିଅମାନେ ଏହି ଓଷା କରିଥିଲେ । ପୂର୍ଣ୍ଣିମା ଦିନ ନିର୍ଜଳ ଉପବାସ ରହି ପୂଜା ଶେଷ ପରେ ଗଜା ଚାଙ୍ଗୁଡ଼ିକୁ ପୋଖରୀରେ ବିସର୍ଜନ କରି ବ୍ରତ ପାଳନ ଶେଷ କରିଥିଲେ । କୁଆଁରୀ ଝିଅମାନେ ଏହି ବ୍ରତ ପାଳନ ଜରିଆରେ ନିଜର ମନ ସ୍କାମନା ପୂର୍ଣ୍ଣ ସହ ପରିବାର ଓ ସମାଜର ମଙ୍ଗଳ କାମନା କରିଥିଲେ ।

## ଫେକ୍ ଆଇଡିରେ ବନ୍ଧୁତା, ବିବାହ ପ୍ରତିଶ୍ରୁତି ଦେଇ ପ୍ରତାରଣା

# ଅନ୍ତରଙ୍ଗ ଫଟୋ ଭାଇରାଲ୍, ହତ୍ୟା ଧମକ : ଯୁବତୀ ଗିରଫ

ପାରଳାଖେମୁଣ୍ଡି, (ସବ୍ୟୁ) : ସୋସିଆଲ ମିଡିଆରେ ନକଲି ପରିଚୟ ଦେଇ ବନ୍ଧୁତା ସ୍ଥାପନ, ବିବାହର ପ୍ରତିଶ୍ରୁତି ଦେଇ ବିଶ୍ୱାସ ଜିଣିବା ଏବଂ ପରେ ଅନ୍ତରଙ୍ଗ ଫଟୋ ଓ ଭିଡିଓ ପ୍ରସାରଣ ସହ ହତ୍ୟା ଧମକ ଦେବା ଅଭିଯୋଗରେ ଜଣେ ଯୁବତୀଙ୍କୁ ପୁଲିସ ଗିରଫ କରିଛି । ଗଜପତି ଜିଲା ରାମଗିରି ଥାନା ଅନ୍ତର୍ଗତ ଲକ୍ଷ୍ମୀପୁର ଗ୍ରାମର ନନ୍ଦିତା ମହାଙ୍କୁଡ଼ (୧୯)ଙ୍କୁ ପାରଳାଖେମୁଣ୍ଡି ସାଇବର୍ ଓ ଆର୍ଥିକ ଅପରାଧ ଥାନା ପୋଲିସ ଗିରଫ କରିଛି ।

ପୁଲିସ ସୂଚନା ଅନୁଯାୟୀ, ଅଭିଯୁକ୍ତ ନନ୍ଦିତା ନିଜକୁ ଜଣେ ଯୁବକ ଭାବେ ପରିଚୟ ଦେଇ ନକଲି ସୋସିଆଲ ମିଡିଆ ଆଇଡି ମାଧ୍ୟମରେ ନିଜ ଗ୍ରାମର ତେଜସ୍ୱିନୀ ନାୟକଙ୍କ ସହ ବନ୍ଧୁତା ସ୍ଥାପନ କରିଥିଲେ । ପରେ ବିବାହ କରିବାର ପ୍ରତିଶ୍ରୁତି ଦେଇ ତାଙ୍କ ବିଶ୍ୱାସ ଜିଣିବା ସହ ଅନ୍ତରଙ୍ଗ ଫଟୋ ଓ ଭିଡିଓ ପଠାଇବାକୁ ପ୍ରବର୍ତ୍ତାଇଥିବା ଅଭିଯୋଗ ହୋଇଛି । ପରବର୍ତ୍ତୀ ସମୟରେ ଉକ୍ତ ଫଟୋ ଓ ଭିଡିଓକୁ ସୋସିଆଲ ମିଡିଆରେ ପ୍ରସାର କରିଦେବାର ଧମକ ଦେବା ସହ ହତ୍ୟା ଧମକ ଦେଇଥିବା ପୀଡ଼ିତା ଅଭିଯୋଗ କରିଥିଲେ । ଗତ ୨ ତାରିଖରେ ଇନ୍‌ଷ୍ଟାଗ୍ରାମ ମାଧ୍ୟମରେ ଉକ୍ତ ଫଟୋ ଓ ଭିଡିଓ ପ୍ରସାରିତ ହୋଇଥିବା ମଧ୍ୟ ଅଭିଯୋଗରେ ଦର୍ଶାଯାଇଛି ।

ଅଭିଯୋଗ ପରେ ପୋଲିସ ତଦନ୍ତ ଆରମ୍ଭ କରି ଲକ୍ଷ୍ମୀପୁର ଗ୍ରାମରେ ଅଭିଯୋଗକାରିଣୀଙ୍କ ଘରକୁ ଯାଇ ତାଙ୍କ ସମେତ ସାକ୍ଷୀମାନଙ୍କ ବୟାନ ରେକର୍ଡ କରିଥିଲା । ଘଟଣା ସହ ସମ୍ପୃକ୍ତ ମୋବାଇଲ ଫୋନ ଓ ସ୍କ୍ରିନସଟ ଜବତ କରାଯାଇଥିଲା । ଏଥିସହ ସନ୍ଦିଗ୍ଧ ଇନ୍‌ଷ୍ଟାଗ୍ରାମ ଆକାଉଣ୍ଟର ପଞ୍ଜୀକରଣ ବିବରଣୀ, ଆଇପି ଠିକଣା ଓ ଅନ୍ୟାନ୍ୟ ବୈଷୟିକ ତଥ୍ୟ ପାଇବା ପାଇଁ ମେଟା ପ୍ଲାଟଫର୍ମସ୍କୁ ନୋଟିସ ପଠାଯାଇଥିଲା । ତଦନ୍ତ ସମୟରେ ଅଭିଯୁକ୍ତଙ୍କ ବିରୋଧରେ ପ୍ରାଥମିକ ପ୍ରମାଣ ମିଳିବା ପରେ ଆଇନଗତ ପ୍ରକ୍ରିୟା ଅନୁଯାୟୀ ତାଙ୍କୁ ଗିରଫ କରାଯାଇଥିଲା ।

# ଗଞ୍ଜାମ ଜିଲ୍ଲା ବିଜୁ ପଟ୍ଟନାୟକ ସିନିଅର ସିଟିଜେନ୍ସ ଫୋରମ ମାସିକ ବୈଠକ




ବ୍ରହ୍ମପୁର, (ସବ୍ୟୁ): ସ୍ଥାନୀୟ ସନ୍ତୋଷୀ ମା କଲ୍ୟା ମଣ୍ଡପ ବିଜିପୁର ଠାରେ ଗଞ୍ଜାମ ଜିଲ୍ଲା ବିଜୁପଟନାୟକ ସିନିଅର ସିଟିଜେନ୍ସ ଫୋରମ ର ମାସିକ ସାଧାରଣ ପରିଷଦ ବୈଠକ ସଭାପତିସୂର୍ଯ୍ୟକାନ୍ତ ପାତ୍ରଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି । ସାଧାରଣ ସମ୍ପାଦକ ସିମାଞ୍ଚଳ ପ୍ରସାଦ ବିଷୋୟୀ ଗତ ମାସ ବୈଠକର ବିବରଣୀ ପାଠ କରିଥିବା ବେଳେ କୋଷାଧ୍ୟକ୍ଷ ଶରତ କୁମାର ପାତ୍ର ଆର୍ଥିକ ବିବରଣୀ ପ୍ରଦାନ କରିଥିଲେ । ଏହି ବୈଠକ ର ଫୋରମ ପକ୍ଷରୁ କରାଯାଇଥିବା ବିଭିନ୍ନ କାର୍ଯ୍ୟକ୍ରମ ଉପରେ ସଭାପତି ସୂର୍ଯ୍ୟକାନ୍ତ ପାତ୍ର ଆଲୋକପାତ କରିଥିଲେ । ଆସନ୍ତା ଡିସେମ୍ବର ୩୦ରେ ଫୋରମର ତ୍ରୟ ବାର୍ଷିକ ସମ୍ମିଳନୀ ଅନୁଷ୍ଠିତ ହେବ । ତେଣୁ ତାହାର ରୂପରେଖ ଉପରେ ଆଲୋଚନା ହୋଇଥିଲା ଏବଂ ଆୟୋଜନ ଉପରେ ଆଲୋଚନା କରାଯାଇ ସମସ୍ତଙ୍କର ସହଯୋଗ କାମନା କରାଯାଇ ବିଭିନ୍ନ କମିଟି ରେ କାର୍ଯ୍ୟକର୍ତ୍ତା ମାନଙ୍କ ଦାୟିତ୍ୱ ପ୍ରଦାନ କରାଯାଇଥିଲା ।

ଗତ ଜୁନ ୧୯ତାରିଖ ରେ ଫୋରମ ପକ୍ଷରୁ ଡି. ଆର. ଏମ. ରେଳ, ଖୋର୍ଦ୍ଧା ରୋଡ ଡିଭିଜନଙ୍କୁ ବ୍ରହ୍ମପୁର ଠାରୁ ପୁରୀକୁ ସକାଳୁ ଯାଇ ସନ୍ଧ୍ୟାରେ ଫେରିବା, ବ୍ରହ୍ମପୁର ଷ୍ଟେସନର ବିଭିନ୍ନ ସମସ୍ୟା ଓ ଉନ୍ନତି କରଣ ଉପରେ ଏକ ସ୍ମାରକ ପତ୍ର ପ୍ରେରଣ କରାଯାଇ ଥିଲା । କିନ୍ତୁ ଆଜି ପର୍ଯ୍ୟନ୍ତ କିଛି ବି ତାର ଉତ୍ତର ପ୍ରାପ୍ତ ହେଲା ନାହିଁ । ତେଣୁ ଏହି ବୈଠକ ରେ ବ୍ରହ୍ମପୁର ଷ୍ଟେସନ ସମ୍ମୁଖ ରେ ବିକ୍ଷୋଭ ପ୍ରଦର୍ଶନ ସହ ଧାରଣା ଦେବା ନିମନ୍ତେ ସର୍ବସମ୍ମତି କ୍ରମେ ନିଷ୍ପତ୍ତି କରାଗଲା ।

ଗତ ମାସରେ ନୂତନ ଭାବେ ଯୋଗଦାନ କରିଥିବା ବରିଷ୍ଠ ନାଗରିକ ମାନଙ୍କୁ ଫୋରମ ର ପରିଚୟ ପତ୍ର ସଭାପତି ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ । ବରିଷ୍ଠ ସଦସ୍ୟ ଆଡ଼ଭୋ କେଟ l ସୌମିକ ସାହୁଙ୍କ ୭୭ତମ ଜନ୍ମଦିନ ପାଳନ କରାଯାଇ ଅଭିନନ୍ଦନ ଓ ଶୁଭେଚ୍ଛା ପ୍ରଦାନ କରାଯାଇଥିଲା । ସଭାରେ ସର୍ବଶ୍ରୀ ଡାକ୍ତର ପ୍ରଶାନ୍ତ କୁମାର ସାହୁ ଏବଂ ଶ୍ରୀ ଭି. ରବି କୁମାର ୨ ଜଣ ନୂତନ ସଦସ୍ୟ ଭାବେ ଯୋଗ ଦାନ କରିଥିଲେ ଏବଂ ତାଙ୍କୁ ସ୍ୱାଗତ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦକ ଭୀଷ୍ମାଚାର୍ଯ୍ୟ ଚୌଧୁରୀ, ମନମୋହନ ପରିଛା, ପ୍ରଶାନ୍ତ କୁମାର ମହାପାତ୍ର, ସମୀକ୍ଷକ ସୁରେନ୍ଦ୍ର ମହାପାତ୍ର, କାର୍ଯ୍ୟକାରିଣୀ ସଦସ୍ୟ ଦେବରାଜ କୋଠିଆ, ଏଚ. ଥୋମାସ ଡେଭିଡ, କୃଷଚେବ ମହାରଣା ଭାସ୍କର ବେହେରା, ଡି. ଆ୍ଥ ରାଓ, ନୀଳମାଧ ପାତ୍ର, ପ୍ରମୁଖ ବହୁ ସଦସ୍ୟ ଆଲୋଚନା ରେ ଅଂଶ ଗ୍ରହଣ କରିଥିଲେ । ଶେଷରେ କାର୍ଯ୍ୟକାରୀ ସଭାପତି ଡାକ୍ତର ଇନ୍ଦୁ ଭୂଷଣ ପଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

## କଳାହାଣ୍ଡି ଜିଲ୍ଲା ସାମ୍ବାଦିକ ୟୁନିଅନର ନୂତନ କର୍ମକର୍ତ୍ତା
# କମ୍ବୁପାଣି ସଭାପତି, ସନ୍ତୋଷ ସମ୍ପାଦକ




ଜୁନାଗଡ଼ ,(ସବ୍ୟୁ) : କଳାହାଣ୍ଡି ଜିଲ୍ଲା ସାମ୍ବାଦିକ ୟୁନିଅନର ନୂତନ କର୍ମକର୍ତ୍ତା। ମଦନପୁର ରାମପୁରସ୍ଥିତ ଯୁଗଯାତ୍ରୀ ସାହିତ୍ୟ ସଂସଦଠାରେ ଚୟନ କମିଟି ବୈଠକରେ କମ୍ବୁପାଣି ମିଶ୍ରଙ୍କୁ ସଭାପତି ଏବଂ ସନ୍ତୋଷ କୁମାର ସିଂହଦେଓଙ୍କୁ ସାଧାରଣ ସମ୍ପାଦକ ଭାବେ ଚୟନ କରାଯାଇଛି।ଚୟନ କମିଟିର ଅଧ୍ୟକ୍ଷ କିଶୋର କୁମାର ନାଏକ ଓ ଉପାଧ୍ୟକ୍ଷ ରଜନୀକାନ୍ତ ମିଶ୍ରଙ୍କ ନେତୃତ୍ୱରେ ବରିଷ୍ଠ ସଦସ୍ୟମାନଙ୍କୁ ନେଇ ଏକ କମିଟି ଗଠନ କରାଯାଇଥିଲା। ଉକ୍ତ କମିଟି ଆଲୋଚନା ପରେ ନୂତନ କର୍ମକର୍ତ୍ତାମାନଙ୍କୁ ଚୟନ କରାଯାଇଥିଲା।ନୂତନ କର୍ମକର୍ତ୍ତା ତାଲିକା ଅନୁଯାୟୀ, ସଭାପତି ଭାବେ କମ୍ବୁପାଣି ମିଶ୍ର, କାର୍ଯ୍ୟକାରୀ ସଭାପତି ଭାବେ ବିରଞ୍ଚି ନାରାୟଣ ଜାଲ ଏବଂ ଉପସଭାପତି ଭାବେ ଲିଙ୍ଗରାଜ ମିଶ୍ର, ସୁଧୀର ପ୍ରସାଦ ସାହୁ, ମନମୋହନ ପ୍ରଧାନ, ସୁଭେନ୍ଦୁ ପଟ୍ଟନାୟକ, ଗଜେନ୍ଦ୍ର ସାହୁ, ଭୋଳାନାଥ ପଟେଲ ଓ କ୍ଷମାନିଧି ମହାକୁଡ଼ ଚୟନ ହୋଇଛନ୍ତି। ସେହିପରି ସାଧାରଣ ସମ୍ପାଦକ ଭାବେ ସନ୍ତୋଷ କୁମାର ସିଂହଦେଓ, ସମ୍ପାଦକ ଭାବେ ବୈଦ୍ୟନାଥ ବେହେରା, ଶରତ ଚନ୍ଦ୍ର ରାଉତ, ହେମନ୍ତ ସାହୁ, ରଜନୀକାନ୍ତ ମିଶ୍ର, ଭଜଶ୍ୟାମ ସାହୁ, ସୁଶୀଲ ବାଗ, ନିହାର ରଞ୍ଜନ ବେହେରା, ସୁଶାନ୍ତ ଦଳେଇ, ଏଲ. କୋଟେଶ୍ୱର ନାୟଡୁ ଓ ପୂର୍ଣ୍ଣଚନ୍ଦ୍ର ମହାନ୍ତି ଚୟନ ହୋଇଛନ୍ତି। ସଂଗଠନ ସମ୍ପାଦକ ଭାବେ ଅଂଶୁମାନ ପାତ୍ର ଙ୍କୁ ଦାୟିତ୍ୱ ଦିଆଯାଇଛି।ଏହାସହ ଉମ୍ବରୁଧର ଭୋଇଙ୍କୁ କୋଷାଧ୍ୟକ୍ଷ, ପ୍ରମୋଦ ସାମନ୍ତରା ଙ୍କୁ ଟ୍ରିବ୍ୟୁନାଲ ଅଧ୍ୟକ୍ଷ ଏବଂ ଶଙ୍କର୍ଷଣ ବେହେରାଙ୍କୁ ଟ୍ରିବ୍ୟୁନାଲ ଉପାଧ୍ୟକ୍ଷ ଭାବେ ଚୟନ କରାଯାଇଛି। କଲ୍ୟାଣ କମିଟିର ଅଧ୍ୟକ୍ଷ ଭାବେ ବିନ୍ଦୁ ମହାନନ୍ଦ ଓ ଉପାଧ୍ୟକ୍ଷ ଭାବେ ଏମ. ଚନ୍ଦ୍ରଶେଖରଙ୍କୁ ଚୟନ କରାଯାଇଥିବା ବେଳେ ଶୃଙ୍ଖଳା କମିଟିର ଅଧ୍ୟକ୍ଷ ଭାବେ କିଶୋର କୁମାର ନାଏକ ଙ୍କୁ ଦାୟିତ୍ୱ ଗ୍ରହଣ କରିବେ।ଉପଦେଷ୍ଟା ମଣ୍ଡଳୀରେ କମ୍ବୁପାଣି ସାହୁ, ବିଷ୍ଣୁ ପ୍ରସାଦ ଅଗ୍ରୱାଲ, ଇଙ୍ଗିତ ପଣ୍ଡା, ଅଜିତ ସିଂହ, ପରେଶ ନାୟକ ଓ ଉଦ୍ଧବ ପଣ୍ଡାଙ୍କୁ ସାମିଲ କରାଯାଇଛି। ନୂତନ କର୍ମକର୍ତ୍ତାମାନେ ସାମ୍ବାଦିକମାନଙ୍କ ଏକତା, ସାମ୍ବାଦିକଙ୍କ ସ୍ୱାର୍ଥରକ୍ଷା ଓ ସାମ୍ବାଦିକତାର ମର୍ଯ୍ୟାଦା ବଜାୟ ରଖିବା ଦିଗରେ କାର୍ଯ୍ୟ କରିବେ ବୋଲି ଆଶା ପ୍ରକାଶ ପାଇଛି।

# ମା’ ସମଲେଶ୍ୱରୀଙ୍କ ରାଜରାଜେଶ୍ୱରୀ ବେଶ

ସମ୍ବଲପୁର,(ସବ୍ୟୁ): ପଶ୍ଚିମ ଓଡିଶାର ଅଧିଷ୍ଠାତ୍ରୀ ଦେବୀ ମାଁ ସମଲେଶ୍ୱରୀ ଭକ୍ତମାନଙ୍କୁ ରାଜରାଜେଶ୍ୱରୀ ବେଶରେ ଦର୍ଶନ ଦେଇଛନ୍ତି। ବର୍ଷରେ ଗୋଟିଏ ଥର ମାତ୍ର କୁମାରପୂର୍ଣ୍ଣିମା ଦିନ ସମଲେଶ୍ୱରୀ ଏହି ବେଶ ଧାରଣ କରିଥାନ୍ତି। ତେଣୁ ଏହାକୁ ମହାରାଣୀ ବେଶ କୁହାଯାଏ। ଏହି ମନୋହର ରୂପ ଦର୍ଶନ ପାଇଁ ଭକ୍ତଙ୍କ ସମାଗମ ହୋଇଥିଲା । ରବିବାର ମଧ୍ୟାହ୍ନ ସାଢେ ୧୨ଟାରୁ ଅପରାହ୍ନ ସାଢେ଼୧ଟା ମଧ୍ୟରେ ମାଁଙ୍କୁ ଏହି ବେଶରେ ସୁସଜ୍ଜିତ କରାଯାଇଥିଲା। ମନ୍ଦିରର ଭଣ୍ଡାର ଘରୁ ପୂଜକ ମାନେ ସୁନା, ରୂପା ଓ ବିଭିନ୍ନ ଆଭୂଷଣ ଆଣି ମାଁ ସମଲେଶ୍ୱରୀଙ୍କୁ ସଜ୍ଜିତ କରିଥିଲେ। ଏହାପରେ ସ୍ୱତନ୍ତ୍ର ଆଳତୀ କରାଯାଇ ପାରମ୍ପରିକ ରୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯାଇଥିଲା । ମନ୍ଦିର ପୂଜକ ମାନେ ଅଗ୍ନିକୁ ସାକ୍ଷୀ ରଖି ୭ଟି ଦୀପ ଧରି ମନ୍ଦିର ଚର୍ତୁପାଶ୍ୱରେ ପରିଭ୍ରମଣ କରିଥିଲେ। ଏହାପରେ ମନ୍ଦିର ଚୂଡ଼ାରେ ନୂତନ ଧ୍ୱଜାରୋହଣ କରାଯାଇଥିଲା । ମନ୍ଦିର ଦଧିନଉତିରେ ମହାଆଳତୀ କରାଯିବା ପରେ ନୂଆ ଧ୍ୱଜା ଲଗାଯାଇଥିଲା। ସ୍ୱାଇଁ ପରବାରର ଜଣେ ସଦସ୍ୟ ରାତି ୮ଟା୧୫ରେ ଏହି ଧ୍ୱଜାରୋହଣ କରିଥିଲେ। ପରେ ପୂଜକ ପରିବାରର ସଦସ୍ୟମାନେ ପାରମ୍ପରିକ



ବାଦ୍ୟଯନ୍ତ୍ରରେ ଆଖଡ଼ା ପ୍ରଦର୍ଶନ କରିଥିଲେ।

ସେହିପରି ସହରର ପାଟଣେଶ୍ୱରୀଙ୍କ ସମେତ ଅନ୍ୟ ଦେବୀମନ୍ଦିର ଚୂଡ଼ାରେ ମଧ୍ୟ ନୂଆ ଧ୍ୱଜା ଆରୋହଣ କରାଯାଇଛି। ଏହାକୁ ଦେଖିବାକୁ ରାତିରେ ଭକ୍ତଙ୍କର ଲମ୍ବାଧାଡ଼ି ଓ ଭିଡ଼ ମନ୍ଦିର ପରିସରରେ ଦେଖିବାକୁ ମିଳିଥିଲା। ଦଶହରା ପୂର୍ଣ୍ଣିମା ଉପଲକ୍ଷେ ଜିଲ୍ଲାର ପୁରପଲ୍ଲୀରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ମାନ ଅନୁଷ୍ଠିତ ହୋଇଛି। ବିଶେଷ କରି ଦେବୀମନ୍ଦିର ଗୁଡିକରେ ଜଗତ୍‌ଜନନୀଙ୍କ ସ୍ୱତନ୍ତ୍ର ଶୃଙ୍ଗାର କରାଯିବା ସହିତ ପୂଜାର୍ଚ୍ଚନା କରାଯାଇଛି। ସୂଚନାଯୋଗ୍ୟ, ହର୍ଷଗ୍ରୀବ ଓ ଭଣ୍ଡାସୁର ଭଳି ଅସୁରଙ୍କ ନିପାତ କରିବା ପାଇଁ ମାଁ ଏହି ବେଶ ଧାରଣ କରିଥିଲେ। ଅନ୍ୟ ଦେବତା ମାନେ ମାଁଙ୍କୁ ବିଭିନ୍ନ ଅସ୍ତ୍ରଶସ୍ତ୍ର ପ୍ରଦାନ କରିଥିଲେ। ପ୍ରାୟ ୪୦୦ ବର୍ଷରୁ ଊର୍ଦ୍ଧ୍ୱ ସମୟରୁ ମନ୍ଦିରରେ ଦେବୀ ସମଲେଶ୍ୱରୀ ଏହି ଦିନ ରାଜରାଜେଶ୍ୱରୀ ବେଶରେ ପୂଜା ପାଇ ଆସୁଛନ୍ତି। ମାଁଙ୍କ ଏହି ବେଶ ଦର୍ଶନ କଲେ କୋଟି ପୂଣ୍ୟ ମିଳିଥାଏ ବୋଲି ଶ୍ରଦ୍ଧାଳୁଙ୍କ ମଧ୍ୟରେ ବିଶ୍ୱାସ ରହିଛି। ସେହିଭଳି ସହରର ପାଟଣେଶ୍ୱରୀ, ବାଟମଙ୍ଗଳା, ଦୁର୍ଗାପାଲିର ବନଦୁର୍ଗା, ମୁଦିପଡ଼ାର ଭୁବନେଶ୍ୱରୀ ପ୍ରଭୃତି ମନ୍ଦିରରେ ପୂର୍ଣ୍ଣିମା ପାଇଁ ସ୍ୱତନ୍ତ୍ର ପୂଜାର ଆୟୋଜନ କରାଯାଇଥିଲା। ଏଥିସହ ଅଞ୍ଚଳର ଗ୍ରାମଦେବୀ ପୀଠ ଗୁଡିକରେ ମଧ୍ୟ ସ୍ୱତନ୍ତ୍ର ପୂଜାର ଆୟୋଜନ କରାଯାଇଛି।

## କୋର୍ଟରେ ଚାକିରି କରାଇଦେବା ନାଁରେ
# ୨୭ ଲକ୍ଷରୁ ଅଧିକ ଟଙ୍କା ଠକେଇ

ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ଜିଲ୍ଲା ଧନୁପାଲି ଥାନା ଅନ୍ତର୍ଗତ ଭିଜିଲାନ୍ସ କଲୋନିର ପଦ୍ମିନୀ ଭୋଇଙ୍କ ପୁଅ ଓ ଭଉଣୀଙ୍କୁ କୋର୍ଟରେ ଷ୍ଟେନୋଗ୍ରାଫର୍ ଚାକିରି କରାଇଦେବା ପ୍ରଲୋଭନ ଦେଖାଇ ୨୭ ଲକ୍ଷରୁ ଅଧିକ ଟଙ୍କା ଠକି ନିଆଯାଇଥିବା ଅଭିଯୋଗ ହୋଇଛି। ଭତରା ନିବାସୀ ଦେବାଶିଷ ବାଗ ଏଭଳି ଠକେଇ କରିଥିବା ନେଇ ପଦ୍ମିନୀ ଧନୁପାଲି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଅଭିଯୋଗ ଅନୁସାରେ, ଗତ ୧୯ ମେ, ୨୦୨୫ରେ ଦେବାଶିଷ ବାଗ ପଦ୍ମିନୀଙ୍କ ଘରକୁ ଆସି ସମ୍ବଲପୁର ଜୁନିୟର ମାଜିଷ୍ଟ୍ରେଟ ଫାଷ୍ଟ କ୍ଲାସ କୋର୍ଟ ଓ ପରିବାର ଅଦାଲତରେ ପୁଅ ଏବଂ ଭଉଣୀଙ୍କୁ ଚାକିରି କରାଇ ଦେବେ କହି ୨୭ ଲକ୍ଷ ଟଙ୍କା ଦାବି କରିଥିଲେ। ନିଜ ଭଉଣୀ ଓ ଭିଣୋଇ ଦୀପକ ପଣ୍ଡା କୋର୍ଟରେ ଚାକିରି କରୁଥିବା କହି ସେ ପଦ୍ମିନୀଙ୍କ ବିଶ୍ୱାସ ଜିତିଥିଲେ। ଏହାପରେ ବିଭିନ୍ନ ସମୟରେ ଫୋନ ପେ ଏବଂ ନଗଦ ଆକାରରେ ଭିନ୍ନ ଭିନ୍ନ ବ୍ୟକ୍ତିଙ୍କ ଜରିଆରେ ୪୧ ଥରରେ ୨୬ ଲକ୍ଷରୁ ଅଧିକ ଟଙ୍କା ଦିଆଯାଇଥିଲା । ଯାହାର ପ୍ରମାଣ ମଧ୍ୟ ପଦ୍ମିନୀଙ୍କ ପାଖରେ ରହିଛି।

ସ୍ୱାମୀଙ୍କ ଚିକିତ୍ସା ପାଇଁ ଟଙ୍କା ଆବଶ୍ୟକ ହେବାରୁ ପଦ୍ମିନୀ ଟଙ୍କା ଫେରସ୍ତ ମାଗିଥିଲେ। ମାତ୍ର ଦେବାଶିଷ ଟଙ୍କା ନ ଦେଇ ଫେରାର ହୋଇଯାଇଥିଲେ। ପରେ ଗତ ଶନିବାର ବିଳମ୍ବିତ ରାତିରେ ପଦ୍ମିନୀ ଓ ତାଙ୍କ ସମ୍ପର୍କୀୟମାନେ ଦେବାଶିଷଙ୍କ ଘରକୁ ଯିବାରୁ ସେଠାରୁ ମଧ୍ୟ ସେ ଖସି ପଳାଇଥିଲେ। ଏହାକୁ ନେଇ ଉଭୟ ପକ୍ଷରୁ ଧନୁପାଲି ଥାନାରେ ପରସ୍ପର ବିରୋଧରେ ଏତଲା ଦିଆଯାଇଛି। ପୋଲିସ ଉଭୟ ପକ୍ଷର ଅଭିଯୋଗକୁ ଭିତ୍ତିକରି କେସ ନମ୍ବର ୩୫୪/୨୦୨୬ ଏବଂ କେସ ନମ୍ବର ୩୫୫/୨୦୨୬ ରେ ଦୁଇଟି ପୃଥକ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି। ଅନ୍ୟପକ୍ଷରେ, ଏହି ଘଟଣାରେ ତାଙ୍କ ନାଁ ଅଯଥାରେ ଯୋଡ଼ା ଯାଇଥିବା କହି ଦେବାଶିଷଙ୍କ ଭିଣୋଇ ଦୀପକ ପଣ୍ଡା ମଧ୍ୟ ଶଳା ବିରୋଧରେ ଏତଲା ଦେବେ ବୋଲି ପ୍ରକାଶ କରିଛନ୍ତି।

# ବାତ୍ୟା ଅର୍ଣ୍ଣବ ମୁକାବିଲା ପାଇଁ ପ୍ରଶାସନିକ ତତ୍ପରତା

ମାଲକାନଗିରି, (ସବ୍ୟୁ): ସମ୍ଭାବ୍ୟ ବାତ୍ୟା ଅର୍ଣ୍ଣବ ର ମୁକାବିଲା ପାଇଁ ମାଲକାନଗିରି ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ଓ ପ୍ରସ୍ତୁତିମୂଳକ ପଦକ୍ଷେପ ଗ୍ରହଣ କରାଯାଇଛି। ସ୍ଥିତିର ମୁକାବିଲା ପାଇଁ କଟକରୁ ୩୦ ଜଣିଆ ଏକ ଜାତୀୟ ବିପର୍ଯ୍ୟୟ ପ୍ରଶମନ ବାହିନୀ (ଏନଡିଆରଏଫ) ଦଳ ଜଣେ କମାଣ୍ଡାଣ୍ଟ ଓ ୨ ଜଣ ଉପ-ଅଧିକାରୀଙ୍କ ନେତୃତ୍ୱରେ ରବିବାରରାତି ସୁଦ୍ଧା କାଲିମେଳାଠାରେ ମୁତୟନ ହେବେ । ଏଥିସହିତ ୩୬ ଜଣିଆ ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ବାହିନୀ (ଓଡ୍ରାଫ) ଦଳ ମଧ୍ୟ ଆସି ମାଥିଲି ଠାରେ ପହଞ୍ଚି ସଜାଗ ଅଛନ୍ତି। ସୁରକ୍ଷାକୁ ଦୃଷ୍ଟିରେ ରଖି ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜେଶିର୍କେଙ୍କ ନିର୍ଦ୍ଦେଶକ୍ରମେ ଆସନ୍ତା ୨୯ ତାରିଖ ପର୍ଯ୍ୟନ୍ତ ଜିଲ୍ଲାର ସମସ୍ତ ବିଦ୍ୟାଳୟ, ମହାବିଦ୍ୟାଳୟ ଓ ଅଙ୍ଗନବାଡ଼ି କେନ୍ଦ୍ର ବନ୍ଦ ରହିବ ଏବଂ ସତୀଗୁଡ଼ାଠାରେ ଚାଲିଥିବା ସମସ୍ତ କ୍ରୀଡ଼ା କାର୍ଯ୍ୟକ୍ରମକୁ ସମ୍ପୂର୍ଣ୍ଣ ବନ୍ଦ କରାଯାଇଛି। ଏହାସହ ତଳିଆ ଅଞ୍ଚଳ ଓ କଚା ଘରେ ରହୁଥିବା ଲୋକଙ୍କୁ ତୁରନ୍ତ ସୁରକ୍ଷିତ ସ୍ଥାନାନ୍ତର ପାଇଁ ତହସିଲଦାରମାନଙ୍କୁ ସଜାଗ ରହିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଜିଲ୍ଲାରେ ଥିବା ୪ଟି ସ୍ଥାୟୀ ବାତ୍ୟା ଆଶ୍ରୟସ୍ଥଳୀ ସମେତ ସମସ୍ତ ଅସ୍ଥାୟୀ ଆଶ୍ରୟସ୍ଥଳୀଗୁଡ଼ିକୁ ମଧ୍ୟ ତୁରନ୍ତ ପ୍ରସ୍ତୁତ ରଖିବା ପାଇଁ ପ୍ରଶାସନିକ ସ୍ତରରେ ନିର୍ଦ୍ଦେଶ ଜାରି ହୋଇଛି ।

# ଜିଲ୍ଲା ପ୍ରଶାସନର ଜରୁରୀକାଳୀନ ସମୀକ୍ଷା ବୈଠକ

ଝାରସୁଗୁଡ଼ା, (ସବ୍ୟୁ): ରାଜ୍ୟରେ ସମ୍ଭାବ୍ୟ ବାତ୍ୟା ତଥା ପ୍ରବଳ ବର୍ଷା ପରିସ୍ଥିତିର ମୁକାବିଲା ଲାଗି ଝାରସୁଗୁଡ଼ା ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ପୂର୍ବପ୍ରସ୍ତୁତି କାର୍ଯ୍ୟ ତ୍ୱରାନ୍ୱିତ କରାଯାଇଛି। ଲୋକଙ୍କ ସୁରକ୍ଷାକୁ ସର୍ବୋଚ୍ଚ ପ୍ରାଥମିକତା ଦେଇ ଆଜି ଅପରାହ୍ନରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ସୁବୋଧ ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଭିଡିଓ କନଫରେନ୍ସିଂ ମାଧ୍ୟମରେ ଏକ ଉଚ୍ଚସ୍ତରୀୟ ଜରୁରୀକାଳୀନ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଉପ-ଜିଲ୍ଲାପାଳ ସବ୍ୟସାଚୀ ପଣ୍ଡାଙ୍କ ସମେତ ସମସ୍ତ ତହସିଲଦାର, ବିଡିଓ ଏବଂ ବିଭିନ୍ନ ଲାଇନ ଡିପାର୍ଟମେଣ୍ଟର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହି ପ୍ରସ୍ତୁତି ସମ୍ପର୍କରେ ସବିଶେଷ ତଥ୍ୟ ଉପସ୍ଥାପନ କରିଥିଲେ। ବୈଠକରେ ସମ୍ଭାବ୍ୟ ବାତ୍ୟା ଓ ପ୍ରବଳ ବର୍ଷା ସମୟରେ ବିଭିନ୍ନ କାର୍ଯ୍ୟକୁ ସୁଚାରୁରୂପେ ପରିଚାଳନା କରିବା ପାଇଁ ବିସ୍ତୃତ ଆଲୋଚନା କରାଯାଇଛି। ସ୍ୱତନ୍ତ୍ର ରିଲିଫ କମିଶନରଙ୍କ ନିର୍ଦ୍ଦେଶନାମା ଅନୁଯାୟୀ 'ଶୂନ୍ୟ ମୃତାହତ' ନୀତିକୁ କଡ଼ାକଡ଼ି ପାଳନ କରି ଯେକୌଣସି ପରିସ୍ଥିତିର ସାମ୍ନା କରିବାକୁ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ସ୍ପଷ୍ଟ ନିର୍ଦ୍ଦେଶ ଦିଆଯାଇଛି। ବର୍ତ୍ତମାନ ଜିଲ୍ଲା ଏବଂ ତହସିଲ ସ୍ତରରେ ଜରୁରୀକାଳୀନ ପରିଚାଳନା କେନ୍ଦ୍ର ଦିନରାତି ୨୪ ଘଣ୍ଟା କାର୍ଯ୍ୟକ୍ଷମ ରଖାଯାଇଛି। ପାଣିପାଗ ବିଭାଗର ପୂର୍ବାନୁମାନ ଅନୁଯାୟୀ, ଆସନ୍ତା ୨୭, ୨୮ ଏବଂ ୨୯ ତାରିଖରେ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି ଏବଂ ଏଥିପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଏହାକୁ ଦୃଷ୍ଟିରେ ରଖି ଉପ-ଜିଲ୍ଲାପାଳ କୃଷି, ଉଦ୍ୟାନ କୃଷି ଓ ମତ୍ସ୍ୟ ବିଭାଗର ଅଧିକାରୀମାନଙ୍କୁ ବ୍ଲକ ସ୍ତରୀୟ ଟିମ ସହିତ ଉତ୍ତମ ସମନ୍ୱୟ ରଖି କାର୍ଯ୍ୟ କରିବାକୁ ପରାମର୍ଶ ଦେଇଛନ୍ତି। ବିଶେଷ କରି ଲଖନପୁର, କୋଲାବିରା ଏବଂ ଝାରସୁଗୁଡ଼ାର ତଳିଆ ଅଞ୍ଚଳ ଯେଉଁଠାରେ ଜଳବନ୍ଦୀ ସମସ୍ୟା ଉପୁଜିବାର ଆଶଙ୍କା ରହିଛି, ସେଠାରେ ସ୍ୱତନ୍ତ୍ର ନଜର ରଖିବାକୁ କୁହାଯାଇଛି। ଏହା ସହିତ ଅଗ୍ନିଶମ ବାହିନୀ, ଓଡ୍ରାଫ, ଆରକ୍ଷୀ, ଗ୍ରାମ୍ୟ ଜଳଯୋଗାଣ, ପୂର୍ତ୍ତ ବିଭାଗ ଏବଂ ସ୍ୱାସ୍ଥ୍ୟ ବିଭାଗ ସମେତ ସମସ୍ତ କାର୍ଯ୍ୟାଳୟକୁ ସଜାଗ ରହି ନିୟମିତ ଭାବେ ରିପୋର୍ଟ ରାଜ୍ୟ ସରକାରଙ୍କୁ ପଠାଇବା ପାଇଁ ନିର୍ଦ୍ଦେଶ ଦିଆଯାଇଛି।ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ଜିଲ୍ଲାବାସୀଙ୍କୁ ପରିସ୍ଥିତିକୁ ନେଇ କେହି ଆଦୌ ଆତଙ୍କିତ ନହୋଇ ସତର୍କ ରୁହନ୍ତୁ ଏବଂ କେବଳ ସରକାରୀ ସୂଚନା ତଥା ନିର୍ଦ୍ଦେଶାବଳୀକୁ ପାଳନ କରନ୍ତୁ ବୋଲି ନିବେଦନ କରାଯାଇଛି ।

# ଭାଲୁ ଆକ୍ରମଣରେ ମହିଳା ଗୁରୁତର

ଜୟପାଟଣା ,(ସବ୍ୟୁ): କଳାହାଣ୍ଡି ଜିଲ୍ଲା। ଜୟପାଟଣା ବ୍ଲକ ଅନ୍ତର୍ଗତ ତୁଟିଗୁଡା ଗ୍ରାମର ରେମତି ପୁଝାରୀ (୪୨)ନାମକ ଜଣେ ମହିଳା ଭାଲୁ ଆକ୍ରମଣରେ ଗୁରୁତର ଭାବେ ଆହତ ହୋଇ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି। ରବିବାର ପୂର୍ବାହ୍ନ ପ୍ରାୟ ୧୦ଟା୩୦ରେ ଚାଷ ଜମିକୁ ଯାଇଥିବା ସମୟରେ ହଠାତ ଦୁଇଗୋଟି ଭାଲୁ ନିକଟସ୍ଥ ସାଗର ଡଂଗରୀ ଜଂଗଲରୁ ଆସି ହଠାତ ଆକ୍ରମଣ କରିଥିଲେ । ମହିଳାଙ୍କ ମୁଣ୍ଡରେ ଗଭୀର କ୍ଷତ ସୃଷ୍ଟି ହୋଇ ରକ୍ତସ୍ରାବ ହୋଇଥିବା ଜଣିପଡିଛି.।ଗ୍ରାମଲୋକଙ୍କ ଦାରା ଉଦ୍ଧାର ପରେ ତୁରନ୍ତ ଜୟପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ରେ ଭର୍ତିକରାଯାଇ ଥିଲେହେଁ ଉନ୍ନତ ଚିକିତ୍ସା ନିମନ୍ତେ ଭବାନୀପାଟଣା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଥିଲା ।ହେଲେ ଭବାନୀପାଟଣା ଚିକିତ୍ସା ଲୟ ରୁ ବୁର୍ଲାମେଡିକାଲ,ତାପରେ ରାଉରକେଲା ମେଡିକାଲ କୁ ସ୍ଥାନାନ୍ତର କରାଯାଇଥିବା ଜଣାପଡେ। ରେବତୀ ଗରିବଶ୍ରେଣୀର ହୋଇଥିବାହେତୁ ଆହତ ର ଉଚ୍ଚ ଚିକିତ୍ସା ନିମନ୍ତେ ସରକାରୀ ସହାୟତା ର ଆଶ୍ରୟ ଲୋଡିଛନ୍ତି।

## ଜେଲରେ ଆଦିବାସୀଙ୍କ
## ସେବାରେ ନିୟୋଜିତ ଡାକ୍ତର

ଭବାନୀପାଟଣା,(ସବ୍ୟୁ):ଆଦିବାସୀଙ୍କ ଚିକିତ୍ସା ସେବା ପାଇଁ ମୁମ୍ବାଇ ଛାଡ଼ି କଳାହାଣ୍ଡିକୁ ଚାଲି ଆସିଥିଲେ ଡାକ୍ତର ରାଣ୍ଡାଲ ସେକ୍ୟୁରା। ଦୁର୍ଗମ ଅଞ୍ଚଳରେ ପହଞ୍ଚି ମ୍ୟାଲେରିଆ ଓ ଯକ୍ଷ୍ମା ଭଳି ରୋଗରେ ପୀଡ଼ିତ ଲୋକଙ୍କୁ ଚିକିତ୍ସା ସେବା ଯୋଗାଇ ଆସୁଥିଲେ। ହେଲେ ଏବେ ସେହି ଡାକ୍ତର ଜେଲରେ। ବକ୍ସାଇଟ ଖଣି ପ୍ରକଳ୍ପ ବିରୋଧୀ ଆନ୍ଦୋଳନ ସହ ସମ୍ପୃକ୍ତି ଏବଂ ହିଂସାକାଣ୍ଡରେ ଭୂମିକା ଥିବା ଅଭିଯୋଗରେ ତାଙ୍କୁ ରାୟଗଡ଼ା ପୋଲିସ ଗିରଫ କରିଛି। ଗତ ୧୬ ତାରିଖ ରାତି ପ୍ରାୟ ୧୧ଟାରେ କଳାହାଣ୍ଡି ଜିଲା ଭବାନୀପାଟଣା ହିଲଟାଉନସ୍ଥିତ ଏକ ଭଡ଼ାଘରୁ ଡାକ୍ତର ସେକ୍ୟୁରା ଏବଂ ଜନଜାତି ଅଧିକାର କର୍ମୀ ଲକ୍ଷ୍ମଣ ନାୟକଙ୍କୁ ପୋଲିସ ଉଠାଇ ନେଇଥିଲା। ପରେ ଉଭୟଙ୍କୁ ରାୟଗଡ଼ା ପୋଲିସକୁ ହସ୍ତାନ୍ତର କରାଯାଇଥିଲା। ରାୟଗଡ଼ା ପୋଲିସ ସେମାନଙ୍କୁ କୋର୍ଟ ଚାଲାଣ କରିଛି। ଉଭୟଙ୍କ ବିରୋଧରେ ହତ୍ୟା ଉଦ୍ୟମ, ଦଙ୍ଗା ସୃଷ୍ଟି, ଆର୍ମସ ଆକ୍ଟ (ଅସ୍ତ୍ରଶସ୍ତ୍ର ଆଇନ) ଭଳି ସଙ୍ଗିନ ଦଫା ଲଗାଯାଇଛି। କର୍ଣ୍ଣାଟକର ମାଙ୍ଗାଲୁରୁରେ ଜନ୍ମିତ ଡାକ୍ତର ସେକ୍ୟୁରା ଶିକ୍ଷାପରେକଳାହାଣ୍ଡି ଆସି ଆଦିବାସୀ ଅଞ୍ଚଳରେ କାମ କରୁଥିବା ଏକ ସ୍ୱେଚ୍ଛାସେବୀ ସଂଗଠନ ସହ ଯୋଡ଼ି ହୋଇଥିଲେ। ପରବର୍ତ୍ତୀ ସମୟରେ ଦୁର୍ଗମ ଗାଁଗୁଡ଼ିକୁ ଯାଇ ସ୍ୱାଧୀନ ଭାବେ ଲୋକଙ୍କ ଚିକିତ୍ସା କରୁଥିଲେ। କେବଳ ରୋଗ ଚିକିତ୍ସା ନୁହେଁ, ରୋଗ ପଛରେ ଥିବା ସାମାଜିକ, ଆର୍ଥିକ ଓ ପରିବେଶଗତ କାରଣକୁ ବୁଝିବା ଉପରେ ମଧ ସେ ଗୁରୁତ୍ୱ ଦେଉଥିଲେ। ଚିକିତ୍ସା ସେବା ଯୋଗାଇବା ସହ ଆଦିବାସୀଙ୍କ ଜୀବନଜୀବିକା ସହ ଜଡ଼ିତ ସମସ୍ୟାଗୁଡ଼ିକୁ ନିକଟରୁ ଦେଖୁଥିଲେ ବୋଲି ତାଙ୍କ କାର୍ଯ୍ୟକ୍ଷେତ୍ରର ଲୋକେ କହିଛନ୍ତି। ଅନ୍ୟପଟେ ଡାକ୍ତର ସେକ୍ୟୁରାଙ୍କ ଗିରଫଦାରିକୁ ନେଇ ଅନେକ ସାମାଜିକ କର୍ମୀ ଓ ତାଙ୍କ ସମର୍ଥକ ପ୍ରଶ୍ନ ଉଠାଇଛନ୍ତି।

## ଆସୁଛି ବାତ୍ୟା : ଖୋଲିଲା ଇନ୍ଦ୍ରାବତୀର ଦୁଇ ଗେଟ

ନବରଙ୍ଗପୁର,(ସବ୍ୟୁ): ସମ୍ଭାବ୍ୟ ବାତ୍ୟା ଏବଂ ବର୍ଷାକୁ ଦୃଷ୍ଟିରେ ରଖି ଶନିବାର ଇନ୍ଦ୍ରାବତୀ ଜଳଭଣ୍ଡାରର ୨ଟି ଗେଟ ଖୋଲାଯାଇଛି। ଡ୍ୟାମର ୩ ଓ ୬ ନମ୍ବର ଗେଟ୍ରୁ ୧୩୩ କ୍ୟୁସେକ ଜଳ ନିଷ୍କାସିତ ହେଉଛି।ନ୍ୟପକ୍ଷେ ଡ୍ୟାମ୍ରୁ ପାଣି ନିଷ୍କାସନ ହେଉଥିବା ନେଇ ତଳି ଅଞ୍ଚଳର ଲୋକଙ୍କୁ ସତର୍କ ରହିବାକୁ ଡ୍ୟାମ କର୍ତ୍ତୃପକ୍ଷଙ୍କ ପକ୍ଷରୁ କୁହାଯାଇଛି। ସୂଚନା ଯୋଗ୍ୟ, ଇନ୍ଦ୍ରାବତୀ ଜଳଭଣ୍ଡାରର ଜଳଧାରଣ କ୍ଷମତା ୬୪୨ ମିଟର ରହିଥିବା ବେଳେ ବର୍ତ୍ତମାନ ଜଳସ୍ତର ୬୪୦.୯ ମିଟର ରହିଛ

## ରାଜ୍ୟସ୍ତରୀୟ ସୁଟିଂ ପ୍ରତିଯୋଗିତା
# ସମ୍ବଲପୁରର ଚମତ୍କାର ପ୍ରଦର୍ଶନ



ସମ୍ବଲପୁର,(ସବ୍ୟୁ): ୬୧ତମ ବାର୍ଷିକ ରାଜ୍ୟସ୍ତରୀୟ ସୁଟିଂ ପ୍ରତିଯୋଗିତାରେ ସମ୍ବଲପୁର ଜିଲ୍ଲାର ସୁଟରମାନେ ଚମତ୍କାର ସଫଳତା ହାସଲ କରିଛନ୍ତି। ସମ୍ବଲପୁରର କ୍ରୀଡ଼ାବିତ୍‌ମାନେ କୃତୀତ୍ୱର ସହ ମୋଟ ୧୭ଟି ପଦକ ଅକ୍ତିଆର କରିଥିବା ଜଣାପଡିଛି। ଏଥିରେ ୬ଟି ସ୍ୱର୍ଣ୍ଣ, ୫ଟି ରଜତ ଓ ୬ଟି କାଂସ୍ୟ ପଦକ ରହିଛି। ଏଥିରେ ଅର୍ଦ୍ଧେନ୍ଦୁ ପାଢ଼ୀ, ବୈଭବ ବିରାଜ ହୋତା, ସମ୍ପୂର୍ଣ୍ଣା କୌର, ପ୍ରିୟାଂଶୀ ଅସ୍ମିତ କୌର, ଚାହକ ସାହୁ, ସାନ୍‌ଭୀ ଶ୍ରୀୟାଂଶୀ ପ୍ରଧାନ, ବିନୟ କୁମାର ପାଣିଗ୍ରାହୀ ଓ ଅଂଶ ସିଂଙ୍କ ନାମ ରହିଛି। ସୂଚନାଯୋଗ୍ୟ, ତାଳଚେର ସ୍ଥିତ ରାଜା ହୃଦୟଚନ୍ଦ୍ର ଦେବ ସୁଟିଂ କମ୍ପ୍ଲେକ୍ସ ଠାରେ ଏହି ପ୍ରତିଯୋଗିତା ହୋଇଥିଲା। ଏଥିରେ ସାରା ଓଡ଼ିଶାରୁ ୩୫୦ ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଏଥିରେ ୧୦ ମିଟର, ୨୫ ମିଟର ଏବଂ ୫୦ ମିଟର ରାଇଫଲ୍ ଓ ପିସ୍ତଲ ସୁଟିଂର ବିଭିନ୍ନ ପ୍ରିସିସନ୍ ଫାୟାରିଂ ବିଭାଗରେ କଠୋର ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ତେବେ ସମ୍ବଲପୁର ରାଇଫଲ୍ ଆସୋସିଏସନ୍ ପକ୍ଷରୁ ସମସ୍ତ କୃତି ସୁଟର, ସେମାନଙ୍କ ଅଭିଭାବକ ଏବଂ କୋଚ୍ ମାନଙ୍କୁ ଆନ୍ତରିକ ଶୁଭେଚ୍ଛା ଓ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି।

# ବିଜେଡିର ଜନସମ୍ପର୍କ ପଦଯାତ୍ରା



ଝାରସୁଗୁଡ଼ା, (ସବ୍ୟୁ), ଝାରସୁଗୁଡ଼ାରେ ବିଜୁ ଜନତା ଦଳ ପକ୍ଷରୁ ଏକ ବିଶାଳ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ବିଧାୟିକା ତଥା ବିଜେଡି ରାଜ୍ୟ ସାଧାରଣ ସମ୍ପାଦିକା ଦୀପାଳୀ ଦାସଙ୍କ ନେତୃତ୍ୱରେ ଆୟୋଜିତ ଏହି ପଦଯାତ୍ରା ଝଣ୍ଡା ଛକରୁ ଆରମ୍ଭ ହୋଇ ଭୁବନିଆ ପଡ଼ିଆ ପର୍ଯ୍ୟନ୍ତ ଯାଇଥିଲା। ଏଥିରେ ହଜାର ହଜାର ସଂଖ୍ୟାରେ ଦଳୀୟ କର୍ମକର୍ତ୍ତା ଓ ସାଧାରଣ ଜନତା ସାମିଲ ହୋଇ ସହର ପରିକ୍ରମା କରିଥିଲେ।ପଦଯାତ୍ରା ପରେ ଭୁବନିଆ ପଡ଼ିଆଠାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା।

ଏହି ସଭାରେ ସ୍ୱର୍ଗତ ବିଜୁ ପଟ୍ଟନାୟକ, ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ନବ ଦାସ ଏବଂ ପୂର୍ବତନ ବାଚସ୍ପତି ସ୍ୱର୍ଗତ କିଶୋର ମହାନ୍ତିଙ୍କ ଫଟୋ ଚିତ୍ରରେ ଦୀପ ପ୍ରଜ୍ୱଳନ କରାଯାଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ସନ୍ଦୀପ ଅବସ୍ଥି ପରିଚାଳନା କରିଥିଲେ।ଏହି ସଭାରେ ଯୋଗଦେଇ ଦଳୀୟ ନେତ୍ରୀମାନେ ରାଜ୍ୟ ସରକାରଙ୍କ ନୀତିକୁ କଡ଼ା ସମାଲୋଚନା କରିଥିଲେ ।

ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ସଭାପତି ତୁଳାବତୀ ମିଞ୍ଜ, ବିଜେଡି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତାପସ ରାୟଚୌଧୁରୀ,ଜିଲ୍ଲା ବିଜେଡି ସଭାପତି ହରିଶ ଗଣତ୍ରା,ଜିଲ୍ଲା ପରିଷଦ ସଦସ୍ୟ ଦିଗାମ୍ବର ଭୋଇ, ଝାରସୁଗୁଡ଼ା ବ୍ଲକ ଚେୟାରମ୍ୟାନ ଚିତ୍ରାଣୀ ପଟେଲ ଏବଂ ପୌର ପରିଷଦ ଚେୟାରମ୍ୟାନ ରାନି ହାତୀ, ପ୍ରତାପ ନନ୍ଦ, ଦାମୋଦର ନାଥ ଯୁବ ବିଜେଡି ସଭାପତି ରୁବିନ ପାଣ୍ଡେ,ରବି ସିଂ,ପୱନ ଶର୍ମା, ଆଲୋକ ତ୍ରିପାଠୀ, ପନ ସିଂ ଯାଦବ, ଅଶୋକ ଦାସ, ତୁଳସୀ ଦାସ ବିଜେଡି ଛାତ୍ର ସଭାପତି ଶିବାଶିଷ ପଟ୍ଟନାୟକ, ନାଗେଶରି ବୋନେଲା, ନବନୀତ କୌର, ରୁବିନା ଖାଁ ଙ୍କ ସମେତ ବହୁ ବରିଷ୍ଠ ନେତା, ଯୁବ ଓ ମହିଳା କର୍ମୀ ଉପସ୍ଥିତ ଥିଲେ।

# ବିଭିନ୍ନ ଗ୍ରାମରେ ଗଜଲକ୍ଷ୍ମୀ ପୂଜା ଆରମ୍ଭ

ମୁରିବାହାଲ ,(ସବ୍ୟୁ):ବଲାଙ୍ଗିର ଜିଲ୍ଲା। ମୁରିବାହାଲ ବ୍ଲକ ସଦର ଷ୍ଟେସନପଡ଼ା ଓ ବଜାରପଡା ତଥା ପାଖ ଘଣ୍ଟବାହାଲ,ଗଣ୍ଡାପଡ଼ା ଓ ବାବେଜୁରି ଗ୍ରାମ ପକ୍ଷରୁ ମାଁ ଗଜଲକ୍ଷ୍ମୀଙ୍କ ପୂଜା ପାଇଁ ଶନିବାର ସନ୍ଧ୍ୟାରେ ଭବ୍ୟ କଳସ ଯାତ୍ରା ସହ ପୂଜା ଆରମ୍ଭ ହୋଇଯାଇଛି। ଶତାଧିକ ଶ୍ରଦ୍ଧାଳୁ ଓ ମହିଳାମାନେ ସଂକୀର୍ତ୍ତନ ବାଦ୍ୟ ସହ ନିକଟସ୍ଥ ପୋଖରୀରୁ ଜଳପୂର୍ଣ୍ଣ କଳସ ଆଣି ପୂଜା ମଣ୍ଡପଗୁଡ଼ିକରେ ସ୍ଥାପନ କରିଥିଲେ। ଷ୍ଟେସନପଡା ଓ ବଜାରପଡାରେ ଅନୁଷ୍ଠିତ ହେଉଥିବା ଗଜଲକ୍ଷ୍ମୀ ପୂଜାରେ କର୍ତ୍ତା ରୂପେ ଗାଁରେଇ ହାଇସ୍କୁଲ ପ୍ରଧାନଶିକ୍ଷକ ତରୁଣ ପୋଢ଼ ଓ ପତ୍ନୀ ତପସ୍ୱିନୀ ପୋଢ଼,ପୂଜକ ରୂପେ ପ୍ରଣବପ୍ରକାଶ ଦାସ ଥିବା ବେଳେ ଆୟୋଜକ କମିଟି ସଭାପତି ପିଙ୍କୁ ହାତୀ,ସମ୍ପାଦକ ରଞ୍ଜନ ବନଛୋର,କୋଷାଧ୍ୟକ୍ଷ ନିତେଶ କୁମାର ସାହୁ, ଉପଦେଷ୍ଟା ସୁଧାଂଶୁ ପୋଡ ଯାଦବ,ଉଦିତ କଟା ଓ କରନ ଜାଲଙ୍କ ସହ ଗ୍ରାମବାସୀ ସହଯୋଗ କରୁଛନ୍ତି ।ସେହିପରି ଘଣ୍ଟବାହାଲ,ଗଣ୍ଡାପଡ଼ାରେ ଅନୁଷ୍ଠିତ ୨୧ତମ ଗଜଲକ୍ଷ୍ମୀ ପୂଜାରେ ପରୀକ୍ଷିତ ଛୁରା ଓ ଉଜୁଲି ଛୁରା କର୍ତ୍ତା,ପୂଜକ ରୂପେ ବ୍ରଜକିଶୋର ଦାସଙ୍କ ସହ ଆୟୋଜକ କମିଟି ସଭାପତି ବିରଞ୍ଚି ଛୁରା,ଉପସଭାପତି ବିରାଟ ଛୁରା,ସମ୍ପାଦକ ମହେଶ୍ୱର ଛୁରା ଓ କୋଷାଧ୍ୟକ୍ଷ ବରୁଣ ବାଗଙ୍କ ସମେତ ଗଣ୍ଡାପଡ଼ାବାସୀ ସହଯୋଗ କରୁଛନ୍ତି ।ଗୁଡିଘାଟ ପଞ୍ଚାୟତ ବାବେଜୁରିଠାରେ ଗଜଲକ୍ଷ୍ମୀ ପୂଜା ପାଇଁ ଶନିବାର ଭବ୍ୟ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଗ୍ରାମର ଶତାଧିକ ପୁରୁଷ ଓ ମହିଳା ଏହି କଳସ ଶୋଭାଯାତ୍ରାରେ ବାହାରି ଗ୍ରାମର ଜୁନାବନ୍ଧଠାରୁ ପାଣି ଆଣି ପୂଜା ମଣ୍ଡପରେ ସ୍ଥାପିତ କରିଥିଲେ। ଦିତିକୃଷ୍ଣ ତ୍ରିପାଠୀ ଓ ସଞ୍ଜୟ ତ୍ରିପାଠୀ ପୂଜାର୍ଚ୍ଚନା କରୁଥିବା ବେଳେ ରାଜୁ ଦୀପ ଓ ସୁମିତ୍ରା ଦୀପ, ଉଦ୍ଧବ ନାଗ ଓ ଅନାମୀ ନାଗ କର୍ତ୍ତା ଦାୟିତ୍ୱ ନିର୍ବାହ କରୁଛନ୍ତି। ପୂଜା କମିଟିର ସଭାପତି ଡକ୍ଟର ନାଗ, ଉପସଭାପତି ରୋହିତ ନାଗ, ସମ୍ପାଦକ ସହଦେବ ନାଗ, କୋଷାଧ୍ୟକ୍ଷ ନନ୍ଦ ନାଗ,ସହ ସମ୍ପାଦକ ନିଳାମ୍ବର ନାଗ ଓ ପରିଚାଳନା କମିଟିର ଅଶୋକ ନାଗ,ମିଟୁ ଦୀପ, ଗିରିଧାରୀ ମହାନନ୍ଦ, ପୁରୁନ୍ଦର ନାଗ, ମିନିକେତନ ନାଗ,ପ୍ରକାଶ ନାଗ,ରୋମାଞ୍ଚନ ନାଗ,,କପିଳାଶ ନାଗ, ପ୍ରଦ୍ୟୁମ୍ନ ନାଗ, କରନ ହରପାଲ, ସୁଶାନ୍ତ ଦୀପ,ଅଜିତ ନାଗ, ଖାରବେଳ ନାଗ, ଜଗନ୍ନାଥ ନାଗ, ମହେନ୍ଦ୍ର ନାଗ, ପ୍ରକାଶ ନାଗ, ଦେବରାଜ ନାଗ,ମହନ ନାଗ, ଗିରିଧାରୀ ନାଗ,ଅଭିନାଶ ହରପାଲ,ଜଳନ୍ଧର ତାଣ୍ଡି,ମହେଶ ଦୀପ ଉପିନ୍ଦ୍ର ତାଣ୍ଡିଙ୍କ ସମେତ ସମସ୍ତ ଗ୍ରାମବାସୀ ସହଯୋଗ କରୁଛନ୍ତି।ରବିବାର ପୂଜାରମ୍ଭ ହୋଇ ପ୍ରତ୍ୟେହ ପୁରାଣ ପଠନ ଓ ରାତ୍ରିରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଆୟୋଜକ କମିଟି ପକ୍ଷରୁ ଜଣାପଡ଼ିଛି। ସେହିପରି ବ୍ଲକ ଅଞ୍ଚଳର ଅନ୍ୟ ସ୍ଥାନମାନଙ୍କରେ ମଧ୍ୟ ମାଁ ଗଜଲକ୍ଷ୍ମୀଙ୍କ ପୂଜା ଆରମ୍ଭ ହୋଇଯାଇଛି।



# ଗଜଲକ୍ଷ୍ମୀଙ୍କ ପୂଜା



ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ଜିଲ୍ଲାର ପୁରପଲ୍ଲୀରେ ରବିବାର ଗଜଲକ୍ଷ୍ମୀଙ୍କ ପୂଜା ଉତ୍ସବ ଆରମ୍ଭ ହୋଇଯାଇଛି। କଳସ ସ୍ଥାପନ ପରେ ପାରମ୍ପରିକ ରୀତିନୀତି ଓ ଭକ୍ତିଭାବନା ସହ ପୂଜା ଆରମ୍ଭ ହୋଇଥିଲା। ଏଥିପାଇଁ ସାର୍ବଜନୀନ ପୂଜା ମଣ୍ଡପଗୁଡ଼ିକୁ ଆକର୍ଷଣୀୟ ଶୈଳୀରେ ସଜ୍ଜିତ କରାଯାଇଛି । ସେହିପରି ପରିପାର୍ଶ୍ୱରେ ରଙ୍ଗୀନ ଆଲୋକମାଳା ଶୋଭା ପାଉଛି। ଗଜଲକ୍ଷ୍ମୀଙ୍କ ଦର୍ଶନ ପାଇଁ ମଣ୍ଡପ ଗୁଡିକରେ ଭକ୍ତଙ୍କ ଭିଡ଼ ପରିଲକ୍ଷିତ ହେଉଛି। ଏହି ଅବସରରେ ବିଭିନ୍ନ ସ୍ଥାନରେ ସାନ୍ଧ୍ୟକାଳୀନ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ସମ୍ବଲପୁର ସହରର ମୁଦିପଡ଼ା, ଫାଟକ, ସହଯୋଗ ନଗର, ଭାଲୁପାଲି, ଗୋପାଳପାଲି, ସାକ୍ଷୀଗୋପୀନାଥ ପଡ଼ା, କାଳୀବାଡ଼ିରେ ଲକ୍ଷ୍ମୀଙ୍କ ପୂଜା ଆରାଧନା କରାଯାଇଛି। ସେହିପରି ହୀରାକୁଦର ମାର୍କେଟ ଛକ, ଦୁର୍ଗା ମନ୍ଦିର ଛକ, ଖାଦ୍ୟ ନିଗମ ଓ ବୁଢାକଟା, ବୁର୍ଲାର ଭକ୍ତି ମଣ୍ଡପ, ଗୌଡ଼ପାଲି, ରେଢ଼ାଖୋଲର କଇଥସାହି, ଯଦୁମଣିପାଟଣା, ରଥସାହି, ଖନ୍ଦାଡ଼ିପ, ନୂଆଁସାହି, ହୁରୁମଟିକ୍ରା, ଦେହେରୀସାହି, ଗଣେଶ ନଗର, ଆମ୍ବେଦକର ନଗର, ଶିବଶଙ୍କର ପଡା, ଶୁଣ୍ଡିମୁଣ୍ଡା ଓ ଉଇଁଚା ସହିତ ୧୫ଟି ସ୍ଥାନରେ ଗଜଲକ୍ଷ୍ମୀଙ୍କ ପୂଜା କରାଯାଉଛି। ଏଥିସହ ନାକଟିଦେଉଳ, କଦଳୀଗଡ଼, ବାରବାଙ୍କ, ଗୋଧିଡ଼ିପ ପ୍ରଭୃତି ଗ୍ରାମରେ ମଧ୍ୟ ପୂଜାମଣ୍ଡପରେ ଦେବୀ ଗଜଲକ୍ଷ୍ମୀ ପୂଜା ପାଉଛନ୍ତି। ବିଶେଷ ଭାବେ ରେଢ଼ାଖୋଲ ସହର ଗଜଲକ୍ଷ୍ମୀ ପୂଜା ପାଇଁ ଉତ୍ସବମୁଖର ହୋଇଉଠିଛି। ଏକ ସପ୍ତାହରୁ ଊର୍ଦ୍ଧ୍ୱ ସମୟ ଧରି ରେଢ଼ାଖୋଲରେ ଏହି ଉତ୍ସବ ବହୁ ଧୂମଧାମରେ ହୋଇଥାଏ । ତେଣୁ ଦୂରଦୂରାନ୍ତରେ ଥିବା ଆତ୍ମୀୟଙ୍କ ଆଗମନ ଦେଖାଯାଇଛି।

# ଅମଳ ଋତୁରେ ବାତ୍ୟା ଭୟ, ଚିନ୍ତାରେ ଚାଷୀ

ରାୟଗଡ଼ା,(ସବ୍ୟୁ) : ଅମଳ ଋତୁରେ ସମ୍ଭାବ୍ୟ ବାତ୍ୟା ଭୟ ଚାଷୀଙ୍କ ଚିନ୍ତା ବଢ଼ାଇଦେଇଛି। କ୍ଷେତରେ ପାଚିଲା ଧାନ ଅମଳ ଅପେକ୍ଷାରେ ଥିବାବେଳେ ଅନ୍ୟପଟେ ଅମଳ ହୋଇଥିବା ମକାକୁ ସୁରକ୍ଷିତ ରଖିବା ଚାଷୀଙ୍କ ପାଇଁ ବଡ଼ ସମସ୍ୟା ପାଲଟିଛି। ପ୍ରବଳ ବର୍ଷା ଓ ପବନ ହେଲେ ବର୍ଷକର ପରିଶ୍ରମ ପାଣିରେ ମିଶିଯିବା ଆଶଙ୍କାରେ ଦକ୍ଷିଣ ଓଡ଼ିଶା ସମେତ ଆନ୍ଧ୍ର-ଓଡ଼ିଶା ସୀମାନ୍ତ ଅଞ୍ଚଳର ଚାଷୀ ଆତଙ୍କିତ ହୋଇପଡ଼ିଛନ୍ତି। ବାତ୍ୟା ଆଶଙ୍କାରେ ଅନେକ ଚାଷୀ ଆଗୁଆ ମକା ଅମଳ କରୁଥିବାବେଳେ ସଂରକ୍ଷଣ ପାଇଁ ଉପଯୁକ୍ତ ସ୍ଥାନ ନଥିବାରୁ ରାସ୍ତାକଡ଼, ବ୍ରିଜ ଓ ଖୋଲା ପଡ଼ିଆରେ ଶସ୍ୟ ରଖିବାକୁ ବାଧ୍ୟ ହେଉଛନ୍ତି। ୧୦ ଏକର ଜମିରେ ମକା ଚାଷ କରିଥିବା ଜଣେ ଚାଷୀ ମଧ୍ୟ ବର୍ଷା ଭୟରେ ଆଗୁଆ ଅମଳ କରିଥିଲେ ହେଁ ଏବେ ସଂରକ୍ଷଣ ସମସ୍ୟାରେ ପଡ଼ିଛନ୍ତି। ମକା ଓଦା ହେଲେ ଗୁଣମାନ ହ୍ରାସ ସହ ଆର୍ଥିକ କ୍ଷତିର ଆଶଙ୍କା ରହିଛି। ଧାନ ଚାଷୀଙ୍କ ସ୍ଥିତି ମଧ୍ୟ ଚିନ୍ତାଜନକ। କେତେକ ଜମିରେ ଧାନ ଅମଳ ଉପଯୋଗୀ ହୋଇଥିବାବେଳେ ଆଉ କେତେକ ଜମିରେ ପାଚିବାକୁ ଆହୁରି ୧୦ରୁ ୧୫ ଦିନ ସମୟ ଲାଗିଥାନ୍ତା। ବାତ୍ୟା ଭୟରେ ଅଧାପାଚିଲା ଧାନ କାଟିବାକୁ ଚାଷୀ ବାଧ୍ୟ ହେଲେ ଉତ୍ପାଦନ ଓ ଗୁଣମାନ ହ୍ରାସ ପାଇବାର ଆଶଙ୍କା ରହିଛି। ବିରି, ମୁଗ, କୋଳଥ ଓ କପା ଚାଷ ମଧ୍ୟ ବର୍ଷା ଓ ପବନ ଯୋଗୁଁ ପ୍ରଭାବିତ ହୋଇପାରେ। କୃଷି ବିଭାଗର ତଥ୍ୟ ଅନୁଯାୟୀ, ଚଳିତ ବର୍ଷ ରାୟଗଡ଼ା ଜିଲ୍ଲାରେ ୪୬,୮୪୦ ହେକ୍ଟରରେ ଧାନ, ୪୯,୬୧୯ ହେକ୍ଟରରେ କପା, ୧୭,୮୦୮ ହେକ୍ଟରରେ ମକା, ୧୮,୫୭୮ ହେକ୍ଟରରେ ମାଣ୍ଡିଆ ଏବଂ ୧୨,୫୪୨ ହେକ୍ଟରରେ ହରଡ଼ ଚାଷ ହୋଇଛି। ଏତେ ବ୍ୟାପକ ଚାଷ ଜମିରେ ବାତ୍ୟାର ପ୍ରଭାବ କୃଷି ଅର୍ଥନୀତିକୁ ପ୍ରଭାବିତ କରିବା ଆଶଙ୍କା ରହିଛି। ଏପଟେ ଜିଲ୍ଲା ପ୍ରଶାସନ ବାତ୍ୟା ମୁକାବିଲା ପାଇଁ ପ୍ରସ୍ତୁତି ଜୋରଦାର କରିଛି। ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣୀଙ୍କ ଅଧ୍ୟକ୍ଷତାରେ ସମୀକ୍ଷା ବୈଠକ ହୋଇଥିବାବେଳେ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ନକ୍ଷତ୍ର ମୋହନ ରାଉଳଙ୍କ ଅଧ୍ୟକ୍ଷତାରେ କୃଷି ବିଭାଗର ସ୍ୱତନ୍ତ୍ର ବୈଠକ ମଧ୍ୟ ହୋଇଛି। ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କ ଛୁଟି ବାତିଲ କରି ସଜାଗ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। କ୍ଷେତରୁ ଜଳ ନିଷ୍କାସନ ଓ ଅମଳ ଶସ୍ୟକୁ ସୁରକ୍ଷିତ ସ୍ଥାନରେ ରଖିବାକୁ ଚାଷୀଙ୍କୁ ସଚେତନ କରାଯାଉଛି। ଫସଲ ନଷ୍ଟ ହେଲେ କ୍ଷୟକ୍ଷତି ଆକଳନ ଓ ବୀମା ସହାୟତା ପାଇଁ ବ୍ଲକସ୍ତରୀୟ କୃଷି ଅଧିକାରୀଙ୍କ ସହ ଯୋଗାଯୋଗ କରିବାକୁ ପରାମର୍ଶ ଦିଆଯାଇଛି। ତେବେ ଚାଷୀଙ୍କ ତୁରନ୍ତ ଆବଶ୍ୟକତା ହେଉଛି ଅମଳ ଶସ୍ୟ ପାଇଁ ସୁରକ୍ଷିତ ସ୍ଥାନ, ପାଲ ଓ ଆବଶ୍ୟକ ପ୍ରଶାସନିକ ସହାୟତା। ବାତ୍ୟା ପ୍ରଭାବ କେତେ ରହିବ, ତାହା ପରବର୍ତ୍ତୀ ପରିସ୍ଥିତିରୁ ସ୍ପଷ୍ଟ ହେବ। ତେବେ ତା' ପୂର୍ବରୁ ଚାଷୀଙ୍କ ଅମଳ ଶସ୍ୟ ସୁରକ୍ଷିତ ରଖିବା ପ୍ରଶାସନ ପାଇଁ ବଡ଼ ଆହ୍ୱାନ ପାଲଟିଛି।

# ବାତ୍ୟା ମୁକାବିଲା : ରାୟଗଡ଼ାରେ ୮୪ ଆଶ୍ରୟସ୍ଥଳୀ ପ୍ରସ୍ତୁତ

ରାୟଗଡ଼ା,(ସବ୍ୟୁ) : ସମ୍ଭାବ୍ୟ ବାତ୍ୟାର ମୁକାବିଲା ସହ ଧନଜୀବନ ସୁରକ୍ଷା ପାଇଁ ରାୟଗଡ଼ା ଜିଲ୍ଲା ପ୍ରଶାସନ ପକ୍ଷରୁ ଆଗୁଆ ପ୍ରସ୍ତୁତି ଆରମ୍ଭ ହୋଇଛି। ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ଆଶୁତୋଷ କୁଲକର୍ଣ୍ଣୀଙ୍କ ଅଧ୍ୟକ୍ଷତାରେ ଭର୍ଚୁଆଲ ମୋଡରେ ଏକ ପ୍ରସ୍ତୁତି ସମୀକ୍ଷା ବୈଠକ ହୋଇଛି। ବାତ୍ୟାର ତୀବ୍ରତାକୁ ଦୃଷ୍ଟିରେ ରଖି ସମସ୍ତ ବିଭାଗକୁ ସଜାଗ ରହିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ପ୍ରତି ଦୁଇ ଘଣ୍ଟାରେ ବର୍ଷା ଓ ପରିସ୍ଥିତିର ରିପୋର୍ଟ ପ୍ରସ୍ତୁତ ସହ ଲୋକଙ୍କ ନିକଟରେ ସତର୍କ ସୂଚନା ପହଞ୍ଚାଇବାକୁ କୁହାଯାଇଛି। ସମସ୍ତ ବ୍ଲକ୍ରେ କଣ୍ଟ୍ରୋଲ ରୁମ ଖୋଲାଯାଇଥିବା ବେଳେ ଅଧିକାରୀ ଓ କର୍ମଚାରୀଙ୍କ ଛୁଟି ବାତିଲ କରାଯାଇଛି। କଲ୍ୟାଣସିଂହପୁର, ଗୁଡ଼ାରୀ ଓ ଗୁଣପୁରରେ ୩ଟି ପାୱାର ବୋଟ ପ୍ରସ୍ତୁତ ରହିଛି। ଏଥିସହ ୩ଟି ସ୍ଥାୟୀ ବହୁମୁଖୀ ବନ୍ୟା ଆଶ୍ରୟସ୍ଥଳୀ ସହ ୮୪ଟି ଅସ୍ଥାୟୀ ଆଶ୍ରୟସ୍ଥଳୀ ପ୍ରସ୍ତୁତ ରଖାଯାଇଛି। ଆବଶ୍ୟକସ୍ଥଳେ ଓଡ୍ରାଫ, ଅଗ୍ନିଶମ ଓ ଏନ୍ଡିଆର୍ଏଫ ଟିମ ମୁତୟନ ହେବ। ଅନ୍ୟପକ୍ଷରେ, ବାତ୍ୟା ମୁକାବିଲା ଏବଂ ପରବର୍ତ୍ତୀ ରିଲିଫ, ଥଇଥାନ ଓ ପୁନରୁଦ୍ଧାର କାର୍ଯ୍ୟର ତଦାରଖ ପାଇଁ ରାଜ୍ୟ ସରକାର ୫ ଜଣ ଆଇଏଏସ ଅଧିକାରୀଙ୍କୁ ୫ଟି ଜିଲ୍ଲାରେ ନିୟୋଜିତ କରିଛନ୍ତି। ରାୟଗଡ଼ା ପାଇଁ ଓଡ଼ିଶା ରାଜ୍ୟ ଯୋଗାଣ ନିଗମର ପରିଚାଳନା ନିର୍ଦ୍ଦେଶକ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କୁ ନିୟୋଜିତ କରାଯାଇଛି। ସେହିପରି କୋରାପୁଟ ପାଇଁ ଡ. ପୋମା ଟୁଡୁ, ଗଜପତି ପାଇଁ ବିଜୟ କୁମାର ଦାଶ, ମାଲକାନଗିରି ପାଇଁ ଡ. ୟେଦୁଲା ବିଜୟ ଏବଂ ନବରଙ୍ଗପୁର ପାଇଁ ଡ. ମହେଶ୍ୱର ସ୍ୱାଇଁଙ୍କୁ ଦାୟିତ୍ୱ ଦିଆଯାଇଛି। ଜରୁରୀ ସହାୟତା ପାଇଁ ୦୬୮୫୬-୨୨୪୦୮୨, ୦୬୮୫୬-୨୨୪୦୬୨ ଏବଂ ଟୋଲ ଫ୍ରି ୧୦୭୭ ନମ୍ବରରେ ଯୋଗାଯୋଗ କରିବାକୁ ପ୍ରଶାସନ ଅନୁରୋଧ କରିଛି। ବାତ୍ୟାକୁ ନେଇ ଆତଙ୍କିତ ନ ହୋଇ ସତର୍କ ରହିବା ସହ ସରକାରୀ ନିର୍ଦ୍ଦେଶ ପାଳନ କରିବାକୁ ଜିଲ୍ଲାପାଳ ଜିଲ୍ଲାବାସୀଙ୍କୁ ନିବେଦନ କରିଛନ୍ତି।

# ଗୁନିଆପାଲି ଠାରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର




ବରଗଡ,(ସବ୍ୟୁ): ରବିବାର ପୂର୍ବାହ୍ନ୧୦ଟାରେ ରେ ମାଁ ମାହେଶ୍ୱରୀ ସେନା ଓ ଗୁନିଆପାଲି ଗ୍ରାମବାସୀଙ୍କ ମିଳିତ ସହଯୋଗରେ ଭେଡେନ ବ୍ଲକ ଗୁନିଆପାଲି ଠାରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରକୁ ଡୁମାଲ ପରିଷଦ, ଓଡିଶା ବରଗଡ଼ ଜିଲ୍ଲା ଶାଖାର ଗୁନିଆପାଲି କେନ୍ଦ୍ର ସଭାପତି ମଗନ ଖମାରୀ ଓ ସୁନାଲରମ୍ଭା ଗ୍ରାମପଞ୍ଚାୟତର ଗ୍ରାମ ରୋଜଗାର ସେବକ ତଥା ସମାଜସେବୀ ଅଶୋକ ସୁନା ଫିତାକାଟି ଶୁଭାରମ୍ଭ କରିଥିଲେ । ଏହି ରକ୍ତଦାନ ଶିବିରରେ ୨ଜଣ ମହିଳା ଓ ୨୮ ଜଣ ପୁରୁଷ ରକ୍ତଦାନ କରିଥିଲେ । ସମୁଦାୟ ମୋଟ ୩୦ ୟୁନିଟ ରକ୍ତ ଭୀମସାର ବୁର୍ଲା ରକ୍ତଭଣ୍ଡାରର ଟେକନିସିଏନ ଓ କର୍ମଚାରୀଙ୍କ ଦ୍ୱାରା ସଂଗୃହିତ ହୋଇଥିଲା । ଶିବିରରେ ମାଁ ମାହେଶ୍ୱରୀ ସେନାର ସମସ୍ତ ସଦସ୍ୟ ବୃନ୍ଦ ଓ ଗୁନିଆପାଲି ଗ୍ରାମବାସୀ ଉପସ୍ଥିତ ରହି ରକ୍ତଦାତା ମାନଂକୁ ଉତ୍ସାହିତ କରିବାସହ ସାହାଯ୍ୟ ସହଯୋଗ କରିଥିଲେ ।

# ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତିଲା ଯାତ୍ରୀବାହୀ ବସ୍



ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ଜିଲ୍ଲା ଖଲିଆପାଲି ଛକ ନିକଟରେ ଏକ ଯାତ୍ରୀବାହୀ ବସ୍ ଏକ ବଡ଼ ଦୁର୍ଘଟଣାରୁ ଅଳ୍ପକେ ରକ୍ଷା ପାଇଛି। ପଡିଆବାହାଲରୁ ସମ୍ବଲପୁର ଯାଉଥିବା ଆମ ବସ୍ ଖଲିଆପାଲି ଛକରେ ପହଞ୍ଚିବା ସମୟରେ ହଠାତ୍ ପ୍ରବଳ ଧୂଆଁ ବାହାରିଥିଲା। ଏହାକୁ ନେଇ ଯାତ୍ରୀଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଥିଲା। ପରିସ୍ଥିତିର ଗମ୍ଭୀରତାକୁ ଅନୁଭବ କରି ବସ୍ ଚାଳକ ତତ୍କ୍ଷଣାତ୍ ଇଞ୍ଜିନ୍ ବନ୍ଦ କରି ବସ୍‌ଟିକୁ ଅଟକାଇଥିଲେ। ଏହାପରେ ଯାତ୍ରୀମାନଙ୍କୁ ସୁରକ୍ଷିତ ଭାବେ ବସ୍‌ରୁ ଓହ୍ଲାଇବାକୁ ସୁଯୋଗ ଦେଇ ନିଜେ ମଧ୍ୟ ବାହାରକୁ ଆସିଥିଲେ। ଚାଳକଙ୍କ ତତ୍ପରତା ଯୋଗୁଁ ଏକ ସମ୍ଭାବ୍ୟ ଅଘଟଣ ଟଳି ଯାଇଥିବା କୁହାଯାଉଛି। ଏହି ଘଟଣାରେ କୌଣସି ଯାତ୍ରୀଙ୍କ କ୍ଷୟକ୍ଷତି ହୋଇନଥିବା ଜଣାପଡ଼ିଛି। ତେବେ ବସ୍ ଭିତରୁ ହଠାତ୍ ଏତେ ପରିମାଣର ଧୂଆଁ ବାହାରିବାର ପ୍ରକୃତ କାରଣ ଏଯାଏଁ ସ୍ପଷ୍ଟ ହୋଇନାହିଁ। ପ୍ରାଥମିକ ଭାବେ କୌଣସି ଯାନ୍ତ୍ରିକ ତ୍ରୁଟି ଯୋଗୁଁ ବସ୍‌ରେ ସ୍ପାର୍କିଂ ହୋଇ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥାଇପାରେ ବୋଲି ଅନୁମାନ କରାଯାଉଛି। ତେବେ ବୈଷୟିକ ଯାଞ୍ଚ ପରେ ହିଁ ଘଟଣାର ପ୍ରକୃତ କାରଣ ଜଣାପଡ଼ିବ। ଅନ୍ୟପଟେ ଯାତ୍ରୀବାହୀ ବସ୍‌ର ନିୟମିତ ଯାନ୍ତ୍ରିକ ଯାଞ୍ଚ ଓ ସୁରକ୍ଷା ବ୍ୟବସ୍ଥା ପ୍ରତି ଗୁରୁତ୍ୱ ଦେବାକୁ ସାଧାରଣରେ ଦାବି ହେଉଛି।

# ଅଖିଳ ଭାରତୀୟ ସାହିତ୍ୟ ପରିଷଦ ବୌଦ୍ଧ ଜିଲ୍ଲା କମିଟି ଗଠିତ

ବୌଦ୍ଧ,(ସବ୍ୟୁ): ବୌଦ୍ଧ ନଗର ସ୍ଥିତ ସଂସ୍କୃତି ଭବନ ପରିସରରେ ଅଖିଳ ଭାରତୀୟ ସାହିତ୍ୟ ପରିଷଦର ଏକ ଜିଲ୍ଲାସ୍ତରୀୟ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା । ବିଶିଷ୍ଟ ସାହିତ୍ୟିକ ହରିହର ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଗିରିଜା ଶଙ୍କର ରଥ ବିଶିଷ୍ଟ ଅତିଥି ଓ ବୌଦ୍ଧ କଲଚରାଲ ଏକାଡେମୀର ସଭାପତି ତଥା ଶିଶୁ ସାହିତ୍ୟିକ ଧ୍ରୁବ ଚରଣ ଘିବେଲା ସମ୍ମାନୀତ ଅତିଥି ଭାବରେ ଯୋଗଦେଇ ବାଳୁତ ବୀର ବାଜିରାଉତଙ୍କ ସହିଦ ଦିବସ ପାଳନ ଅବସରରେ ତାଙ୍କର ବୀରତ୍ୱର ଗାଥା ଉପସ୍ଥାପନ କରିଥିଲେ । ସାହିତ୍ୟିକ ଦେବରାଜ ନାୟକ ଓଡିଶାର ସର୍ବକନିଷ୍ଠ ସହିଦ ବାଜିରାଉତ ମାତ୍ର ବାର ବର୍ଷ ବୟସରେ ୧୯୩୮ ମସିହା ଅକ୍ଟୋବର ୧୧ ତାରିଖରେ ବ୍ରାହ୍ମଣୀ ନଦୀର ନୀଳକଣ୍ଠପୁର ଘାଟରେ ଇଂରେଜ ପୋଲିସର ଗୁଳିରେ ସହିଦ ହୋଇଥିବା ଗାଥା ବର୍ଣ୍ଣନା କରିଥିଲେ ଝ ଶିକ୍ଷାବିତ ହୃଦାନନ୍ଦ ପ୍ରଧାନ, ଜ୍ଞାନଚାନ୍ଦ ଶତପଥି ପ୍ରମୁଖ ନିଜ ନିଜର ବକ୍ତବ୍ୟ ରଖିଥିଲେ ଝ ପରିଷଦର କାର୍ଯ୍ୟ ଆଗକୁ ବଢେଇବା ପାଇଁ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଗିରିଜାଶଙ୍କର ରଥଙ୍କ ତତ୍ତ୍ୱାବଧାନରେ ଜିଲ୍ଲା ସମିତି ଗଠନ କରାଯାଇଥିଲା ଝ ଉପଦେଷ୍ଟା ଭାବରେ ଧ୍ରୁବ ଚରଣ ଘିବେଲା, ଦେବରାଜ ନାୟକ, ଟଙ୍କଧର ସାହୁ, ଅଧ୍ୟକ୍ଷ ଭାବରେ ହରିହର ମେହେର, ଉପାଧ୍ୟକ୍ଷ ରାଜ କୁମାର ପ୍ରଧାନ,ସାଧାରଣ ସମ୍ପାଦକ ବିଜୟ କୁମାର ସାହୁ, ଯୁଗ୍ମ ସମ୍ପାଦକ ଧିରେନ କୁମାର ପ୍ରଧାନ, କୋଷାଧ୍ୟକ୍ଷ ଚକ୍ରଧର ମେହେର, ସଦସ୍ୟ ହୃଦାନନ୍ଦ ପ୍ରଧାନ, ଶିବରାମ ସାହୁ, ଜ୍ଞାନଚାନ୍ଦ ଶତପଥି, ସନ୍ତୋଷ ମେହେର, ନିରଞ୍ଜନ ମେହେର ଓ କରୁଣାକର ଘାଣ୍ଟୁଆଳ ପ୍ରମୁଖ ସର୍ବସମ୍ମତି କ୍ରମେ ମନୋନୀତ ହୋଇଥିଲେ । ଶେଷରେ ସମ୍ପାଦକ ବିଜୟ କୁମାର ସାହୁ ଧନ୍ୟବାଦ ଦେଇଥିଲେ ।

# ପୂର୍ବ ଶତ୍ରୁତାରୁ ଉଜୁଡିଲା ସୁନାର ଫସଲ
# ଧାନ ବିଲରେ ଘାସମରା ବିଷ ପକାଇଦେଲେ ଦୁର୍ବୃତ୍ତ

ସୋର (ସବ୍ୟୁ): ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଜଣେ ଗରିବ ଚାଷୀଙ୍କ ଧାନ ବିଲରେ ଘାସମରା ବିଷ ପକାଇ ସୁନାର ଫସଲକୁ ସମ୍ପୂର୍ଣ୍ଣ ନଷ୍ଟ କରିଦେବା ଭଳି ଏକ ଅଭାବନୀୟ ତଥା ନିନ୍ଦନୀୟ ଘଟଣା ସୋର ଥାନା ଅଞ୍ଚଳରେ ଦେଖିବାକୁ ମିଳିଛି। ନିଜର ଉଜୁଡ଼ା ଫସଲ ଦେଖି ଚାଷୀ ଜଣକ ଏବେ ମୁଣ୍ଡରେ ହାତ ଦେଇ ବସିଥିବା ବେଳେ ନ୍ୟାୟ ଆଶାରେ ପୋଲିସର ଦ୍ୱାରସ୍ଥ ହୋଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ବାଲେଶର ଜିଲା ସୋର ଥାନା ଅନ୍ତର୍ଗତ ସବିରା ପଞ୍ଚାୟତର ଭାଟପଡା ଗ୍ରାମର କୃଷ୍ଣ ଚନ୍ଦ୍ର ବାରିକ ନିଜର ୪୪ ଡିସିମିଲ ଜମିରେ ବହୁ କଷ୍ଟରେ ଧାନ ଚାଷ କରିଥିଲେ। ପୂର୍ବ ଶତ୍ରୁତାକୁ ନେଇ ଆକ୍ରୋଶମୂଳକ ଭାବେ ତାଙ୍କର ଉକ୍ତ ଧାନ ବିଲରେ ଘାସମରା ବିଷ ପ୍ରୟୋଗ କରିଦେଇଥିଲେ। ବିଷ ପ୍ରଭାବରେ ସମ୍ପୂର୍ଣ୍ଣ ଧାନ ଫସଲ ଏବେ ପୋଡ଼ି ଜଳି ନଷ୍ଟ ହୋଇ ଯାଉଥିବା ଦେଖିବାକୁ ମିଳିଛି।ଅମଳ ସମୟ ପାଖେଇ ଆସୁଥିବା ବେଳେ ଦୁର୍ବୃତ୍ତଙ୍କ ଏଭଳି ହୀନ କାର୍ଯ୍ୟ ଯୋଗୁଁ ବୃଦ୍ଧ ଚାଷୀ କୃଷ୍ଣ ଚନ୍ଦ୍ର ବାରିକ ଓ ତାଙ୍କ ପତ୍ନୀ ସମ୍ପୂର୍ଣ୍ଣ ଭାଙ୍ଗି ପଡ଼ିଛନ୍ତି। ଏହି ଘଟଣାକୁ ନେଇ ସେ ସୋର ଥାନାରେ ଏକ ଲିଖିତ ଅଭିଯୋଗ ଦାୟର କରିଛନ୍ତି। ପୋଲିସ ଏତଲାକୁ ଭିତ୍ତି କରି ଘଟଣାର ତଦନ୍ତ ଆରମ୍ଭ କରିଛି। ଅନ୍ୟପଟେ ଏଭଳି ହୀନ କାର୍ଯ୍ୟ କରିଥିବା ଦୋଷୀଙ୍କ ବିରୋଧରେ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଗ୍ରାମବାସୀ ତଥା ସାଧାରଣରେ ଦାବି ହୋଇଛି।

# ନାବାଳିକା ଦୁଷ୍କର୍ମ, ହତ୍ୟା ଘଟଣାରେ ୩ ଅଟକ

ଜଳେଶ୍ୱର / ବାଲେଶ୍ୱର,(ସବ୍ୟୁ): ସାରା ରାଜ୍ୟକୁ ଦୋହଲାଇ ଦେଇଥିବା ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ଥାନା ଅଞ୍ଚଳରେ ନାବାଳିକା ଛାତ୍ରୀକୁ ଦୁଷ୍କର୍ମ ପରେ ହତ୍ୟା ଘଟଣାରେ ସମ୍ପୃକ୍ତ ସନ୍ଦେହରେ ଜଣେ ମହିଳାଙ୍କ ସମେତ ଦୁଇ ଜଣଙ୍କୁ ଅଟକ ରଖିଛି ଜଳେଶ୍ୱର ପୋଲିସ । ଅଟକ ତିନି ଜଣଙ୍କୁ ଏକୁଟିଆ ଓ ପରେ ସାମ୍ନାସାମ୍ନି କରି ମାରାଥନ ଜେରା କରି ଘଟଣାର ସତ୍ୟାସତ୍ୟ ପଦାକୁ ଆଣିବାକୁ ଚେଷ୍ଟା ଚଳାଇଛି ପୋଲିସର ସ୍ୱତନ୍ତ୍ର ଟିମ । ବହୁ ତଥ୍ୟ ସାମ୍ନାକୁ ଆସିଛି ବୋଲି ସୂତ୍ରରୁ ଜାଣିବାକୁ ମିଳିଛି। ଏହି ଘଟଣାରେ ପୂର୍ବରୁ ମୁଖ୍ୟ ଅଭିଯୁକ୍ତ ଚନ୍ଦ୍ରକାନ୍ତ ଜେନା ଓରଫ କାହ୍ନୁକୁ ପୂର୍ବରୁ ଗିରଫ କରିଛି ପୋଲିସ। ଅପରପକ୍ଷରେ ଆଜି ରବିବାର ମୁଖ୍ୟ ଅଭିଯୁକ୍ତକୁ ପୋଲିସ ଡାକ୍ତରୀ ମାଇନା କରାଇଥିବା ଜଣାପଡିଛି।

# କୁମାର ପୂର୍ଣ୍ଣିମା ପାଳିତ

ଭଣ୍ଡାରିପୋଖରୀ,(ସବ୍ୟୁ) : ଭଣ୍ଡାରିପୋଖରୀ ବ୍ଲକ ଅଞ୍ଚଳରେ କୁମାରପୂର୍ଣ୍ଣିମା ପର୍ବ କୁମାରୀକନ୍ୟାମାନେ ରବିବାର ପାଳନ କରିଛନ୍ତି। ଏଥିପାଇଁ ଘର ଅଗଣାରେ ଥିବା ତୁଳସୀ ଚଉରାକୁ ସଜାଇ ଆକର୍ଷଣୀୟ ରୂପ ଦିଆଯାଇଥିଲା। ଜହ୍ନି ଓ ନାଲି, ନୀଳ ଓ ଧଳା ରଙ୍ଗର କଇଁ ଆଦି ଫୁଲରେ ଚଉରାକୁ ସଜ୍ଜିତ କରିଥିଲେ। କୁମାରୀ କନ୍ୟାମାନେ ଦିନ ତମାମ ଉପାସ ରହି ସନ୍ଧ୍ୟାରେ ନବବସ୍ତ୍ର ପରିଧାନ କରି କଳସ ପୂଜା ସହ ନବଉଦିତ ଜହ୍ନମାମୁଁଙ୍କୁ ଆବାହନ କରି ଚନ୍ଦ୍ରମା ପୂଜା କରିଥିଲେ। ଖଇ, ତାଳଗଜା ମିଶ୍ରିତ ଭୋଗରେ ଚନ୍ଦ୍ରାକୃତି କରାଯାଇ ଜହ୍ନମାମୁଁଙ୍କୁ ବନ୍ଦାପନା ସହ ମଣ୍ଡାପିଠା ଭୋଗ ଲାଗି କରାଯାଇଥିଲା। କୁମାର ପୂର୍ଣ୍ଣିମା ସଙ୍ଗୀତ ଗାନ ସହ କୁଆଁରୀମାନେ ନଗରଭ୍ରମଣ କରି ଉତ୍ସବ ପାଳନ କରିଥିଲେ।

# ବେଙ୍ଗାଲୁରୁ ଓଡିଆ ସମାଜର ଦଶହରା ପାଳନ

ଭଣ୍ଡାରିପୋଖରୀ,ତା(ସବ୍ୟୁ):କର୍ଣ୍ଣାଟକ ବେଙ୍ଗାଲୁରୁ ମହାନଗରରେ ଥିବା 'ଉତ୍କଳ ୱେଲଫାୟାର ଟ୍ରଷ୍ଟ' ପକ୍ଷରୁ ବାର୍ଷିକ ଦଶହରା ପର୍ବ ପାଳନ ହୋଇଯାଇଛି। ବେଙ୍ଗାଲୁରୁ ନଗୋନ୍ଦନାହଲି କଇଟୋଟା ରୋଡ ହ୍ୱାଇଟଫିଲ୍ଡରେ ମୃଣ୍ମୟୀ ଓ ପାର୍ଶ୍ୱ ମୂର୍ତ୍ତି ନିର୍ମାଣ କରାଯାଇ ଓଡିଆ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯାଇଥିଲା। ଟ୍ରଷ୍ଟ ସଭାପତି ଅମରେନ୍ଦ୍ର ସାହାଣୀ, ଆଇନଜୀବି ସୁଧାଂଶୁ ନାୟକ ପ୍ରମୁଖଙ୍କ ସଂଯୋଜନାରେ ପୂଜକ ବିକ୍ରମ ଶତପଥି ଓ ସାଥିମାନେ ଷଷ୍ଠୀ ଠାରୁ ବିଜୟାଦଶମୀ ପର୍ଯ୍ୟନ୍ତ ପୂଜା, ଚଣ୍ଡୀପାଠ କରିଥିଲେ। ଅଧିବାସରେ ମହିଳାମାନଙ୍କ ଦ୍ୱାରା କଳସ ଶୋଭାଯାତ୍ରା ଅନୁଷ୍ଠିତ ହେବା ସହ ବିଭିନ୍ନ ଦିବସରେ ସିନ୍ଦୁର ଖେଳ, କନ୍ୟାପୂଜା, ଗୋପୂଜା ଅନୁଷ୍ଠିତ ହୋଇଥିଲା। ପୂଜା ଦିବସରେ ଓଡିଆ ଅନ୍ନ ଓ ବ୍ୟଞ୍ଜନ ଶ୍ରଦ୍ଧାଳୁମାନଙ୍କୁ ପରିବେଷଣ କରାଯାଇଥିଲା। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଡାଣ୍ଡିଆ ନୃତ୍ୟ ପରିବେଷଣ ସହ ଲୋକପ୍ରିୟ ଓଡିଆ ଗାୟକ ଓ ଗାୟିକା ସୌମ୍ୟଜିତ, ଜେସିକା, ଜାଗୃତି ମିଶ୍ର, ସ୍ମରଣିକା ନାୟକ ବିଭିନ୍ନ ସନ୍ଧ୍ୟାରେ ସଙ୍ଗୀତ ପରିବେଷଣ କରିଥିଲେ। ଆଙ୍କର ଦିବ୍ୟ ସଭାମଞ୍ଚ ପରିଚାଳନା କରିଥିଲେ। ନବମୀ ସନ୍ଧ୍ୟାରେ ସ୍ଥାନୀୟ ବିଧାୟିକା ମଞ୍ଜୁଳା ଅରବିନ୍ଦ ଲିମ୍ବାବଳୀ ମୁଖ୍ୟ ଅତିଥି ଓ ସମାଜସେବୀ ପ୍ରେମକୁମାର ଓ ନାଗେଶ(ଜଗଦୀଶ) ହେଚ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଓଡିଆ ପୂଜାବିଧିର ଉଚ୍ଚ ପ୍ରଶଂସା କରିଥିଲେ। ସୁଦୂର ବେଙ୍ଗାଲୁରୁ ମହାନଗରରେ ଓଡିଆମାନଙ୍କ ସାମୁହିକ ପୂଜା ଓଡିଆ ବାସ୍ନା ସୃଷ୍ଟିରେ ସହାୟକ ହୋଇଥିଲ ।

# ଜିଲ୍ଲାସ୍ତରୀୟ ନାର୍କୋ ସମନ୍ୱୟ କେନ୍ଦ୍ର କମିଟି ବୈଠକ



ନୂଆପଡ଼ା ,(ସବ୍ୟୁ): ନୂଆପଡ଼ା ଜିଲ୍ଲାସ୍ତରୀୟ ନାର୍କୋ ସମନ୍ୱୟ କେନ୍ଦ୍ର (ଏନ୍କୋଆର୍ଡି) ମେକାନିଜମ କମିଟିର ବୈଠକ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ମୁଖ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାରେ ମାଦକଦ୍ରବ୍ୟର ଅବୈଧ କାରବାର ଓ ବ୍ୟବହାର ରୋକିବା, ମାଦକ ବିରୋଧୀ ସଚେତନତାକୁ ବ୍ୟାପକ କରିବା ଏବଂ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱିତ କାର୍ଯ୍ୟପଦ୍ଧତିକୁ ଅଧିକ ସୁଦୃଢ଼ କରିବା ନେଇ ବୈଠକରେ ବିସ୍ତୃତ ଆଲୋଚନା ହୋଇଥିଲା। ପ୍ରାରମ୍ଭରେ ଡିଏସପି (ହେଡକ୍ୱାର୍ଟର୍ସ) ସ୍ୱାଧୀନ ମିଶ୍ର ସମସ୍ତଙ୍କୁ ସ୍ୱାଗତ ଜଣାଇ ବୈଠକର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ବୈଠକରେ ସେପ୍ଟେମ୍ବର ୨୦୨୬ ପର୍ଯ୍ୟନ୍ତ ପୋଲିସ ଓ ଅବକାରୀ ବିଭାଗ ପକ୍ଷରୁ ମାଦକ ବିରୋଧରେ କରାଯାଇଥିବା ପ୍ରବର୍ତ୍ତନମୂଳକ ପଦକ୍ଷେପର ସମୀକ୍ଷା କରାଯାଇଥିଲା। ବୈଠକରେ ଜିଲ୍ଲାପାଳ ଅନ୍ୟାନ୍ୟ ଦାସ,ଅତିରିକ୍ତ ଜିଲ୍ଲାପାଳ ସୁବାଷ ଚନ୍ଦ୍ର ରଇତ, ବନଖଣ୍ଡ ଅଧିକାରୀ, ପ୍ରାନ୍ତୀୟ ଆଜିଜ ଖାଁ, ଉପଜିଲ୍ଲାପାଳ ସୁର୍ମୀ ସୋରେନ, ସିଡିଏମଓ ଡ. ଈଶାନୀ ମିତ୍ର, ଅବକାରୀ ଅଧିକ୍ଷକ ସଂଘମିତ୍ରା ପ୍ରଧାନ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ରେଶମଲାଲ ନାୟକଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।

# ଆଖି ବୁଜିଲେ ଡାହି ଗ୍ରାମର ଆଦର୍ଶ ଶିକ୍ଷକ

ଖଇରା ,(ସବ୍ୟୁ):ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ ଗଡ଼ପୋଖରୀ ପଞ୍ଚାୟତ ଅଧୀନ ଡାହି ଗ୍ରାମର ଆଦର୍ଶ ଶିକ୍ଷକ ପିତାମ୍ବର ପାଢ଼ୀ(୭୪) ରବିବାର ପୂର୍ବାହ୍ନରେ ଇହଲୀଳା ସମ୍ବରଣ କରିଛନ୍ତି । ତାଙ୍କ ଏଭଳି ଆକସ୍ମିକ ମୃତ୍ୟୁ ଖବର ପାଇ ଅଗଣିତ ଛାତ୍ରୀ ଛାତ୍ର, ଶୁଭେଚ୍ଛୁ, ଆତ୍ମୀୟ ସ୍ୱଜନ, ଶିକ୍ଷକ ସଂଘର କର୍ମକର୍ତ୍ତା ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହ ଅମର ଆତ୍ମାର ସଦଗତି କାମନା କରିଛନ୍ତି । ସ୍ୱର୍ଗତ ପାଢ଼ୀ ୧୯୬୯ମସିହାରେ ଅଣିଯୋ ସିନ୍ଧୁକେଶ୍ୱର ହାଇସ୍କୁଲରୁ ଶିକ୍ଷକତା ଜୀବନ ଆରମ୍ଭ କରି ୨୦୧୦ ମସିହା ମାର୍ଚ୍ଚ ୩୧ରେ ଅବସର ଗ୍ରହଣ କରିଥିଲେ ।ତାଙ୍କ ମୃତ ଶରୀରକୁ ଏକ ଶୋଭାଯାତ୍ରା ରେ ଗାଁ ପରିକ୍ରମା କରାଯିବା ପରେ ଶେଷକୃତ୍ୟ ସମ୍ପର୍ଣ୍ଣ କରାଯାଇଥିଲା । ତାଙ୍କର ଏଭଳି ଆକସ୍ମିକ ମୃତ୍ୟୁରେ ବରିଷ୍ଠ ସାମ୍ବାଦିକ ଅନାମ ଚରଣ ପଣ୍ଡା, କୈଳାଶ ଚନ୍ଦ୍ର ଦାସ, ଉତ୍କଳ ବନ୍ଧୁ ପଣ୍ଡା,ବଳରାମ ଲେଙ୍କା ପ୍ରମୁଖ ଗଭୀର ଶୋକ ପ୍ରକାଶ କରିଛନ୍ତି ।

# ଶତାୟୁ ମା' : ଦୃଷ୍ଟି, ଶ୍ରବଣ ଶକ୍ତି ନାହିଁ ଅଛି ଅଟୁଟ ମନୋବଳ



ରାୟଗଡ଼ା,(ସବ୍ୟୁ): ବୟସ ଶହେରୁ ଅଧିକ। ଦୁଇ ଆଖିରେ ଆଲୋକ ନାହିଁ, କାନରେ ଶୁଣିବାର ଶକ୍ତି ମଧ୍ୟ ନାହିଁ। ବୟସର ଭାରରେ ଶରୀର ନଇଁ ପଡ଼ିଛି। ହେଲେ ଜୀବନ ପ୍ରତି ମନୋବଳ ଏବେ ବି ଅଟୁଟ। ରାୟଗଡ଼ା ଜିଲା କୋଲନରା ବ୍ଲକ ରୋବାଡି ପଞ୍ଚାୟତର ଏକ ପାହାଡ଼ିଆ ଅଞ୍ଚଳରେ ରହୁଥିବା ଏହି ଶତାୟୁ ମାଆ ଆଜି ଅନେକଙ୍କ ପାଇଁ ପ୍ରେରଣାର ଉତ୍ସ। ଶାରୀରିକ ଅସୁବିଧା ସତ୍ତ୍ୱେ ପରିବାର ସହ ମିଶି ଆଜି ବି ବିଭିନ୍ନ କାମରେ ସହଯୋଗ କରୁଛନ୍ତି ସେ। ପାହାଡ଼ ଓ ଜଙ୍ଗଲରୁ ସଂଗ୍ରହ କରାଯାଉଥିବା ମହୁଲ ଫଳର ଟୋଲର ଚୋପା ଛଡ଼ାଇବାଠାରୁ ଆରମ୍ଭ କରି ପାରମ୍ପରିକ ପ୍ରଣାଳୀରେ ତେଲ ବାହାର କରିବା ପର୍ଯ୍ୟନ୍ତ କାମରେ ତାଙ୍କ ଅନୁଭବ ଏବେ ବି ପରିବାର ପାଇଁ ମୂଲ୍ୟବାନ। ତାଙ୍କ ଜୀବନ କେବଳ ଶ୍ରମ ଓ ସଂଘର୍ଷର କାହାଣୀ ନୁହେଁ ଏହା ପିଢ଼ି ପରେ ପିଢ଼ି ଚାଲିଆସିଥିବା ପାରମ୍ପରିକ ଜ୍ଞାନର ଏକ ଜୀବନ୍ତ ଚିତ୍ର। ଆଧୁନିକ ଶିକ୍ଷାର ସୁଯୋଗ ହୁଏତ ତାଙ୍କ ଜୀବନରେ ଆସିନଥିଲା। କିନ୍ତୁ ଜଙ୍ଗଲ, ପାହାଡ଼, ମାଟି, ପାଣି ଓ ପ୍ରକୃତି ସହ ସନ୍ତୁଳନ ରକ୍ଷା କରି କିପରି ବଞ୍ଚିବାକୁ ହୁଏ, ତାହାର ଅନୁଭବ ତାଙ୍କ ପାଖରେ ରହିଛି। ଆଦିବାସୀ ସମାଜକୁ କେବଳ ଅଶିକ୍ଷିତ କିମ୍ବା ପଛୁଆ ଭାବେ ଦେଖିବା ଠିକ ନୁହେଁ। ପ୍ରକୃତି ସହ ମିଶି ବଞ୍ଚିବାର କଳା, ଜଙ୍ଗଲର ଜ୍ଞାନ, ବନଜାତ ଦ୍ରବ୍ୟର ବ୍ୟବହାର, ଔଷଧୀୟ ଉଦ୍ଭିଦ ସମ୍ପର୍କିତ ପାରମ୍ପରିକ ଜ୍ଞାନ ଓ ଶ୍ରମ ପ୍ରତି ସମ୍ମାନ ଏସବୁ ତାଙ୍କ ଜୀବନର ଅମୂଲ୍ୟ ସମ୍ପଦ। ଶତାୟୁ ମାଆଙ୍କ ଜୀବନ ଆମ ସମାଜକୁ ନିରବରେ ଗୋଟିଏ ବଡ଼ ପ୍ରଶ୍ନ ପଚାରେ ଆମେ ଶିକ୍ଷିତ ହୋଇଛୁ, କିନ୍ତୁ ଜୀବନକୁ କ'ଣ ଶିଖିଛୁ! ଆଖିର ଆଲୋକ ହରାଇଥିଲେ ମଧ୍ୟ ଜୀବନକୁ ଦେଖିବାର ଦୃଷ୍ଟିକୋଣ ସେ ହରାଇନାହାନ୍ତି। ତାଙ୍କ ହାତରେ ମହୁଲ ଫଳର ଚୋପା ଛଡ଼ାଇବାର ଦୃଶ୍ୟ ମନେ ପକାଇଦିଏ। ଶିକ୍ଷା କେବଳ ପୁସ୍ତକର ପୃଷ୍ଠାରେ ସୀମିତ ନୁହେଁ। ଅନୁଭବ, ପରମ୍ପରା, ପ୍ରକୃତି ଓ ଜୀବନ ସଂଘର୍ଷ ମଧ୍ୟ ମଣିଷକୁ ଅନେକ କିଛି ଶିଖାଇଥାଏ। ଏହି ଶତାୟୁ ମାଆଙ୍କ ଜୀବନ ମଣିଷକୁ ସରଳତା, ଶ୍ରମ, ପ୍ରକୃତିପ୍ରେମ ଓ ଅଟୁଟ ମନୋବଳର ପାଠ ପଢ଼ାଉଛି। ତାଙ୍କ ଜୀବନ ଏକ ନିରବ ପାଠଶାଳା ଯେଉଁଠି ପୁସ୍ତକ ନାହିଁ, କିନ୍ତୁ ଅଛି ଅନୁଭବ ଅକ୍ଷର ନାହିଁ, କିନ୍ତୁ ଅଛି ଜୀବନର ଗଭୀର ଜ୍ଞାନ।

# କୋଟିଆରେ ଆନ୍ଧ୍ର ପୋଲିସକୁ କୋରାପୁଟ ବିଧାୟକଙ୍କ ବିରୋଧ

କୋରାପୁଟ, (ସବ୍ୟୁ): କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ ଅନ୍ତର୍ଗତ କୋଟିଆ ପଞ୍ଚାୟତକୁ ନେଇ ଦିନକୁ ଦିନ ସ୍ଥିତି ଜଟିଳ ହେବାରେ ଲାଗିଛି। ଏପରି ସ୍ଥିତିରେ କୋଟିଆର ସୀମାନ୍ତ ଗ୍ରାମରେ ଆନ୍ଧ୍ର ପୋଲିସର ଉପସ୍ଥିତିକୁ କୋରାପୁଟ ବିଧାୟକ ରଘୁରାମ ମାଛ ବିରୋଧ କରିଛନ୍ତି। ଓଡ଼ିଶାର ସୀମାନ୍ତ ଗ୍ରାମକୁ କୌଣସି କାମରେ ଆସିବାକୁ ହେଲେ ଓଡ଼ିଶା ସରକାର କିମ୍ବା କୋରାପୁଟ ପ୍ରଶାସନର ଅନୁମତି ନେବାକୁ ସେ ଆନ୍ଧ୍ର ପୋଲିସକୁ ପରାମର୍ଶ ଦେଇଥିବା ଜଣାପଡ଼ିଛି।କୋରାପୁଟ ବିଧାୟକ ତଥା ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ରଘୁରାମ ମାଛଙ୍କ ସହ ଦଳର ପୂର୍ବତନ ଜିଲା ସଭାପତି ସୁମନ୍ତ ପ୍ରଧାନ ଓ ଚୈତନ୍ୟ ନନ୍ଦିବାଲି ପ୍ରମୁଖ କୋଟିଆ ପଞ୍ଚାୟତ ଗସ୍ତ କରି ସ୍ଥିତି ଅନୁଧ୍ୟାନ କରିଥିଲେ। ଏହି ସମୟରେ ସେମାନେ ପଞ୍ଚାୟତର ସୀମାନ୍ତ ଗ୍ରାମ ଫାଟୁସିନେରୀ ଅଭିମୁଖେ ଯାଉଥିଲେ। ଫାଟୁସିନେରୀ ପୂର୍ବରୁ ପଡୁଥିବା ମାଡକାର ଗ୍ରାମରେ ଆନ୍ଧ୍ର ପୋଲିସର କିଛି କର୍ମଚାରୀଙ୍କୁ ସେମାନେ ଦେଖିଥିଲେ। ସେଠାରେ କୋଟିଆ ପଞ୍ଚାୟତ ପାଇଁ ନିଯୁକ୍ତ ଆନ୍ଧ୍ର ପୋଲିସ ଅଧିକାରୀ ପି. ରାମକ୍ରିଷ୍ଣାଙ୍କ ସମେତ ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ।ଆନ୍ଧ୍ର ପୋଲିସକୁ ଦେଖି ବିଧାୟକ ରଘୁରାମ ମାଛ ବାରମ୍ବାର ଏଠାକୁ ଆସି ବିବାଦ ବଢ଼ାଉଥିବା ନେଇ ପ୍ରଶ୍ନ କରିଥିଲେ। ଓଡ଼ିଶାର ସୀମାନ୍ତ ଗ୍ରାମରେ କୌଣସି କାମ ଥିଲେ ଓଡ଼ିଶା ସରକାର କିମ୍ବା କୋରାପୁଟ ପ୍ରଶାସନର ଅନୁମତି ନେଇ ଆସିବାକୁ ସେ କହିଥିଲେ। ଏହାକୁ ନେଇ ଉଭୟ ପକ୍ଷ ମଧ୍ୟରେ ଯୁକ୍ତିତର୍କ ହୋଇଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ, ଏହି ଘଟଣାକୁ ନେଇ କୋଟିଆ ପଞ୍ଚାୟତର ସ୍ୱାର୍ଥ ପାଇଁ ଲଢୁଥିବା ବିଭିନ୍ନ ସଂଗଠନ ମଧ୍ୟରେ ଆଲୋଚନା ଆରମ୍ଭ ହୋଇଛି। ଓଡ଼ିଶା ସରକାର ଓ ଆନ୍ଧ୍ର ସରକାରଙ୍କ ମଧ୍ୟରେ ସୀମା ବିବାଦ ଓ ନିର୍ବାଚନ ସମ୍ପର୍କିତ ପ୍ରସଙ୍ଗରେ ଆଲୋଚନା ହୋଇଛି କି ନାହିଁ, ତାହାକୁ ନେଇ ମଧ୍ୟ ପ୍ରଶ୍ନ ଉଠିଛି। ଏପରି ସ୍ଥିତିରେ ଓଡ଼ିଶାର ଜଣେ ବିଧାୟକ ଆନ୍ଧ୍ର ପୋଲିସକୁ ଫେରିଯିବାକୁ କହିବା ଘଟଣା କୋଟିଆକୁ ନେଇ ଚାଲିଥିବା ରାଜନୈତିକ ଓ ସାମାଜିକ ଚର୍ଚ୍ଚାକୁ ଆହୁରି ତୀବ୍ର କରିଛି।

## ସମ୍ପାଦକୀୟ

# ଜାତିସଂଘ ଉପରେ ଭରସା ନାହିଁ

ଯେଉଁ ଉଦ୍ଦେଶ୍ୟ ନେଇ ୮୧ ବର୍ଷ ତଳେ ଜାତିସଂଘ ଗଠିତ ହୋଇଥିଲା, ସେ ଜାତିସଂଘ ନିଜର ମର୍ଯ୍ୟାଦା ରକ୍ଷା କରିପାରୁ ନାହିଁ । ବିଭିନ୍ନ ଦେଶବାସୀଙ୍କର ତେଣୁ ଜାତିସଂଘ ଉପରୁ ଭରସା ତୁଟିଗଲାଣି । କେବଳ ବଡ଼ ବଡ଼ ଦେଶ ବା ରାଷ୍ଟ୍ରଙ୍କର ଗୋଡ଼ାଣିଆ ସାଜିଥିବା ଜାତିସଂଘ ପ୍ରତି ଅନେକ ରାଷ୍ଟ୍ର ଅସନ୍ତୋଷ ପ୍ରକାଶ କରିଆସୁଛନ୍ତି । ବଡ଼ ବଡ଼ ରାଷ୍ଟ୍ରମାନଙ୍କ ମଧ୍ୟରେ ଯୁଦ୍ଧ ଅନବରତ ଲାଗିରହିଛି, କିନ୍ତୁ ସେମାନଙ୍କ ଉପରେ ଜାତିସଂଘର ନିୟନ୍ତ୍ରଣ ନାହିଁ । ଆତଙ୍କବାଦର ଉତ୍ପତ୍ତିସ୍ଥଳ ପାକିସ୍ତାନ । ପାକିସ୍ତାନ ଗଢ଼ିଥିବା ବିଭିନ୍ନ ଆତଙ୍କବାଦୀ ସଙ୍ଗଠନ କେତେ ଯେ ନୀରିହ ଲୋକଙ୍କୁ ମାରିଛି ଓ ଅକର୍ମଣ୍ୟ କରିଛି, ତାହାର ଜବାବ ଜାତିସଂଘ ନିକଟରେ ନାହିଁ। କାରଣ ବଡ଼ ବଡ଼ ରାଷ୍ଟ୍ରଙ୍କ ନିର୍ଦ୍ଦେଶାନୁଯାୟୀ ଜାତିସଂଘ ପାକିସ୍ତାନ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରି ନାହିଁ । ୟୁଏନ୍ ବା ଜାତିସଂଘର ନିରାପତ୍ତା ପରିଷଦରେ ଭାରତକୁ ସ୍ଥାୟୀ ସଦସ୍ୟତା ଦେବା ଲାଗି ନରେନ୍ଦ୍ର ମୋଦିଙ୍କ ସରକାର ପ୍ରାୟ ଗୋଟିଏ ଯୁଗ ଧରି ଉଦ୍ୟମ କରି ଆସୁଥିଲେ ମଧ୍ୟ ତାହା ଫଳପ୍ରଦ ନ ହେବା ଏକ ଦୁର୍ଭାଗ୍ୟଜନକ ବିଷୟ ବୋଲି ଭାରତୀୟମାନେ ଅନୁଭବ କରୁଛନ୍ତି ।

**ନିରାପତ୍ତା ପରିଷଦର ଭିଟୋ ଶକ୍ତି ଥିବା ଚାରି ସଦସ୍ୟ ରାଷ୍ଟ୍ର (ପାଞ୍ଚଗୋଟି ରାଷ୍ଟ୍ର ମଧ୍ୟରୁ) ଯଥା ଯୁକ୍ତରାଷ୍ଟ୍ର ଆମେରିକା, ୟୁ.କେ., ଫ୍ରାନ୍ସ ଓ ରୁଷ ମଧ୍ୟ ଭାରତକୁ ନିରାପତ୍ତା ପରିଷଦର ସ୍ଥାୟୀ ସଦସ୍ୟ କରାଯିବା ସକାଶେ ସୁପାରିଶ କରିଛନ୍ତି । କେବଳ ଚୀନ୍ ସୁପାରିଶ କରି ନାହିଁ । ଭାରତ ମଧ୍ୟ ଜି-୪ ଗୋଷ୍ଠୀରେ ସାମିଲ ହୋଇଛି, ଯେଉଁଥିରେ ରୁଷ, ବ୍ରାଜିଲ, ଜର୍ମାନୀ ଓ ଜାପାନ ସଦସ୍ୟ ଅଛନ୍ତି ।ଏହି ଜି-୪ ଗୋଷ୍ଠୀର ସଦସ୍ୟମାନେ ପରସ୍ପର ମଧ୍ୟରେ ନିରାପତ୍ତା ପରିଷଦର ସ୍ଥାୟୀ ସଦସ୍ୟତା ପାଇଁ ଦାବି କରି ଆସିଛନ୍ତି । ଏହା ସତ୍ତ୍ୱେ ଜାତିସଂଘ ଆନ୍ତରିକତା ସହିତ ସେ ଦିଗରେ ଉଦ୍ୟମ କରିନାହିଁ । ଏହା ହିଁ ଦୁଃଖର ବିଷୟ । ତେଣୁ ଜାତିସଂଘ ଉପରେ ଅଧିକାଂଶ ରାଷ୍ଟ୍ର ଭରସା କରିପାରୁ ନାହାନ୍ତି ।**

ଭାରତକୁ ଜାତିସଂଘର ନିରାପତ୍ତା ପରିଷଦ ବା କାଉନ୍ସିଲରେ ସ୍ଥାୟୀ ସଦସ୍ୟତା ଦେଇ ନପାରିବାର କାରଣଗୁଡ଼ିକୁ ଅନୁଧ୍ୟାନ କରାଯାଉ । ଜାତିସଂଘର ସଦସ୍ୟମାନଙ୍କ ମଧ୍ୟରେ ମତପାର୍ଥକ୍ୟ ଓ ରାଜନୀତିକ ଇଚ୍ଛାଶକ୍ତିର ଅଭାବ ଅନ୍ୟତମ ମୁଖ୍ୟ କାରଣ ବୋଲି କୁହା ଯାଇପାରେ। ଜାତିସଂଘର ଗଠନ ପ୍ରଣାଳୀର ସଂଶୋଧନ କରାଯାଇ ଏହାର ସଦସ୍ୟତା ସଂଖ୍ୟା ବୃଦ୍ଧି କରାଯିବା ଆବଶ୍ୟକ । ଜାତିସଂଘର ନିରାପତ୍ତା ପରିଷଦ ହେଉଛି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସଂସ୍ଥା, ଯେଉଁଥିରେ ୧୫ ଜଣ ସ୍ଥାୟୀ ସଦସ୍ୟ ରହିଥାନ୍ତି ଏବଂ ସେମାନଙ୍କ ମଧ୍ୟରେ ୫ଟି ସ୍ଥାୟୀ ସଦସ୍ୟ ହୋଇଥିବା ରାଷ୍ଟ୍ରଙ୍କ ନିକଟରେ ଭିଟୋ ଶକ୍ତି (ଭିଟୋ ପାୱାର) ରହିଛି । ତେଣୁ ଏହି ଭିଟୋ ଶକ୍ତି (ସ୍ୱେଚ୍ଛାକୃତ ଶକ୍ତି) ବଳରେ ସେମାନେ ମନଇଚ୍ଛା ନିଷ୍ପତ୍ତି ନେଉଥିବା ବିଷୟରେ ମଧ୍ୟ ଅଭିଯୋଗ ହୋଇଥାଏ । ଏହି ଭିଟୋ ଶକ୍ତିସମ୍ପନ୍ନ ପାଞ୍ଚଟି ରାଷ୍ଟ୍ର ହେଲେ ଚୀନ, ଫ୍ରାନ୍ସ, ରୁଷ, ୟୁନାଇଟେଡ୍ କିଙ୍ଗଡମ୍ ଓ ୟୁନାଇଟେଡ୍ ଷ୍ଟେଟ୍ସ । ଅନ୍ୟ ଦଶ ଜଣ ସ୍ଥାୟୀ ସଦସ୍ୟଙ୍କୁ ଜାତିସଂଘର ସାଧାରଣ ପରିଷଦ (ଆସେମ୍ବ୍ଲି) ଦୁଇ ବର୍ଷ ସକାଶେ ନିର୍ବାଚିତ କରିଥାନ୍ତି ।

ଜାତିସଂଘରେ ଭାରତକୁ ସ୍ଥାୟୀ ସଦସ୍ୟ କରିବା ସକାଶେ ଅନେକଗୁଡ଼ିଏ କାରଣ ରହିଥିଲେ ମଧ୍ୟ ତାହା ଜାତିସଂଘ ଦ୍ୱାରା ସମ୍ଭବ ହୋଇପାରି ନାହିଁ । ସେହି କାରଣଗୁଡ଼ିକ ମଧ୍ୟରେ ରହିଛି ଭାରତର ବିପୁଳ ଜନସଂଖ୍ୟା, ଅର୍ଥନୀତିକ ଅଭିବୃଦ୍ଧି ହାର, ଜାତିସଂଘର ଶାନ୍ତି ସୁରକ୍ଷା ଅଭିଯାନ କ୍ଷେତ୍ରରେ ଭାରତର ଅବଦାନ, ଭାରତର ଗଣତାନ୍ତ୍ରିକ ମୂଲ୍ୟବୋଧ ତଥା ଭାରତର ଭୂ-ରାଜନୀତିକ ଭୂମିକା । ଏହାଛଡ଼ା ଭାରତ ହେଉଛି ପରମାଣୁ ଅସ୍ତ୍ର ଉତ୍ପାଦନକାରୀ ରାଷ୍ଟ୍ର ତଥା ଜାତିସଂଘର ପ୍ରତିଷ୍ଠାତା ସଦସ୍ୟ । ଜାତିସଂଘର ନିରାପତ୍ତା ପରିଷଦରେ ଅସ୍ଥାୟୀ ସଦସ୍ୟ ଭାବେ ଭାରତ ମଧ୍ୟ ଆଠଥର ଅର୍ଥାତ୍ ଷୋହଳ ବର୍ଷ ଯାଏଁ କାର୍ଯ୍ୟ କରିଆସିଛି । ନିରାପତ୍ତା ପରିଷଦର ଭିଟୋ ଶକ୍ତି ଥିବା ଚାରି ସଦସ୍ୟ ରାଷ୍ଟ୍ର (ପାଞ୍ଚଗୋଟି ରାଷ୍ଟ୍ର ମଧ୍ୟରୁ) ଯଥା ଯୁକ୍ତରାଷ୍ଟ୍ର ଆମେରିକା, ୟୁ.କେ., ଫ୍ରାନ୍ସ ଓ ରୁଷ ମଧ୍ୟ ଭାରତକୁ ନିରାପତ୍ତା ପରିଷଦର ସ୍ଥାୟୀ ସଦସ୍ୟ କରାଯିବା ସକାଶେ ସୁପାରିଶ କରିଛନ୍ତି । କେବଳ ଚୀନ୍ ସୁପାରିଶ କରି ନାହିଁ । ଭାରତ ମଧ୍ୟ ଜି-୪ ଗୋଷ୍ଠୀରେ ସାମିଲ ହୋଇଛି, ଯେଉଁଥିରେ ରୁଷ, ବ୍ରାଜିଲ, ଜର୍ମାନୀ ଓ ଜାପାନ ସଦସ୍ୟ ଅଛନ୍ତି ।ଏହି ଜି-୪ ଗୋଷ୍ଠୀର ସଦସ୍ୟମାନେ ପରସ୍ପର ମଧ୍ୟରେ ନିରାପତ୍ତା ପରିଷଦର ସ୍ଥାୟୀ ସଦସ୍ୟତା ପାଇଁ ଦାବି କରି ଆସିଛନ୍ତି । ଏହା ସତ୍ତ୍ୱେ ଜାତିସଂଘ ଆନ୍ତରିକତା ସହିତ ସେ ଦିଗରେ ଉଦ୍ୟମ କରିନାହିଁ । ଏହା ହିଁ ଦୁଃଖର ବିଷୟ । ତେଣୁ ଜାତିସଂଘ ଉପରେ ଅଧିକାଂଶ ରାଷ୍ଟ୍ର ଭରସା କରିପାରୁ ନାହାନ୍ତି ।

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

## ଆଜିର ଅନୁଚିନ୍ତା...

# ଭୟ: ଏକ ଆରୋପିତ ମାନସିକତା



ରତ୍ନାକର ରାଉତ

ଭୟ ସମସ୍ତ ବ୍ୟାଧିର ମୂଳ । ଏହି ଭୟ କେବଳ ଏକ ମନୋଭାବ ନୁହେଁ, ବରଂ ଏହା ସମସ୍ତ ସାମାଜିକ, ମାନସିକ ଓ ମନସ୍ତାତ୍ତ୍ୱିକ ବ୍ୟାଧିର ଉତ୍ସ । ଭୟରୁ ବିଶ୍ୱାସହୀନତା, ବିଶ୍ୱାସହୀନତାରୁ ଅବସାଦ, ଅବସାଦରୁ ରୋଗ, ରୋଗରୁ ହାରିଯିବାର ଓ ହରେଇଦେବାର ମନୋଭାବ ଆଜିର ସମାଜରେ ନିତିପ୍ରତି ଘଟୁଛି । ଫ୍ରାଂକଲିନ୍ ଡି ରୁଜୋଭେଲ୍ଟଙ୍କ ଭାଷାରେ, The only thing we have to fear is fear itself. ଅର୍ଥାତ, ଆମକୁ କେବଳ ଭୟକୁ ହିଁ ଡରିବାର ଅଛି । କାରଣ ଭୟ ହିଁ ହେଉଛି ସବୁଠାରୁ ବଡ଼ ଭୟ ।

ଅତଏବ, ଭୟକୁ ଜିତିବାକୁ ହେଲେ ସର୍ବପ୍ରଥମେ ଭୟରୁ ଅବସାଦ ପର୍ଯ୍ୟନ୍ତ ଭୟର ଯେଉଁ ଏକ ମନୋବୈଜ୍ଞାନିକ ଚକ୍ର ଅଛି, ତାହାକୁ ଭଲ ଭାବେ ବୁଝିବା ଦରକାର । ମନୋବିଜ୍ଞାନରେ ଏହି ଭୟର ଚକ୍ରକୁ ନିମ୍ନରେ ଦେଖାଯାଇପାରେ । **(୧)- ଭୟରୁ ଭ୍ରାନ୍ତି:-** ଯେତେବେଳେ ମନରେ ଭୟ ବସା ବାନ୍ଧେ, ମଣିଷ ବାସ୍ତବତାକୁ ବିକୃତ ଭାବେ ଦେଖେ । ତାଠାରେ ବିଚାରହୀନତା ଦେଖାଦିଏ । ସେ କିଂକର୍ତ୍ତବ୍ୟବିମୂଢ଼ ହୋଇ କୌଣସି ନିଷ୍ପତ୍ତି ନେଇପାରେନି, ଅନ୍ୟଥା ନଯୌ ନ ତସ୍ଥୌ ପରିସ୍ଥିତିରେ ପଡ଼ି ଘାଣ୍ଟି ହୁଏ । ଗୋଟିଏ ସାମାନ୍ୟ ଭୁଲକୁ ବିରାଟ ବିପଦ ଭାବେ । ଏହାକୁ Catastrophizing କୁହାଯାଏ । ଅର୍ଥ, ଆକସ୍ମିକ ଘୋର ବିପଦର ଆଶଂକାରେ ଆତଂକିତ ହେବା । **(୨)- ଭ୍ରାନ୍ତିରୁ ଅସାମର୍ଥ୍ୟ :-** ଭ୍ରାନ୍ତି ଯୋଗୁଁ ମଣିଷ ନିଜକୁ ଅସମର୍ଥ ଭାବେ, ମୁଁ ପାରିବିନି, ମୋ ଦ୍ୱାରା ହେବନି । ଶକ୍ତି ଥାଇ ବି ସେ ଶକ୍ତିହୀନ ଅନୁଭବ କରେ । (୩)- ଅସାମର୍ଥ୍ୟରୁ ଆତ୍ମବିଶ୍ୱାସହୀନତା: ବାରମ୍ବାର ନିଜକୁ ଅସମର୍ଥ ଭାବି ମଣିଷ କୌଣସି ନିଷ୍ପତ୍ତି ନେଇପାରେ ନାହିଁ । ଛୋଟ ଛୋଟ ନିଷ୍ପତ୍ତି ଓ କାର୍ଯ୍ୟ ପାଇଁ ସେ ଅନ୍ୟ ଉପରେ ନିର୍ଭର କରେ । ତାକୁ ଅସହାୟତା, ଦୁର୍ବଳତା, ଆଗ୍ରହହୀନତା ଓ ଆଳସ୍ୟ ଗ୍ରାସକରେ । ସମୟ ଅତିବାହିତ ହୋଇଯାଏଛ ଅସଫଳତା ଓ ବିଫଳତା ନିଷ୍ପତ୍ତିହୀନତା କାରଣରୁ ତାର ସାଥୀ ହୋଇଯାଏ । **(୪)- ଆତ୍ମବିଶ୍ୱୀସହୀନତାରୁ ଅବସାଦ:** ଭୟର ଏହା ଅନ୍ତିମ ପରିଣାମ । ମଣିଷ ଭାବେ ତା ଜୀବନର କୌଣସି ମୂଲ୍ୟ ନାହିଁ, ବ୍ୟର୍ଥ ଜୀବନ ତା'ର । କାରଣ ସେ କିଛି କରିପାରିଲାନି, ଜୀବନ ମୂଲ୍ୟହୀନ ଓ ଅସାର ହୋଇଗଲା । ଏହି ଅବସାଦ ସଂପ୍ରତି ଯୁବପିଢ଼ିର ସବୁଠାରୁ ବଡ଼ ସମସ୍ୟା । କବିଂକ ଭାଷାରେ,'ବ୍ୟର୍ଥ ହୋଇଗଲା ଦୁର୍ଲଭ ଜୀବନ/ ଅନୁତାପାନଳେ ଜଳୁଥାଏ ମନ ।' ଏହା ଏହି ମନୋବୈଜ୍ଞାନିକ ଚକ୍ରର ଅନ୍ତିମ ଚିତ୍ର । ବିଶ୍ୱାସହୀନତାରୁ ସଂପର୍କ ତୁଟିଯାଏ । ଶିଶୁ ମନରେ ଭୟର ଚାରା ରୋପଣ କରାଗଲେ ତା ଭିତରେ ବିଶ୍ୱାସ ମରିଯାଏ । ସମାଜର ଅବସ୍ଥାକୁ ଦୃଷ୍ଟିରେ ରଖି, ପିଲାବେଳୁ ପରିବାରର ଗୁରୁଜନ ଶିକ୍ଷା ଦିଅନ୍ତି, ସହଜରେ କାହାକୁ ବିଶ୍ୱାସ କରିବୁନି, ସବୁ ଠକି ଦେବେ । ବଡ଼ ହେବା ପରେ ସେ କାହାକୁ ବିଶ୍ୱାସ କରିପାରେନି, ବନ୍ଧୁ, ସହକର୍ମୀ, ପଡ଼ୋଶୀ, ଏପରିକି ନିଜ ପତ୍ନୀଙ୍କୁମଧ୍ୟ । ତା'ମନରେ ସବୁବେଳେ ସନ୍ଦେହ ଥାଏ, ଏ ମୋତେ ଠକୁଛି କି? ଏହି ସନ୍ଦେହ ହିଁ ବିଶ୍ୱାସହୀନତା । ଏହାର ପରିଣାମ ଅତି ଭୟାନକ ହୁଏ । ମଣିଷ ଏକା ହୋଇଯାଏ । କବିଙ୍କ ଭାଷାରେ, ସ୍ୱାର୍ଥୀ ଏ ଦୁନିଆ ସର୍ବେ ସ୍ୱାର୍ଥପର । ଯେତେବେଳେ ମଣିଷ ଏମିତି ଭାବେ ସେ ସମସ୍ତଙ୍କଠାରୁ ଦୂରେଇଯାଏ । ଏହା ହିଁ ଆଜିର ସାମାଜିକ ବିଚ୍ଛିନ୍ନତାର ମୂଳ । ଯେତେବେଳେ ବିଶ୍ୱାସ ନ ଥାଏ, ଆଶା ମରିଯାଏ । ଆଶା ମଲେ ଅବସାଦ ଆସେ । ଅବସାଦରେ ଥିବା ଲୋକପାଇଁ ସମୟ ଆଦୌ ବିତେ ନାହିଁ ବରଂ ତାହା ବହୁତ ଲମ୍ବା ଲାଗେ । ତେଣୁ ସେ ସବୁବେଳେ ଅସ୍ଥିର ହୁଏ । ଅବସାଦ ବଢ଼ିଲେ ମଣିଷ ମାନସିକ ଓ ମନସ୍ତାତ୍ତ୍ୱିକ ରୋଗରେ ଶିକାର ହୁଏ । ଦୀର୍ଘ ଦିନ ଧରି ଭୟ ଓ ଅବସାଦରେ ରହିଲେ ଶାରିରୀକ ପ୍ରକ୍ରିୟା(Physiology) ବିଗିଡ଼ିଯାଏ ଓ ନାନାଦି ଅସ୍ୱାଭାବିକ ଉପସର୍ଗ ଦେଖାଯାଏ । ଅବସାଦରେ ଶିକାର ହୋଇଥିବା ମଣିଷ ନିଦ୍ରାହୀନତା ଭୋଗେ । ବାରମ୍ବାର ନିଦ ଭାଂଗିଯାଏ, ଭୋକ ମରିଯାଏ, ଛାତି ଧଡ଼ଧଡ଼ ହୁଏ, ମୁଣ୍ଡ ବୁଲାଏ, ଦେହରୁ ଅକାରଣରେ ହଠାତ୍ ଝାଳ ବହେ, ସବୁବେଳେ ଥକ୍କା ଲାଗେ, ବିଛଣାରୁ ଉଠିବାକୁ ଇଛା ହୁଏନି, କୌଣସି କାମରେ ମନ ଲାଗେନି, କିଛି କରିବା ପାଇଁ ଆଗ୍ରହ ହୁଏନି, ବେଳେବେଳେ ନାନା ଶାରିରୀକ ପ୍ରତିକ୍ରିୟା ସବୁ ଦେଖାଯାଏ, ଡାକ୍ତରଂକ ଭାଷାରେ ଏହାକୁ Panic Disorder, Anxiety Disorder ଏବଂ Chronic Depressionର ପରିଣତି କୁହାଯାଏ । ସଂପ୍ରତି ପ୍ରତି ଚାରି ଜଣରୁ ଜଣେ ଯୁବକ ଏହି ମାନସିକ ରୋଗରେ ପୀଡ଼ିତ । ଏହିଭଳି ମାନସିକ ବ୍ୟାଧିର ଶେଷ ପରିଣାମ ଅତି ଦୁଃଖଦ ଓ ଯନ୍ତ୍ରଣାଦାୟକ । ଯେତେବେଳେ ପୀଡ଼ିତ ବ୍ୟକ୍ତି ମାନସିକ ସ୍ତରରେ ଗ୍ରହଣ କରିନିଏ, ସବୁ ସରିଗଲା, ଆଉ କିଛି ହେବନି ଏବଂ ଏହି ଭାବନା ତାକୁ ସଂପୂର୍ଣ୍ଣ ଭାବେ ଆକ୍ରାନ୍ତ କରି ରଖେ, ସେ ଧରିନିଏ ଜୀବନର କିଛି ମୂଲ୍ୟ ନାହିଁ । ତେଣୁ ବଂଚିରହି କିଛି ଲାଭ ନାହିଁ । ଏହା ସବୁଠାରୁ ସେହି ବ୍ୟକ୍ତି ଜୀବନର ଚରମ ଦୁଃଖଦ ଅଧ୍ୟାୟ । ସେତେବେଳେ ଭୟ ତା ଭିତରେ ସୀମା ଟପିଯାଏ । ସେ ଦୃଢ଼ ନିଶ୍ଚିତ ହୋଇ ବାରମ୍ବାର କହିବାକୁ ଲାଗେ,ଆଉ କିଛି ହେବା ସମ୍ଭବ ନୁହେଁ, ସବୁ ଶେଷ ହୋଇଗଲା, ମୁଁ ହାରିଗଲି ।

ଏହି ହାରିଯିବାର ମନୋଭାବ ମଣିଷକୁ କବଳିତ କରେ । ସେ ଭାବେ, ତା ଜୀବନର କିଛି ମୂଲ୍ୟ ନାହିଁ । ତା ବିନା ଦୁନିଆ ଭଲ ରହିବ । ସମସ୍ତେ ତା ପାଇଁ ଅସୁବିଧା ଭୋଗୁଛନ୍ତି । ତାକୁ କେହି ଠିକ୍ ଭାବରେ ବୁଝିପାରି ନାହାନ୍ତି । ସେ କଣ ଚାହୁଁଛି କେହି ଜାଣିବାକୁ କି' ତାକୁ ଶୁଣିବାକୁ ଚାହୁଁନାହାଁନ୍ତି, କାହାର ସେଥିପାଇଁ ସମୟ ନାହିଁ । ସେ ସଭିଙ୍କ ପାଇଁ ଅଲୋଡ଼ା, ଅଦରକାରୀ । ତାକୁ କେହି ଏଠି ବୁଝିପାରିବେ ନାହିଁ । ଏହି ଯେଉଁ ତୀବ୍ର ଅସହାୟତା ମଣିଷକୁ ସମ୍ପୂର୍ଣ୍ଣ ଗ୍ରାସ କରି ରଖେ, ସେହି କାରଣରୁ ଅନେକ ଅମୂଲ୍ୟ ଜୀବନ ଅକାଳରେ ଆଜିକାଲି ଝଡ଼ିପଡ଼ୁଛି । ବହୁ ମୂଲ୍ୟବାନ, ଦୁର୍ଲଭ ଜୀବନ ଅସମୟରେ ନଷ୍ଟ ହୋଇଯାଉଛି । ପଛରେ ଯେଉଁମାନେ ରହୁଛନ୍ତି ସେମାନଂକ ପାଇଁ ଅସରନ୍ତି ଅବସୋସ, ଦୁଃଖ, ଯନ୍ତ୍ରଣା ଓ ମନସ୍ତାପ ଛାଡ଼ିଦେଇ ସେ ଦୁର୍ମୂଲ୍ୟ ଜୀବନର କରୁଣ ଅନ୍ତ ଘଟୁଛି । ଆତ୍ମହତ୍ୟା କେବେ ସମସ୍ୟାର ସମାଧାନ ନୁହେଁ, ବରଂ ଏହା ସମସ୍ତ ସମ୍ଭାବନାର ଅନ୍ତ, ଏହି ନିରାଟ ସତ୍ୟକୁ ବୁଝିବା ପୂର୍ବରୁ ଅନେକ ଜୀବନର କରୁଣ ଅନ୍ତ ଘଟୁଛି । ମାତ୍ର ମନେରଖିବା ଜରୁରୀ, ଯେଉଁ ମୁହୂର୍ତ୍ତରେ ଲାଗୁଛି, ସବୁ ସରିଗଲା ସେହି ମୁହୂର୍ତ୍ତ ହିଁ ସାହାଯ୍ୟ ମାଗିବାର ସବୁଠାରୁ ପ୍ରକୃଷ୍ଟ ସମୟ ।

> **ଭୟର ଏହା ଅନ୍ତିମ ପରିଣାମ । ମଣିଷ ଭାବେ ତା ଜୀବନର କୌଣସି ମୂଲ୍ୟ ନାହିଁ, ବ୍ୟର୍ଥ ଜୀବନ ତା'ର । କାରଣ ସେ କିଛି କରିପାରିଲାନି, ଜୀବନ ମୂଲ୍ୟହୀନ ଓ ଅସାର ହୋଇଗଲା । ଏହି ଅବସାଦ ସଂପ୍ରତି ଯୁବପିଢ଼ିର ସବୁଠାରୁ ବଡ଼ ସମସ୍ୟା । କବିଂକ ଭାଷାରେ,'ବ୍ୟର୍ଥ ହୋଇଗଲା ଦୁର୍ଲଭ ଜୀବନ/ ଅନୁତାପାନଳେ ଜଳୁଥାଏ ମନ ।' ଏହା ଏହି ମନୋବୈଜ୍ଞାନିକ ଚକ୍ରର ଅନ୍ତିମ ଚିତ୍ର । ବିଶ୍ୱାସହୀନତାରୁ ସଂପର୍କ ତୁଟିଯାଏ । ଶିଶୁ ମନରେ ଭୟର ଚାରା ରୋପଣ କରାଗଲେ ତା ଭିତରେ ବିଶ୍ୱାସ ମରିଯାଏ ।**

ବୁଦ୍ଧଦେବ କହିଛନ୍ତି, ଭୟ ଆସେ ଆସକ୍ତିରୁ । ଯାହାକୁ ଜଣେ ଧରି ରଖିବାକୁ ଚାହୁଁଛି, ତାହା ହରେଇବାର ଭୟ ହିଁ ଦୁଃଖ । ଏଥିରୁ କିଭଳି ମୁକ୍ତି ମିଳିବ, ସେ ପ୍ରସଂଗରେ ବୁଦ୍ଧ କହନ୍ତି,"The whole secret of existence is to have no fear." ଅର୍ଥାତ୍, ଜୀବନର ସମସ୍ତ ରହସ୍ୟ ହେଉଛି ଭୟହୀନ ହେବ । ସେଥିପାଇଁ ଯେତେବେଳେ କୌଣସି କାରଣରୁ ଭୟ ମନକୁ ଆକ୍ରାନ୍ତ କରିବ, ସର୍ବପ୍ରଥମେ ଭୟକୁ ଚିହ୍ନିବା ନିମନ୍ତେ ପ୍ରୟାସ କରିବା ଜରୁରୀ । ବୁଝିବାକୁ ହେବ ଯେ ଏହି ଭୟ ମୋର ନୁହେଁ, ମୋ ଉପରେ ଏହା ଲଦି ଦିଆଯାଇଛି । ମୁଁ ଜନ୍ମରୁ ଡରୁଆ ଅବା ଭୟାଳୁ ନୁହେଁ । ଏ ପ୍ରସଂଗରେ ଓଶୋ ରଜନୀଶ କହନ୍ତି, "A child is born with love and trust,not with fear. Fear is taught by the society," ଅର୍ଥାତ୍, ଶିଶୁ ପ୍ରେମ ଓ ବିଶ୍ୱାସ ନେଇ ଜନ୍ମେ, ଭୟ ନେଇ ନୁହେଁ । ଭୟ ସମାଜ ଶିଖାଏ । ଦ୍ୱିତୀୟତଃ, ନିଜକୁ ପ୍ରଶ୍ନ କରିବା ଉଚିତ, ଯେଉଁ ଭୟ ମନରେ ଆସୁଛି, ଏହା ସତ ନା ମୋ ନିଜ କଳ୍ପନା ? ଏହାର ପ୍ରମାଣ କଣ? ଏହା ପଛରେ ବୈଜ୍ଞାନିକ ସିଦ୍ଧାନ୍ତ କଣ? ଭୁଲିବା ଉଚିତ ନୁହେଁ, ଅଧିକାଂଶ ଭୟର କୌଣସି ପ୍ରମାଣ, ଆଧାର ଅବା ଭିତ୍ତିଭୂମି ନ ଥାଏ । ତୃତୀୟତଃ, ତତଲା ଜାଉ ପାଖରୁ ପାଖରୁ ଖାଇବା ନ୍ୟାୟରେ ଭୟକୁ ସାମ୍ନା କରିବା ପାଇଁ ଛୋଟ ଛୋଟ, ମାତ୍ର ନିରନ୍ତର ପ୍ରୟାସ ଜରୁରୀ । ଭୟକୁ ଏକାଥରେ ଜୟ କରିହେବ ନାହିଁ । ଆସ୍ତେ ଆସ୍ତେ ମନକୁ ଦୃଢ଼ କରି ଭୟର ସାମ୍ନା କରିବାକୁ ଚେଷ୍ଟା କଲେ ମନ ଭିତରେ ଆତ୍ମବିଶ୍ୱାସ ଜାଗ୍ରତ ହୋଇ ବେଳକୁ ବେଳ ଦୃଢ଼ ହେବ ଏବଂ ମନ ଦୃଢ଼ ହେଲେ ଆପେ ଆପେ ଭୟ ଦୂରେଇ ଯିବ । ବିଶ୍ୱାସ ଦୃଢ଼ୀଭୂତ ହେବ । ସଦାକାଳେ ଭୟର ବିପରୀତ ହେଉଛି ପ୍ରେମ ଓ ବିଶ୍ୱାସ । ଯେଉଁଠି ପ୍ରେମ ଓ ବିଶ୍ୱାସ ଅଛି ସେଠି ଭୟ ନାହିଁ । ଅତଏବ, ନିଜକୁ ଭଲପାଇବା ଆବଶ୍ୟକ । କେବଳ ସେତିକି ନୁହେଁ ନିଜର ଭୁଲ ପାଇଁ ନିଜେ ନିଜକୁ କ୍ଷମା କରିଦେବା ମଧ୍ୟ ଦରକାର । ଏହି ପ୍ରସଂଗରେ ସୁଫି କବି ରୁମୀଂକ ଉକ୍ତି ପ୍ରଣିଧାନ ଯୋଗ୍ୟ। "Where there is love, there is no fear." ଅର୍ଥାତ୍,ଯେଉଁଠି ପ୍ରେମ ଅଛି, ସେଠି ଭୟ ନାହିଁ । ମଣିଷର ସହଜାତ ପ୍ରବୃତ୍ତି ପ୍ରେମ । ସେହି ପ୍ରେମକୁ ସଦାସର୍ବଦା ନିଜ ଭିତରେ ସାଇତି ରଖିବା ଜରୁରୀ । ପ୍ରେମରେ ବଂଚିଲେ ଭୟ ଆପେଆପେ ଦୂରେଇ ଯାଏ ।

ସାଂପ୍ରତିକ ସମାଜରେ ସବୁଠୁ ବଡ଼ ପ୍ରଶ୍ନ ହେଉଛି- ଭୟରୁ କେମିତି ମୁକ୍ତି ମିଳିବ ? ଏ ପ୍ରସଂଗରେ ପ୍ରାଚୀନ ଋଷିମାନେ କହିଛନ୍ତି, ଅନ୍ଧାରକୁ ଲାଠିରେ ପିଟି ତଡ଼ି ହେବ ନାହିଁ, ଦୀପ ଜାଳିବାକୁ ହେବ । ଭୟ ହେଉଛି ଅନ୍ଧାର, ଆତ୍ମଜ୍ଞାନ ହେଉଛି ଦୀପ । ସେ ଦୀପ ଜାଳିବାର ପାଂଚୋଟି ପନ୍ଥା ଅଛି । **(୧)-ଧ୍ୟାନର ଭୂମିକା- ଭୟକୁ ଦେଖିବା ଶିଖିବା:** ପ୍ରାୟ ଦେଖାଯାଏ ଆମେ ସାଧାରଣତଃ ଭୟରୁ ଦୌଡୁ । ଧ୍ୟାନ କୁହେ- ଦୌଡ଼ ନାହିଁ, ଦେଖ । ଯେତେବେଳେ ଭୟ ଆସେ, ଆମେ ଭୟ ସହ ମିଶିଯାଉ । ଧ୍ୟାନର ଉଦ୍ଦେଶ୍ୟ ହେଉଛି ମନକୁ ଦେଖିବା । ଅତଏବ, ଧ୍ୟାନ ଶିଖାଏ, ମୁଁ ଭୟ ନୁହେଁ, ମୋ ଭିତରେ ଭୟ ଆସିଛି । ଧ୍ୟାନରେ ବସି ନିଜ ନିଶ୍ୱାସ ଉପରେ ଧ୍ୟାନ ଦେଲେ ଜାଣି ହେବ, ଭୟର ଚିନ୍ତା ଆସୁଛି, ତାକୁ ଆସିବାକୁ ଦିଅନ୍ତୁ, ଯିବାକୁ ଦିଅନ୍ତୁ । ଧୀରେ ଧୀରେ ଜଣାପଡ଼ିବ, ଭୟ ମେଘ ପରି ଆସୁଛି, ଯାଉଛି ଏବଂ ଧ୍ୟାନସ୍ଥ ବ୍ୟକ୍ତି ଆକାଶ ପରି ସ୍ଥିର ରହିଛି । ବିଜ୍ଞାନ ଅନୁସାରେ ନିୟମିତ ଧ୍ୟାନ କଲେ ମସ୍ତିଷ୍କର "Amygdala"- ଯେଉଁଠି ଭୟ ତିଆରି ହୁଏ, ତା'ର ଆକାର ଛୋଟ ହୋଇଯାଏ, ଅର୍ଥାତ୍ ଭୟର କାରଖାନା ଧୀରେ ଧୀରେ ବନ୍ଦ ହୁଏ । **(୨)-ଭକ୍ତିର ଭୂମିକା- ଭୟରୁ ବଡ଼ କିଛି ଉପରେ ଭରସା:** ମଣିଷ ସଂସାରକୁ ଏକା ଆସେ, ଏକା ଯାଏ, ଏହା ସତ । କିନ୍ତୁ ଏକା ଅର୍ଥ ସେ ଅସହାୟ, ଅନାଥ ନୁହେଁ । ଏକା ଅର୍ଥ ହେଉଛି ସ୍ୱାଧୀନ । ଯିଏ ବିଭୁ ପ୍ରେମରେ ବିଗଳିତ ହୋଇ ନିଜ ଭିତରେ ଥିବା ପରମାତ୍ମାଂକ ହାତ ଧରିଥାଏ ଏବଂ ନିଜ ଚେତନାରେ ଅବସ୍ଥାନ କରିବାକୁ ଚେଷ୍ଟାକରେ, ସେ କେବେ ଏକା ନୁହେଁ । କବିଂକ ଭାଷାରେ, 'ଯାହା ହାତ ଧରି ତରିବେ ସଂସାରୁ/ ପାସୋରି ଦିଅନ୍ତି ତାହାଂକୁ ମନରୁ ।' ଭୟ ସେତେବେଳେ ମନକୁ ଆସେ, ଯେତେବେଳେ ମଣିଷ ଭାବେ, ସେ ଏକା । ତାକୁ କେହି ସମ୍ଭାଳିବେନି । ଭକ୍ତି ଏହି ଏକଲାପଣକୁ ବିନାଶ କରେ । ଭକ୍ତିର ଅର୍ଥ ହେଲା, ନିଜଠାରୁ ବଡ଼ ଏକ ଶକ୍ତି ଉପରେ ଆସ୍ଥା ସ୍ଥାପନ କରିବା । କିଏ ଜଗନ୍ନାଥ, କିଏ କୃଷ୍ଣ, କିଏ ରାମ, କିଏ ମାଆ ଦୁର୍ଗା, କିଏ ଆଲ୍ଲା, କିଏ ଯୀଶୁ, କିଏ ନିରାକାର,ଅନ୍ୟ କିଏ ଶୂନ୍ୟସ୍ୱରୂପ ଉପରେ ଭରସା କରେ । ଶ୍ରୀମଦ୍ ଭାଗବତର ୧୧ ସ୍କନ୍ଧ,୨ ଅଧ୍ୟାୟ,୩୭ଶ୍ଳୋକକୁ ନିମ୍ନରେ ପାଠ କରାଯାଉ,

'ଭୟଂ ଦ୍ୱିତୀୟାଭିନିବେଶତଃ ସ୍ୟାଦୀଶାଦପେତସ୍ୟ ବିପର୍ଯ୍ୟୋସ୍ମୃତିଃ ।
ତନ୍ମାୟୟାତୋ ବୁଧଆଭଜେତ୍ତଂ ଭକ୍ତ୍ୟୈକୟେଶଂ ଗୁରୁଦେବତାତ୍ମା'

ଅର୍ଥାତ୍, ଯେତେବେଳେ ଜୀବ ଭଗବାନଂକଠାରୁ ଅଲଗା ହୋଇ ନିଜକୁ ଶରୀର ବୋଲି ଭାବେ ସେତେବେଳେ ଦ୍ୱୈତଭାବ ଆସେ ଓ ଦ୍ୱୈତଭାବରୁ ଭୟ ଜନ୍ମେ । ଏହି ଭୟରୁ ମୁକ୍ତି ପାଇଁ ବୁଦ୍ଧିମାନ ବ୍ୟକ୍ତି ଗୁରୁଂକୁ ଭଗବାନ ଜ୍ଞାନ କରି ଏକନିଷ୍ଠ ଭକ୍ତି କରିବା ଉଚିତ । ଅତଏବ, ଭୟ ମଣିଷର ସ୍ୱରୂପ ନୁହେଁ, ଭୟ ସ୍ୱରୂପକୁ ଭୁଲିଯିବାରୁ ମନରେ ବସା ବାନ୍ଧେ । ଭୟ ଲାଗିଲେ ପ୍ରାର୍ଥନାକୁ ଆପଣେଇବା ଦରକାର । ପ୍ରାର୍ଥନା ଶବ୍ଦର ଶକ୍ତି ନୁହେଁ, ଏହା ସମର୍ପଣର ଶକ୍ତି । **(୩)- ସାହସର ଭୂମିକା-ଭୟ ଥାଇ ବି ପାଦ ଆଗକୁ ବଢ଼ାଇବା:** ଅନେକ ଭାବନ୍ତି ସାହସମାନେ ଭୟର ଅନୁପସ୍ଥିତି । ଏହି ଧାରଣା ସମ୍ପୂର୍ଣ୍ଣ ଭୁଲ । ସାହସ ହେଉଛି, ଭୟ ଥାଇ ମଧ୍ୟ ଆଗକୁ ବଢ଼ିବା । ଭୟ ଶଙ୍କୁଳ ମନ ମଣିଷକୁ କହେ, ରହିଯା । ସାହସ କହେ, ଚାଲ । ଯେ କୌଣସି କାର୍ଯ୍ୟ ଆରମ୍ଭ କରିବା କଷ୍ଟ । କିନ୍ତୁ ଥରେ ମନକୁ ଦୃଢ଼ କରି ଆଗକୁ ବଢ଼ିଲେ, ଅର୍ଥାତ୍ କଳ୍ପିତ ଭୟର ସାମ୍ନା କଲେ, ଭୟ ପରାଜିତ ହୁଏ ଏବଂ କିଛି ସମୟ ଅତିକ୍ରାନ୍ତ ହେବା ପରେ ଆଉ ଭୟ ନ ଥାଏ । ସାହସର ପୁନଃ ଜାଗରଣ ହୋଇ ସାରିଥାଏ । ସତ୍ୟ ଯେହେତୁ ମଣିଷର ସାରଥୀ, ସାହସ ସବୁବେଳେ ତା' ଭିତରେ ସାଇତା ହୋଇ ରହିଛି । ଏଣୁ ସାହସର ସହିତ ପ୍ରତି ଛୋଟ ପଦକ୍ଷେପ, ଭୟର ଶିକୁଳିର ଗୋଟିଏ ଗୋଟିଏ କଡ଼ି ଭାଙ୍ଗେ । **( କ୍ରମଶଃ)**

# ପ୍ରକୃତିର ପ୍ରକୃତ ବନ୍ଧୁ



ଦଶରଥ ହେମ୍ବ୍ରମ୍

ପ୍ରକୃତି କୋଳରେ ଜନ୍ମଲାଭ କରି ଘରଦ୍ୱାର କରି ରହିବା ଏବଂ ଗାଁ ଗଢ଼ି ସଭ୍ୟତା ଆରମ୍ଭ କରିଥିବାରୁ ପ୍ରଥମ ଅଧିବାସୀ ହେଉଛନ୍ତି ଆଦିମ ଅଧିବାସୀ ବା ଆଦିବାସୀ । 'ହୋ'ରୁ ଆରମ୍ଭ କରି ମୁଣ୍ଡା, ସାନ୍ତାଳ, ଶବର, କନ୍ଧ, ମାହାଲୀ, ବିରହଳ, ଓରାମ, କୋହ୍ଲ ପ୍ରଭୃତି ଆଦିବାସୀ ଶ୍ରେଣୀର ଲୋକମାନେ ଏଇ ଓଡ଼ିଶାରେ ବସବାସ କରନ୍ତି । ସେମାନଙ୍କ ମୁଖ୍ୟ ଚାଷ ଧାନ ସହିତ ଆଖୁ, ବାଜରା (ଝାଳା), ଗୁହ୍ଲି, ମାଣ୍ଡିଆ, ମକା, ରାଶି, କୋଳଥ, ହରଡ଼, ବିରି, ମୁଗ, ହଳଦୀ, ସୋରିଷ, ଅଦା ଆଦି ଚାଷ କରନ୍ତି । ତା'ସହିତ ଗାଈ-ବଳଦ, ମଇଁଷି, ମେଣ୍ଢା, ଛେଳି, ଘୁଷୁରୀ, କୁକୁଡ଼ା, ବତକ ଓ ପାରା ମଧ୍ୟ ଘରେ ପାଳନ କରନ୍ତି । ଚାଷବାସ କାର୍ଯ୍ୟରେ ଗାଈ-ବଳଦ ଓ ମଇଁଷିମାନଙ୍କୁ ବ୍ୟବହାର କରାଯାଏ । ପ୍ରଥା ଓ ପରମ୍ପରା ଅନୁସାରେ ଆଦିବାସୀମାନେ ଜଙ୍ଗଲରେ ଶିକାର କରନ୍ତି । ବାରହା (ବଣ ଘୁଷୁରି), କୁଟୁରା, ଠେକୁଆ, କଟାଶ, ନେଉଳ, ମୂଷା, ପକ୍ଷୀ ଶିକାର କରି ଘରକୁ ଫେରନ୍ତି । ସେମାନଙ୍କ ବିଶ୍ୱାସ ରହିଛି ଯେ, ଶିକାରୀଙ୍କ ଧନୁତୀରରେ ପଶୁପକ୍ଷୀ ଶିକାର ହୋଇ ରକ୍ତ ମାଟିରେ ପଡ଼ିଲେ ସେହି ବର୍ଷ ଶୁଭଦାୟକ ହୋଇଥାଏ ଏବଂ ଭଲ ବୃଷ୍ଟିପାତ ହୁଏ । କିନ୍ତୁ ଜଙ୍ଗଲକୁ ଶିକାର କରିବାକୁ ଯିବା ପୂର୍ବରୁ ଜଙ୍ଗଲ ଦେବତାଙ୍କୁ ଆରାଧନା କରିଥାନ୍ତି, ହିଂସ୍ର ବନ୍ୟଜନ୍ତୁ କବଳରୁ ରକ୍ଷା ପାଇବା ପାଇଁ ବିର୍‌ବଙ୍ଗା (ଜଙ୍ଗଲ ଦେବତା)ଙ୍କ ପାଖରେ ଆଦିବାସୀମାନେ ପ୍ରାର୍ଥନା କରି ସମର୍ପିତ ହୁଅନ୍ତି । ନଈ, ନାଳ, ଝରଣା ଓ ପୋଖରୀରେ ମାଛ ଧରିବା ସେମାନଙ୍କ ଏକ ପ୍ରକାର ନିଆରା ପରମ୍ପରା । ତେଣୁ ପ୍ରକୃତି ଓ ଆଦିବାସୀ ମଧ୍ୟରେ ଥିବା ସମ୍ପର୍କ ସଭ୍ୟତା ଆରମ୍ଭରୁ ରହିଛି, ଏଥିରେ କୌଣସି ଦ୍ୱିମତ ହେବାର ପ୍ରଶ୍ନ ହିଁ ନାହିଁ।

ଆଦିବାସୀମାନେ ହେଉଛନ୍ତି ପ୍ରକୃତିର ସନ୍ତାନ । ପ୍ରକୃତିକୁ ପିତା ଓ ମାତା ଭଳି ମାନନ୍ତି । ସୁରକ୍ଷା ଦିଅନ୍ତି ଏବଂ ପୂଜା ପାର୍ବଣରେ ପ୍ରକୃତିକୁ ପୂଜା କରନ୍ତି । ଜନଜୀବନରେ ସେମାନଙ୍କର ଯେତିକି ଆବଶ୍ୟକତା ରହିଥାଏ, ତାହା ପ୍ରକୃତି ଉପରେ ହିଁ ନିର୍ଭର କରି ସେମାନେ ଗୁଜୁରାଣ ମେଣ୍ଟାଇଥାନ୍ତି । ଖାଲି ସେତିକି ନୁହଁ, ପ୍ରକୃତି ସହିତ ରହିଛି ସେମାନଙ୍କର କଳା, ଭାସ୍କର୍ଯ୍ୟ, ସଂସ୍କୃତି, ଐତିହ୍ୟ, ପ୍ରଥା-ପରମ୍ପରା, ରୀତିନୀତି, ପ୍ରଚଳିତ ସାମାଜିକ ବ୍ୟବସ୍ଥା ଓ ଇତିହାସ, ଯାହାକୁ ଆଦିବାସୀଙ୍କ ଜୀବନ ବା କଲିଜା କୁହାଯାଏ । ଏସବୁ ଛାଡ଼ି ଆଦିବାସୀମାନେ କେବେ ଏକା ବଞ୍ଚି ପାରନ୍ତି ନାହିଁ। ଏସବୁ ଛାଡ଼ି ଯେଉଁମାନେ ବଞ୍ଚୁଛନ୍ତି ସେମାନେ କିଛି ନା କିଛି ନିଜ ସ୍ୱାର୍ଥରେ ବୁଡ଼ି ରହନ୍ତି । ଅର୍ଥାତ ଲୋଭ-ଲାଳସାରେ ବଶବର୍ତ୍ତୀ ହୋଇ ନିଜ ସଂସ୍କୃତି, ପରମ୍ପରା ଓ ସାମାଜିକ ବ୍ୟବସ୍ଥାଠାରୁ ଦୂରେଇ ଯାଆନ୍ତି ଏବଂ ଆଦିବାସୀର ପରିଚୟ ଓ ଅସ୍ମିତାକୁ ଧ୍ୱଂସ ଆଡ଼କୁ ଠେଲି ଦିଅନ୍ତି ବୋଲି ଆଦିବାସୀ ସମାଜରେ ଚର୍ଚ୍ଚା ହୁଏ ।

ଆଦିବାସୀମାନେ କୁହନ୍ତି, 'ପ୍ରକୃତି ହେଉଛି ଆମର ଦେବତା । ଆମେ ଏହାର ସୁରକ୍ଷା କରୁଛୁ ଟଙ୍କା ପାଇଁ ନୁହେଁ, ବରଂ ଆମର ସାମାଜିକ, ସଂସ୍କୃତି, ପରମ୍ପରା ଓ ସହାବସ୍ଥାନ ପାଇଁ।' ପୁଣି ସେମାନଙ୍କ ଉକ୍ତିରୁ ଜଣାଯାଏ 'ଯଦି ପ୍ରକୃତି ସଂରକ୍ଷିତ ହୋଇ ରହିବ, ତେବେ ଆମେ ମଧ୍ୟ ସୁରକ୍ଷିତ ହୋଇ ବଞ୍ଚିବୁ । ଯଦି ଆମେ ବଞ୍ଚିବୁ, ତେବେ ପ୍ରକୃତି ମଧ୍ୟ ହସିବ, ବଢ଼ିବ ଏବଂ ସୁନ୍ଦର ସୁସ୍ଥ ପରିବେଶ ସୃଷ୍ଟି କରିବ ।' ଏସବୁ ସ୍ପଷ୍ଟ କରେ ଯେ, ପ୍ରକୃତରେ ପ୍ରକୃତିକୁ ସୁରକ୍ଷା ଦେବାରେ ଆଦିବାସୀ ହିଁ ସର୍ବାଗ୍ରେ । ଆହୁରି ଆମକୁ ମନେ ପକାଇ ଦିଏ ଯେ, ବୈଦେଶିକଙ୍କ କବଳରୁ ପ୍ରକୃତିକୁ ରକ୍ଷା କରିବା ପାଇଁ ଆଦିବାସୀମାନେ ପ୍ରଥମ ପାରମ୍ପରିକ ଅସ୍ତ୍ରଶସ୍ତ୍ର ଉଠାଇଥିଲେ ଏବଂ ବାହ୍ୟ ଶତ୍ରୁ ସହିତ ଲଢ଼େଇ କରି ପ୍ରକୃତିକୁ ସୁରକ୍ଷା ଦେଇଥିଲେ । ଅନେକ ଆଦିବାସୀ ଯୋଦ୍ଧା ଏ ମାଟି-ପାଣି-ଜଙ୍ଗଲ ପାଇଁ ସହିଦ ହୋଇଛନ୍ତି । କିନ୍ତୁ ବିଦେଶୀମାନଙ୍କ ଆଗରେ କେବେ ମୁଣ୍ଡ ନୁଆଇ ନ ଥିଲେ କିମ୍ବା ଗୁଲାମଗିରି କରି ନଥିଲେ । ଏଥିପାଇଁ ତ କୁହାଯାଏ 'ପ୍ରକୃତିର ପ୍ରକୃତ ବନ୍ଧୁ ହିଁ ଆଦିବାସୀ' । ସେମାନେ ପ୍ରକୃତି ସହିତ ଏତେ ନିବିଡ଼ ଯେ ଏସବୁ ଛାଡ଼ି ପାରିବେ ବା କେମିତି ?

ଦେଶ ସ୍ୱାଧୀନ ହେବାର ଅନେକ ବର୍ଷ ବିତି ଗଲାଣି, ତଥାପି ଆଦିବାସୀମାନେ ପ୍ରକୃତି କୋଳରେ ରହି ହସଖୁସିରେ ଜୀବନ ବିତାଉଛନ୍ତି । ବିଜ୍ଞାନର ଜୟଯାତ୍ରା ଯୋଗୁଁ ମଣିଷ ଚନ୍ଦ୍ର ପୃଷ୍ଠରେ ପହଞ୍ଚି ମଙ୍ଗଳ ଗ୍ରହରେ ଘର କରିବାକୁ ସ୍ୱପ୍ନ ଦେଖିଲାଣି । ରାଜନୈତିକ, ଅର୍ଥନୈତିକ କ୍ଷେତ୍ରରେ ବର୍ତ୍ତମାନ ରାଷ୍ଟ୍ର ଅଗ୍ରଗତିରେ ଆଗେଇ ଚାଲିଛି । ଶିକ୍ଷା-ଦୀକ୍ଷାରେ ଆଦିବାସୀଙ୍କୁ ଛାଡ଼ି ଅନ୍ୟ ବର୍ଗର ଲୋକମାନେ ଆଗକୁ ଯାଇ ବିଶ୍ୱକୁ ନିଜ ନିୟନ୍ତ୍ରଣରେ ରଖିଛନ୍ତି । ସମୟ ସହ ପରିବେଶ ବଦଳିଛି ଏବଂ ମଣିଷ ମଧ୍ୟ ବଦଳିଯାଇଛି । ହେଲେ ବଦଳି ନାହାନ୍ତି ସେଇ ଆଦିବାସୀମାନେ । ସେମାନେ ଭୁଲି ନାହାନ୍ତି ଜୀବନ, ଜୀବିକା ଆଉ ସଂସ୍କୃତିକୁ । ସଭ୍ୟତା ଆରମ୍ଭରୁ ଯେମିତି ଥିଲେ ଆଜି ମଧ୍ୟ ଠିକ୍ ସେମିତି ଅଛନ୍ତି । ପ୍ରତିଦିନ ସହରୀ ଲୋକଙ୍କ ସହିତ ସେମାନଙ୍କର ଦେଖା-ସାକ୍ଷାତ, କଥାବାର୍ତ୍ତା ଓ ଉତ୍ତମ ସମ୍ପର୍କ ମଧ୍ୟ ରହୁଛି । ତଥାପି ସେମାନେ ଶାଗ, ପଖାଳ ଖାଇବାକୁ ଭଲ ପାଆନ୍ତି ଆଉ ନୃତ୍ୟଗୀତ କରି ଜୀବନକୁ ହସ-ଉଲ୍ଲାସରେ ଅତିବାହିତ କରନ୍ତି । କିନ୍ତୁ ଭବିଷ୍ୟତକୁ କାହିଁକି ପ୍ରାଧାନ୍ୟ ଦିଅନ୍ତି ନାହିଁ, ସେଇ କଥା କେବଳ ଆଦିବାସୀମାନେ ହିଁ ଜାଣିଛନ୍ତି । ଆଜି ଦେଶରେ ଆଦିବାସୀ ଅଛନ୍ତି ବୋଲି ଶୋଭାମୟ ପ୍ରକୃତି ସୁସଜ୍ଜିତ ହୋଇ ରହିଛି ବୋଲି କୁହାଯାଉଛି ।

**ମୋ: ୯୩୩୭୪୦୪୨୫୪**

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଭାରତକୁ ଓଡ଼ିଶା...

କରି ମୋଦି କହିଛନ୍ତି ଯେ ଜଣେ ପ୍ରଧାନମନ୍ତ୍ରୀ କହିଥିଲେ ଟଙ୍କାଏ ଦେଲେ ଲୋକେ ୧୫ ପଇସା ପାଉଛନ୍ତି । ମାତ୍ର ଆଜି ଡିବିଟି ଜରିଆରେ ପୂରା ୧ ଟଙ୍କା ଲୋକଙ୍କ ପାଖକୁ ଯାଉଛି ।ଆଜି ଅଟଳ ପେନସନ ଜରିଆରେ ଦେଶରେ ୯ କୋଟି ଲୋକ ଉପକୃତ ହେଉଛନ୍ତି । ଆଉ ଓଡ଼ିଶାରେ ୩୮ ଲକ୍ଷ ଲୋକ ଅଟଳ ପେନସନ୍ ଯୋଜନାର ଫାଇଦା ପାଉଛନ୍ତି । ମାତ୍ର ୨୦ ଟଙ୍କା ପ୍ରିମିୟମରେ ୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଦୁର୍ଘଟଣା ବୀମା ମିଳୁଛି । ଆଜିକା ଦିନରେ ଏ ବାବଦରେ ସରକାର ୨୫ ହଜାର କୋଟି ଦେଇ ସାରିଲେଣି । ବ୍ୟାଙ୍କିଙ୍ଗ ସେଣ୍ଟର ସୁରକ୍ଷିତ ରଖିବା ପାଇଁ ମଜବୁତ ଡାଟା ସେଣ୍ଟର ଦରକାର । ଆଜିକାଲି ଆଉ ଯୁଦ୍ଧ କେବଳ ଅସ୍ତ୍ରଶସ୍ତ୍ରରେ କରାଯାଉ ନାହିଁ । ଦେଶର ଆର୍ଥିକ ମେରୁଦଣ୍ଡ ଉପରେ ଆକ୍ରମଣ କରାଯାଉଛି । ତେଣୁ ବ୍ୟାଙ୍କିଙ୍ଗ ବ୍ୟବସ୍ଥାକୁ ସୁରକ୍ଷିତ କରିବା ଅତ୍ୟନ୍ତ ଜରୁରୀ ହୋଇପଡ଼ିଛି । ଓଡ଼ିଶାରେ ମାଇଣ୍ଡସରୁ ମାଇକ୍ରୋ ଚିପ୍ସ ପ୍ରତିଷ୍ଠା ସମ୍ଭବ ହୋଇପାରିଛି । ଓଡ଼ିଶାରେ ଡାଟା ସେଣ୍ଟର ପ୍ରତିଷ୍ଠା ହୋଇଥିବାରୁ ନୂଆ ପୁଞ୍ଜି ଆସିବାକୁ ଯାଉଛି । ଓଡ଼ିଶାର ଯୁବ ପିଢ଼ିଙ୍କ ପାଇଁ ଆଗକୁ ନୂଆ ସମ୍ଭାବନା ସୃଷ୍ଟି ହେବାକୁ ଯାଉଥିବା ମୋଦି ଦମ୍ଭୋକ୍ତି କରିଛନ୍ତି ।

ସମାରୋହରେ ରାଜ୍ୟପାଳ ବ୍ରଜମୋହନ ରାମ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, କେନ୍ଦ୍ର ଅର୍ଥମନ୍ତ୍ରୀ ନୀର୍ମଳା ସୀତାରମଣ, ଆରବିଆଇ ଗଭର୍ଣ୍ଣର ସଞ୍ଜୟ ମାଲହୋତ୍ରା, ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ, ଜୁଏଲ ଓରାମ ପ୍ରମୁଖ ଉପସ୍ଥିତ ଥିଲେ ।

## ଆଜି ବାତ୍ୟା...

ବର୍ଷା ଲାଗି ରେଡ ୱାର୍ଣ୍ଣିଂ ଜାରି କରାଯାଇଛି । ଏହି ଜିଲ୍ଲା ଗୁଡିକରେ ପବନ ଘଣ୍ଟା ପ୍ରତି ୫୦ରୁ ୬୦ ଝଟକା ୭୦ କିମି ରହିବ । ହେିପରି କଳାହାଣ୍ଡି, କନ୍ଧମାଳ, ନବରଙ୍ଗପୁର, ନୂଆପଡ଼ା, ବଲାଙ୍ଗୀର, ବରଗଡ଼, ପୁରୀ, ଖୋର୍ଦ୍ଧା ଓ ନୟାଗଡ଼ ଜିଲ୍ଲାର ସ୍ଥାନେ ଦୁଇ ସ୍ଥାନେ ପ୍ରବଳରୁ ଅତିପ୍ରବଳ ବର୍ଷା ଲାଗି ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି । ୨୯ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ବର୍ଷା ସହ ପବନ ବୋହିବାର ସମ୍ଭାବନା ଅଛି । ୨୬ରୁ ୨୮ ତାରିଖ ପର୍ଯ୍ୟନ୍ତ ପଶ୍ଚିମ କେନ୍ଦ୍ରୀୟ ଏବଂ ସଂଲଗ୍ନ ଉତ୍ତର-ପଶ୍ଚିମ ଓ ଦକ୍ଷିଣ-ପଶ୍ଚିମ ବଙ୍ଗୋପସାଗରକୁ ମତ୍ସ୍ୟଜୀବୀଙ୍କୁ ପ୍ରବେଶ ନକରିବା ପାଇଁ ପରାମର୍ଶ ଦିଆଯାଇଛି । ଆନ୍ଧ୍ରପ୍ରଦେଶରୁ ଓଡ଼ିଶା ଉପକୂଳ ପର୍ଯ୍ୟନ୍ତ ୨୭ ଓ ୨୮ ତାରିଖରେ ମତ୍ସ୍ୟଜୀବୀଙ୍କୁ ସମୁଦ୍ର ମଧ୍ୟକୁ ପ୍ରବେଶ ଲାଗି ବାରଣ କରାଯାଇଛି ।

## କାର୍-ବାଇକ...

ମିଳିଥିବା ସୂଚନାନୁଯାୟୀ, ଉଭୟେ ବୌଦ୍ଧ ଜିଲ୍ଲାର ଘଣ୍ଟାପଡ଼ା ଥାନା ଅଞ୍ଚଳର ବାସିନ୍ଦା ।ଦୁର୍ଘଟଣା ସମ୍ପର୍କରେ ସୂଚନା ପାଇ ପଦ୍ମପୁର ପୁଲିସ ଘଟଣାସ୍ଥଳରେ ପହଞ୍ଚି ଦୁଇଟି ମୃତଦେହ ଜବତ କରିଥିଲା । ପରେ ମୃତଦେହଦ୍ୱୟକୁ ବ୍ୟବଚ୍ଛେଦ ପାଇଁ ପଦ୍ମପୁର ଉପଖଣ୍ଡ ଚିକିତ୍ସାଳୟକୁ ପଠାଯାଇଛି ।

## 'ଅର୍ଣ୍ଣବ ' ମୁକାବିଲା ...

ପାଇଁ ଆଇଏଏସ୍ ମହେଶ୍ୱର ସ୍ୱାଇଁଙ୍କୁ ଦାୟିତ୍ୱ ଦିଆଯାଇଛି । ଗଜପତି, ଗଞ୍ଜାମ, କୋରାପୁଟ, ରାୟଗଡ଼ା ଓ ମାଲକାନଗିରି ଜିଲ୍ଲାରେ ସ୍କୁଲ, କଲେଜ ଏବଂ ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକୁ ୨୮ ଓ ୨୯ ତାରିଖ ଦିନ ବନ୍ଦ ରଖିବା ପାଇଁ ନିଷ୍ପତ୍ତି ନିଆଯାଇଛି । ସମ୍ଭାବ୍ୟ ବିପର୍ଯ୍ୟୟର ମୁକାବିଲା ପାଇଁ ସମସ୍ତ ଜିଲ୍ଲାସ୍ତରୀୟ ଓ ଅଧିକାରୀଙ୍କ ଛୁଟି ବାତିଲ କରାଯାଇଛି । ସମସ୍ତ ଅଧିକାରୀଙ୍କୁ ନିଜ ନିଜ ମୁଖ୍ୟାଳୟରେ ରହିବାକୁ କୁହାଯାଇଛି । ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ ଖୋଲା ହୋଇଛି ବିପର୍ଯ୍ୟୟ ପରିଚାଳନା ପାଇଁ ଜିଲ୍ଲା ଜରୁରୀକାଳୀନ ଅପରେସନ୍ କେନ୍ଦ୍ର ସମେତ ସମସ୍ତ ବ୍ଲକ, ତହସିଲ ଓ ପୌରାଞ୍ଚଳରେ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ କାର୍ଯ୍ୟକାରୀ କରାଯାଇଛି । ଟୋଲ୍-ଫ୍ରି ନମ୍ବର,ସମେତ ଜିଲ୍ଲାଗୁଡ଼ିକର ସ୍ୱତନ୍ତ୍ର ହେଲ୍-ଲାଇନ୍ ନମ୍ବର ଜନସାଧାରଣଙ୍କ ପାଇଁ ଉପଲବ୍ଧ ଅଛି । ଏହି ୫ଟି ଜିଲ୍ଲାରେ ମୋଟ୍ ୨୪ଟି ଓଡ୍ରାଫ୍ ଟିମ୍ ଓ ୬ଟି ଏନଡିଆରଏଫ୍ ଟିମ୍ ନିୟୋଜିତ ଅଛନ୍ତି ।

ବିପର୍ଯ୍ୟୟ ସମୟରେ ପଶୁମାନଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯିବା ସହ ପ୍ରାଣୀସମ୍ପଦ ବିଭାଗ ପକ୍ଷରୁ ମୋବାଇଲ୍ ଟିମ୍ ଜରିଆରେ ଜରୁରୀ ଚିକିତ୍ସା ଯୋଗାଇ ଦିଆଯିବା ଓ ପ୍ରଭାବିତ ଅଞ୍ଚଳରେ ପଶୁମାନଙ୍କ ପାଇଁ ପଶୁଖାଦ୍ୟ ବଣ୍ଟନର ବ୍ୟବସ୍ଥା କରାଯିବ । ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ପହଞ୍ଚାଇବା ପାଇଁ ବାତ୍ୟା ଆଶ୍ରୟସ୍ଥଳୀ କରାଯାଇଛି । ଜନସାଧାରଣଙ୍କୁ କୌଣସି ପ୍ରକାର ଗୁଜବ ପ୍ରତି କାନ ନଦେଇ ପ୍ରଶାସନର ମାର୍ଗଦର୍ଶନ ଓ ନିର୍ଦ୍ଦେଶକୁ ମାନି ସତର୍କ ରହିବାକୁ ଅନୁରୋଧ କରାଯାଇଛି । ସମ୍ପୃକ୍ତ ନୋଡାଲ ଅଧିକାରୀ ମାନଙ୍କୁ ବନ୍ୟା ଅଞ୍ଚଳର ଦାୟିତ୍ୱ ନ୍ୟସ୍ତ କରାଯାଇଛି ଓ ଏକ ହ୍ୱାଟ୍ସଆପ ଗ୍ରୁପ କରି ସେଥିରେ ସମ୍ପୃକ୍ତ ଅଧିକାରୀ ଓ କାର୍ଯ୍ୟକର୍ତ୍ତାଙ୍କୁ ସଂଶ୍ଳିଷ୍ଟ କରାଯାଇଛି ।

## ୯୦ଲକ୍ଷ ଠକେଇ,...

କମ୍ପାନୀରେ ଶତକଡା ୬୦ଭାଗ ମାଲିକାନା ଲୋଭ ଦେଖାଇ ତପନ ସମରେନ୍ଦ୍ରଙ୍କ ଠାରୁ ଟଙ୍କା ଠକି ନେଇଥିଲା । ଯେହେତୁ ସିଏ ସମ୍ପର୍କୀୟଙ୍କ ଭାଇଁ ତାଙ୍କ କଥାକୁ ସହଜରେ ସମରେନ୍ଦ୍ର ବିଶ୍ୱାସ କରି ୨୦୨୩ ମସିହା ମେ' ୧୨ ତାରିଖରୁ ୨୦୨୫ ମସିହା ସେପେଟମ୍ବର ୧୯ ତାରିଖ ମଧ୍ୟରେ ବ୍ୟାଙ୍କ ଟ୍ରାନ୍ସଫର ଓୟୁପିଆଇ ମାଧ୍ୟମରେ ୬୯ ଲକ୍ଷ ଟଙ୍କା ଓ ନଗଦ ୨୧ଲକ୍ଷ ଟଙ୍କା ଦେଇଥିଲେ । ଅଭିଯୁକ୍ତ ତପନ ମାତ୍ର ୩୬ଲକ୍ଷ ଟଙ୍କା ଫେରାଇଥିଲା । ଅବଶିଷ୍ଟ ୯୧ଲକ୍ଷ ୯୮ ହଜାର ଟଙ୍କା ଫେରାଇ ନଥିଲା କିମ୍ବା ବ୍ୟବସାୟର କୌଣସି ଅଂଶ ଦେଇନଥିଲା । ଟଙ୍କା ମାଗିବାରୁ ଜୀବନରୁ ମାରିଦେବାର ଧମକ ଦେବା ସହ ଗାଳିଗୁଲଜ କରିଥିଲା । ଅବସରପ୍ରାପ୍ତ ରେଳ କର୍ମଚାରୀ ଉପାୟଶୂନ୍ୟ ହୋଇ ମୈତ୍ରୀବିହାର ଥାନାରେ ଅଭିଯୋଗ କରିବା ପରେ ତପନ କୁମାର ଦାସକୁ ପୋଲିସ ଗିରଫ କରି ରବିବାର କୋର୍ଟଚାଲାଣ କରିଥିଲା । ଜାମିନ ନାମଞ୍ଜୁର ହୋଇଯିବାରୁ ତାକୁ ଜେଲ୍ ହାଜତ ପଠାଇ ଦିଆଯାଇଛି ।

## ୧୦୦ କୋଟିର...

ଟଙ୍କାର ସନ୍ଦେହଜନକ ହାୱାଲା କାରବାରର ସୂଚନା ମିଳିବା ସହ ୧୮ ଜଣଙ୍କୁ ଗିରଫ କରାଯାଇଛି ।ଅକ୍ଟୋବର ୨୩ରେ ଆରମ୍ଭ ହୋଇଥିବା ଏହି ଅଭିଯାନରେ ମିଜୋରାମ ପୁଲିସ, ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଓ ଅନ୍ୟ ତଦନ୍ତକାରୀ ସଂସ୍ଥା ସାମିଲ ହୋଇଥିଲେ । ଚଢ଼ାଉ ବେଳେ ୧,୪୨୪ଟି ବ୍ୟାଙ୍କ ଖାତାକୁ ଅଚଳ କରାଯାଇଥିବା ବେଳେ ୧୭.୮୨ କୋଟି ଟଙ୍କା ମୂଲ୍ୟର ସମ୍ପତ୍ତି ଜବତ ପ୍ରକ୍ରିୟା ଆରମ୍ଭ ହୋଇଛି । ଏହାସହ ୫୦୦ଟି ଡେଟୋନେଟର ଓ ୧୨ ଲକ୍ଷ ଟଙ୍କା ନଗଦ ଜବତ କରାଯାଇଛି ।ତଦନ୍ତରୁ ଜଣାପଡ଼ିଛି ଯେ, ମ୍ୟାମାରରୁ ମିଜୋରାମ, ମଣିପୁର ଓ ଆସାମ ଦେଇ ମିଥାମ୍ଫେଟାମିନ୍ ଓ ହେରୋଇନ୍ ଚାଲାଣ କରାଯାଉଥିବା ସନ୍ଦେହ ରହିଛି । ଏହି କାରବାରର ଜାଲ ବାଂଲାଦେଶ ପର୍ଯ୍ୟନ୍ତ ଲମ୍ବିଥିବା ତଦନ୍ତକାରୀ ସଂସ୍ଥା କହିଛନ୍ତି । କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଏହି ଅଭିଯାନକୁ ପ୍ରଶଂସା କରିଛନ୍ତି । ନିଶା କାରବାର ବିରୋଧରେ ସରକାରଙ୍କ କଠୋର ଆଭିମୁଖ୍ୟ ଜାରି ରହିବ ବୋଲି ଗୃହମନ୍ତ୍ରୀ କହିଛନ୍ତି ।

## ମାଓ ଦମ୍ପତିଙ୍କ...

କାର୍ଯ୍ୟକଳାପରେ ସକ୍ରିୟ ଥିଲେ । ଝାଡ଼ଖଣ୍ଡ ପୁଲିସ ମଙ୍ଗଳଙ୍କ ଗିରଫଦାରୀ ପାଇଁ ୫ ଲକ୍ଷ ଟଙ୍କା ଏବଂ ମାଳତୀଙ୍କ ପାଇଁ ୨ ଲକ୍ଷ ଟଙ୍କାର ପୁରସ୍କାର ଘୋଷଣା କରିଥିଲା ।ପୁଲିସ କମିସନର ଶ୍ରୀ ନନ୍ଦଙ୍କ ସୂଚନା ଅନୁଯାୟୀ, ମଙ୍ଗଳ ପଶ୍ଚିମ ମେଦିନୀପୁର ଜିଲ୍ଲାର ଶାଳବଣୀ ଅଞ୍ଚଳର ବାସିନ୍ଦା । ସେହିପରି ମାଳତୀ ଝାଡ଼ଗ୍ରାମ ଜିଲ୍ଲାର ଗୋପୀବଲ୍ଲଭପୁର ଅଞ୍ଚଳର । ପରବର୍ତ୍ତୀ ସମୟରେ ଉଭୟ ଝାଡ଼ଖଣ୍ଡକୁ ଯାଇ ସାରଣ୍ଡା ଜଙ୍ଗଲ ଅଞ୍ଚଳରେ ମାଓବାଦୀ କାର୍ଯ୍ୟକଳାପରେ ଜଡ଼ିତ ହୋଇଥିଲେ ।

## କଙ୍ଗାରୁ କୋର୍ଟରେ...

ସମୟରେ ତାଙ୍କୁ ଗ୍ରାମରୁ ସାମାଜିକ ବାସନ୍ଦ କରାଯାଇଥିଲା । ଏପରିକି ବ୍ରଜବନ୍ଧୁଙ୍କ ସହ କେହି କଥାବାର୍ତ୍ତା ହେଲେ କିମ୍ବା ସମ୍ପର୍କ ରଖିଲେ ଗ୍ରାମରେ କଙ୍ଗାରୁ କୋର୍ଟ ଚଳାଇ ଥିବା ଅସାମାଜିକ ବ୍ୟକ୍ତିମାନେ ସଂପୃକ୍ତ ବ୍ୟକ୍ତିଙ୍କୁ ନାଲି ଆଖି ଦେଖାଇ ଧମକ ଦେବା ସହ ତାଗିଦ ମଧ୍ୟ କରୁଥିଲେ । ତେବେ ପାରିବାରିକ ସମ୍ପର୍କ ଦୃଷ୍ଟିରୁ କୌଣସି ଏକ କାର୍ଯ୍ୟରେ ରଞ୍ଜୁ ତାଙ୍କ ଦେଢ଼ଶୁର ବ୍ରଜବନ୍ଧୁଙ୍କ ଘରକୁ ଯିବା ଆସିବା କରିବାରୁ ଏହାକୁ ସହଜରେ ଗ୍ରହଣ କରି ପାରିନଥିଲେ ଅସାମାଜିକ ବ୍ୟକ୍ତିମାନେ । ସେମାନେ ଅଯୋଧ୍ୟାଙ୍କ ପରିବାର ଉପରେ ଦାଉ ସାଧିବା ସହ ଜୋରିମନା ବାବଦରେ ୧ ହଜାର ଟଙ୍କା ଦେବା ପାଇଁ ଦାବି କରିଥିଲେ । ମାତ୍ର ଅଯୋଧ୍ୟା ସେମାନଙ୍କ କଥାରେ ରାଜି ନହେବାରୁ ଅସାମାଜିକ ବ୍ୟକ୍ତିମାନେ ସ୍ଥାନୀୟ ଅଞ୍ଚଳର କେତେକ ଯୁବକଙ୍କୁ କରାୟତ କରି ଅଯୋଧ୍ୟାଙ୍କ ପରିବାରବର୍ଗଙ୍କ ଉପରେ ଦାଉ ସାଧୁଥିବା ଅଭିଯୋଗ ହେଉଛି । ଅଯୋଧ୍ୟା ଓ ତାଙ୍କ ପତ୍ନୀ ,ଝିଅ ଅସାମାଜିକ ବ୍ୟକ୍ତିଙ୍କ ଦ୍ୱାରା ବାରମ୍ବାର ଆକ୍ରୋଶର ଶିକାର ହୋଇଥିବା ନେଇ ଫତେଗଡ ଥାନାରେ ଅଭିଯୋଗ ହୋଇଛି । ଅଭିଯୋଗ ଆଧାରରେ ଫତେଗଡ ପୁଲିସ ଘଟଣାର ତଦନ୍ତ କରୁଥିବା ବେଳେ ନୟାଗଡ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଓ ଜାତୀୟ ମାନବାଧିକାର କମିଶନ ଉପରୋକ୍ତ ଘଟଣାରେ ହସ୍ତକ୍ଷେପ କରିବାକୁ ସାଧାରଣରେ ଦାବି ହେଉଛି ।

# ବାମପନ୍ଥୀ ଶ୍ରମିକ , କୃଷକ ସଭାର ବିକ୍ଷୋଭ




ନୟାଗଡ଼,(ସବ୍ୟୁ) : ଭାରତୀୟ ମୁଖ୍ୟ ନିର୍ବାଚନ କମିଶନ ଜ୍ଞାନେଶ କୁମାରଙ୍କ ବହିଷ୍କାର, ଉଦ୍ଦେଶ୍ୟମୂଳକ ଭାବେ ଭୋଟର ତାଲିକାରୁ ନାମ କଟାଯାଇଥିବା ନାଗରିକଙ୍କୁ ନ୍ୟାୟ ପ୍ରଦାନ, ନିର୍ବାଚନ କମିଶନ ଗଠନ ପଦ୍ଧତି ରେ ସଂଶୋଧନ ଓ ପ୍ରଗତିଶୀଳ ନିର୍ବାଚନ ସଂସ୍କାର ଦାବିରେ ସିଆଇଟିୟୁ, କୃଷକ ସଭା, କ୍ଷେତ ମୂଲିଆୟୁନିଅନ, ଗଣତାନ୍ତ୍ରିକ ମହିଳା ସମିତି, ଯୁବ ଫେଡେରେସନ ପକ୍ଷରୁ ନୟାଗଡ଼ ଠାରେ ବିକ୍ଷୋଭ ସଭା ଅନୁଷ୍ଠିତ ହୋଇଯାଇଛି । ବରିଷ୍ଠ ଶ୍ରମିକ ନେତା ବିଶନାଥ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବିକ୍ଷୋଭ ଓ ଶୋଭାଯାତ୍ରାରେ ମୋଦି ସରକାର ଶାସନ ନୀତିର କଡ଼ା ସମାଲୋଚନା କରାଯାଇଛି । ସରକାର ବିରୋଧୀ ନାଗରିକଙ୍କୁ ଭୋଟ ତାଲିକା ରୁ ବାଦ ଦେବା ଏବଂ ଦେଶକୁ ଅବାଧରେ ଶୋଷଣ ଲକ୍ଷ୍ୟରେ ଥିବା ଆଦାନୀ ଓ ଅମ୍ବାନୀ ନିରଙ୍କୁଶ ବ୍ୟବସାୟୀକ ସୁବିଧା ପ୍ରଦାନ କରି ଦେଶରେ ସାଧାରଣ ତଥା ମଧ୍ୟମ ଗୋଷ୍ଠୀ ବ୍ୟବସାୟୀଙ୍କ ପେଟକୁ ଗୋଇଠା ମାରିବା ନୀତିରେ କେନ୍ଦ୍ର ସରକାରଙ୍କ କାର୍ଯ୍ୟ କରୁଥିବା ଶ୍ରମିକନେତା ବିଶନାଥ ମହାପାତ୍ର ଅଭିଯୋଗ କରିଥିଲେ । ମୋଦି ସରକାରଙ୍କର ଏଭଳି ଅଗଣତାନ୍ତ୍ରିକ କାର୍ଯ୍ୟ ଧାରାକୁ କେବଳ ବାମପନ୍ଥୀ ନୁହେଁ, ଦେଶର ଅନେକ ରାଜନୈତିକ ଦଳ ଏବଂ ଲକ୍ଷ ଲକ୍ଷ ସଚେତନ ନାଗରିକ ବିରୋଧ କରୁଥିବା ଶ୍ରମିକ ନେତା ଶ୍ରୀ ମହାପାତ୍ର ବିକ୍ଷୋଭ ସଭାରେ ପ୍ରକାଶ କରି ଗଣତାନ୍ତ୍ରିକ ବ୍ୟବସ୍ଥାକୁ ସୁନିଶ୍ଚିତ କରିବା ଲାଗି ବିକ୍ଷୋଭ ଓ ଆନ୍ଦୋଳନ ଚାଲୁ ରହିବା କହିଥିଲେ । ବିକ୍ଷୋଭରେ ସିଟୁ ଜିଲ୍ଲା ଆବାହକ ଶରତ ଚନ୍ଦ୍ର ବେହେରା, କୃଷକ ସଭା ସମ୍ପାଦକ ପବିତ୍ର ଇନ୍ଦ୍ରଜିତ, ଯୁବଫେଡେରେସନ ରାଜ୍ୟ ନେତା ସରୋଜ ନାୟକ, ମହିଳା ସମିତି ନେତ୍ରୀ ଜ୍ୟୋତିପ୍ରଭା ଜେନା, ଆଶା ଜିଲ୍ଲା ସଭାପତି ଚାପଧାରୀ ରାଉତ, ପାଚିକା ଜିଲ୍ଲା ନେତ୍ରୀ ଜୟନ୍ତୀ ଦାଶ, ଯୁବନେତା ବିପିନକୁମାର ବାଜୁ ପ୍ରମୁଖ ଉଦବୋଧନ ଦେଇଥିଲେ ।

# କାଣୀ ନଦୀ ମୁହାଣ ବନ୍ଦକୁ ବିରୋଧ

ଦୋବଲ,(ସବ୍ୟୁ) :ଯାଜପୁର ଜିଲ୍ଲାରେ ବନ୍ୟା ନିୟନ୍ତ୍ରଣ ନାମରେ କାଣୀ ନଦୀର ମୁହାଣରେ ପଥର ବନ୍ଧ କରାଯାଉଥିବାକୁ ନେଇ ଭଦ୍ରକ ଜିଲ୍ଲାର ଧାମନଗର ଅଂଚଳରେ ଅସନ୍ତୋଷ ତୀବ୍ର ହୋଇଛି । ଏହାର ପ୍ରତିବାଦରେ ରବିବାର ଦୋବଲ କାଳୀପଡ଼ିଆରେ ଧାମନଗର ଗାନ୍ଧୀ କଲ୍ୟାଣ ସମିତି ପକ୍ଷରୁ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଛି । ଶତାଧିକ ଲୋକେ ଏଥିରେ ଯୋଗଦେଇ କାଣୀ ନଦୀର ମୁହାଣକୁ ପୂର୍ବଭଳି ରଖିବା ସହ ଦାବି କରିଛନ୍ତି । ଏନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ,ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ,ଭଦ୍ରକ ଜିଲ୍ଲାପାଳ ସୋମେଶ ଉପାଧ୍ୟାୟ ଏବଂ ଜଳସମ୍ପଦ ବିଭାଗକୁ ଅଭିଯୋଗପତ୍ର ପ୍ରଦାନ କରାଯାଇଛି । କାଣୀ ନଦୀର ମୁହାଣରେ ପଥର ପକାକିଂ କାର୍ଯ୍ୟ ବନ୍ଦ କରିବା ସହ ନଦୀର ପ୍ରାକୃତିକ ଜଳପ୍ରବାହ ଯେପରି ବାଧାପ୍ରାପ୍ତ ନହୁଏ,ସେଥିପ୍ରତି ଦୃଷ୍ଟି ଦେବାକୁ ଦାବି ହୋଇଛି । ସମାବେଶରେ ଯୋଗଦେଇଥିବା ଲୋକଙ୍କ ମତରେ,କାଣୀ ନଦୀ ବୈତରଣୀର ଅତିରିକ୍ତ ବନ୍ୟାଜଳ ନିଷ୍କାସନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଥାଏ । ଏହାର ମୁହାଣକୁ ପଥର ବନ୍ଧ ଦ୍ୱାରା ଅବରୋଧ କରାଗଲେ ଧାମନଗର ଓ ଚାନ୍ଦବାଲି ଅଂଚଳରେ ବନ୍ୟା ବିପଦ ବଢ଼ିବା ସହ ଚାଷଜମି ଓ ଜନବସତି କ୍ଷତିଗ୍ରସ୍ତ ହେବାର ଆଶଙ୍କା ରହିଛି । ତେଣୁ ଗୋଟିଏ ଅଂଚଳକୁ ବନ୍ୟାରୁ ସୁରକ୍ଷା ଦେବା ପାଇଁ ଅନ୍ୟ ଅଂଚଳର ଲୋକଙ୍କୁ ବିପଦ ମଧ୍ୟକୁ ଠେଲି ଦିଆ ନଯାଉ ବୋଲି ଦାବି ଉଠିଛି । ଏହି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଅଂଚଳବାସୀଙ୍କୁ ଏକଜୁଟ କରି ବ୍ୟାପକ ଜନଆନ୍ଦୋଳନ କରିବାକୁ ସମାବେଶରେ ନିଷ୍ପତ୍ତି ହୋଇଛି । ଦଳମତ ନିର୍ବିଶେଷରେ ଧାମନଗର ଓ ଚାନ୍ଦବାଲି ଅଂଚଳର ବନ୍ୟା ସୁରକ୍ଷା ପ୍ରସଙ୍ଗରେ ସମସ୍ତେ ଏକାଠି ହୋଇ ଦାବି ଉପସ୍ଥାପନ କରିବାକୁ ଆହ୍ୱାନ ଦିଆଯାଇଛି । ଅନ୍ୟପକ୍ଷରେ,କାଣୀ ନଦୀର ମୁହାଣରେ ଚାଲିଥିବା ପଥର ପକାକିଂ କାର୍ଯ୍ୟର ପ୍ରଭାବ ନେଇ ବୈଷୟିକ ଅନୁଧ୍ୟାନ କରିବା ସହ ଭଦ୍ରକ ଓ ଯାଜପୁର ଜିଲ୍ଲାର ବନ୍ୟା ସୁରକ୍ଷାକୁ ଗୁରୁତ୍ୱ ଦେଇ ସମାଧାନର ବାଟ ବାହାର କରିବାକୁ ଅଂଚଳବାସୀ ଦାବି କରିଛନ୍ତି । ଏହି ପ୍ରତିବାଦ ସଭାରେ ଯୁବ ନେତା ସଞ୍ଜୟ ମିଶ୍ର,ପ୍ରଭାତ ପଣ୍ଡା,ଚିନ୍ତାମଣି ବାରିକ,ମାନସ ମହାପାତ୍ର,ପ୍ରମୋଦ ସ୍ୱାଇଁ ପ୍ରମୁଖ ନେତୃତ୍ୱ ନେଇଥିଲେ ।

# ଲୋକା ପାଇଲଟଙ୍କ ରେଳବାଇ କ୍ୱାର୍ଟରରୁ ଲୁଟ

ଭଦ୍ରକ,(ସବ୍ୟୁ) :ଜଗନ୍ନାଥ ଦର୍ଶନ ପାଇଁ ପରିବାର ସହ ଯାଇଥିବାବେଳେ ଲୋକା ପାଇଲଟଙ୍କ ରେଳବାଇ କ୍ୱାର୍ଟରରୁ ଲୁଟ ହୋଇଛି । ଲୁଟେରାମାନେ ତାଲା ଭାଙ୍ଗି ଲୁଟିନେଲେ ନଗଦ ଟଙ୍କା ଏବଂ ଝିଅ ବାହାଘର ପାଇଁ ରଖିଥିବା ସୁନା ଗହଣା ନେଇଯାଇ ଇମିଟେଶନ ଗହଣା ଓ ଖୁଚୁରା ଟଙ୍କା ଛାଡି ଯାଇଛନ୍ତି ।ସୂଚନା ଅନୁଯାୟୀ ଭଦ୍ରକ ଜିଆରପି ଥାନା ଅଧୀନ ଭଦ୍ରକ ରେଳ ଷ୍ଟେସନ ନିକଟ ରେଳବାଇ କଲୋନୀରୁ ଲୁଟ ହୋଇଛି । ଇଷ୍ଟ କୋଷ୍ଟ ରେଲେଓ୍ୱର ଲୋକୋ ପାଇଲଟ ଉମାକାନ୍ତ ସିଂ ନିଜ ପରିବାର ସହ ପୁରୀ ଯାଇଥିଲେ । ଜଗନ୍ନାଥ ଦର୍ଶନ ସାରି ଫେରିବା ପରେ ସରକାରୀ କ୍ୱାର୍ଟରର ଗେଟ୍ ଭଙ୍ଗା ଥିବା ଦେଖିଥିଲେ । ଘରେ ଥିବା ଦୁଇଟି ଗୋଡରେଜ ସହ ଅଟାଚ ଭାଙ୍ଗି ଝିଅ ବାହାଘର ପାଇଁ ରଖିଥିବା ୧୫ଲକ୍ଷରୁ ଅଧିକ ମୂଲ୍ୟର ସୁନା ଗହଣା ଲୁଟ୍ ହୋଇଛି । ଲୁଟେରାମାନେ ଇମୀଟେଶନ ଗହଣା ଓ କୁମ୍ପିରେ ଥିବା ଖୁଚୁରା ଟଙ୍କା ଛାଡି ପଳାଇଥିଲେ । ରେଳବାଇ କଲୋନୀର ଅନ୍ୟ ଏକ କ୍ୱାର୍ଟରରୁ ଲୁଟ ପରେ ଆଣିଥିବା ଶାବଳରେ ଏହି କ୍ୱାର୍ଟରର ଗେଟ୍ ଭାଙ୍ଗିଥିଲେ ଲୁଟେରା । ଉକ୍ତ ଘଟଣାକୁ ଭଦ୍ରକ ଜିଆରପୀ ପୋଲିସ ତଦନ୍ତ କରୁଛି ।

# ପଞ୍ଚଲିଙ୍ଗେଶ୍ୱରରେ ପର୍ଯ୍ୟଟକଙ୍କୁ ପିଟି ଲହୁ ଲୁହାଣ କଲେ ଦୋକାନୀ

ନୀଳଗିରି ,(ସବ୍ୟୁ) : ଓଡ଼ିଶା ପର୍ଯ୍ୟଟନ ମାନଚିତ୍ରରେ ବାଲେଶ୍ୱର ଜିଲ୍ଲାର ନୀଳଗିରି ପଞ୍ଚଲିଙ୍ଗେଶ୍ୱର ଶୈବପୀଠ ଗୁରୁତ୍ୱ ବହନ କରୁଥିବା ବେଳେ ପ୍ରତି ଦିନ ଶହ ଶହ ପର୍ଯ୍ୟଟକ ଆସିଥିବା ବେଳେ ପୀଠରେ ଥିବା ଦୋକାନୀମାନଙ୍କ ପାଦୁର୍ଭାବ ବଢ଼ିବଢ଼ି ଚାଲିଥିବା ବେଳେ ପର୍ଯ୍ୟଟକଙ୍କୁ ମାଡ଼ ମାରି ଲହୁଲୁହାଣ କରିବାକୁ ପଛାଉ ନାହାନ୍ତି । ଯାହା ଫଳରେ ପର୍ଯ୍ୟଟକ ପଞ୍ଚଲିଙ୍ଗେଶ୍ୱର ଆସିବା ପାଇଁ ଭୟ କରୁଛନ୍ତି । ରବିବାର ଏପରି ଏକ ଘଟଣା ପଞ୍ଚଲିଙ୍ଗେଶ୍ୱର ରେ ଦେଖିବାକୁ ମିଳିଛି । ଅନୁଗୁଳ ଅଞ୍ଚଳରୁ ସଙ୍ଗିତାରାଣୀ ମିଶ୍ର ନିଜ ପରିବାରକୁ ଧରି ପଞ୍ଚଲିଙ୍ଗେଶ୍ୱର ବୁଲିବାକୁ ଆସିଥିଲେ । ଠାକୁର ଦର୍ଶନ କରି ଫେରୁଥିବା ବେଳେ ତାଙ୍କର ପୁତୁରା ସୂରଜ ମିଶ୍ର ଏକ ଦୋକାନରେ ଗଣେଶ ମୂର୍ତ୍ତି ଦେଖୁଥିଲେ । ମାତ୍ର ପସନ୍ଦ ନ ହେବାରୁ ପଳାଇ ଆସୁଥିବା ସମୟରେ ଦୋକାନୀ ତନୁ ଓ ଶୁକୁଟା ସମେତ ୩/୪ଜଣ ମିଶି ପୁତୁରା ସୁରଜକୁ ପିଟାମରା କରି ଲହୁ ଲୁହାଣ କରି ପକାଇ ଥିଲେ । ପରିବାର ଲୋକେ ପ୍ରତିବାଦ କରିବାରୁ ସେମାନଙ୍କୁ ମଧ୍ୟ ପିଟିଥିଲେ । ଏନେଇ ସଙ୍ଗୀତା ରାଣୀ ମିଶ୍ର ତୁରନ୍ତ ଈଶ୍ୱରପୁର ଫାଣ୍ଡି ଅଧିକାରୀ ମାନସ ରଞ୍ଜନ ନାୟକଙ୍କୁ ଫୋନ କରୁଥିବା ବେଳେ ଫାଣ୍ଡି ଅଧିକାରୀ ଫୋନ୍ ଉଠାଇ ନଥିଲେ । ପରେ ୧୧୨କୁ ମଧ୍ୟ ଫୋନ୍ କରିଥିଲେ । ମାତ୍ର କେହି ନ ଆସିବାରୁ ଶେଷରେ ନିଜ ଗାଡ଼ିରେ ସମସ୍ତେ ନିଳଗିରି ମେଡିକାଲ୍ ଆସି ଚିକିତ୍ସିତ ହୋଇ ଥିଲେ । ପୁତୁରାର ପିଠିରେ ଗୁରୁତର ମାଡ଼ ଚିହ୍ନ ଥିବା ବେଳେ ଗୁରୁତର ଥିବାର ଦେଖିବାକୁ ମିଳିଛି । ପରେ ସଙ୍ଗୀତା ରାଣୀ ମିଶ୍ର ଏନେଇ ନୀଳଗିରି ଥାନାରେ ଅଭିଯୋଗ କରିଛନ୍ତି । ନୀଳଗିରୀ ଥାନାରେ କେଶ ନମ୍ବର ୪୭୯/୨୬ରେ ମାମଲା ରୁଜୁ ହୋଇଛି । ତେବେ ବାହାର ପର୍ଯ୍ୟଟକ ପୋଲିସ ର ସହାୟତା ମାଗୁଥିବା ବେଳେ ପୋଲିସର ସହଯୋଗ ନ ମିଳିବା ପୋଲିସର ନିଷ୍କ୍ରିୟତା ଉପରେ ପ୍ରଶ୍ନ ଉଠୁଛି । ଦୋକାନୀଙ୍କ ଦବଙ୍ଗଗିରି ଉପରେ ପୋଲିସ କି ପଦକ୍ଷେପ ନେଉଛନ୍ତି ତାହା ଦେଖିବାକୁ ବାକି ରହିଲା ।

# କୁମାର ଉତ୍ସବ କମିଟିର ଗଜଲକ୍ଷ୍ମୀ ପୂଜା

କରଞ୍ଜିଆ ,(ସବ୍ୟୁ) :କରଞ୍ଜିଆ ସହରର ଅଗ୍ରଣୀ ପୁରାତନ ଅନୁଷ୍ଠାନ କୁମାର ଉତ୍ସବ କମିଟି ତାର ୬୫ ଗଜ ଲକ୍ଷ୍ମୀ ପୂଜା ପାରମ୍ପରିକ ନୀତି ଅନୁଯାଇ ପାଳନ କରିଛି ।ରବିବାର ପୂର୍ବାହ୍ନରେ ମା ଗଜ ଲକ୍ଷ୍ମୀ ପୂଜା ଉଦ୍ୟସରେ ପବିତ୍ର ଦେଓ ନଦୀ ରୁ ଘଟଉତ୍ତାଳନ କରାଯାଇ ଏକ ଶୋଭାଯାତ୍ରାରେ ସହର ପରିକ୍ରମା କରି ସ୍ଥାନୀୟ ଦୋଳ ପଡିଆସ୍ଥିତ କୁମାର ମଣ୍ଡପ ଠାରେ କଳାସାଧିବାସ କରାଯାଇଥିଲା ଏଥିରେ କୁମାର ଉତ୍ସବ କମିଟିର ସଦସ୍ୟ ଗଣ ଓ ସ୍ଥାନୀୟ କୁମାରୀଗଣ ଘଟ ବହନ କରିଥିଲେ । ଅପରାହ୍ନରେ ମାଙ୍କ ପୂଜା ଆରମ୍ଭ କରାଯାଇଥିଲା ଏହି ପୂଜା ତିନି ଦିନ ଧରି ଚାଲିବ । କୁମାର ଉତ୍ସବକୁ ଆକର୍ଷଣୀୟ କରିବା ପାଇଁ ପାରମ୍ପରିକ ଝୁଣ୍ଟି ପ୍ରତିଯୋଗିତା, ପୁଚି ଖେଳ, ଚିତ୍ରେନକାନ ଅଙ୍କ କୋଷା, ଆଳୁ ଚାମଚ ଦୌଡ଼, ଜିଲିପି ଖିଆ ପ୍ରତିଯୋଗିତା ସହିତ ନୃତ୍ୟ ପ୍ରତିଯୋଗିତା, ଆୟୋଜନ କରାଯିବାର ବ୍ୟବସ୍ଥା ହୋଇଛି । ପୂଜା ଉତ୍ସବକୁ ପରିଚାଳନା କରିବା ପାଇଁ କମିଟିର ସଭାପତି ଦିବ୍ୟ ପ୍ରସାଦ ସାହୁ, ସମ୍ପାଦକ ପିପୁନ ସାହୁ, ପାର୍ଥ ପ୍ରଶ୍ନ ମିଶ୍ର, ଆଲୋକ ରାଜ, ଦିଲୀପ ସାହୁ ସହିତ ଅନ୍ୟାନ୍ୟ ସଦସ୍ୟମନେ ପରିଚାଳନା ଦାୟିତ୍ୱରେ ରହିଛନ୍ତି । କୁମାର କମିଟି ବ୍ୟତୀତ ସହରରେ ଏନ. ଏ. ସି. ଛକ, ପଟା ଘାଟ ଛକ ରେ ମଧ୍ୟ ମା ଗଜ ଲକ୍ଷ୍ମୀ ପୂଜା ର ଆୟୋଜନ ହୋଇଛି ।

# କୁମାର ପୂର୍ଣ୍ଣିମା: ଚଉରାମୂଳରେ ଚାନ୍ଦ ପୂଜା



କାକଟପୁର,(ସବ୍ୟୁ) :ଓଡ଼ିଆ ସଂସ୍କୃତି ଓ ପରମ୍ପରାରେ ବାର ମାସରେ ତେର ପର୍ବର ରହିଛି ସ୍ୱତନ୍ତ୍ର ମହ%୦ । ଏହି ପରମ୍ପରାର ଅନ୍ୟତମ ଆକର୍ଷଣୀୟ ପର୍ବ ହେଉଛି କୁମାର ପୂର୍ଣ୍ଣିମା ବା କୁଆଁର ପୁନେଇଁ । ଆଶ୍ୱିନ ମାସର ପୂର୍ଣ୍ଣିମା ତିଥିରେ ପାଳିତ ଏହି ପର୍ବ ଅବସରରେ ପୁରଠାରୁ ପଲ୍ଲୀ ପର୍ଯ୍ୟନ୍ତ ସବୁଠି ଉତ୍ସବର ମାହୋଲ ଦେଖିବାକୁ ମିଳିଛି । ବିଶେଷକରି କୁମାରୀ କନ୍ୟାମାନଙ୍କ ମଧ୍ୟରେ ଏହି ପର୍ବକୁ ନେଇ ପ୍ରବଳ ଉତ୍ସାହ ଓ ଉଦ୍ଦୀପନା ପରିଲକ୍ଷିତ ହୋଇଛି ।ପ୍ରାତଃକାଳରୁ କୁମାରୀ କନ୍ୟାମାନେ ଶଯ୍ୟାତ୍ୟାଗ କରି ସ୍ନାନ ସାରି ନୂତନ ବସ୍ତ୍ର ପରିଧାନ କରିଥିଲେ । ଉଦିତ ସୂର୍ଯ୍ୟଙ୍କୁ ଆଞ୍ଜୁଳି ଟେକି ଶ୍ରଦ୍ଧା ଓ ଭକ୍ତିର ସହ ପୂଜାର୍ଚ୍ଚନା କରିଥିଲେ । ଏହି ଅବସରରେ ଅଛଡ଼ା ଲିଆ, ନଡ଼ିଆ, ଗୋଟା ଗୁଆ, ଆଖୁ, ଫୁଲ, କାକୁଡ଼ି କସି, ଜହ୍ନି କସି ଓ ବିଭିନ୍ନ ପ୍ରକାର ଫଳ ଆଦି ସୂର୍ଯ୍ୟଦେବଙ୍କୁ ଅର୍ପଣ କରିଥିଲେ । ଦିନତମାମ ଉପବାସ ରହି ବ୍ରତ ପାଳନ କରିଥିଲେ କୁମାରୀମାନେ । ସନ୍ଧ୍ୟାରେ ଗାଁ ଗାଁରେ ଥିବା ତୁଳସୀ ଚଉରା ମୂଳରେ ଏକାଠି ହୋଇଝାଟି, ମୁରୁଜ ଓ ବିଭିନ୍ନ ରଙ୍ଗବେରଙ୍ଗର ଫୁଲରେ ଚଉରାମୂଳକୁ ସୁସଜ୍ଜିତ କରିଥିଲେ । ପୂଜା ଥାଳିରେ ଅଛଡ଼ା ଲିଆ, କଦଳୀ, ବିଭିନ୍ନ ଫଳମୂଳ, ଗୁଡ଼, ଛେନା, ଦହି ଓ ନଡ଼ିଆ ଆଦି ଭୋଗ ସାମଗ୍ରୀ ରଖି ଆକାଶରେ ଉଦିତ ପୂର୍ଣ୍ଣଚନ୍ଦ୍ରଙ୍କୁ ଦର୍ଶନ କରି ଚାନ୍ଦ ପୂଜା କରିଥିଲେ ।ପୂଜା ସମାପନ ପରେ ସମସ୍ତେ ଏକାଠି ହୋଇ ପାରମ୍ପରିକ କୁମାର ପୂର୍ଣ୍ଣିମା ଗୀତ "କୁଆଁର ପୁନେଇଁ ଜହ୍ନ ଗୋ, ଫୁଲ ବଉଳବେଣୀ' ଗାନ କରିଥିଲେ । ଚଉରାମୂଳରେ ଅର୍ପଣ କରାଯାଇଥିବା ଭୋଗକୁ ଏକାଠି ଚକଟି "ଚକଟା' ପ୍ରସ୍ତୁତ କରାଯାଇଥିଲା । ଏହି ପ୍ରସାଦ ସେବନ କରି କୁମାରୀମାନେ ନିଜ ନିଜର ବ୍ରତ ସମାପନ କରିଥିଲେ । କେତେକ ସ୍ଥାନରେ ପରସ୍ପରକୁ ଚକଟା ଖୁଆଇ ଚାନ୍ଦ ବସିବା ବା ମିତ ହେବାର ପରମ୍ପରା ମଧ୍ୟ ପାଳନ କରାଯାଇଥିଲା ।


**AFFIDAVIT**

By virtue of an affidavit sworn before Notary Public, Kendrapara, dated 09/10/2026 I, Rama Chandra Das, S/o Raghu Das, Vill- Bajipada, Po- Thakurpatna, PS- Kendrapara Sadar, Dist- Kendrapara, Pin- 754250 declare that I have changed my daughter's name from Jharana Das to Rashmita Das. Henceforth, she shall be known as Rashmita Das for all purposes.

Sd/- Rama Chandra Das

**AFFIDAVIT**

By virtue of an affidavit sworn before Notary Public, Kendrapara, dated 09/10/2026 I, Sanatan Das, S/o Bauribandhu Das, Vill/ Po- Gamu, PS- Bari Ramachandrapur, Dist- Jajapur, Pin-754214 declare that I have changed my son's name from Subhashree Das to Pratyush Das. Henceforth, he shall be known as Pratyush Das for all purposes.

Sd/- Sanatan Das

**KASTURABA GANDHI BALIKA VIDYALAYA, NAYAKGUDA, MATHILI, MALKANGIRI**
At/Po:- Nayakguda Block: Mathili, Dist: Malkangiri
Mobile no:
Letter No: 70/2026 Date: 16.10.2026

**TENDER CALL NOTICE NO 01/2026-27**

Sealed tenders are invited from reputed firms and manufacturers having GSTIN No for supply of grocery and cosmetics items to Kasturaba Gandhi Balika Vidyalaya, Nayakguda, Mathill dist: Malkangiri (Odisha) from the month of November-2026 & to October 2027 Interested parties/Firms can purchase the tender forms from the office of the KGBV Nayakguda from date .30.10.2026 to 07.11.2026 and payable from 10 A.M. to 4P.M. in all working days on payment of Rs 300/- (Three hundred rupees only) in cash. The tenders completed in all respect along with requisite document and earnest money EMD in shape of bank draft in favour of SCHOOL MANAGEMENT COMMITTEE GOVT UGHS/ KGBV, Nayakguda. A/C No- 3297400178 IFC code CBIN0284325 payable at CENTRAL BANK OF INDIA, Malkangiri. The tender forms along with other particulars the list of items and details instruction can be available at KGBV,GOVT.UGHS, Nayakguda.

The Purchase Advisory committee (PAC) meeting will be held on Dtd: 09.11.2026 at 03 PM in this Vidyalaya for opening of tender. The PAC reserves the right to accept or reject the tender in whole or in part without assigning any reason thereof.

Sd/- HEADMASTER
GOVT UGHS/KGBV, NAYAKGUDA

Email-rd_nuapada@rediffmail.com
25001/1375/2627
GOVT. OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION, NUAPADA

BID IDENTIFICATION NO. RWNPD-11 (Online) of 2026-27

**"e" PROCUREMENT NOTICE**

Bid documents consisting of Work, Estimate Cost, Cost of tender Paper, EMD BID security, Time of Completion, Class of Contractor and the set of terms and conditions of contract and other necessary documents can be seen in Govt. website i.e. www.tendersorissa.gov.in

1. Name of the work : Roadworks in the District of Nuapada as mentioned in DTCN
2. Total No of works : 04 Nos.
3. Estimated Cost : Rs. 54.62 to 83.19 lakhs (Roads)
4. Period of Completion : 02 (Two) Calendar Month
5. Other Details:

| Procurement officer | Bid Identification No. | Availability of Tender online for bidding | | Last date & time of Seeking tender clarification | Date & Time of Opening of Bid | |
|---|---|---|---|---|---|---|
| | | From | To | | Technical Bid | Financial Bid |
| Superintending Engineer, Rural Works Division, Nuapada | RWNPD-11/2026-27 (Online) | 28.10.2026 at 10.00 AM | 09.11.2026 up to 5.00 PM | 08.11 2026upto 05.00 PM | 10.11.2026 at 11.00 AM | Will be intimated later on |

For Details can be seen from the website www.tendersorissa.gov.in

Sd/- Executive Engineer
Rural Works Division, Nuapada
OIPR : 25001/25050/1/26-27/0010


**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍ନମ୍ବର**

ଅନୁଗୁଳ-ଦ୍ୱାରିକା ପ୍ରସାଦ ନନ୍ଦ- ୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ- ୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍- ୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା- ୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି- ୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ- ୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ- ୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ- ୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ- ୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ- ୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି- ୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା- ୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ- ୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର- ୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସ ରାଓ- ୯୪୩୯୫୬୬୭୨୨, କେନ୍ଦୁଝର- ରବିନାରାୟଣ ରାଜ୍- ୯୪୩୭୩୩୭୧୦୦, ମାଲକାନଗିରି-ଏମ୍. ଅମରେଶ କୁମାର- ୯୪୩୯୯୨୮୮୭୭, ମୟୂରଭଞ୍ଜ-ସୌମ୍ୟ ରଞ୍ଜନ ପଟ୍ଟନାୟକ- ୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା- ୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ- ୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ- ୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର- ୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ- ୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ- ୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ- ୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି- ୯୪୩୭୨୬୫୫୦୧, ଢେଙ୍କାନାଳ-ସନ୍ତୋଷ ଶତପଥୀ- ୮୮୯୫୬୫୧୨୨୮ ।

## ଓଇଏସ୍ ପ୍ରତିଷ୍ଠା ଦିବସରେ ପରିବେଶ ପୁରସ୍କାର ପ୍ରଦାନ

# ‘ପରିବେଶ ସୁରକ୍ଷା ପାଇଁ ଯୁବବର୍ଗ ହୁଅନ୍ତୁ ‘ସବୁଜ ସୈନିକ’

ଭୁବନେଶ୍ୱର, (ସବ୍ୟୁ): ଅସ୍ଥାୟୀ ବିକାଶ ମଡେଲ ଏବଂ ପ୍ରକୃତି ପ୍ରତି ହ୍ରାସ ପାଉଥିବା ସମ୍ବେଦନଶୀଳତା ସାରା ବିଶ୍ୱରେ ପରିବେଶଗତ ସମସ୍ୟାକୁ ସମ୍ପ୍ରତି ତୀବ୍ର କରିଛି। ଗ୍ରହର ତିନୋଟି ପ୍ରମୁଖ ସଙ୍କଟ - ବିଶ୍ୱ ଉତ୍ତାପ ବୃଦ୍ଧି ଏବଂ ଜଳବାୟୁ ପରିବର୍ତ୍ତନ, ପ୍ରଦୂଷଣ ଏବଂ ବର୍ଜ୍ୟବସ୍ତୁ ନିର୍ଗମନ, ଏବଂ ମାନବ କାର୍ଯ୍ୟକଳାପ ଦ୍ୱାରା ପରିସଂସ୍ଥାର ଅବନତି ଏବଂ ଜୈବବିବିଧତା ଅବକ୍ଷୟ - ପୃଥିବୀରେ ଜୀବନ ନିମନ୍ତେ ଗମ୍ଭୀର ବିପଦ ସୃଷ୍ଟି କରୁଛି। ତେଣୁ ମାନବଜାତି ଏବଂ ସମଗ୍ର ଜୀବଜଗତର ବଞ୍ଚିବା ପାଇଁ ପରିବେଶୀୟ ଗୁଣବତ୍ତାର ସୁରକ୍ଷା ଅତ୍ୟାବଶ୍ୟକ। ଏହି ଆହ୍ୱାନଗୁଡ଼ିକର ମୁକାବିଲା ନିମନ୍ତେ ସରକାର, ଅନୁଷ୍ଠାନ ଏବଂ ଜନସାଧାରଣଙ୍କ ସମନ୍ୱିତ ପ୍ରୟାସ ମାଧ୍ୟମରେ ସାମୂହିକ ପ୍ରତିବଦ୍ଧତାକୁ ସୁଦୃଢ଼ କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଓଡ଼ିଶା ପରିବେଶ ସମିତି (ଓଇଏସ୍)ର ୪୫ତମ ପ୍ରତିଷ୍ଠା ଦିବସ ଓ ପୁରସ୍କାର ବିତରଣ ଉତ୍ସବରେ ବିଶିଷ୍ଟ ଅତିଥିମାନେ ଏପରି ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଓଇଏସ୍ ସଭାପତି ଡ. ସୁନ୍ଦର ନାରାୟଣ ପାତ୍ର ଅଧକ୍ଷତା କରିଥିଲେ। ‘ଧରିତ୍ରୀ’ ଓ ‘ଓଡ଼ିଶା ପୋଷ୍ଟ’ ଖବରକାଗଜର ସମ୍ପାଦକ ତଥାଗତ ସତପଥୀ ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ, ବିଶିଷ୍ଟ ଲେଖକ ପ୍ରଫେସର ଜିତେନ୍ଦ୍ର ନାରାୟଣ ଦାଶ (ଦାଶ ବେନହୁର) ମୁଖ୍ୟବକ୍ତା ରୂପେ ବକ୍ତବ୍ୟ ରଖିଥିଲେ।




ଏହି ଅବସରରେ, ମୁଖ୍ୟ ଅତିଥି ଓଡ଼ିଶାର ପୂର୍ବତନ ସ୍ୱାସ୍ଥ୍ୟ ସେବା ନିର୍ଦ୍ଦେଶକ ଡା. ସେବା ମହାପାତ୍ରଙ୍କୁ ବିଭିନ୍ନ କ୍ଷେତ୍ରକୁ ଉଲ୍ଲେଖନୀୟ ଅବଦାନ ନିମନ୍ତେ ଜୀବନବ୍ୟାପୀ ସାଧନା ପୁରସ୍କାର ପ୍ରଦାନ କରିଥିଲେ। ଉତ୍କଳ ବିଶ୍ୱବିଦ୍ୟାଳୟର ଉଦ୍ଭିଦ ବିଜ୍ଞାନର ପୂର୍ବତନ ପ୍ରଫେସର ଏମିରେଟସ୍ ଡ. ହେମନ୍ତ କୁମାର ପାତ୍ରଙ୍କୁ ପରିବେଶ ଉତ୍କର୍ଷତା ପୁରସ୍କାର ପ୍ରଦାନ ଏବଂ ସମ୍ବାଦ ଖବରକାଗଜ ଏବଂ କନକ ନ୍ୟୁଜ୍ ଟିଭିର ସମ୍ପାଦିକା ତନୟା ପଟ୍ଟନାୟକଙ୍କୁ ପରିବେଶଗତ ରିପୋର୍ଟିଂରେ ଉତ୍କର୍ଷତା ପୁରସ୍କାରରେ ଭୂଷିତ କରାଯାଇଥିଲା। ସେହିପରି, ପରିବେଶ ଅଧ୍ୟୟନ କେନ୍ଦ୍ରର ପୂର୍ବତନ ନିର୍ଦ୍ଦେଶକ ଡ. ଆଶୁତୋଷ ଦେବତାଙ୍କୁ ପରିବେଶ ଏବଂ ବିଜ୍ଞାନ ଲୋକପ୍ରିୟତା ପୁରସ୍କାର ପ୍ରଦାନ କରାଯାଇଥିଲା, ଯେତେବେଳେ ପ୍ରକୃତି ସଂରକ୍ଷଣବାଦୀ ବିଜୟ କୁମାର ଜେନାଙ୍କୁ ପ୍ରକୃତି ସଂରକ୍ଷଣ ପୁରସ୍କାରରେ ସମ୍ମାନିତ କରାଯାଇଥିଲା। ଓୟୁଏଟିର ମୌଳିକ ବିଜ୍ଞାନ କଲେଜର ପୂର୍ବତନ ନିର୍ଦ୍ଦେଶକ ପ୍ରଫେସର ଚୌଧୁରୀ ସୂର୍ଯ୍ୟକାନ୍ତ ମିଶ୍ରଙ୍କୁ ଓଇଏସ୍ ଫେଲୋ ଉପାଧି ପ୍ରଦାନ କରାଯାଇଥିଲା ଓ ପ୍ରଫେସର ନିମାଇ ଚରଣ ମିଶ୍ର, ଡ. ସୁଧାକର କର, ପ୍ରଫେସର କୁଞ୍ଜ ବିହାରୀ ଶତପଥି ଏବଂ ବିଶ୍ୱନାଥ ପୁହାଣଙ୍କୁ ଓଇଏସ୍‌ର ପୃଷ୍ଠପୋଷକ ମାନ୍ୟତା ପ୍ରଦାନ କରାଯାଇଥିଲା। ଅତିଥିମାନେ ବରିଷ୍ଠ ଆଜୀବନ ସଦସ୍ୟ ଡ. ରେଖା ଦେବୀ, ଡ. ଶୈଳବାଳା ଦେବୀ, ପ୍ରଫେସର ସଞ୍ଜୟ କୁମାର ସାମନ୍ତରାୟ, ଡ. କିଶୋର ଚନ୍ଦ୍ର ମହାନ୍ତି ଏବଂ ଡ. ନାରାୟଣ ତ୍ରିପାଠୀଙ୍କୁ ମଧ୍ୟ ସମ୍ମାନିତ କରିଥିଲେ।

ମୁଖ୍ୟ ଅତିଥି ତଥାଗତ ସତପଥୀ ବର୍ତ୍ତମାନର ବିଶ୍ୱ ପରିବେଶ ପରିସ୍ଥିତିରେ ସକାରାତ୍ମକ ପରିବର୍ତ୍ତନ ଆଣିବାରେ ଯୁବପିଢ଼ିଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରିଥିଲେ। ଓଇଏସ୍‌ର ପ୍ରତିଷ୍ଠାତା ସଭାପତି ପ୍ରସନ୍ନ କୁମାର ଦାଶଙ୍କ ସ୍ମୃତିରେ ପ୍ରତିଷ୍ଠିତ ସ୍ମାରକୀ ବକ୍ତୃତା ପ୍ରଦାନ କରି ମୁଖ୍ୟବକ୍ତା ପ୍ରଫେସର ଦାଶ ପରିବେଶର ଅବନତିଶୀଳ ଅବସ୍ଥା ଉପରେ ଚିନ୍ତା ପ୍ରକଟ କରିଥିଲେ ଏବଂ ପରିସ୍ଥିତିର ଗାମ୍ଭିର୍ଯ୍ୟ ଉପରେ ଗୁରୁତ୍ୱାରୋପ କରିଥିଲେ। ସଭାପତିତ୍ୱ ଅଭିଭାଷଣରେ ଡ. ପାତ୍ର ଆଧୁନିକ ଜୀବନଶୈଳୀରେ ପରିବର୍ତ୍ତନ ଆଣିବା ଏବଂ ପରିବେଶ ସୁରକ୍ଷାକୁ ଅଗ୍ରାଧିକାର ଦେବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। କାର୍ଯ୍ୟକାରୀ ସଭାପତି ଡ. ଜୟକୃଷ୍ଣ ପାଣିଗ୍ରାହୀ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ମଞ୍ଚାସୀନ ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲେ। ସମ୍ପାଦକ ଇଂ ମନୋରଞ୍ଜନ ମିଶ୍ର ଓଇଏସ୍‌ର ସମ୍ପାଦିତ କାର୍ଯ୍ୟକ୍ରମ ସମ୍ପର୍କରେ ଏକ ସମୀକ୍ଷା ଉପସ୍ଥାପନ କରିବା ସହ ଭବିଷ୍ୟତର କାର୍ଯ୍ୟ ଯୋଜନା ବିଷୟରେ ଅବଗତ କରାଇଥିଲେ। ଯୁଗ୍ମ ସମ୍ପାଦକ ଡ. ସୁରଭି ଜୈନ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମରେ ସମିତିର ବହୁ ସଦସ୍ୟ ଓ ବୁଦ୍ଧିଜୀବୀ ଯୋଗଦାନ କରିଥିଲେ ।

## ୮ରୁ ମା’ ଶ୍ୟାମାକାଳୀଙ୍କ ବାର୍ଷିକ ମହୋତ୍ସବ

କଟକ,(ସ୍ୱପ୍ର): ଶିଖରପୁର ନଦୀକୂଳସାହି କାଳିଆବୁଦାସ୍ଥିତ ମା’ ଶ୍ୟାମାକାଳୀଙ୍କ ପୀଠରେ ବାର୍ଷିକ ମହୋତ୍ସବ-୨୦୨୬ ଓ ପଞ୍ଚଦଶତମ ଅଖଣ୍ଡ ଭଜନ ସମାରୋହ ଆସନ୍ତା ନଭେମ୍ବର ୮ରୁ ୧୦ ତାରିଖ ପର୍ଯ୍ୟନ୍ତ ପାଳିତ ହେବ। ଏହି ଉପଲକ୍ଷେ ରବିବାର ମନ୍ଦିର ପରିସରରେ ମା’ ଶ୍ୟାମାକାଳୀ ମନ୍ଦିର ପରିଚାଳନା କମିଟି ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। କମିଟିର ସଭାପତି ସୁକଦେବ ମହାନ୍ତିଙ୍କ ଅଧକ୍ଷତାରେ ଆୟୋଜିତ ବୈଠକକୁ ସାହି ମୁରବୀ ଶରତ ଚନ୍ଦ୍ର ପ୍ରଧାନ ପରିଚାଳନା କରିଥିଲେ। ମହୋତ୍ସବର ପ୍ରଥମ ଦିନ ନଭେମ୍ବର ୮ ତାରିଖ ସକାଳ ୮ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ଅଖଣ୍ଡ ଭଜନ ସମାରୋହ ଅନୁଷ୍ଠିତ ହେବ। ୯ ତାରିଖରେ ଶିଶୁ କଳାକାରମାନଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ ଓ ସଙ୍ଗୀତ ପରିବେଷଣ କରାଯିବ। ସେହିପରି ୧୦ ତାରିଖରେ ୨୨ଟି ଦିଗଭାଗର ସଂକୀର୍ତ୍ତନ ମଣ୍ଡଳୀ ପକ୍ଷରୁ ସଂକୀର୍ତ୍ତନ ପରିବେଷଣ କରାଯିବ। ଏହି ଅବସରରେ ଜନପ୍ରତିନିଧି, ପୂଜା କମିଟି ଓ ସାହି ପୂଜା କମିଟିର କର୍ମକର୍ତ୍ତା, ବୁଦ୍ଧିଜୀବୀ, ସାମାଜିକ ସଂଗଠନ, ସାମାଜିକ କର୍ମୀ ଓ ଗଣମାଧ୍ୟମ ପ୍ରତିନିଧିଙ୍କୁ ସମ୍ବର୍ଦ୍ଧିତ କରାଯିବ। ଏଥିସହ



୨୦ ହଜାରରୁ ଊର୍ଦ୍ଧ୍ୱ ଭକ୍ତଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା ହୋଇଥିବା ମନ୍ଦିର ପରିଚାଳନା କମିଟିର ମୁଖ୍ୟ ପରିଚାଳକ ଅଶୋକ କୁମାର ମହାନ୍ତି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଏହି ବୈଠକରେ ବିଜେପିର ବରିଷ୍ଠ ନେତା ଡ. ପ୍ରଭାତ ରଞ୍ଜନ ବିଶ୍ୱାଳ, ସମ୍ପାଦକ ସରୋଜ କୁମାର ମହାନ୍ତି, ମୁରବୀ ରବିନାରାୟଣ ଶତପଥୀ, ଚାଉଳିଆଗଞ୍ଜ ଥାନା ଅଧିକାରୀ ରୀନାରାଣୀ ମିଶ୍ର ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ। ଶେଷରେ ଗଣେଶ ଚନ୍ଦ୍ର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

## ପ୍ରତିଭା ବିକାଶ ପ୍ରତିଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧନା ସଭା

କଟକ,(ସବ୍ୟୁ): ସାମାଜିକ ସଙ୍ଗଠନ ପ୍ରତିଭା ବିକାଶ ପ୍ରତିଷ୍ଠାନ କଟକ ସଦର ତରଫରୁ ସଭାପତି ସମାଜସେବୀ ଇଂ.ଅଶୋକ ବିଶ୍ୱାଳଙ୍କ ସଭାପତିତ୍ୱରେ ଏକ ବନ୍ଧୁ ମିଳନ ପର୍ବ କଳପଡା କଦମ୍ବେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି । ଉପ ସଭାପତି ଅଭୟ ଦାସ ମଞ୍ଚ ପରିଚାଳନା କରିଥିବା ବେଳେ ସମ୍ପାଦକ ରୁଦ୍ର ନାରାୟଣ ଦାସ ବାର୍ଷିକ ବିବରଣୀ ପାଠ କରିଥିଲେ । ସଭ୍ୟ ମାନଙ୍କ ମଧ୍ୟରେ ବିନୋଦ ବେହେରା, ସ୍ୱାଧୀନ ଷଡ଼ଙ୍ଗୀ,ଚୈତନ୍ୟ ରାଉତ, ଶରତ ରାୟ,ଡ,ସେକ୍ କଲିମୁଲା, ପ୍ରଦୀପ୍ତ ବିଶ୍ୱାଳ,ନାଟ୍ୟକାର ଅଶୋକ ପଟ୍ଟନାୟକ,ଜଗଦୀଶ ତ୍ରିପାଠୀ, ସୁବାସ ଗୋଛାୟତ,ଶରତ ପରିଡ଼ା, ପ୍ରଦ୍ୟୁମ୍ନ ପତି,ପ୍ରିୟ ରଞ୍ଜନ ଖଟୁଆ, ସନ୍ତୋଷ ସାହାଣୀ,ସୁଧାଂଶୁ ଶେଖର ଦାସ,ଚିତ୍ତରଞ୍ଜନ ବେହେରା,ଚନ୍ଦ୍ର ଶେଖର ପତି ପ୍ରମୁଖ ଉପସ୍ଥିତ ଥିଲେ । ଅନୁଷ୍ଠାନର ବରିଷ୍ଠ ସଭ୍ୟ ବିଷ୍ଣୁ ଦାଶ,ପ୍ରଭା ଖଟୁଆ,ଅଭିରାମ ଦଳାଇ,କ୍ଷୀରୋଦ ଦାସ,ନଟବର ବେହେରା, ବିଶ୍ୱଜିତ୍ ପାଣି,ନିରଞ୍ଜନ ସେନାପତି,ଅସିତ୍ ଦାସ,ରବୀନ୍ଦ୍ର ଦାସ, ଜୟକୃଷ୍ଣ ମୁଦୁଲି,ଘନଶ୍ୟାମ ମଲିକ୍, ନାରାୟଣ ଚନ୍ଦ୍ର ମହାନ୍ତି ପ୍ରମୁଖ ଶାରଦୀୟ ଉତ୍ସବ ସମ୍ପର୍କରେ ଆଲୋକପାତ କରିଥିଲେ । ସୁମିତା ଦେବତା ଧନ୍ୟବାଦ୍ ଅର୍ପଣ କରିଥିଲେ।

## ୟୁଟ୍ୟୁବ ସହିତ ସହଭାଗିତା କରି

# ପ୍ରିପେଡ ଗ୍ରାହକମାନଙ୍କ ପାଇଁ ପ୍ରିମିୟମ ମନୋରଞ୍ଜନ ଆଣୁଛି ଏୟାରଟେଲ

ଭୁବନେଶ୍ୱର (ସବ୍ୟୁ): ଗ୍ରାହକମାନଙ୍କ ପାଇଁ, ମୋବାଇଲ ଡେଟା ଏବେ କେବଳ ସଂଯୁକ୍ତ ରହିବା ପାଇଁ ନୁହେଁ। ଏହା ସେମାନେ ଶୋ ଏବଂ ଚଳଚ୍ଚିତ୍ର କିପରି ଦେଖନ୍ତି, ସୃଷ୍ଟିକର୍ତ୍ତାମାନଙ୍କୁ କିପରି ଅନୁସରଣ କରନ୍ତି, ସଙ୍ଗୀତ କିପରି ଶୁଣନ୍ତି ଏବଂ ନୂତନ ବିଷୟବସ୍ତୁ କିପରି ଆବିଷ୍କାର କରନ୍ତି ତାହାର ପ୍ରବେଶ ଦ୍ୱାର ପାଲଟିଛି। ଏହି ବୃହତ ଗ୍ରାହକଙ୍କ ବ୍ୟବହାର ପ୍ରବୃତ୍ତିକୁ ଧ୍ୟାନରେ ରଖି ଏବଂ ଏହାକୁ ନିଜର ସର୍ବୋତ୍ତମ ସେବା ସହିତ ପୂରକ କରିବା ପାଇଁ, ଏୟାରଟେଲ ୟୁଟ୍ୟୁବ ସହିତ ସହଭାଗିତା କରିଛି ଯାହାଦ୍ୱାରା ସେମାନଙ୍କ ପ୍ରିପେଡ ଗ୍ରାହକମାନଙ୍କ ପାଇଁ ୟୁଟ୍ୟୁବ ପ୍ରିମିୟମ ଆଣାଯାଇପାରିବ। ଏହି ସହଭାଗିତା ସେମାନଙ୍କୁ ଶର୍ଟସ ସହିତ ବିଜ୍ଞାପନ-ମୁକ୍ତ ୟୁଟ୍ୟୁବ ଅଭିଜ୍ଞତା ପ୍ରଦାନ କରେ, ସାଙ୍ଗରେ ବ୍ୟାକଗ୍ରାଉଣ୍ଡ ପ୍ଲେ, ଅଫଲାଇନ ଡାଉନଲୋଡ ଏବଂ ୟୁଟ୍ୟୁବ ମ୍ୟୁଜିକ ପ୍ରିମିୟମ ନିୟମ ଓ ଶର୍ତ୍ତ ପ୍ରଯୁଜ୍ୟ। ଏହି ଲଞ୍ଚ ଦର୍ଶାଏ ଯେ ଗ୍ରାହକମାନେ ଆଜି ସେମାନଙ୍କ ଫୋନ କିପରି ବ୍ୟବହାର କରନ୍ତି। ଡେଟା ହେଉଛି ସେମାନେ ସୃଷ୍ଟିକର୍ତ୍ତାମାନଙ୍କୁ ଅନୁସରଣ କରିବା, ଶୋ ଦେଖିବା, ସଙ୍ଗୀତ ଶୁଣିବା ଏବଂ ନୂତନ ବିଷୟବସ୍ତୁ ଆବିଷ୍କାର କରିବାର ମାର୍ଗ। ୟୁଟ୍ୟୁବ ପ୍ରିମିୟମ ଏବେ ପ୍ରାଇମ ଭିଡିଓ, ଜିଓହଟଷ୍ଟାର, ZEE5 ପ୍ରିମିୟମ, ସୋନିଲିଭ ଏବଂ ୧୮+ ଅନ୍ୟାନ୍ୟ ଓଟିଟି ପ୍ଲାଟଫର୍ମ ସହିତ ଏୟାରଟେଲର ମନୋରଞ୍ଜନ ତାଲିକାରେ ଯୋଡ଼ି ହୋଇଛି, ଯାହା ସବୁ ସେମାନଙ୍କ ୨୦୦ ଓଟିଟି ଟପ୍-ଅପରେ ୩୦ଜିବି ଅତିରିକ୍ତ ଡେଟା ସହିତ ଉପଲବ୍ଧ।

## ୩୫ ବର୍ଷରେ ରଘୁନାଥପୁର ମା’ ଲକ୍ଷ୍ମୀପୂଜା

ବାରଙ୍ଗ,(ସବ୍ୟୁ): ଭୁବନେଶ୍ୱର ଉପକଣ୍ଠ ରଘୁନାଥପୁର ଗ୍ରାମରେ ଧୁମଧାମରେ ମା’ ଲକ୍ଷ୍ମୀଙ୍କ ପୂଜା ଅନୁଷ୍ଠିତ ହେଉଛି । ଏହି ପୂଜା ଚଳିତ ବର୍ଷ ୩୫ ବର୍ଷରେ ପଦାର୍ପଣ କରିଛି । ଗ୍ରାମର ପୂଜା କମିଟି ପକ୍ଷରୁ ମଣ୍ଡପକୁ ଆକର୍ଷଣୀୟ ଭାବେ ସୁସଜ୍ଜିତ କରାଯାଇଥିଲା । ସୁବର୍ଣ୍ଣ ରଙ୍ଗର ବିଶାଳ ପ୍ରଭାମଣ୍ଡଳ ମଧ୍ୟରେ ମା’ ଲକ୍ଷ୍ମୀ ନୀଳ ବସ୍ତ୍ର ଓ ରୂପା ଅଳଙ୍କାରରେ ବିଭୂଷିତା ହୋଇ ଭକ୍ତଙ୍କୁ ଦର୍ଶନ ଦେଉଥିଲେ । ମା’ଙ୍କ ଦୁଇ ପାଶ୍ୱର୍ରେ ଦୁଇ ସହଚରୀ ଏବଂ ପଛରେ ଦୁଇ ଗଜ ମା’ଙ୍କ ଉପରେ ଜଳ ଅଭିଷେକ କରୁଥିବା ମୂର୍ତ୍ତି ପୂଜାର ଶୋଭା ବର୍ଦ୍ଧନ କରିଥିଲା । ଶତାଧିକ ଭକ୍ତ ମା’ଙ୍କ ଆଶୀର୍ବାଦ ନେବା ପାଇଁ ମଣ୍ଡପରେ ଭିଡ଼ ଜମାଇଥିଲେ । ପୂଜା ଉପଲକ୍ଷେ ପ୍ରସାଦ ବିତରଣ କାର୍ଯ୍ୟକ୍ରମ ମଧ୍ୟ କରାଯାଇଥିଲା । ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା ।

## ଓଡ଼ିଶାର ଅନୁଗୁଳରେ କିସ୍ନା ପକ୍ଷରୁ ଆରମ୍ଭ ହେଲା ସ୍ୱତନ୍ତ୍ର ଶୋ’ରୁମ୍

ଭୁବନେଶ୍ୱର (ସବ୍ୟୁ): କିସ୍ନା ଡାଇମଣ୍ଡ ଆଣ୍ଡ ଗୋଲ୍ଡ ଜୁଏଲରୀ ଅନୁଗୁଳରେ ଅବସ୍ଥିତ ବିକ୍ରମପୁରର ଶଙ୍କର ସିନେମା ରୋଡରେ ଏହାର ନବମ ସ୍ୱତନ୍ତ୍ର ସୋ’ରୁମକୁ ଉଦଘାଟନ କରିଛି। ହରିକୃଷ୍ଣ



ଗ୍ରୁପର ପ୍ରତିଷ୍ଠାତା ଶ୍ରୀ ଘନଶ୍ୟାମ ଢୋଲକିଆ ଏହି ଉଦ୍ଘାଟନୀ ଉତ୍ସବରେ ଯୋଗ ଦେଇଥିଲେ। ଗ୍ରାଣ୍ଡ ଲଂଚକୁ ପାଳନ କରିବା ପାଇଁ, କିସ୍ନା ରୋମାଂଚକର ଅଫର ଆଣିଛି, ଯେଉଁଥିରେ ହୀରା ଏବଂ ସୁନା ଅଳଙ୍କାର ତିଆରି ଚାର୍ଜ ଉପରେ ୧୦୦% ପର୍ଯ୍ୟନ୍ତ ରିହାତି, ମାତ୍ର ୨୫% ଡାଉନ୍ ପେମେଂଟ ସହିତ ଡବଲ୍ ଗୋଲ୍ଡ ରେଟ୍ ପ୍ରୋଟେକ୍ସନ୍ ଅନ୍ତର୍ଭୁକ୍ତ । ଗ୍ରାହକମାନେ ସେମାନଙ୍କର ପୁରୁଣା ସୁନା ବିନିମୟ କରିପାରିବେ ଏବଂ ହୀରା ଅଳଙ୍କାର କିଣିବା ଉପରେ ୧୦୫% ମୂଲ୍ୟର ଲାଭ ଉଠାଇପାରିବେ । ଏହା ବ୍ୟତୀତ, କିସ୍ନା ହୀରା ଅଳଙ୍କାର ଉପରେ ୯୦% ବାଇବ୍ୟାକ୍ ଏବଂ ୯୫% ଏକ୍ସଚେଞ୍ଜ ପ୍ରଦାନ କରେ। ଏହା ସହିତ ଗ୍ରାଣ୍ଡ ଲକି ଡ୍ରରେ ଅଂଶଗ୍ରହଣ କରିବା ଏବଂ କାର୍ ଏବଂ ସ୍କୁଟର ଜିତିବାର ସୁଯୋଗ ମଧ୍ୟ ପ୍ରଦାନ କରେ । ହରିକ୍ରିଷ୍ଣା ଗ୍ରୁପ୍ର ପ୍ରତିଷ୍ଠାତା ଘନଶ୍ୟାମ ଢୋଲକିଆ କହିଛନ୍ତି “କିସ୍ନାର ସମ୍ପ୍ରସାରଣ ଯାତ୍ରାରେ ଓଡ଼ିଶା ଏକ ଗୁରୁତ୍ୱପୂର୍ଣ୍ଣ ବଜାର ହୋଇ ରହିଛି। ଅନୁଗୁଳ ରାଜ୍ୟରେ ଆମର ୯ମ ସ୍ୱତନ୍ତ୍ର ଶୋ’ରୁମ୍ ର ଶୁଭାରମ୍ଭ ସମଗ୍ର ଭାରତରେ କିସ୍ନାକୁ ଗ୍ରାହକଙ୍କ ନିକଟତର କରିବା ପାଇଁ ଆମର ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ।

## ପଣ୍ଡିତ ନେହରୁଙ୍କ ପ୍ରତି ଅସମ୍ମାନକୁ କଦାପି ବରଦାସ୍ତ କରାଯିବ ନାହିଁ : କଂଗ୍ରେସ

# ନଭେମ୍ବର ୧୪ ରୁ ୨୦ ନିଖିଳ ଭାରତ ସମବାୟ ସପ୍ତାହ ପାଳନ ବନ୍ଦ କରିବା ଚରମ ହୀନମନ୍ୟତା

ଭୁବନେଶ୍ୱର, (ସବ୍ୟୁ): ସମବାୟ ସମସ୍ତଙ୍କର। ସମବାୟ ମାଧ୍ୟମରେ ସାମଗ୍ରୀକ ବିକାଶ ଓ ଅର୍ଥନୈତିକ ପ୍ରଗତି ହିଁ ସମ୍ଭବ ବୋଲି ନେହରୁ ସମବାୟକୁ ବିଶେଷ ଗୁରୁତ୍ୱ ଦେଇଥିଲେ। ତେଣୁ ୧୯୫୩ ମସିହାଠାରୁ ଦେଶର ସବୁ ରାଜନୈତିକ ଦଳର ନେତୃବୃନ୍ଦ, ଶୁଭେଚ୍ଛୁ ଏବଂ ବିଭିନ୍ନ ବର୍ଗର ବ୍ୟକ୍ତି ବିଶେଷଙ୍କ ନିଷ୍ପତ୍ତିକ୍ରମେ ସମବାୟ କ୍ଷେତ୍ରରେ ନେହରୁଙ୍କ ଅତୁଳନୀୟ ଅବଦାନ ପାଇଁ ନଭେମ୍ବର-୧୪ ଠାରୁ ନଭେମ୍ବର ୨୦ ତାରିଖ ପର୍ଯ୍ୟନ୍ତ ଦେଶରେ ନିଖିଳ ଭାରତ ସମବାୟ ସପ୍ତାହ ଦୀର୍ଘ ୭୨ ବର୍ଷ ଧରି ପାଳନ କରଯାଇ ଆସୁଅଛି। ଇତି ମଧ୍ୟରେ ବିଭିନ୍ନ ସମୟରେ ବିଭିନ୍ନ ରାଜନୈତିକ ଦଳ ସରକାର ଗଠନ କରିବା ପରେ ଏହି ସମବାୟ ସପ୍ତାହଟିକୁ ବହୁ ଧୁମ୍‌ଧାମ୍‌ରେ ପାଳନ କରି ଆସିଥିଲେ। କିନ୍ତୁ ଦୁର୍ଭାଗ୍ୟର ବିଷୟ ବର୍ତ୍ତମାନର ବିଜେପି ସରକାର ସର୍ବଭାରତୀୟ ଜାତୀୟ କଂଗ୍ରେସ ଦଳକୁ ବଦନାମ୍ କରିବା ପାଇଁ ନେହରୁଙ୍କ ଜନ୍ମଦିନ ନଭେମ୍ବର-୧୪ଠାରୁ ପ୍ରତିବର୍ଷ ପାଳନ କରାଯାଉଥିବା ସମବାୟ ସପ୍ତାହ ଚଳିତ ବର୍ଷଠାରୁ ପାଳନ ନ କରାଯିବା ପାଇଁ କେନ୍ଦ୍ର ସରକାରଙ୍କ ଅଧୀନସ୍ଥ ଜାତୀୟ ସମବାୟ ୟୁନିୟନ ଯେଉଁ ଆଦେଶନାମା ଜାରି କରିଛନ୍ତି ଏହା ଅତ୍ୟନ୍ତ ହୀନମନ୍ୟତାର ପରିଚୟ ବୋଲି ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସମବାୟ ପ୍ରକୋଷ୍ଠ ଅଧ୍ୟକ୍ଷ ତଥା ଅଖିଳ ଭାରତ କିଷାନ କଂଗ୍ରେସ ରାଷ୍ଟ୍ରୀୟ ସଂଯୋଜକ ଅମିୟ କୁମାର ପଟ୍ଟନାୟକ ବିଜେପି ସରକାରକୁ ତୀବ୍ର ନିନ୍ଦା କରିଛନ୍ତି। କେନ୍ଦ୍ରର ବର୍ତ୍ତମାନ ବିଜେପି ସରକାର ୨୦୨୧ ଜୁନ୍-୨୧ରୁ କୃଷି ମନ୍ତ୍ରଣାଳୟଠାରୁ ସମବାୟ ମନ୍ତ୍ରଣାଳୟକୁ ପୃଥକ କରି ଏହି ବିଭାଗର ପାଞ୍ଚବର୍ଷ ପୂର୍ତ୍ତିପରେ ଜୁନ୍ ୨୯ ତାରିଖଠାରୁ ଜୁଲାଇ ୬ ତାରିଖ ପର୍ଯ୍ୟନ୍ତ ସମବାୟ ସପ୍ତାହ ପାଳନ କଲେ। ଏଥିରୁ ସ୍ପଷ୍ଟ ପ୍ରମାଣିତ ହେଲା ଯେ, ଆସନ୍ତା ନଭେମ୍ବର-୧୪ରୁ ୨୦ ନିଖିଳ ଭାରତ ସମବାୟ ସପ୍ତାହ ଆଉ ପାଳନ କରାଯିବ ନାହିଁ। ଏହି ନିଷ୍ପତ୍ତିକୁ କଂଗ୍ରେସ ଦଳ ପକ୍ଷରୁ ଆଜି ଦୃଢ଼ ଭାବରେ ପ୍ରତିବାଦ କରାଯାଇଛି। ତେଣୁ ଆସନ୍ତା ନଭେମ୍ବର ୧୪ ରୁ ଦେଶବ୍ୟାପି ସମବାୟ ସପ୍ତାହ ପାଳନ କରାନଗଲେ ସମବାୟବିତ ମାନେ ଦେଶର ସ୍ୱାର୍ଥ ପାଇଁ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ପିସିସି ସମବାୟ ପ୍ରକୋଷ୍ଠର ଅଧ୍ୟକ୍ଷ କହିଛନ୍ତି।

## ବଜାଜ୍ ଜେନେରାଲ ଇନସ୍ୟୁରାନ୍ସର ସିଇଓ ଡେଜିଗ୍ନେଟ୍ ଭାବରେ ନିଯୁକ୍ତ ହେଲେ ଦୀପକ ରେଡ୍ଡୀ

ଭୁବନେଶ୍ୱର (ସବ୍ୟୁ): ବଜାଜ୍ ଫିନସର୍ଭ ଲିମିଟେଡ୍ର ଏକ ପ୍ରମୁଖ ଅଣ-ତାଲିକାଭୁକ୍ତ ସହାୟକ କମ୍ପାନୀ ବଜାଜ୍ ଜେନେରାଲ ଇନସ୍ୟୁରାନ୍ସ ଲିମିଟେଡ୍ (ପୂର୍ବ ନାମ - ବଜାଜ୍ ଆଲିଆଞ୍ଜ ଜେନେରାଲ ଇନସ୍ୟୁରାନ୍ସ କମ୍ପାନୀ ଲିମିଟେଡ୍)ର ବୋର୍ଡ ଅଫ୍ ଡାଇରେକ୍ଟର୍ସ ଦୀପକ ରେଡ୍ଡୀଙ୍କୁ କମ୍ପାନୀର ସିଇଓ ଡେଜିଗ୍ନେଟ୍ ଭାବେ ନିଯୁକ୍ତ କରିବାକୁ ଅନୁମୋଦନ କରିଛନ୍ତି. ଏହିନିଯୁକ୍ତିଜାନୁୟାରୀ ୧, ୨୦୨୭ ରୁକାର୍ଯ୍ୟକାରୀହେବ. ଆଇଆରଡିଏଆଇର ଅନୁମୋଦନ ଅନୁଯାୟୀ ସେ ୧ ଏପ୍ରିଲ ୨୦୨୭ ରେ ଏମଡି ଏବଂ ସିଇଓ ଭାବରେ ଦାୟିତ୍ୱ ଗ୍ରହଣ କରିବେ। ଡକ୍ଟର ତପନ ସିଂଘେଲ ମାର୍ଚ୍ଚ ୩୧, ୨୦୨୭ ପର୍ଯ୍ୟନ୍ତ ଏମଡି ଏବଂ ସିଇଓ ଭାବେ କାର୍ଯ୍ୟ ଜାରି ରଖିବେ, ଯାହାଦ୍ୱାରା ନେତୃତ୍ୱ ହସ୍ତାନ୍ତର ପ୍ରକ୍ରିୟା ସୁଗମ ହେବ. ଇନସ୍ୟୁରାନ୍ସ ରେଗୁଲେଟୋରୀ ଏଣ୍ଡ ଡେଭେଲପମେଂଟ ଅଥରିଟି ଅଫ୍ ଇଣ୍ଡିଆ (ଆଇଆରଡିଏଆଇ)ର ଅନୁମୋଦନ ଅନୁଯାୟୀ ଦୀପକ ରେଡ୍ଡୀ ଏପ୍ରିଲ ୧, ୨୦୨୭ ରୁ ଏମଡି ଏବଂ ସିଇଓ ଭାବରେ ଦାୟିତ୍ୱ ଗ୍ରହଣ କରିବେ। ବଜାଜ୍ ଫିନସର୍ଭ ଲିମିଟେଡ୍ର ଚେୟାରମ୍ୟାନ୍ ଏବଂ ମ୍ୟାନେଜିଙ୍ଗ ଡାଇରେକ୍ଟର ସଞ୍ଜୀବ ବଜାଜ୍ କହିଛନ୍ତି, “ଖୁବ୍ କମ୍ ନେତୃବୃନ୍ଦଙ୍କୁ ଆରମ୍ଭରୁ ଏକ ଅନୁଷ୍ଠାନ ଗଢ଼ିବାର ଗୌରବ ମିଳିଥାଏ. ତପନ ହେଉଛନ୍ତି ସେମାନଙ୍କ ମଧ୍ୟରୁ ଜଣେ. ଏକ ଯୁଗ୍ମ ଉଦ୍ୟୋଗ ଭାବରେ ଏହାର ପ୍ରାରମ୍ଭିକ ବର୍ଷରୁ ଏକ ସମ୍ପୂର୍ଣ୍ଣ ବଜାଜ୍-ମାଲିକାନାଧୀନ କମ୍ପାନୀରେ ବିକଶିତ ହେବା ପର୍ଯ୍ୟନ୍ତ, ବଜାଜ୍ ଜେନେରାଲ ଇନସ୍ୟୁରାନ୍ସକୁ ଭାରତର ସବୁଠାରୁ ବିଶ୍ୱସ୍ତ ଜେନେରାଲ ଇନସ୍ୟୁରାନ୍ସ କମ୍ପାନୀଗୁଡ଼ିକ ମଧ୍ୟରୁ ଅନ୍ୟତମ ଭାବରେ ଗଢ଼ି ତୋଳିବାରେ ସେ ଏକ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଛନ୍ତି. ତାଙ୍କ ନେତୃତ୍ୱରେ, କମ୍ପାନୀ ଅଣ୍ଡରରାଇଟିଂ ଅନୁଶାସନ, ନବସୃଜନ ଏବଂ ଗ୍ରାହକଙ୍କ ପ୍ରତି ଏକ ଅଟଳ ପ୍ରତିଶ୍ରୁତିବଦ୍ଧତାର ସୁନାମ ଅର୍ଜନ କରିଛି ।

## ଦୀର୍ଘ ୨୨ ବର୍ଷର ପବିତ୍ର ପରମ୍ପରା ସହ ଉତ୍ସବ ମୁଖର ବଡ଼ଗଡ଼

ଭୁବନେଶ୍ୱର, (ସବ୍ୟୁ): ବଡ଼ଗଡ଼ ବ୍ରିଟ୍ କଲୋନୀରେ ଦୀର୍ଘ ୨୨ ବର୍ଷ ଧରି ମା’ଙ୍କ ପୂଜା ଭକ୍ତି, ଶ୍ରଦ୍ଧା ଓ ଆନନ୍ଦର ସହ ପାଳିତ ହୋଇଆସୁଛି। ଦୀର୍ଘ ଦୁଇ ଦଶନ୍ଧିର ଏହି ପରମ୍ପରା ଆଜି ମଧ୍ୟ ଅଞ୍ଚଳବାସୀଙ୍କ ମଧ୍ୟରେ ଏକତା, ଭକ୍ତି ଓ ଭାଇଚାରାର ଭାବନା ସୃଷ୍ଟି କରିଆସୁଛି। ମା’ଙ୍କ ପୂଜା ଅବସରରେ ବଡ଼ଗଡ଼ ବ୍ରିଟ୍ କଲୋନୀରେ ଉତ୍ସବମୁଖର ପରିବେଶ ସୃଷ୍ଟି ହୋଇଛି। ଅଞ୍ଚଳବାସୀଙ୍କ ସହଯୋଗ ଓ ଶ୍ରଦ୍ଧାରେ ପ୍ରତିବର୍ଷ ଏହି ପୂଜା



ଆୟୋଜିତ ହୋଇଆସୁଛି। ମା’ଙ୍କ ଆଶୀର୍ବାଦ ଲାଭ ପାଇଁ ଏହି ପୂଜାରେ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହେଉଛି। ମା’ଙ୍କ କୃପା ଓ ଆଶୀର୍ବାଦରେ ଏହି ପବିତ୍ର ପରମ୍ପରା ଆଗାମୀ ଦିନରେ ମଧ୍ୟ ଅବ୍ୟାହତ ରହିବା ସହ ଏହା ଅଞ୍ଚଳବାସୀଙ୍କ ପାଇଁ ଏକ ମହାନ ଆଧ୍ୟାତ୍ମିକ ଓ ସାମାଜିକ ଉତ୍ସବରେ ପରିଣତ ହୋଇଛି। ସମସ୍ତଙ୍କ ଜୀବନ ସୁଖ, ଶାନ୍ତି ଓ ସମୃଦ୍ଧିରେ ଭରିଯାଉ—ମା’ଙ୍କ ଚରଣରେ ଏହାହିଁ ପ୍ରାର୍ଥନା ବୋଲି କହିଛନ୍ତି ଶ୍ରୀମତୀ ମୋନାଲିସା ଦାସ।

# ୫୨ନଂ ୱାର୍ଡରେ ସଫେଇ କର୍ମୀଙ୍କୁ ସମ୍ବର୍ଦ୍ଧନା



କଟକ, (ସ୍ୱ.ପ୍ର) : ୱାର୍ଡର ପରିମଳ ସେବାକୁ ଆଗେଇ ନେବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥାନ୍ତି ସଫେଇ କର୍ମୀ । ଏହି ସଫେଇ କର୍ମୀଙ୍କ ମନରେ ଖୁସିଟିକିଏ ଭରିଦେବା ପାଇଁ କେଏମସି ଅନ୍ତର୍ଗତ ୫୨ନଂ ୱାର୍ଡର କର୍ପୋରେଟର ସୌଭାଗିନୀ ଜେନା ଏକ ଭିନ୍ନ ପ୍ରୟାସ କରିଛନ୍ତି । ଶାରଦୀୟ ଦୁର୍ଗାପୂଜା ଅବସରରେ କର୍ପୋରେଟର ସୌଭାଗିନୀ ଅରବିନ୍ଦ ନଗରଠାରେ ୱାର୍ଡରେ କାର୍ଯ୍ୟରତ ସଫେଇ କର୍ମଚାରୀଙ୍କୁ ସମ୍ବର୍ଦ୍ଧନା କରିବା ସହ ନୂତନ ବସ୍ତ୍ର ଓ ଦଶହରା ଭେଟି ପ୍ରଦାନ କରିଛନ୍ତି । ୱାର୍ଡର ‘ସ୍ୱଚ୍ଛତା କ୍ଷେତ୍ରରେ ସଫେଇ କର୍ମୀଙ୍କ ଅବଦାନ ଅତୁଳନୀୟ ଅଟେ ବୋଲି କର୍ପୋରେଟର ସୌଭାଗିନୀ କହିଥିଲେ । ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ମଙ୍ଗଳାମନ୍ଦିର ମହଲା ସଭାର ସମ୍ପାଦକ ସରୋଜ ପ୍ରସାଦ ସ୍ୱାଇଁ, ପ୍ରଦୀପ ବେହେରା, ଶୁଭେନ୍ଦୁ ମିଶ୍ର, ଚନ୍ଦ୍ରନାଥ ଦାସ, ଦେବୀ ପ୍ରସାଦ ମହାପାତ୍ର, ଶିଶିର ମଲିକ, ବାପି ବେହେରା, ପ୍ରଦୀପ ସେଠୀ, ମହେଶ ମହାପାତ୍ରଙ୍କ ସମେତ ସିଏମସି କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ ।

## ଏସବିଆଇ ଲାଇଫର “ୱେଭର୍ ଅଫ୍ ପ୍ରିମିୟମ୍‘ ରାଇଡର୍ ଶୁଭାରମ୍ଭ

ଭୁବନେଶ୍ୱର(ସବ୍ୟୁ):ଏସବିଆଇ ଲାଇଫର ଇନ୍ସୋରାନ୍ସ ପକ୍ଷରୁ “ଓ୍ୱେଭର୍ ଅଫ୍ ପ୍ରିମିୟମ୍‘ ରାଇଡର ଶୁଭାରମ୍ଭ କରାଯାଇଛି । ଗମ୍ଭୀର ରୋଗ କିମ୍ବା ବିକଳାଙ୍ଗତା ଭଳି ଅପ୍ରତ୍ୟାଶିତ ପରିସ୍ଥିତିରେ ପଲିସିଧାରୀଙ୍କ ଦୀର୍ଘକାଳୀନ ଆର୍ଥିକ ଯୋଜନାକୁ ସୁରକ୍ଷା ଦେବା ଏହାର ଉଦ୍ଦେଶ୍ୟ । ଏହି ରାଇଡର୍ ଅନୁଯାୟୀ, ନିର୍ଦ୍ଦିଷ୍ଟ ପରିସ୍ଥିତିରେ ଭବିଷ୍ୟତର ପ୍ରିମିୟମ୍ ଛାଡ଼ ହେବା ସହ ମୂଳ ପଲିସି ଏବଂ ଅନ୍ୟ ରାଇଡରଗୁଡ଼ିକ ଜାରି ରହିବ । ଏସବିଆଇ ଲାଇଫର ପ୍ରେସିଡେଣ୍ଟ ତଥା ଚିଫ୍ ଡିଷ୍ଟ୍ରିବ୍ୟୁସନ୍ ଅଫିସର୍ ଏମ୍. ଆନନ୍ଦ କହିଛନ୍ତି ଯେ, ଏହି ରାଇଡର୍ ଗ୍ରାହକଙ୍କ ଦୀର୍ଘକାଳୀନ ଆର୍ଥିକ ଲକ୍ଷ୍ୟକୁ ସୁରକ୍ଷିତ ରଖିବା ସହ ଅପ୍ରତ୍ୟାଶିତ ପରିସ୍ଥିତିରେ ଆର୍ଥିକ ନିରାପତ୍ତା ଓ ଆତ୍ମବିଶ୍ୱାସ ବଜାୟ ରଖିବାରେ ସହାୟକ ହେବ ।

# କୋଟିଆ ପାଇଁ ସରକାରଙ୍କର ନାହିଁ ଆନ୍ତରିକତା: ବିଜେଡି

ଭୁବନେଶ୍ୱର, (ସବ୍ୟୁ): ଓଡିଆ ଅସ୍ମିତାର ଦ୍ୱାହି ଦେଉଥିବା ବିଜେପି ସରକାର କୋଟିଆ ପ୍ରସଙ୍ଗରେ ତିଳେ ମାତ୍ର ଆନ୍ତରିକତା ଦେଖାଉ ନାହିଁ । ଓଡ଼ିଶା, ଆନ୍ଧ୍ର ପ୍ରଦେଶ ଓ କେନ୍ଦ୍ର ସରକାରରେ ବିଜେପିର ଟ୍ରିପଲ ଇଞ୍ଜିନ ସରକାର ଥିବା ସତ୍ତ୍ୱେ ରାଜ୍ୟ ସରକାର ଚୁପ ହୋଇ ବସିଛନ୍ତି । ଏନେଇ ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବରିଷ୍ଠ ସାଧାରଣ ସମ୍ପାଦକ, ପୂର୍ବତନ ସାଂସଦ ତଥା ଜାତୀୟ ମୁଖପାତ୍ର ପ୍ରଦୀପ ମାଝୀ ଓ ସାଧାରଣ ସମ୍ପାଦକ ତଥା ଜାତୀୟ ମୁଖପାତ୍ର ଭୃଗୁ ବକ୍ସିପାତ୍ର ରାଜ୍ୟ ସରକାରଙ୍କ ଉପରେ ବର୍ଷିଛନ୍ତି । ଶ୍ରୀ ମାଝୀ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀଙ୍କ ଓଡ଼ିଶା ଗସ୍ତ ଅନେକ ଦିଗକୁ ଉଲ୍ଲେଖିତ କରୁଛି । କୋଟିଆ ପ୍ରସଙ୍ଗରେ ବିଜେପି ସରକାର ନିର୍ବାଚନ ସମୟରେ ଦେଇଥିବା ପ୍ରତିଶ୍ରୁତି ପୂରଣ କରିଲେ ନାହିଁ । କୋଟିଆ ରାଜ୍ୟର ଭୂସ୍ୱର୍ଗ । ପର୍ଯ୍ୟଟକ ମାନଙ୍କୁ ବିମୋହିତ କରିଥାଏ । ଓଡ଼ିଶାବାସୀ କୋଟିଆ ଆମର ବୋଲି କହୁଥିବା ବେଳେ କିନ୍ତୁ ଆଜି କୋଟିଆ ଅସହାୟ ହୋଇ ପଡିଛି । ନିର୍ବାଚନ ପୂର୍ବରୁ ଓ ପରେ ବିଜେପି ସରକାର ମାଳ ମାଳ ପ୍ରତିଶ୍ରୁତି ଦେଇଥିବା ବେଳେ ପୂରଣ କରିବାକୁ ଭୁଲି ଗଲେ । ପୂର୍ବତନ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର




ପ୍ରଧାନ କୋଟିଆ ଗସ୍ତ କରିଥିଲେ । ମାଆକୁ ଆମ୍ଭେ ମାନେ କେବେ ମାଉସୀ ବୋଲି ଡାକିବୁ ନାହିଁ ବୋଲି କହିଥିଲେ । କିନ୍ତୁ ତାହା କେବଳ ଲୋକ ଦେଖାଣିଆ ଥିଲା ବୋଲି ପ୍ରମାଣିତ ହୋଇଛି । ଉକ୍ତ ପ୍ରସଙ୍ଗରେ ବିଜେପି ସରକାରଙ୍କ ଆନ୍ତରିକତା ନାହିଁ । ଓଡ଼ିଶା ଓ ଆନ୍ଧ୍ର ପ୍ରଦେଶ ସମେତ କେନ୍ଦ୍ରରେ ବିଜେପିର ଟ୍ରିପଲ ଇଞ୍ଜିନ ସରକାର ରହିଛି ।

ସେମାନେ ଚାହିଁ ଥିଲେ ସିଧାସଳଖ ହସ୍ତକ୍ଷେପ କରି ସମସ୍ୟାର ସମାଧାନ କରି ପାରିଥାନ୍ତେ । କିନ୍ତୁ ତାହା କରିଲେ ନାହିଁ । ଦକ୍ଷିଣ ଓଡ଼ିଶା ଉନ୍ନୟନ ପରିଷଦ ଦ୍ୱାରା କୋଟିଆ ପ୍ରସଙ୍ଗର ସମାଧାନ ହେବ ବୋଲି ରାଜ୍ୟ ସରକାର ପ୍ରତିଶ୍ରୁତି ଦେଇଥିଲେ । ମାଳ ମାଳ ମନ୍ତ୍ରୀ ମାନେ କୋଟିଆ ଗସ୍ତ କରି ସ୍ଥାୟୀ ସମାଧାନ କରିବେ ବୋଲି ବୟାନବାଜି କରିଥିଲେ । ତାହା ମଧ୍ୟ ପାଣିର ଗାର ସାଜିଲା । କୌଣସି ସ୍ଥାୟୀ ସମାଧାନ ହେଲା ନାହିଁ । କୋଟିଆ ଓଡ଼ିଶାର ହୋଇଥିବା ବେଳେ ମାତ୍ର କୋଟିଆ ଗାଁ ଗୁଡିକ ଉପରେ ଆନ୍ଧ୍ରର ଆଖି ରହିଛି । କୋଟିଆର ଉନ୍ନତି ମୂଳକ କାର୍ଯ୍ୟ ଦୂରରେ ଥାଉ । ଆଜି କୋଟିଆ ଜରାଜୀର୍ଣ୍ଣ ଅବସ୍ଥାରେ ପଡି ରହିଛି । ଦୁଇଟି ରାଜ୍ୟ ମଧ୍ୟରେ କୋଟିଆ ପ୍ରସଙ୍ଗରେ ବିବାଦ ଚାଲିଥିବା ବେଳେ ମୁଖ୍ୟମନ୍ତ୍ରୀ ଚୁପ୍ କାହିଁକି ବସି ରହିଛନ୍ତି । କୋଟିଆକୁ ସୁରକ୍ଷିତ ରଖିବା ପାଇଁ ବିଜେଡି ସର୍ବଦା ଲଢେଇ କରି ଆସୁଛି, ଆଗକୁ ମଧ ଲଢେଇ ଜାରି ରଖିବ । ଶ୍ରୀ ବକ୍ସିପାତ୍ର ଆହୁରି ମଧ କହିଛନ୍ତି, ଓଡିଶା ସରକାରଙ୍କ ଅବହେଳା ଯୋଗୁଁ କୋଟିଆ ସୀମା ବିବାଦର ସ୍ଥାୟୀ ସମାଧାନ ହେଉନାହିଁ । ଓଡ଼ିଶା ଓ ଆନ୍ଧ୍ର ପ୍ରଦେଶ ମଧ୍ୟରେ ଲାଗି ରହିଥିବା ସୀମା ବିବାଦର କୌଣସି ସ୍ଥାୟୀ ସମାଧାନ ନହୋଇ ଗତ ଅଢେଇ ବର୍ଷରେ ତାହା ଆହୁରି ବୃଦ୍ଧି ପାଇଛି । ଓଡିଆ ଅସ୍ମିତା ଆଗରେ ବିଜେପି ସରକାରଙ୍କ ପାଇଁ ଦଳୀୟ ସ୍ୱାର୍ଥ ଆଗ ହୋଇଛି ବୋଲି ବିଜେଡି ଅଭିଯୋଗ କରିଛି ।

# ୨୦୨୯ ସୁଦ୍ଧା ଇସ୍ରୋର ୪ଟି ଉତ୍କ୍ଷେପଣ କେନ୍ଦ୍ର କାର୍ଯ୍ୟକ୍ଷମ ହେବ

ଚେନ୍ନାଇ : ଭାରତର ମହାକାଶ ଅଭିଯାନକୁ ଅଧିକ ସମ୍ପ୍ରସାରିତ କରିବା ଲକ୍ଷ୍ୟରେ ୨୦୨୯ ସୁଦ୍ଧା ଦେଶରେ ୪ଟି ଉତ୍କ୍ଷେପଣ କେନ୍ଦ୍ର କାର୍ଯ୍ୟକ୍ଷମ କରିବାକୁ ଯୋଜନା ରହିଛି। ଭାରତୀୟ ମହାକାଶ ଗବେଷଣା ସଂଗଠନ (ଇସ୍ରୋ) ଅଧ୍ୟକ୍ଷ ଭି. ନାରାୟଣନ୍ ଏହି ସୂଚନା ଦେଇଛନ୍ତି। ବଢ଼ୁଥିବା ଦେଶୀୟ ଓ ବିଶ୍ୱସ୍ତରୀୟ ଉପଗ୍ରହ ଉତ୍କ୍ଷେପଣ ଚାହିଦାକୁ ପୂରଣ କରିବା ସହ ଘରୋଇ ଶିଳ୍ପ ସହଯୋଗରେ ମହାକାଶ କାର୍ଯ୍ୟକ୍ରମକୁ ଆଗକୁ ନେବା ଏହି ଯୋଜନାର ଉଦ୍ଦେଶ୍ୟ।ଏକ ଘରୋଇ ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବରେ ଶନିବାର ଯୋଗଦେଇ ନାରାୟଣନ୍ କହିଛନ୍ତି ଯେ ଆଗାମୀ ଦିନରେ ହଜାର ହଜାର ଉପଗ୍ରହ ଉତ୍କ୍ଷେପଣର ଆବଶ୍ୟକତା ରହିବ। ଏହି ଚାହିଦା ପୂରଣ ପାଇଁ ଇସ୍ରୋ ନିଜର ଭିତ୍ତିଭୂମି ବଢ଼ାଇବା ସହ ଘରୋଇ କମ୍ପାନି ଓ ନୂଆ ଉଦ୍ୟୋଗଗୁଡ଼ିକୁ ସହଯୋଗ କରିବ। ତାମିଲନାଡୁର ତୁତିକୋରିନ୍ ଜିଲ୍ଲା ଅନ୍ତର୍ଗତ କୁଲଶେଖରପଟ୍ଟିନମ୍‌ରେ ପ୍ରାୟ ୨ ହଜାର ଏକର ଜମିରେ ଏକ



ସ୍ୱତନ୍ତ୍ର କ୍ଷୁଦ୍ର ଉପଗ୍ରହ ଉତ୍କ୍ଷେପଣ ଯାନ (ଏସ୍ଏସ୍ଏଲ୍‌ଭି) କେନ୍ଦ୍ର ଗଠନ କରାଯାଉଛି। ଏହା ମାଧ୍ୟମରେ ଛୋଟ ଉପଗ୍ରହଗୁଡ଼ିକୁ ମହାକାଶକୁ ପଠାଇବାର ସୁବିଧା ବଢ଼ିବ।ଏହି କେନ୍ଦ୍ରରେ ଉପଗ୍ରହ ଓ ଉତ୍କ୍ଷେପଣ ଯାନର ସଂଯୋଜନ ପାଇଁ ଭବନ, ଉତ୍କ୍ଷେପଣ ମଞ୍ଚ, ରେଳପଥ ବ୍ୟବସ୍ଥା ଏବଂ ଟେଲିମେଟ୍ରି, ଟ୍ରାକିଂ ଓ ନିୟନ୍ତ୍ରଣ ସମ୍ବନ୍ଧୀୟ ଭିତ୍ତିଭୂମି ରହିବ। ତେବେ ୨୦୨୯ ସୁଦ୍ଧା କାର୍ଯ୍ୟକ୍ଷମ ହେବାକୁ ଥିବା ଅନ୍ୟ ତିନିଟି ଉତ୍କ୍ଷେପଣ କେନ୍ଦ୍ର ସମ୍ପର୍କରେ ଇସ୍ରୋ ଅଧ୍ୟକ୍ଷ ବିସ୍ତୃତ ସୂଚନା ଦେଇନାହାନ୍ତି। ଇସ୍ରୋର ଘରୋଇକରଣ ହେବ ନାହିଁ ବୋଲି ସ୍ପଷ୍ଟ କରି ନାରାୟଣନ୍ କହିଛନ୍ତି ଯେ ବଢ଼ୁଥିବା ମହାକାଶ କାର୍ଯ୍ୟକଳାପ ପାଇଁ ଘରୋଇ କ୍ଷେତ୍ରର ସହଯୋଗ ଜରୁରୀ। ଇସ୍ରୋ ନୂଆ ଉଦ୍ୟୋଗ ଓ ଘରୋଇ କମ୍ପାନିଗୁଡ଼ିକୁ ବୈଷୟିକ ଜ୍ଞାନକୌଶଳ ହସ୍ତାନ୍ତର ସହ ଆବଶ୍ୟକ ସହଯୋଗ ଯୋଗାଇଦେବ। ଏହାଦ୍ୱାରା ଆର୍ଥିକ ବିକାଶ ସହ ଉଚ୍ଚ ବୈଷୟିକ ଦକ୍ଷତାସମ୍ପନ୍ନ ନିଯୁକ୍ତି ସୃଷ୍ଟିର ସୁଯୋଗ ବଢ଼ିବ ବୋଲି ସେ କହିଛନ୍ତି। ଭାରତର ମାନବ ମହାକାଶ ଅଭିଯାନ 'ଗଗନଯାନ' ସମ୍ପର୍କରେ ନାରାୟଣନ୍ କହିଛନ୍ତି ଯେ ଆସନ୍ତା ଦୁଇ ମାସ ମଧ୍ୟରେ ପ୍ରଥମ ମାନବବିହୀନ ପରୀକ୍ଷା କରିବାକୁ ଯୋଜନା ରହିଛି। ମାନବ ସହିତ ମହାକାଶଯାନ ପଠାଇବା ପୂର୍ବରୁ ଆଉ ଦୁଇଟି ମାନବବିହୀନ ପରୀକ୍ଷା କରାଯିବ। ଏହି ପରୀକ୍ଷାରେ ମହାକାଶଯାନର ପରିବେଶ ନିୟନ୍ତ୍ରଣ, ସୁରକ୍ଷା ବ୍ୟବସ୍ଥା, ମହାକାଶଯାନରୁ ଜରୁରିକାଳୀନ ଉଦ୍ଧାର ବ୍ୟବସ୍ଥା ଏବଂ ଭିତରର ତାପମାତ୍ରା, ଚାପ ଓ ଆର୍ଦ୍ରତା ଭଳି ବିଭିନ୍ନ ପ୍ରସଙ୍ଗ ଯାଞ୍ଚ କରାଯିବ। ଏହି ଅଭିଯାନ ପାଇଁ ପ୍ରାୟ ୮ ହଜାର ଭୂପୃଷ୍ଠସ୍ଥ ପରୀକ୍ଷା ସମ୍ପନ୍ନ ହୋଇଥିବାବେଳେ ଚାରିଜଣ ମହାକାଶଚାରୀ ମନୋନୀତ ବ୍ୟକ୍ତି ବିଶେଷ ପ୍ରଶିକ୍ଷଣ ନେଉଛନ୍ତି। ଭବିଷ୍ୟତର ଚନ୍ଦ୍ର ଅଭିଯାନ ସମ୍ପର୍କରେ ଇସ୍ରୋ ଅଧ୍ୟକ୍ଷ ଚନ୍ଦ୍ରଯାନ-୫ ଯୋଜନାର ସୂଚନା ଦେଇଛନ୍ତି। ଏହା ଜାପାନର ମହାକାଶ ସଂସ୍ଥା ସହ ମିଳିତ ଭାବେ କରାଯିବାକୁ ଥିବା ଏକ ଅଭିଯାନ। ଏଥିରେ ପ୍ରାୟ ୩୫୦ କିଲୋଗ୍ରାମ ଓଜନର ଏକ ରୋଭର୍ ଚନ୍ଦ୍ରପୃଷ୍ଠରେ ୧୦୦ ଦିନ ଧରି ପରୀକ୍ଷାନିରୀକ୍ଷା କରିବାର ଯୋଜନା ରହିଛି। ଉତ୍କ୍ଷେପଣ ଭିତ୍ତିଭୂମିର ସମ୍ପ୍ରସାରଣ, ଘରୋଇ ଶିଳ୍ପର ସହଭାଗିତା, ଗଗନଯାନ ଓ ଚନ୍ଦ୍ରଯାନ-୫ ଭଳି ଅଭିଯାନ ମାଧ୍ୟମରେ ଭାରତର ମହାକାଶ କାର୍ଯ୍ୟକ୍ରମକୁ ଆଗକୁ ନେବା ଦିଗରେ ଇସ୍ରୋ ଯୋଜନାବଦ୍ଧ ଭାବେ କାର୍ଯ୍ୟ କରୁଛି।

# ମନ୍ କି ବାତର ୧୨ ବର୍ଷର ଯାତ୍ରା

ନୂଆଦିଲ୍ଲୀ: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀନିଜର ମାସିକ ରେଡିଓ କାର୍ଯ୍ୟକ୍ରମ 'ମନ୍ କି ବାତ୍'ର ୧୨ ବର୍ଷର ଯାତ୍ରାକୁ ଏକ ତୀର୍ଥଯାତ୍ରା ସହ ତୁଳନା କରିଛନ୍ତି। ଏହି କାର୍ଯ୍ୟକ୍ରମ ଦେଶର ସାଧାରଣ ଲୋକଙ୍କ ପରିଶ୍ରମ, ସାହସ, ସମର୍ପଣ ଓ ସେବା ମନୋଭାବକୁ ନିକଟରୁ ଜାଣିବା ସହ ସେମାନଙ୍କ ଅବଦାନକୁ ସମ୍ମାନ ଜଣାଇବାର ସୁଯୋଗ ଦେଇଛି ବୋଲି ସେ କହିଛନ୍ତି। ରବିବାର ଆକାଶବାଣୀରେ ପ୍ରସାରିତ 'ମନ୍ କି ବାତ୍'ର ୧୩୯ତମ ସଂସ୍କରଣରେ ମୋଦୀ ଏହି ମତ ଦେଇଛନ୍ତି। ୧୨ ବର୍ଷ ପୂର୍ବେ ବିଜୟାଦଶମୀ ଅବସରରେ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ସେବେଠାରୁ ଏହା ନିରବଚ୍ଛିନ୍ନ ଭାବେ ଚାଲିଆସିଛି। ଏହି ଯାତ୍ରାରେ ଶ୍ରୋତାମାନେ ତାଙ୍କର ସହଯାତ୍ରୀ ଓ ମାର୍ଗଦର୍ଶକ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ମୋଦୀ କହିଛନ୍ତି, ଭାରତରେ ତୀର୍ଥଯାତ୍ରାର ଏକ ପ୍ରାଚୀନ ପରମ୍ପରା ରହିଛି। ତାଙ୍କ ପାଇଁ 'ମନ୍ କି ବାତ୍' ମଧ୍ୟ ଏକ ତୀର୍ଥଯାତ୍ରାଠାରୁ କମ୍ ନୁହେଁ। ଏହା ମାଧ୍ୟମରେ ଦେଶର ବିଭିନ୍ନ ଅଞ୍ଚଳର ଲୋକଙ୍କ ପ୍ରୟାସକୁ ଜାଣିବା ଏବଂ ସେମାନଙ୍କ ଅବଦାନ ପ୍ରତି ସମ୍ମାନ ଜଣାଇବାର ସୁଯୋଗ ମିଳୁଛି। ସମାଜ ଓ ଦେଶ ପାଇଁ ନିଜ ଜୀବନ ଉତ୍ସର୍ଗ କରୁଥିବା ଲୋକମାନେ ନିଜେ ଏକ ତୀର୍ଥସ୍ଥଳୀ ସଦୃଶ ବୋଲି ସେ ମତ ଦେଇଛନ୍ତି। ପ୍ରଧାନମନ୍ତ୍ରୀଙ୍କ ଅନୁଯାୟୀ, ଏହି ୧୨ ବର୍ଷ ମଧ୍ୟରେ ଦେଶର କୋଣ ଅନୁକୋଣରୁ ଅନେକ ବ୍ୟକ୍ତିଙ୍କ ପ୍ରେରଣାଦାୟୀ କାହାଣୀ ସାମ୍ନାକୁ ଆସିଛି। ସମାଜର ଦୃଷ୍ଟି ଆଢ଼ୁଆଳରେ ରହିଯାଉଥିବା ଅନେକ ଲୋକ ନିଜର ଅସାଧାରଣ କାର୍ଯ୍ୟ ମାଧ୍ୟମରେ ସମାଜରେ ପରିବର୍ତ୍ତନ ଆଣୁଛନ୍ତି। 'ମନ୍ କି ବାତ୍' ସେମାନଙ୍କ କାର୍ଯ୍ୟକୁ ଦେଶବାସୀଙ୍କ ସାମ୍ନାକୁ ଆଣିବାରେ ସହାୟକ ହୋଇଛି। ମୋଦୀ ଏହି କାର୍ଯ୍ୟକ୍ରମକୁ ଦେଶର ସାମୂହିକ ଶକ୍ତି ବା 'ଲୋକଶକ୍ତି'କୁ ସମ୍ମାନ ଜଣାଇବାର ଏକ ମାଧ୍ୟମ ବୋଲି ଅଭିହିତ କରିଛନ୍ତି। ଏହା ତାଙ୍କୁ ଦେଶର ପ୍ରତ୍ୟେକ ପରିବାର ସହ ଯୋଡ଼ିବାର ସୁଯୋଗ ଦେଉଛି। କାର୍ଯ୍ୟକ୍ରମ ଶୁଣିବା ପରେ ସେମାନଙ୍କୁ ଲାଗୁଛି ଯେ ପ୍ରଧାନମନ୍ତ୍ରୀ ନିଜ ପରିବାରର ଜଣେ ସଦସ୍ୟଙ୍କ ଭଳି ସେମାନଙ୍କ ସହ କଥା ହେଉଛନ୍ତି ବୋଲି ଶ୍ରୋତାମାନେ ଶହ ଶହ ବାର୍ତ୍ତାରେ ଜଣାଉଥିବା ସେ କହିଛନ୍ତି। ଶ୍ରୋତାଙ୍କଠାରୁ



ମିଳୁଥିବା ଏହି ସ୍ନେହ ଓ ଆତ୍ମୀୟତାକୁ ସେ ନିଜର ଅମୂଲ୍ୟ ସମ୍ପଦ ବୋଲି ବର୍ଣ୍ଣନା କରିଛନ୍ତି। ୧୨ ବର୍ଷର ଯାତ୍ରା ଅବସରରେ ପ୍ରଧାନମନ୍ତ୍ରୀ ପଞ୍ଜାବରେ ପ୍ରାକୃତିକ ଉପାୟରେ କପା ଚାଷ ଓ ପାରମ୍ପରିକ ବୁଣାକାର କଳାର ପୁନରୁଦ୍ଧାର, ଉତ୍ତରାଖଣ୍ଡର ହେୱାଲ ନଦୀର ପୁନର୍ଜୀବନ, ସ୍ଥାନୀୟ ଉତ୍ପାଦର ବିଦେଶୀ ବଜାରରେ ପ୍ରବେଶ ଏବଂ ଖଦିର ବର୍ଦ୍ଧିତ ଲୋକପ୍ରିୟତା ଭଳି ଉଦାହରଣ ମଧ୍ୟ ଉପସ୍ଥାପନ କରିଛନ୍ତି। ବିହାରର ପୂର୍ଣ୍ଣିଆର ମଖାନା ଗ୍ରୀସ୍ରେ ଏବଂ କର୍ଣ୍ଣାଟକ କଲବୁର୍ଗିର ହରଡ଼ ଡାଲି ମାଳଦ୍ୱୀପରେ ପହଞ୍ଚୁଥିବା କଥା ଉଲ୍ଲେଖ କରି ସେ 'ଭୋକାଲ୍ ଫର୍ ଲୋକାଲ୍' ଅଭିଯାନକୁ ଆହୁରି ମଜଭୁତ କରିବାକୁ ଆହ୍ୱାନ ଦେଇଛନ୍ତି।

## ଚୀନ୍ ଓ ରୁଷ୍ ସହ କିମ ଜଙ୍ଗଙ୍କ ଘନିଷ୍ଠତା

ବେଜିଂ : ଗୋଟିଏ ପଟେ ଚୀନ୍ ଗସ୍ତ, ଅନ୍ୟପଟେ ସୀମାରେ ନୂଆ ବ୍ରିଜର ଉଦ୍‌ଘାଟନ। କିମ୍ ଜୋଙ୍ଗ୍ ଉନଙ୍କ ଏହି ଦୁଇଟି ପଦକ୍ଷେପକୁ ନେଇ ଏବେ ଅନ୍ତର୍ଜାତୀୟ ରାଜନୀତିରେ ଚର୍ଚ୍ଚା। ବେଜିଂ ଓ ମସ୍କୋ ସହ ସମ୍ପର୍କ ମଜବୁତ କରି ଆମେରିକା ଉପରେ ଚାପ ସୃଷ୍ଟି କରିବାକୁ ନୂଆ ରଣନୀତି ପ୍ରସ୍ତୁତ କରୁଛନ୍ତି ଉତ୍ତର କୋରିଆର ଏହି ଶାସକ। କିମଙ୍କ ଚୀନ ଗସ୍ତ ଓ ବ୍ରିଜ୍ର ଉଦ୍ଘାଟନ ପଛରେ ରହିଛି କି ବଡ଼ ଭୂ-ରାଜନୈତିକ ଚାଲ ? ଏହା କ'ଣ ଆମେରିକା ବିରୋଧରେ ଏକ ନୂଆ ମେଣ୍ଟର ସଙ୍କେତ, ନା ନିଜର ସାମରିକ ଓ ଆର୍ଥିକ ସ୍ଥିତିକୁ ମଜବୁତ କରିବାର ରଣନୀତି? ସୂଚନା ଥାଉ କି , ଉତ୍ତର କୋରିଆର ରାଷ୍ଟ୍ରପତି କିମ୍ ଜଙ୍ଗ ଉନ୍ ଶନିବାର ଦିନ ଚୀନ୍ ଗସ୍ତ କରିଛନ୍ତି । ଏହା ମଧ୍ୟରେ ସେ ଦୁଇ ଦେଶକୁ ସଂଯୋଗ କରୁଥିବା ଏକ ନୂତନ ସେତୁର ଉଦଘାଟନ କରିଛନ୍ତି ଏବଂ ଚୀନ୍ ସହିତ ସହଯୋଗ ବିସ୍ତାର କରିବାକୁ ପ୍ରତିଶ୍ରୁତି ମଧ୍ୟ ଦେଇଛନ୍ତି। ୨୦୨୫ ସେପ୍ଟେମ୍ବରରେ ବେଜିଂ ଗସ୍ତ ପରେ କିମଙ୍କ ଏହା ପ୍ରଥମ ଚୀନ୍ ଗସ୍ତ। ଏହି ଗସ୍ତକୁ ଆମେରିକା ବିପରୀତରେ ଚୀନ୍ ଏବଂ ରୁଷ ସହିତ ସମ୍ପର୍କକୁ ମଜବୁତ କରିବା ପାଇଁ ଉତ୍ତର କୋରିଆର କୂଟନୈତିକ ଚାଲର ଏକ ଅଂଶ ଭାବରେ ଦେଖାଯାଉଛି। ଚୀନ୍ ସୀମାରେ ନୂଆ ବ୍ରିଜର ନିର୍ମାଣ କରି ଆମେରିକାକୁ ଚାରିପଟୁ ଘେରିବାକୁ ମାଷ୍ଟରପ୍ଲାନ୍ ଚଳାଇଛନ୍ତି କିମ । କିମ୍ ନୂତନ ସେତୁ ଦେଇ ଚୀନ୍ ସୀମାନ୍ତ ସହର ଡାଣ୍ଡୋଙ୍ଗ୍ ଯାତ୍ରା କରିଥିଲେ। ସେଠାରେ କିମ୍ କୋରିଆ ଯୁଦ୍ଧ ସମୟରେ ଉତ୍ତର କୋରିଆକୁ ସାହାଯ୍ୟ କରିଥିବା ଚୀନ୍ ସୈନିକଙ୍କ ପାଇଁ ଉତ୍ସର୍ଗୀକୃତ ଏକ ସ୍ମାରକୀ ପରିଦର୍ଶନ କରିଥିଲେ। ସେ ଚୀନ୍ କମ୍ୟୁନିଷ୍ଟ ପାର୍ଟିର ଶୀର୍ଷ କମିଟିର ସଦସ୍ୟ ୱାଙ୍ଗ ହୁନିଙ୍ଗଙ୍କୁ ଭେଟିଥିଲେ। କିମ୍ କହିଥିଲେ ଯେ ଉତ୍ତର କୋରିଆ ଚୀନ୍ ସହିତ ବନ୍ଧୁତା ଜାରି ରଖିବ।

## ନଭେମ୍ବର ୧ରେ ରାମଲୀଳା ମୈଦାନରେ ବିରୋଧୀଙ୍କ ମହାସମାବେଶ

ନୂଆଦିଲ୍ଲୀ: ଦିଲ୍ଲୀର ରାମଲୀଳା ମୈଦାନରେ ନଭେମ୍ବର ୧ ତାରିଖରେ ହେବାକୁ ଥିବା ବିରୋଧୀ ଇଣ୍ଡିମେଣ୍ଟର ମହାସମାବେଶ ନିର୍ଦ୍ଧାରିତ ଦିନରେ ହିଁ ଅନୁଷ୍ଠିତ ହେବ। ଏହାକୁ ଘୁଞ୍ଚାଇବା ପାଇଁ ଦିଲ୍ଲୀର ବ୍ୟବସାୟୀ ସଂଗଠନ ଅନୁରୋଧ କରିଥିଲେ ମଧ୍ୟ କଂଗ୍ରେସ ନେତୃତ୍ୱ ଏହାକୁ ଆଗକୁ ବଢ଼ାଇବାକୁ ନିଷ୍ପତ୍ତି ନେଇଛି। ସମାବେଶରେ ୧୦ ଲକ୍ଷରୁ ଅଧିକ ଲୋକ ଯୋଗଦେବେ ବୋଲି କଂଗ୍ରେସ ଆଶା ରଖିଛି। ନିର୍ବାଚନ ପ୍ରକ୍ରିୟାରେ ଅନିୟମିତତା ଏବଂ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍ଆଇଆର୍)କୁ ନେଇ ବିରୋଧୀ ଦଳଗୁଡ଼ିକ ଏହି ସମାବେଶ ଡାକରା ଦେଇଛନ୍ତି। ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାରଙ୍କୁ ପଦରୁ ହଟାଇବା ଏହାର ପ୍ରମୁଖ ଦାବି ହେବ। ଭୋଟର ତାଲିକାରୁ ବହୁ ସଂଖ୍ୟକ ଲୋକଙ୍କ ନାମ ବାଦ୍ ପଡ଼ିବା ଏବଂ ନିର୍ବାଚନ ପ୍ରକ୍ରିୟାରେ ପକ୍ଷପାତିତା ନେଇ କଂଗ୍ରେସ ଓ ଏହାର ସହଯୋଗୀ ଦଳଗୁଡ଼ିକ ଅଭିଯୋଗ କରିଆସୁଛନ୍ତି।



ତେବେ ଏହି ଅଭିଯୋଗଗୁଡ଼ିକୁ ନିର୍ବାଚନ କମିସନ ସ୍ୱୀକାର କରିନାହାନ୍ତି। କଂଗ୍ରେସର ସାଧାରଣ ସମ୍ପାଦକ କେ.ସି. ବେଣୁଗୋପାଳ ଦଳର ବିଭିନ୍ନ ସାମ୍ମୁଖ୍ୟ ସଂଗଠନର ମୁଖ୍ୟ ଏବଂ ଦିଲ୍ଲୀ କଂଗ୍ରେସ ନେତାଙ୍କ ସହ ବୈଠକ କରି ସମାବେଶର ପ୍ରସ୍ତୁତି ସମୀକ୍ଷା କରିଛନ୍ତି। ଏହି ରାଲି 'ଭୋଟ୍ ବଚାଓ, ଦେଶ ବଚାଓ' ଅଭିଯାନର ଏକ ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟାୟ ହେବ ବୋଲି ଦଳ କହିଛି। ଅକ୍ଟୋବର ୩୦ ତାରିଖରେ ମଧ୍ୟ ମୁଖ୍ୟ ନିର୍ବାଚନ କମିସନରଙ୍କ ବିରୋଧରେ ଏକ ପ୍ରତୀକାତ୍ମକ 'ଜନ ମହାଭିଯୋଗ' କାର୍ଯ୍ୟକ୍ରମ ଆୟୋଜନ କରିବାକୁ ବିରୋଧୀ ନେତାମାନେ ଯୋଜନା କରୁଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ଦିଲ୍ଲୀର ବ୍ୟବସାୟୀ ସଂଗଠନ 'ଚାମ୍ବର ଅଫ୍ ଟ୍ରେଡ୍ ଆଣ୍ଡ ଇଣ୍ଡଷ୍ଟ୍ରି' ରାହୁଲ ଗାନ୍ଧୀଙ୍କୁ ପତ୍ର ଲେଖି ସମାବେଶକୁ ନଭେମ୍ବର ୧୦ ପରେ ଆୟୋଜନ କରିବାକୁ ଅନୁରୋଧ କରିଛି। ଧନତେରସ୍, ଦୀପାବଳି ଓ ଭାଇଦୁଜ୍ (ଭ୍ରାତୃଦ୍ୱିତୀୟା) ଯୋଗୁଁ ଏହି ସମୟ ଦିଲ୍ଲୀର ବଜାରଗୁଡ଼ିକ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ରାସ୍ତା ବନ୍ଦ, ଯାତାୟାତ କଟକଣା ଓ ଟ୍ରାଫିକ୍ ଡାଇଭର୍ସନ୍ ଯୋଗୁଁ ଅକ୍ଟୋବରରେ ପ୍ରାୟ ୩ ହଜାର କୋଟି ଟଙ୍କାର କ୍ଷତି ହୋଇଥିବା ସଂଗଠନ ଦାବି କରିଛି। ବ୍ୟବସାୟୀଙ୍କ ଆଶଙ୍କା, ରାମଲୀଳା ମୈଦାନରେ ସମାବେଶ ଯୋଗୁଁ ପୁଣି ଯାତାୟାତ ବାଧାପ୍ରାପ୍ତ ହେଲେ ପାର୍ବଣ ବଜାର ପ୍ରଭାବିତ ହେବ। ତେବେ କଂଗ୍ରେସ ଏହି ଅନୁରୋଧ ସତ୍ତ୍ୱେ ନିର୍ଦ୍ଧାରିତ ଦିନରେ ସମାବେଶ କରିବାକୁ ପ୍ରସ୍ତୁତି ଜାରି ରଖିଛି।

## ୨୩ ଜଣଙ୍କୁ ମୃତ୍ୟୁ ଦଣ୍ଡାଦେଶ ଦେଇଥିବା ବିଚାରପତିଙ୍କ ବଦଳି

ମୁଜାଫର୍ନଗର: ଛଅ ମାସରେ ଏଗାରଟି ପୃଥକ୍ ପୃଥକ୍ ମାମଲାରେ ୨୩ ଜଣଙ୍କୁ ମୃତ୍ୟୁଦଣ୍ଡାଦେଶ ଦେଇ ଖବର ଶିରୋନାମାରେ ଆସିଥିବା ଉତ୍ତର ପ୍ରଦେଶର ବିଚାରପତି ରବି କୁମାର ଦିବାକରଙ୍କୁ ପରିବାର ଅଦାଲତକୁ ବଦଳି କରାଯାଇଛି। ଦିବାକର ତାଙ୍କ କୋର୍ଟରୁ ହତ୍ୟା ମାମଲାର ଅନେକ ମାମଲା ଫାଇଲ ସ୍ଥାନାନ୍ତରିତ ହେବା ପରେ ନ୍ୟାୟିକ ବ୍ୟବସ୍ଥା ଉପରେ ପ୍ରଶ୍ନ ଉଠାଇବାର



କିଛି ଦିନ ପରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ସୂତ୍ର ଅନୁସାରେ, ମୁଜାଫରନଗରର ଫାଷ୍ଟ ଟ୍ରାକ୍ କୋର୍ଟର ଅତିରିକ୍ତ ଜିଲ୍ଲା ଓ ସେସନ୍ସ ଜଜ୍ ଥିବା ଦିବାକରଙ୍କୁ ଆହ୍ଲାବାଦ ହାଇକୋର୍ଟର ନିର୍ଦ୍ଦେଶ କ୍ରମେ ବଦଳି କରାଯାଇଛି। ଦିବାକର ଚଳିତ ବର୍ଷ ଏପ୍ରିଲରୁ ସେପ୍ଟେମ୍ବର ମଧ୍ୟରେ ୧୧ଟି ମାମଲାରେ ୨୩ ଜଣଙ୍କୁ ମୃତ୍ୟୁଦଣ୍ଡ ଦେଇଥିଲେ। ଜିଲ୍ଲା ଜଜ୍ ତାଙ୍କ କୋର୍ଟରୁ ହତ୍ୟା ମାମଲାର ୯୭ଟି ମାମଲାର ଫାଇଲ୍ ଫେରାଇ ଆଣି ଅନ୍ୟ କୋର୍ଟକୁ ସ୍ଥାନାନ୍ତର କରିବା ପରେ ଦିବାକର ନ୍ୟାୟିକ ବ୍ୟବସ୍ଥା ଉପରେ ପ୍ରଶ୍ନ ଉଠାଇଥିଲେ। ଜଣେ ବିଚାରପତିଙ୍କ କର୍ତ୍ତବ୍ୟ ହେଉଛି ନ୍ୟାୟ ପ୍ରଦାନ କରିବା କିନ୍ତୁ ଯଦି ସେ ନିଜେ ଅନ୍ୟାୟର ସମ୍ମୁଖୀନ ହୁଅନ୍ତି ତେବେ ସେ କାହା ପାଖକୁ ଯିବେ ବୋଲି ଏକ ରାୟ ବେଳେ ମନ୍ତବ୍ୟ ଦେଇଥିଲେ।

# ରାଜନୀତିକୁ ଆସିବେ କି ଧନୁଷ?

ଚେନ୍ନାଇ: ତାମିଲ ଚଳଚ୍ଚିତ୍ର ଅଭିନେତା ଧନୁଷଙ୍କ ରାଜନୀତିକୁ ପ୍ରବେଶ ନେଇ ତାମିଲନାଡୁରେ ଚର୍ଚ୍ଚା ବଢ଼ିଛି। ନିଜର ପୁନର୍ଗଠିତ ପ୍ରଶଂସକ ସଂଘର ମହିଳା ଶାଖାର ସଦସ୍ୟାମାନଙ୍କ ସହ ସେ ରବିବାର ଏକ ଆଲୋଚନା ବୈଠକ କରିବାକୁ ଯାଉଥିବାରୁ ଏହି ଚର୍ଚ୍ଚା ଆହୁରି ଜୋର ଧରିଛି। ତେବେ ରାଜନୀତିରେ ଯୋଗଦେବା କିମ୍ବା ନିଜସ୍ୱ ରାଜନୈତିକ ଦଳ ଗଠନ କରିବା ନେଇ ଧନୁଷ ଏପର୍ଯ୍ୟନ୍ତ କୌଣସି ଆନୁଷ୍ଠାନିକ ଘୋଷଣା କରିନାହାନ୍ତି। ସୂଚନା ଅନୁଯାୟୀ, ଚେନ୍ନାଇର ଏକ ଘରୋଇ କଲେଜରେ ଧନୁଷ ତାଙ୍କ ପ୍ରଶଂସକ ସଂଘର ମହିଳା ଶାଖା ସହ ଆଲୋଚନା କରିବେ। ପୂର୍ବରୁ 'ଧନୁଷ ନର୍ପଣି ମନ୍ତ୍ରମ୍' ନାମରେ ପରିଚିତ ଏହି ସଂଘର ନାମ ପରିବର୍ତ୍ତନ କରାଯାଇ 'ଧନୁଷ ନର୍ପଣି ଇୟକ୍କମ୍' ରଖାଯାଇଛି। ଏହାକୁ ଏକ କଲ୍ୟାଣମୂଳକ ସଂଗଠନ ଭାବେ ପୁନର୍ଗଠିତ କରାଯାଇଛି। ନୂଆ ନାମ ସହ ସଂଗଠନର ଲୋଗୋ



ମଧ୍ୟ ଉନ୍ମୋଚନ କରାଯାଇଛି। କୋଏମ୍ବାଟୁରରେ ସଂଘର କର୍ମକର୍ତ୍ତାଙ୍କ ଏକ ବୈଠକରେ ଏହି ପରିବର୍ତ୍ତନକୁ ଅନୁମୋଦନ ମିଳିଥିଲା। ନୂଆ ଲୋଗୋରେ ଲାଲ ରଙ୍ଗର ଏକ ବଡ଼ ତାରକା ମଧ୍ୟରେ ଧନୁଷଙ୍କ ହାତ ଯୋଡ଼ା ଛବି ରହିଛି। ଏହି ପୁନର୍ଗଠନକୁ ନେଇ ଅଭିନେତାଙ୍କ ରାଜନୈତିକ ଯୋଜନା ସମ୍ପର୍କରେ ଆଲୋଚନା ଆରମ୍ଭ ହୋଇଛି। ତାମିଲନାଡୁର ରାଜନୀତିରେ ଚଳଚ୍ଚିତ୍ର ଜଗତର ବ୍ୟକ୍ତିତ୍ୱଙ୍କ ପ୍ରଭାବ ଦୀର୍ଘଦିନରୁ ରହିଆସିଛି। ଏମ୍. ଜି. ରାମଚନ୍ଦ୍ରନ୍, ଜୟଲଳିତା ଓ ସାମ୍ପ୍ରତିକ ସମୟରେ ଅଭିନେତା ବିଜୟଙ୍କ ରାଜନୈତିକ ପଦକ୍ଷେପ ଏହାର ଉଦାହରଣ। ବିଜୟ ମଧ୍ୟ ନିଜ ପ୍ରଶଂସକ ସଂଗଠନକୁ ରାଜନୈତିକ ଦଳ ଗଠନ ପୂର୍ବରୁ ଏକ ସଂଗଠିତ ଜନଆନ୍ଦୋଳନ ରୂପ ଦେଇଥିଲେ। ଏହି ପୃଷ୍ଠଭୂମିରେ ଧନୁଷଙ୍କ ପ୍ରଶଂସକ ସଂଘର ପୁନର୍ଗଠନକୁ ନେଇ ଅନେକ ଆଲୋଚନା ହେଉଛି। ଅନ୍ୟପକ୍ଷରେ, ଧନୁଷଙ୍କ ପ୍ରଶଂସକ ସଂଗଠନର ମୁଖ୍ୟ ଲକ୍ଷ୍ୟ ସମାଜସେବା ଓ ଜନକଲ୍ୟାଣମୂଳକ କାର୍ଯ୍ୟକୁ ସୁସଂଗଠିତ କରିବା ବୋଲି ଚର୍ଚ୍ଚା ହେଉଛି। ଜୁଲାଇରେ ଏକ କାର୍ଯ୍ୟକ୍ରମରେ ଧନୁଷ ପ୍ରଶଂସକମାନଙ୍କୁ କେବଳ ଚଳଚ୍ଚିତ୍ର କାର୍ଯ୍ୟକ୍ରମରେ ଯୋଗଦେବା ପରିବର୍ତ୍ତେ ନିଜ ଅଞ୍ଚଳରେ ଲୋକଙ୍କ ପାଇଁ ସମାଜସେବା କରିବାକୁ ଆହ୍ୱାନ ଦେଇଥିବା ରିପୋର୍ଟରେ ଉଲ୍ଲେଖ ରହିଛି। ଧନୁଷ ରାଜନୀତିରେ ପ୍ରବେଶ କରିବେ କି ନାହିଁ, ତାହା ଏବେ ସ୍ପଷ୍ଟ ହୋଇନାହିଁ।

# ଇରାନ ସହ ସୀମା ଖୋଲିଲା ପାକିସ୍ତାନ

ଇସଲାମାବାଦ: ଶୀତ ଋତୁ ପୂର୍ବରୁ ଦେଶରେ ଏଲ୍‌ପିଜି ଅଭାବ ଓ ଅତ୍ୟାବଶ୍ୟକ ସାମଗ୍ରୀର ଦରବୃଦ୍ଧି ନେଇ ଚିନ୍ତା ବଢ଼ୁଥିବା ବେଳେ ଇରାନ ସହ ଏକ ପ୍ରମୁଖ ସୀମା ପ୍ରବେଶପଥକୁ ପୁନଃ ଖୋଲିଛି ପାକିସ୍ତାନ। ଏହାଦ୍ୱାରା ସପ୍ତାହେ ଧରି ବନ୍ଦ ରହିଥିବା ଦ୍ୱିପାକ୍ଷିକ ବାଣିଜ୍ୟ ଓ ସୀମାପାର ପରିବହନ ପୁଣି ସ୍ୱାଭାବିକ ହେବା ଆଶା କରାଯାଉଛି। ପାକିସ୍ତାନର ବାଲୋଚିସ୍ତାନ ପ୍ରଦେଶର ଗ୍ୱାଦର ଜିଲ୍ଲାରେ ଥିବା ଗାବ୍ଦ-ରିମଦାନ୍ ସୀମା ପ୍ରବେଶପଥରେ ଶନିବାରଠାରୁ ବାଣିଜ୍ୟ କାରବାର ପୁନର୍ବାର ଆରମ୍ଭ ହୋଇଛି। 'ଡନ୍' ଖବରକାଗଜର ରିପୋର୍ଟ ଅନୁଯାୟୀ, ଅକ୍ଟୋବର ୧୬ କିମ୍ବା ତା' ପୂର୍ବରୁ ଜାରି ହୋଇଥିବା କନ୍ସାଇନ୍‌ମେଣ୍ଟ ନୋଟ୍ ଥିବା ବାଣିଜ୍ୟିକ ସାମଗ୍ରୀକୁ ସୀମା ପାର କରିବାକୁ ଅନୁମତି ଦିଆଯାଇଛି। ଏହି ସୀମାପଥ 'ଗେଟ୍ ୨୫୦' ନାମରେ ମଧ୍ୟ ପରିଚିତ। ସୀମା ଖୋଲାଯିବା ନେଇ ସୂଚନା ଦେଇଛନ୍ତି ଗ୍ୱାଦର ଚାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରିର ସଭାପତି ମୀର ନଭିଦ୍ ଜାନ୍ କଲମତି । ତାଙ୍କ କହିବା ଅନୁଯାୟୀ, ପାକିସ୍ତାନ ଓ ଇରାନ ମଧ୍ୟରେ ଆମଦାନୀ ଓ ରପ୍ତାନି ସାମଗ୍ରୀ ପରିବହନ କରୁଥିବା ଟ୍ରକ୍ ଏବଂ ଅନ୍ୟ ଯାନବାହନର ଚଳାଚଳକୁ ଅନୁମତି ମିଳିଛି। ସୀମା ଖୋଲିବା ନିଷ୍ପତ୍ତିକୁ ସ୍ୱାଗତ କରି କଲମତି କହିଛନ୍ତି ଯେ, ଏହାଦ୍ୱାରା ଉଭୟ ପାର୍ଶ୍ୱରେ ଅଟକି ରହିଥିବା ବ୍ୟବସାୟୀ ଓ ପରିବହନକାରୀଙ୍କୁ ତୁରନ୍ତ ଆଶ୍ୱସ୍ତି ମିଳିବ ଏବଂ ଯୋଗାଣ ବ୍ୟବସ୍ଥା ପୁନଃ ସ୍ୱାଭାବିକ ହେଲେ ପାକିସ୍ତାନରେ ଦେଖାଦେଇଥିବା ଏଲ୍‌ପିଜି ସଙ୍କଟ ହ୍ରାସ ପାଇବା ସହ ଶକ୍ତି ଓ ଖାଦ୍ୟ ସାମଗ୍ରୀର ବଢ଼ୁଥିବା ଦର ଉପରେ ମଧ୍ୟ ଚାପ କମିବ ବୋଲି ଆଶା ପ୍ରକାଶ କରିଛନ୍ତି ।ସୂଚନାଯୋଗ୍ୟ, ପାକିସ୍ତାନର ବାଣିଜ୍ୟ ମନ୍ତ୍ରଣାଳୟ ଅକ୍ଟୋବର ୧୭ରେ ଏହି ସୀମାପଥକୁ ବନ୍ଦ କରିବା ସହ ସୀମାପାର ଯାତାୟାତ ଓ ବାଣିଜ୍ୟ କାରବାର ଉପରେ ରୋକ୍ ଲଗାଇଥିଲା। ତେବେ ଏହି ନିଷ୍ପତ୍ତି ପଛରେ ଥିବା କାରଣ ସମ୍ପର୍କରେ ମନ୍ତ୍ରଣାଳୟ ପକ୍ଷରୁ ସ୍ପଷ୍ଟ ସୂଚନା ଦିଆଯାଇ ନଥିଲା। ସୁରକ୍ଷାଜନିତ ଚିନ୍ତା ଯୋଗୁଁ ଏହି ପଦକ୍ଷେପ ନିଆଯାଇଥିବା ଅନୁମାନ କରାଯାଉଥିଲା। ସୀମା ବନ୍ଦ ହେବା ଫଳରେ ଏଲ୍‌ପିଜି ଯୋଗାଣ ବାଧାପ୍ରାପ୍ତ ହୋଇଥିଲା। ଶୀତ ଋତୁ ଆରମ୍ଭ ସହ ଏହି ଇନ୍ଧନର ଚାହିଦା ବଢ଼ୁଥିବାରୁ ପରିସ୍ଥିତି ଅଧିକ ଚିନ୍ତାଜନକ ହୋଇପଡ଼ିଥିଲା। ଏହାରି ମଧ୍ୟରେ ଗାବ୍ଦ-ରିମଦାନ୍ ସୀମା ନିକଟରେ ଅଟକି ରହିଥିବା ମାଲବାହୀ ଟ୍ରକ୍‌ଗୁଡ଼ିକ ଉପରେ ଆକ୍ରମଣ ହୋଇଥିଲା। ଗତ ଗୁରୁବାର ଅଜ୍ଞାତ ବନ୍ଧୁକଧାରୀମାନେ ଏହି ଟ୍ରକ୍‌ଗୁଡ଼ିକୁ ଟାର୍ଗେଟ୍ କରିଥିଲେ। ଏଥିରେ ଏକାଧିକ ଟ୍ରକ୍ ଜଳିଯାଇଥିବା ବେଳେ ଅନ୍ୟ କେତେକ ଗାଡ଼ି କ୍ଷତିଗ୍ରସ୍ତ ହୋଇଥିଲା। ସ୍ଥାନୀୟ ପ୍ରଶାସନ ପକ୍ଷରୁ ସୁରକ୍ଷା ପରିସ୍ଥିତିର ସମୀକ୍ଷା କରାଯିବା ପରେ ଶନିବାର ସୀମା ଖୋଲିବା ନିଷ୍ପତ୍ତି ନିଆଯାଇଥିଲା। ବାଣିଜ୍ୟିକ ଯାନବାହନ ଓ ସାମଗ୍ରୀର ସୁରକ୍ଷିତ ଯାତାୟାତ ସୁନିଶ୍ଚିତ କରିବା ପାଇଁ ଅତିରିକ୍ତ ସୁରକ୍ଷାବଳ ମଧ୍ୟ ମୁତୟନ କରାଯାଇଛି। ଏହି ସୀମା ଖୋଲିବା ପୂର୍ବରୁ ପାକିସ୍ତାନ ସେନାମୁଖ୍ୟ ଫିଲ୍ଡ ମାର୍ଶାଲ୍ ଆସିମ୍ ମୁନିର୍ ଚଳିତ ସପ୍ତାହର ଆରମ୍ଭରେ ଇରାନ ଗସ୍ତ କରିଥିଲେ। ସେଠାରେ ସେ ଇରାନର ନେତୃତ୍ୱ ସହ ଦ୍ୱିପାକ୍ଷିକ ସମ୍ପର୍କ ଓ ଆଞ୍ଚଳିକ ପ୍ରସଙ୍ଗରେ ଆଲୋଚନା କରିଥିଲେ। ଏହି ଗସ୍ତ ଓ ସୀମା ଖୋଲିବା ମଧ୍ୟରେ ସମ୍ପର୍କ ଥିବା ନେଇ କୌଣସି ଆନୁଷ୍ଠାନିକ ସ୍ପଷ୍ଟୀକରଣ ମିଳିନଥିଲେ ମଧ୍ୟ ଏହି ଘଟଣାକ୍ରମ ଗୁରୁତ୍ୱ ବହନ କରୁଛି। ପାକିସ୍ତାନ ଓ ଇରାନ ମଧ୍ୟରେ ପ୍ରାୟ ୯୦୯ କିଲୋମିଟର ଲମ୍ବା ସୀମା ରହିଛି। ଏହା ଇରାନର ସିସ୍ତାନ୍ ଓ ବାଲୁଚିସ୍ତାନ୍ ପ୍ରଦେଶକୁ ପାକିସ୍ତାନର ବାଲୋଚିସ୍ତାନ ପ୍ରଦେଶଠାରୁ ପୃଥକ୍ କରିଛି। ଏହି ସୀମାପଥଗୁଡ଼ିକ ଦୁଇ ଦେଶ ମଧ୍ୟରେ ବାଣିଜ୍ୟ ଓ ସାମଗ୍ରୀ ପରିବହନ ପାଇଁ ଗୁରୁତ୍ୱପୂର୍ଣ୍ଣ ମାଧ୍ୟମ ଭାବେ କାର୍ଯ୍ୟ କରିଥାଏ। ସୀମା ଖୋଲିବା ପରେ ବାଣିଜ୍ୟ କାରବାର ସ୍ୱାଭାବିକ ହେବା ସହ ଅଟକି ରହିଥିବା ସାମଗ୍ରୀର ପରିବହନ ତ୍ୱରାନ୍ୱିତ ହେବା ଆଶା କରାଯାଉଛି। ତେବେ ଏହା ଏଲ୍‌ପିଜି ଅଭାବ ଓ ଦରବୃଦ୍ଧିକୁ କେତେ ଶୀଘ୍ର ନିୟନ୍ତ୍ରଣ କରିପାରିବ, ତାହା ଆଗାମୀ ଦିନର ଯୋଗାଣ ସ୍ଥିତି ଉପରେ ନିର୍ଭର କରିବ।

## ପାରଦରୁ ସୁନା, ଆମେରିକୀୟ ଷ୍ଟାର୍ଟଅପର ଦାବି

ନୂଆଦିଲ୍ଲୀ: ମାଟି ତଳକୁ ବାହାରୁଥିବା ମୂଲ୍ୟବାନ ଧାତବ ସୁନାର ବିକଳ୍ପ ଖୁବ୍‌ଶୀଘ୍ର ବଜାରରେ ଉପଲବ୍ଧ ହେବାକୁ ଯାଉଛି। ଆମେରିକାର ଏକ ଷ୍ଟାର୍ଟଅପ୍ ସଂସ୍ଥା 'ମାରାଥନ ଫ୍ୟୁଜନ' ଲ୍ୟାବ୍‌ରେ ପାରଦକୁ ସୁନାରେ ପରିଣତ କରିଥିବା ଦାବି କରିଛି। ଯଦି ତାହା ସତ ହୋଇଥିବ ତେବେ ଆଗାମୀ ଦିନରେ ହୀରା ଭଳି ସୁନାକୁ ମଧ୍ୟ ଲ୍ୟାବ୍‌ରେ ପ୍ରସ୍ତୁତ କରାଯାଇପାରିବ। ତାହା ହେଲେ ପ୍ରତ୍ୟକ୍ଷ ସୁନାର ମୂଲ୍ୟ ଖୁବ୍‌ଶୀଘ୍ର ହ୍ରାସ ପାଇବ। ମାରାଥନ ଫ୍ୟୁଜନ କହିଛି, ସୁନା ତିଆରି କରିବା ଆମ ମୂଳ ବ୍ୟବସାୟ ନୁହେଁ। ଏହା ଏକ ପାର୍ଶ୍ୱ ବ୍ୟବସାୟ ହେବ। ଆଣବିକ ଫ୍ୟୁଜନରେ ବିପୁଳ ଖର୍ଚ୍ଚ ହୋଇଥାଏ। ସେହି ଖର୍ଚ୍ଚ ବହନ କରିବା ଲାଗି ଲ୍ୟାବ୍‌ରେ ପ୍ରସ୍ତୁତ ସୁନା ବ୍ୟବହାର କରାଯାଇପାରିବ। କମ୍ପାନି କହିଛି ଯେ ପ୍ରତ୍ୟକ ଧାତବ ପଦାର୍ଥର ନିଜସ୍ୱ ପରିଚୟ ରହିଛି। ପାରଦର ନ୍ୟୁକ୍ଲିୟସ୍‌ରେ ୮୦ ପ୍ରୋଟନ ରହିଥିବା ବେଳେ ସୁନାର ନ୍ୟୁକ୍ଲିୟସ୍‌ରେ ୭୯ ପ୍ରୋଟନ ରହିଛି। ଅର୍ଥାତ ପାରଦରୁ ଗୋଟିଏ ପ୍ରୋଟନ ବାହାର କରାଗଲେ ତାହା ଆପେ ସୁନାରେ ପରିଣତ ହୋଇଯିବ। ନ୍ୟୁକ୍ଲିୟର ଫ୍ୟୁଜନ ପ୍ରତିକ୍ରିୟା ସମୟରେ କମ୍ପାନି ପାରଦ ଉପରେ ଅତ୍ୟନ୍ତ ଉଚ୍ଚଗତିର ନ୍ୟୁଟ୍ରନ ପ୍ରକ୍ରିୟା ହୋଇଥିବାରୁ ଆଗକୁ ବଢ଼ିପାରିନଥିଲା। ସେହିପରି ୨୦୧୫-୧୮ ମଧ୍ୟରେ ବିଶ୍ୱର ସର୍ବବୃହତ ପରମାଣୁ ପ୍ରୟୋଗଶାଳା ସିଇଆର୍ଏନ୍ ମଧ୍ୟ ସୁନା ପ୍ରସ୍ତୁତ କରିଥିଲା। କିନ୍ତୁ ତାହା ଦୀର୍ଘ ସମୟ ପର୍ଯ୍ୟନ୍ତ ରହିପାରିନଥିଲା।




ବୋମା ମାଡ଼ କରି ସେଥିରୁ ଗୋଟିଏ ପ୍ରୋଟନ ବାହାର କରିବ। ତେବେ ଲ୍ୟାବରେ ସୁନା ପ୍ରସ୍ତୁତ କରିବାର ଏହା ପ୍ରଥମ ଘଟଣା ନୁହେଁ। ୧୯୮୦ରେ ନୋବେଲ୍ ବିଜେତା ଗ୍ଲେନ୍ ସିବୋର୍ଗ ସୁନା ପ୍ରସ୍ତୁତ କରିଥିଲେ। କିନ୍ତୁ ତାହା ଅତ୍ୟନ୍ତ ବ୍ୟୟବହୁଳ ଏବେ ମାରାଥନ ଫ୍ୟୁଜନ ଯେଉଁ ଆଶା ଦେଖାଇଛି ତାହା ବାଣିଜ୍ୟିକ ଦୃଷ୍ଟିରୁ କେତେ ଲାଭଦାୟକ ହୋଇପାରିବ ତାହା ଏବେଠାରୁ କୁହାଯାଇପାରିବ ନାହିଁ। କାରଣ କେତେ ପରିମାଣର ସୁନା ପ୍ରସ୍ତୁତ ହୋଇଛି ତାହା କମ୍ପାନି ଜଣାଇନାହିଁ।

# ଆଇଏନଡିଆଇଏ ମେଣ୍ଟର ରାଲି ପ୍ରଚାର

## ବିଜେପିକୁ ରାହୁଲଙ୍କ ବ୍ୟଙ୍ଗାତ୍ମକ ଧନ୍ୟବାଦ

ନୂଆଦିଲ୍ଲୀ: ଆଇଏନଡିଆଇଏ ମେଣ୍ଟର ଆଗାମୀ ରାଲିକୁ ନେଇ ବିଜେପି ଓ କଂଗ୍ରେସ ମଧ୍ୟରେ ରାଜନୈତିକ ବାକ୍ଯୁଦ୍ଧ ତୀବ୍ର ହୋଇଛି। ନଭେମ୍ବର ୧ରେ ଦିଲ୍ଲୀରେ ହେବାକୁ ଥିବା 'ଭୋଟ୍ ବଞ୍ଚାଅ, ଦେଶ ବଞ୍ଚାଅ' ରାଲିର ପ୍ରଚାର କରୁଥିବାରୁ ବିଜେପି ଓ ଏହାର ସହଯୋଗୀ ଦଳଗୁଡ଼ିକୁ ବ୍ୟଙ୍ଗାତ୍ମକ ଢଙ୍ଗରେ ଧନ୍ୟବାଦ ଜଣାଇଛନ୍ତି ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ। ରବିବାର ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ଏକ ପୋଷ୍ଟ୍ କରି ରାହୁଲ କହିଛନ୍ତି, 'ଭୋଟ୍ ଚୋରି' ବିରୋଧରେ ହେବାକୁ ଥିବା ରାଲିର ବାର୍ତ୍ତା ଅଧିକରୁ ଅଧିକ ଲୋକଙ୍କ ପାଖରେ ପହଞ୍ଚାଇବାକୁ ବିଜେପି ଓ ତା'ର ସହଯୋଗୀମାନେ ଯେଉଁ ଉତ୍ସାହ ଦେଖାଉଛନ୍ତି, ସେଥିପାଇଁ ସେ ହୃଦୟରୁ ଧନ୍ୟବାଦ



ଜଣାଉଛନ୍ତି। ଆଗାମୀ ସାତ ଦିନ ମଧ୍ୟ ଏହି ଉତ୍ସାହ ଓ ନିଷ୍ଠା ଜାରି ରଖିବାକୁ ସେ କହିଛନ୍ତି। ରାହୁଲ ଅଭିଯୋଗ କରିଛନ୍ତି ଯେ ଭୋଟର ତାଲିକାରୁ ଲୋକଙ୍କ ନାମ କାଟି ଦିଆଯାଇଛି ଏବଂ ନିୟମକାନୁନର ଉଲ୍ଲଂଘନ ହୋଇଛି। ଏହି ଅନିୟମିତତା ବିରୋଧରେ ପ୍ରଶ୍ନ ଉଠାଇଥିବା ଲୋକଙ୍କୁ ଲାଠିମାଡ଼ର ସାମ୍ନା କରିବାକୁ ପଡ଼ିଥିବା ମଧ୍ୟ ସେ ଅଭିଯୋଗ କରିଛନ୍ତି। ଏଭଳି ଘଟଣାକୁ ନିରବରେ ସହ୍ୟ କରାଯିବ ନାହିଁ ବୋଲି ସେ କହିଛନ୍ତି। ନଭେମ୍ବର ୧ରେ ଦିଲ୍ଲୀର ରାମଲୀଳା ମୈଦାନରେ ଆୟୋଜିତ ହେବାକୁ ଥିବା ଏହି ରାଲିରେ ଛାତ୍ର, କୃଷକ, ଶ୍ରମିକ, ମହିଳା, ଯୁବକ ଓ ବ୍ୟବସାୟୀଙ୍କ ସମେତ ଗଣତନ୍ତ୍ର ପ୍ରତି ଆଗ୍ରହ ରଖୁଥିବା ସମସ୍ତଙ୍କୁ ଯୋଗଦେବାକୁ ରାହୁଲ ଆହ୍ୱାନ ଦେଇଛନ୍ତି। ଭୋଟର ଅଧିକାରର ସୁରକ୍ଷା ଏହି ଅଭିଯାନର ମୁଖ୍ୟ ବାର୍ତ୍ତା ରହିବ ବୋଲି କଂଗ୍ରେସ କହିଛି। ଅନ୍ୟପକ୍ଷରେ, ରାଲିର ତାରିଖକୁ ନେଇ ବିଜେପି କଂଗ୍ରେସକୁ ସମାଲୋଚନା କରିଛି। ବିଜେପି ସାଂସଦ ରବିଶଙ୍କର ପ୍ରସାଦ ଅଭିଯୋଗ କରିଛନ୍ତି ଯେ ୧୯୮୪ର ଶିଖ୍ ବିରୋଧୀ ଦଙ୍ଗାର ପୀଡ଼ିତଙ୍କ ପ୍ରତି ସମ୍ବେଦନଶୀଳତା ଦେଖାଇ କଂଗ୍ରେସ ରାଲିର ତାରିଖ ବଦଳାଇବା ଉଚିତ। ଆଇଏନଡିଆଇଏ ମେଣ୍ଟର ଅନେକ ଦଳ ମଧ୍ୟ ଏହି ତାରିଖକୁ ନେଇ ସହମତ ନୁହନ୍ତି ବୋଲି ସେ ଦାବି କରିଛନ୍ତି। ଏହି ପ୍ରସଙ୍ଗକୁ ନେଇ ଦୁଇ ଦଳ ମଧ୍ୟରେ ରାଜନୈତିକ ଆରୋପ-ପ୍ରତ୍ୟାରୋପ ଜାରି ରହିଛି। ନଭେମ୍ବର ୧ର ରାଲିରେ ଭୋଟର ତାଲିକାର ସ୍ୱତନ୍ତ୍ର ଗଭୀର ସଂଶୋଧନ ଏବଂ ନିର୍ବାଚନୀ ଅନିୟମିତତା ସମ୍ପର୍କିତ ଅଭିଯୋଗ ଉଠାଇବାକୁ ବିରୋଧୀ ମେଣ୍ଟ ଯୋଜନା କରିଛି। ତେବେ ଭୋଟ୍ ଚୋରି ସମ୍ପର୍କିତ ଅଭିଯୋଗଗୁଡ଼ିକ ରାଜନୈତିକ ଦଳମାନଙ୍କ ଦାବି; ଏହାର ସତ୍ୟତା ସମ୍ପର୍କରେ ଏଠାରେ କୌଣସି ସ୍ୱାଧୀନ ନିଷ୍କର୍ଷ ଦିଆଯାଇନାହିଁ।

# ଓଡ଼ିଶା ପ୍ରସ୍ତୁତ, କିଟ୍‌ରେ ସର୍ଭିସେସ୍ ସହ ମୁକାବିଲା

## ପ୍ରଥମ ବିଜୟ ଲକ୍ଷ୍ୟରେ ସୁଭ୍ରାଂଶୁ ସେନାପତିଙ୍କ ଦଳ



ଭୁବନେଶ୍ୱର, ୨୫।୧୦(ସବ୍ୟୁ) : ଚଳିତ ରଣଜୀ ଟ୍ରଫିରେ ପ୍ରଥମ ବିଜୟ ଲକ୍ଷ୍ୟ ନେଇ ସୋମବାରଠାରୁ ମଇଦାନକୁ ଓହ୍ଲାଇବ ଓଡ଼ିଶା। ଭୁବନେଶ୍ୱରର କିଟ୍ କ୍ରିକେଟ୍ ଷ୍ଟାଡିୟମରେ ଅକ୍ଟୋବର ୨୬ରୁ ୨୯ ତାରିଖ ପର୍ଯ୍ୟନ୍ତ ଓଡ଼ିଶା ଓ ସର୍ଭିସେସ୍ ମଧ୍ୟରେ ଚାରିଦିନିଆ ମ୍ୟାଚ୍ ଖେଳାଯିବ। ଭାରତୀୟ କ୍ରିକେଟ୍ ନିୟନ୍ତ୍ରଣ ବୋର୍ଡର ୨୦୨୬-୨୭ ଘରୋଇ କ୍ରିକେଟ୍ ଋତୁର ଏହି ମୁକାବିଲା ଏଲିଟ୍ ଗ୍ରୁପ୍-ସି ଅନ୍ତର୍ଗତ। ଓଡ଼ିଶା ଦଳର ନେତୃତ୍ୱ ନେବେ ଅଭିଜ୍ଞ ବ୍ୟାଟର୍ ସୁଭ୍ରାଂଶୁ ସେନାପତି। ଦଳର ମୁଖ୍ୟ ପ୍ରଶିକ୍ଷକ ରହିଛନ୍ତି ପ୍ରଭଞ୍ଜନ ମଲ୍ଲିକ। ଓଡ଼ିଶା କ୍ରିକେଟ୍ ସଂଘ ଅକ୍ଟୋବର ୫ରେ ପ୍ରଥମ ଦୁଇଟି ରଣଜୀ ମ୍ୟାଚ୍ ପାଇଁ ୧୭ ଜଣିଆ ଦଳ ଘୋଷଣା କରିଥିଲା। ଏଥିରେ ଚାରି ନୂଆ ଖେଳାଳି ଓମ୍ ଟି. ମୁଣ୍ଡେ, ଶ୍ରେୟାଂଶ ଭରଦ୍ୱାଜ, ସୌମ୍ୟ ଲେଙ୍କା ଓ ସମ୍ବିତ ବେଜା ସ୍ଥାନ ପାଇଥିଲେ। ଦଳର ବ୍ୟାଟିଂ ବିଭାଗରେ ସ୍ୱସ୍ତିକ ସାମଲ, ସୁଭ୍ରାଂଶୁ ସେନାପତି, ଗୌରବ ଚୌଧୁରୀ, ସନ୍ଦୀପ ପଟ୍ଟନାୟକ ଓ ଶାନ୍ତନୁ ମିଶ୍ରଙ୍କ ଭଳି ଖେଳାଳି ରହିଛନ୍ତି। ଆଶୀର୍ବାଦ ସ୍ୱାଇଁ ଓ ଦିନେଶ ମାଝୀ ୱିକେଟ୍‌ରକ୍ଷକ ଭାବେ ଦଳରେ ସ୍ଥାନ ପାଇଛନ୍ତି। ନିନାଦ ରାଠୱା ଓ ସମ୍ବିତ ବେଜା ଅଲ୍‌ରାଉଣ୍ଡର୍ ଭାବେ ଦଳକୁ ସନ୍ତୁଳନ ଦେବେ। ବୋଲିଂ ବିଭାଗରେ ଲଳିତ ଯାଦବ, ରାଜେଶ ମହାନ୍ତି, ପ୍ରଶାନ୍ତ ରଣା ଓ ସୌମ୍ୟ ଲେଙ୍କାଙ୍କ ସହ ବାମହାତୀ ସ୍ପିନର୍ ସୟଦ ତୁଫାଏଲ ଅହମ୍ମଦ ଓ ବାଦଲ ବିଶ୍ୱାଳ ରହିଛନ୍ତି। ଓଡ଼ିଶା ପାଇଁ ଏହି ମ୍ୟାଚରେ ବ୍ୟାଟିଂରେ ଧାରାବାହିକତା ଏବଂ ବୋଲିଂରେ ପ୍ରଭାବଶାଳୀ ପ୍ରଦର୍ଶନ ଗୁରୁତ୍ୱପୂର୍ଣ୍ଣ ହେବ। ପ୍ରଥମ ଇନିଂସରେ ଦୃଢ଼ ସ୍କୋର୍ କରିବା ସହ ପ୍ରତିପକ୍ଷର ୱିକେଟ୍ ନିୟମିତ ବ୍ୟବଧାନରେ ହାସଲ କରିବାକୁ ପଡ଼ିବ। ଘରୋଇ ପରିବେଶରେ ଖେଳିବା ଦଳ ପାଇଁ ଏକ ସୁଯୋଗ ହୋଇପାରେ। ଅନ୍ୟପକ୍ଷରେ, ସର୍ଭିସେସ୍ ମଧ୍ୟ ଏହି ମ୍ୟାଚରେ ଭଲ ପ୍ରଦର୍ଶନ ପାଇଁ ଚେଷ୍ଟା କରିବ। ଉଭୟ ଦଳ ଏଲିଟ୍ ଗ୍ରୁପ୍-ସିରେ ଥିବାରୁ ଏହି ମୁକାବିଲାର ପଏଣ୍ଟ ଗ୍ରୁପର ସ୍ଥିତି ପାଇଁ ଗୁରୁତ୍ୱ ରଖିବ।

# ଫାଇନାଲରେ ଲଢ଼ିଲେ ସିନ୍ଧୁ, ଚାମ୍ପିଅନ୍ ହେଲେ ଆନ୍ ସେ ୟଙ୍ଗ୍



ପ୍ୟାରିସ୍, ୨୫।୧୦(ଏଜେନ୍ସି) : ଦମ୍ଦାର ଆରମ୍ଭ ସତ୍ତ୍ୱେ ଫ୍ରେଞ୍ଚ ଓପନ୍ ବ୍ୟାଡମିଣ୍ଟନ୍ ଟୁର୍ଣ୍ଣାମେଣ୍ଟର ମହିଳା ଏକକ ଫାଇନାଲରେ ପରାଜୟର ସାମ୍ନା କରିଛନ୍ତି ଭାରତର ପି.ଭି. ସିନ୍ଧୁ। ରବିବାର ଖେଳାଯାଇଥିବା ଫାଇନାଲରେ ବିଶ୍ୱର ଏକ ନମ୍ବର ଖେଳାଳି ଦକ୍ଷିଣ କୋରିଆର ଆନ୍ ସେ ୟଙ୍ଗଙ୍କଠାରୁ ୨୧-୧୬, ୧୧-୨୧, ୧୨-୨୧ ଗେମରେ ହାରି ରନର୍ସଅପରେ ସନ୍ତୁଷ୍ଟ ହୋଇଛନ୍ତି ସିନ୍ଧୁ। ପ୍ରଥମ ଗେମ୍ ଜିତି ଟାଇଟଲ୍ ଆଶା ଉଜ୍ଜ୍ୱଳ କରିଥିଲେ ମଧ୍ୟ ପରବର୍ତ୍ତୀ ଦୁଇ ଗେମ୍ରେ ଆନଙ୍କ ଆକ୍ରମଣାତ୍ମକ ଖେଳ ଆଗରେ ତିଷ୍ଠି ପାରି ନ ଥିଲେ ଭାରତୀୟ ତାରକା। ଦୁଇଥର ଅଲିମ୍ପିକ୍ ପଦକ ବିଜୟିନୀ ସିନ୍ଧୁ ପ୍ରଥମ ଗେମରେ ନିଜ ଅଭିଜ୍ଞତାର ପରିଚୟ ଦେଇଥିଲେ। ଆକ୍ରମଣାତ୍ମକ ସଟ୍ ଓ ଭଲ କୋର୍ଟ କଭରେଜ୍ ଜରିଆରେ ସେ ଆନଙ୍କୁ ଚାପରେ ରଖି ୨୧-୧୬ରେ ଗେମ୍ ଜିତିଥିଲେ। ଏହା ଆନଙ୍କ ବିପକ୍ଷରେ ସିନ୍ଧୁଙ୍କ ପାଇଁ ଏକ ଉଲ୍ଲେଖନୀୟ ସଫଳତା ଥିଲା। ପୂର୍ବରୁ ଦୁହିଁଙ୍କ ମଧ୍ୟରେ ଖେଳାଯାଇଥିବା ମୁକାବିଲାଗୁଡ଼ିକରେ ଦକ୍ଷିଣ କୋରିଆ ଖେଳାଳିଙ୍କ ପ୍ରାଧାନ୍ୟ ରହିଥିଲା।

କିନ୍ତୁ ଦ୍ୱିତୀୟ ଗେମ୍ରେ ଆନ୍ ଜୋରଦାର ପ୍ରତ୍ୟାବର୍ତ୍ତନ କରିଥିଲେ। ଦ୍ରୁତ ଗତି, ଚମତ୍କାର ରକ୍ଷଣ ଓ ନିଖୁଣ ସଟ୍ ଜରିଆରେ ସେ ସିନ୍ଧୁଙ୍କୁ ପଛରେ ପକାଇ ୨୧-୧୧ରେ ଗେମ୍ ଜିତି ମ୍ୟାଚକୁ ସମାନ ସ୍ଥିତିକୁ ଆଣିଥିଲେ। ନିର୍ଣ୍ଣାୟକ ତୃତୀୟ ଗେମରେ ସିନ୍ଧୁ ଲଢ଼େଇ ଜାରି ରଖିଥିଲେ। ହେଲେ ଆନ୍ ଧୀରେଧୀରେ ମ୍ୟାଚ୍ ଉପରେ ନିୟନ୍ତ୍ରଣ ବଢ଼ାଇଥିଲେ। ତାଙ୍କର ଲଗାତାର ଆକ୍ରମଣ ଓ କୋର୍ଟରେ ଦ୍ରୁତ ଗତି ସିନ୍ଧୁଙ୍କୁ ଚାପରେ ପକାଇଥିଲା। ଶେଷରେ ଆନ୍ ୨୧-୧୨ରେ ତୃତୀୟ ଗେମ୍ ଜିତି ଟାଇଟଲ୍ ନିଜ ନାମରେ କରିଥିଲେ। ଏହି ବିଜୟ ସହ ଆନ୍ ସେ ୟଙ୍ଗ୍ କ୍ରମାଗତ ତୃତୀୟ ଥର ପାଇଁ ଫ୍ରେଞ୍ଚ ଓପନ୍ ମହିଳା ଏକକ ଟାଇଟଲ୍ ଜିତିଛନ୍ତି। ଅନ୍ୟପକ୍ଷରେ ସିନ୍ଧୁଙ୍କ ଟାଇଟଲ୍ ଅଭିଯାନ ଅଧୁରା ରହିଛି। ତଥାପି ବିଶ୍ୱର ଶୀର୍ଷ ଖେଳାଳିଙ୍କ ବିପକ୍ଷରେ ପ୍ରଥମ ଗେମ୍ ଜିତି ଫାଇନାଲରେ ଲଢ଼ୁଆ ପ୍ରଦର୍ଶନ କରିବା ତାଙ୍କ ପାଇଁ ଏକ ସକାରାତ୍ମକ ଦିଗ ହୋଇଛି।

# ସିବିଏସଇ ଜାତୀୟ ପ୍ରତିଯୋଗିତା ପାଇଁ ରାଉରକେଲାରୁ ୮ ଜିମ୍ନାଷ୍ଟ



ରାଉରକେଲା, ୨୫।୧୦(ସବ୍ୟୁ) : ପ୍ରଥମ ଥର ପାଇଁ ରାଉରକେଲା ରୁ ୬ ବାଳକ ଓ ୨ ବାଳିକା ମହାରାଷ୍ଟ୍ରର ପୁନେରେ ଆୟୋଜିତ ହେବାକୁ ଥିବା ଜିମ୍ନଷ୍ଟିକ ଜାତୀୟ ପ୍ରତିଯୋଗିତାରେ ଭାଗ ନେବା ପାଇଁ ପୁନେ ଯାତ୍ରା କରିଛନ୍ତି। ରାଉରକେଲାରେ ଦୀର୍ଘ ୩ ବର୍ଷ ହେଲା ନୂତନ ଭାବେ ଜିମ୍ନାଷ୍ଟିକ୍ ଖେଳ ଆରମ୍ଭ ହୋଇଛି। ଏହା ଛେଣ୍ଡ ଅଞ୍ଚଳରେ ଥିବା ଇଣ୍ଡୋର ଷ୍ଟାଡିୟମ୍ ରେ ଖେଳା ଯାଉଛି ପାଖା ପାଖି ୮୦ ଜଣ କୁନି କୁନି ବାଳକ ଓ ବାଳିକା ଦୈନନ୍ଦିନ ସେଣ୍ଟର କୁ ଆସି ଅଭ୍ୟାସ କରୁଛନ୍ତି।ପ୍ରଶିକ୍ଷକ ନରେନ୍ଦ୍ର ମହାୱାର, ସାୟନ ଦାସ, ବିଶ୍ୱଜିତ୍ ବେହେରା ଓ ଲେଖା ରାଣୀ କୁନି କୁନି ଜୀମ୍ନାଷ୍ଟ ଙ୍କୁ ପ୍ରଶିକ୍ଷଣ ଦେଇ ରାଜ୍ୟ ଓ ଜାତୀୟ ସ୍ତରର କ୍ରୀଡାବିତ୍ ବନେଇବାରେ ସିଦ୍ଧହସ୍ତ । ଏହି କ୍ରମେ ଚଳିତ ମାସ ୨୬ ତାରିଖ ରୁ ୩୧ ତାରିଖ ପର୍ଯ୍ୟନ୍ତ ମହାରାଷ୍ଟ୍ର ର ପୁନେ ରେ ଆୟୋଜିତ ହେବାକୁ ଥିବା ସି ବି ଏସ ସି ଜାତୀୟ ଜିମ୍ନାଷ୍ଟିକ୍ ପ୍ରତିଯୋଗିତା ପାଇଁ ପ୍ରଥମ ଥର ପାଇଁ ରାଉରକେଲା ରୁ ୮ ପ୍ରତିଯୋଗୀ ଭାଗ ନେଉଛନ୍ତି । ୧୧ ବର୍ଷରୁ କମ ବୟସ ବାଳକ ବିଭାଗ ରେ ପ୍ରଭଞ୍ଜନ ମାହାଲା ଓ ଆଡଭିନ୍ ନାଗ ଥିଲାବେଳେ ୧୧ ବର୍ଷ ରୁ କମ ବାଳିକା ବିଭାଗରେ ପ୍ରିୟା ବଡାଇକ,ରିମଝିମ୍ ସିଲ୍,ଫଂଖୁଡ଼ି ସିଲ୍ , ଆଦ୍ୟାସା ପାତ୍ର ଓ ବିଦ୍ୟଙ୍କା ବେହେରା ସେହିଭଳି ୧୪ ବର୍ଷରୁ କମ ବାଳିକା ବିଭାଗରେ ଆଡ୍ରିୟା କୋଠରୀ ପ୍ରଭୃତି ଖେଳାଳି ପୁନେ ଯାତ୍ରା କରିଛନ୍ତି। ଏହି ୮ ଖେଳାଳି ପ୍ରଥମ ଥର ଜାତୀୟ ପ୍ରତିଯୋଗିତା ରେ ଭାଗ ନେବେ ସେଥିପାଇଁ ଅଭିଭାବକଙ୍କ ମନରେ ଅନେକ ଉତ୍କଣ୍ଠା ରହିଛି। ସୁନ୍ଦରଗଡ ଜିମ୍ନାଷ୍ଟିକ୍ ସଙ୍ଘ ଓ ରାଉରକେଲା ଜିମ୍ନାଷ୍ଟିକ୍ ସଂଘ ର ଗୋଲକ ବିହାରୀ ମଙ୍ଗରାଜ, ସଞ୍ଜୟ ପ୍ରଧାନ,ନିଖିଳ କଳାକାର ପ୍ରଧାନ, ବିଜୟ ସୁନ୍ଦର ରାୟ, ସାଗର ମହାପାତ୍ର,ରାଜକିଶୋର ସିଂ , ମନୋଜ ମାଝୀ, ସୁଚିତ୍ରା ଦାସ,ଦୀପ୍ତି ସାମଲ,ଗରିମା ପତ୍ରି, ରୀନା ରାଣୀ, ସୌଭାଗିନି ରାଉତରାୟ, ତାରା କ୍ରିଷ୍ଟ ଓ ଗ୍ରେସି ଡେଭିଡ୍ ପ୍ରମୁଖ ଖେଳାଳିଙ୍କ ସଫଳତା ପାଇଁ ଶୁଭେଚ୍ଛା ଜଣାଇବା ସହିତ ତାଙ୍କର ଉତ୍ତର ତ୍ତର କାମନା କରିଛନ୍ତି। ସେହିଭଳି ଓଡ଼ିଶା ଏଚ ପି ସି ର ମୁଖ୍ୟ ପ୍ରଶିକ୍ଷକ ଅଶୋକ ମିଶ୍ର ମଧ୍ୟ ଓଡ଼ିଶାରୁ ଯାଇଥିବା ସମସ୍ତ ସି ବି ଏସ ସି ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ୧୧ ବର୍ଷରେ ବୋଧନାଙ୍କ ବିଶ୍ୱ ରେକର୍ଡ

## ଭାଙ୍ଗିଲେ ପୋଲଗାରଙ୍କ ୩୮ ବର୍ଷର କୀର୍ତ୍ତିମାନ



ଲଣ୍ଡନ, ୨୫।୧୦(ଏଜେନ୍ସି) : ମାତ୍ର ୧୧ ବର୍ଷ ବୟସରେ ଚେସ୍ ଜଗତରେ ଇତିହାସ ରଚିଛନ୍ତି ଭାରତୀୟ ବଂଶୋଦ୍ଭବ ଇଂଲଣ୍ଡର ଯୁବ ଚେସ୍ ଖେଳାଳି ବୋଧନା ଶିବାନନ୍ଦନ। ସେ ମହିଳାଙ୍କ ମଧ୍ୟରେ ସର୍ବକନିଷ୍ଠ ଅନ୍ତର୍ଜାତୀୟ ମାଷ୍ଟର (ଆଇଏମ୍) ହେବାର ଗୌରବ ହାସଲ କରିଛନ୍ତି। ଏଥିସହ ହଙ୍ଗେରୀର ପ୍ରସିଦ୍ଧ ଚେସ୍ ଖେଳାଳି ଜୁଡିଟ୍ ପୋଲଗାରଙ୍କ ୩୮ ବର୍ଷର ପୁରୁଣା ରେକର୍ଡ ଭାଙ୍ଗିଛନ୍ତି। ମଣ୍ଟେନେଗ୍ରୋର ବୁଡଭାଠାରେ ଆୟୋଜିତ ୟୁରୋପୀୟ ମହିଳା ଚେସ୍ କ୍ଲବ୍ କପରେ ବୋଧନା ଏହି ଐତିହାସିକ ସଫଳତା ପାଇଛନ୍ତି। ସେ 'ସି ପ୍ଲେଜ୍ ଟୁ ୱିନ୍ ଲାୟନେସ୍' ଦଳ ପକ୍ଷରୁ ପ୍ରଥମ ବୋର୍ଡରେ ଖେଳି ସାତଟି ମ୍ୟାଚରୁ ୫.୫ ପଏଣ୍ଟ ହାସଲ କରିଥିଲେ। ସ୍ୱିଡେନର ମହିଳା ଅନ୍ତର୍ଜାତୀୟ ମାଷ୍ଟର ଭିକ୍ଟୋରିଆ ଜୋହାନସନଙ୍କୁ ୩୨ ଚାଲରେ ପରାସ୍ତ କରି ସେ ଆବଶ୍ୟକ ସଫଳତା ହାସଲ କରିଥିଲେ। ଏହା ପୂର୍ବରୁ ବୋଧନା ବେଲାରୁଷର ଅନ୍ତର୍ଜାତୀୟ ମାଷ୍ଟର ଓଲ୍ଗା ବାଦେଲ୍କାଙ୍କୁ ପରାସ୍ତ କରିଥିବା ବେଳେ ଜର୍ଜିଆର ଗ୍ରାଣ୍ଡମାଷ୍ଟର ନିନୋ ବାସ୍ତିଆଭିଶିଲିଙ୍କ ସହ ମ୍ୟାଚ୍ ଡ୍ର' ରଖିଥିଲେ। ତାଙ୍କର ଏହି ପ୍ରଦର୍ଶନ ତାଙ୍କୁ ବିଶ୍ୱ ଚେସର ସର୍ବକନିଷ୍ଠ ଅନ୍ତର୍ଜାତୀୟ ମାଷ୍ଟରଙ୍କ ମଧ୍ୟରେ ସ୍ଥାନ ଦେଇଛି। ପୂର୍ବରୁ ଜୁଡିଟ୍ ପୋଲଗାର ୧୯୮୮ରେ ୧୨ ବର୍ଷ ବୟସରେ ଏହି ସଫଳତା ପାଇଥିଲେ। ପରବର୍ତ୍ତୀ ସମୟରେ ସେ ବିଶ୍ୱର ଅଷ୍ଟମ ମାନ୍ୟତାପ୍ରାପ୍ତ ଖେଳାଳି ହେବା ସହ ଅନେକ ପ୍ରତିଷ୍ଠିତ ପ୍ରତିଦ୍ୱନ୍ଦ୍ୱୀଙ୍କୁ ପରାସ୍ତ କରିଥିଲେ। ଏବେ ୧୧ ବର୍ଷ ବୟସରେ ବୋଧନା ତାଙ୍କ ରେକର୍ଡ ଭାଙ୍ଗି ଚେସ୍ ଜଗତରେ ନୂଆ ଅଧ୍ୟାୟ ଯୋଡ଼ିଛନ୍ତି। ଉତ୍ତର ଲଣ୍ଡନର ହାରୋରେ ରହୁଥିବା ବୋଧନାଙ୍କ ଚେସ୍ ଯାତ୍ରା କୋଭିଡ୍ ମହାମାରୀ ସମୟରେ ଆରମ୍ଭ ହୋଇଥିଲା। ମାତ୍ର ପାଞ୍ଚ ବର୍ଷ ବୟସରେ ସେ ଚେସ୍ ପ୍ରତି ଆକର୍ଷିତ ହୋଇଥିଲେ। ନିଜ ପ୍ରତିଭା ଓ ନିରନ୍ତର ଅଭ୍ୟାସ ବଳରେ ଅଳ୍ପ ବୟସରେ ସେ ଇଂଲଣ୍ଡର ଅଗ୍ରଣୀ ମହିଳା ଚେସ୍ ଖେଳାଳିଙ୍କ ମଧ୍ୟରେ ସ୍ଥାନ ପାଇଛନ୍ତି। ଗତ ସେପ୍ଟେମ୍ବରରେ ଚେସ୍ ଅଲିମ୍ପିଆଡରେ ଇଂଲଣ୍ଡ ପକ୍ଷରୁ ଖେଳି ସେ ମହିଳା ଗ୍ରାଣ୍ଡମାଷ୍ଟର୍ ଉପାଧି ପାଇଁ ଆବଶ୍ୟକ ଦ୍ୱିତୀୟ ମାନଦଣ୍ଡ ମଧ୍ୟ ହାସଲ କରିଥିଲେ। ଅନ୍ତର୍ଜାତୀୟ ମାଷ୍ଟର ଉପାଧି ଚେସର ଏକ ଉଚ୍ଚ ସମ୍ମାନଜନକ ମାନ୍ୟତା। ଏହା ମହିଳା କିମ୍ବା ପୁରୁଷଙ୍କ ପାଇଁ ସୀମିତ ନୁହେଁ। ଏବେ ବୋଧନାଙ୍କ ପରବର୍ତ୍ତୀ ଲକ୍ଷ୍ୟ ହେଉଛି ସର୍ବୋଚ୍ଚ ଚେସ୍ ଉପାଧି ଗ୍ରାଣ୍ଡମାଷ୍ଟର ହେବା। ତାଙ୍କ ଏହି ସଫଳତା ଯୁବ ଚେସ୍ ଖେଳାଳିଙ୍କ ପାଇଁ ପ୍ରେରଣା ହେବ ବୋଲି ଆଶା କରାଯାଉଛି।

# ୨୦୨୯ରେ ଅହମ୍ମଦାବାଦରେ ବିଶ୍ୱ ଭାରୋତ୍ତୋଳନ ଚାମ୍ପିଅନସିପ

ନୂଆଦିଲ୍ଲୀ, ୨୫।୧୦(ଏଜେନ୍ସି) : ଅନ୍ତର୍ଜାତୀୟ କ୍ରୀଡ଼ା ଆୟୋଜନ କ୍ଷେତ୍ରରେ ଭାରତକୁ ଆଉ ଏକ ବଡ଼ ସଫଳତା ମିଳିଛି। ଗୁଜରାଟର ଅହମ୍ମଦାବାଦ ୨୦୨୯ରେ ବରିଷ୍ଠ ବିଶ୍ୱ ଭାରୋତ୍ତୋଳନ ଚାମ୍ପିଅନସିପ୍ ଆୟୋଜନ କରିବ। ଏହା ପ୍ରଥମ ଥର ହେବ, ଯେତେବେଳେ ଭାରତରେ ବରିଷ୍ଠ ବର୍ଗର ଏହି ବିଶ୍ୱସ୍ତରୀୟ ପ୍ରତିଯୋଗିତା ଆୟୋଜିତ ହେବ। ରବିବାର ଚୀନ୍‌ର ନିଙ୍ଗବୋଠାରେ ଅନୁଷ୍ଠିତ ଅନ୍ତର୍ଜାତୀୟ ଭାରୋତ୍ତୋଳନ ମହାସଂଘ (ଆଇଡବ୍ଲ୍ୟୁଏଫ୍)ର କାର୍ଯ୍ୟକାରୀ ବୋର୍ଡ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଏହି ଆୟୋଜନ ପାଇଁ ଭାରତକୁ ରୁଷିଆ ଓ ଭେନେଜୁଏଲାର ପ୍ରତିଦ୍ୱନ୍ଦ୍ୱିତାର ସାମ୍ନା କରିବାକୁ ପଡ଼ିଥିଲା। ତେବେ ୨୦୨୯ ସଂସ୍କରଣର ଆୟୋଜନ ଅଧିକାର ଅହମ୍ମଦାବାଦକୁ ମିଳିଛି। ଅନ୍ୟପକ୍ଷରେ ରୁଷିଆର ରାଜଧାନୀ ମସ୍କୋ ୨୦୩୦ ବରିଷ୍ଠ ବିଶ୍ୱ ଭାରୋତ୍ତୋଳନ ଚାମ୍ପିଅନସିପ୍ ଆୟୋଜନ କରିବ। ଭାରତୀୟ ଭାରୋତ୍ତୋଳନ ମହାସଂଘର ସଭାପତି ସହଦେବ ଯାଦବଙ୍କ ସୂଚନା ଅନୁସାରେ, ୨୦୨୯ ବିଶ୍ୱ ଚାମ୍ପିଅନ୍ସିପ୍ ୨୦୩୦ରେ ଭାରତରେ ଆୟୋଜିତ ହେବାକୁ ଥିବା କମନ୍ୱେଲ୍ଥ ଗେମ୍ସ ପାଇଁ ଯୋଗ୍ୟତା ପ୍ରତିଯୋଗିତା ଭାବେ ମଧ୍ୟ କାର୍ଯ୍ୟ କରିବ। ଏହା ଭାରତୀୟ ଭାରୋତ୍ତୋଳକଙ୍କୁ ଘରୋଇ ପରିବେଶରେ ଅନ୍ତର୍ଜାତୀୟ ମଞ୍ଚରେ ଦକ୍ଷତା ପ୍ରଦର୍ଶନ କରିବା ସହ କମନ୍ୱେଲ୍ଥ ଗେମ୍ସ ପାଇଁ ଯୋଗ୍ୟତା ହାସଲ କରିବାର ସୁଯୋଗ ଦେବ। ଗୁଜରାଟ ଗତ କିଛି ବର୍ଷ ମଧ୍ୟରେ ଅନେକ ଅନ୍ତର୍ଜାତୀୟ ଭାରୋତ୍ତୋଳନ ପ୍ରତିଯୋଗିତା ଆୟୋଜନ କରିଛି। ୨୦୨୫ରେ ଅହମ୍ମଦାବାଦରେ କମନ୍ୱେଲ୍ଥ ଭାରୋତ୍ତୋଳନ ଚାମ୍ପିଅନସିପ୍ ଏବଂ ୨୦୨୬ରେ ଗାନ୍ଧୀନଗରରେ ଏସୀୟ ବରିଷ୍ଠ ଭାରୋତ୍ତୋଳନ ଚାମ୍ପିଅନସିପ୍ ଆୟୋଜିତ ହୋଇଥିଲା। ଏହା ସହ ଅହମ୍ମଦାବାଦ ୨୦୩୦ କମନ୍ୱେଲ୍ଥ ଗେମ୍ସର ଆୟୋଜକ ସହର ହେବାକୁ ଯାଉଛି। ଭାରତ ୨୦୩୬ ଅଲିମ୍ପିକ୍ ଆୟୋଜନ ପାଇଁ ମଧ୍ୟ ଉଦ୍ୟମ ଜାରି ରଖିଛି। ଆଇଡବ୍ଲ୍ୟୁଏଫ୍ ୨୦୨୮ ର ବିଶ୍ୱ ଯୁବ ଚାମ୍ପିଅନସିପ୍ ପାଇଁ କୋସୋଭୋର ପ୍ରିଷ୍ଟିନା ଏବଂ ବିଶ୍ୱ ଜୁନିୟର ଚାମ୍ପିଅନସିପ୍ ପାଇଁ ଭେନେଜୁଏଲାର କାରାକାସକୁ ବାଛିଛି। ଏହି ନିଷ୍ପତ୍ତିଗୁଡ଼ିକ ଆଗାମୀ ବର୍ଷଗୁଡ଼ିକର ଅନ୍ତର୍ଜାତୀୟ ପ୍ରତିଯୋଗିତା କ୍ୟାଲେଣ୍ଡରକୁ ସୁସଂଗଠିତ କରିବା ସହ ବିଶ୍ୱ ଭାରୋତ୍ତୋଳନର ପରିସର ବୃଦ୍ଧି କରିବାରେ ସହାୟକ ହେବ।

# ଭୁବନେଶ୍ୱର ଉତ୍କଳ କରାଟେ ସ୍କୁଲରେ ଗ୍ରେଡିଂ ପରୀକ୍ଷା



ଭୁବନେଶ୍ୱର, ୨୫।୧୦ (ସବ୍ୟୁ) : ଆଜି ଉତ୍କଳ କରାଟେ ସ୍କୁଲର ମୁଖ୍ୟ ଶାଖା ଠାରେ ସୁକୋକାଇ କରାଟେର ଗ୍ରେଡିଂ ପରୀକ୍ଷା ଅନୁଷ୍ଠିତ ହୋଇଯାଇଅଛି। ଉତ୍କଳ କରାଟେ ସ୍କୁଲର ପ୍ରତିଷ୍ଠାତା ତଥା ସୁକୋକାଇ କରାଟେ ୟୁନିୟନର ମୁଖ୍ୟ ଡ. ହରିପ୍ରସାଦ ପଟ୍ଟନାୟକଙ୍କ ଏହି ଅନୁଷ୍ଠାନରେ ଆଜି ସିନିୟର ପ୍ରଶିକ୍ଷକ ସେନସେଇ ଖାରବେଳ ମଲ୍ଲିକ , ଦୀପକ ସାମନ୍ତରା, ସନ୍ତୋଷ ମହାରଣା, ସପନ ମିଶ୍ର, ଶୁଭେନ୍ଦୁ ଲେଙ୍କା, ସୁଶାନ୍ତ ପଣ୍ଡା, ଆଶିଷ ରାଉତ, ରାହୁଲ ପ୍ରଧାନ ଓ ଗୋପାଳ ରାଓ ପ୍ରମୁଖ ପରିକ୍ଷାକୁ ସୁଚାରୁରୂପେ ପରିଚାଳନା କରିଥିଲେ। ଏହି ପରୀକ୍ଷାରେ ୟୋଲୋ ବେଲ୍ଟରେ ୮୭ ଜଣ, ଅରେଞ୍ଜ୍ ବେଲ୍ଟରେ ୫୫ ଜଣ , ଗ୍ରୀନ୍ ବେଲ୍ଟରେ ୨୮ ଜଣ ବ୍ଲୁ ବେଲ୍ଟରେ ୩୫ ଜଣ, ବ୍ରାଉନ୍ ବେଲ୍ଟରେ ୧୦୩ ଜଣ ମୋଟ ଉପରେ ୩୦୮ ଜଣ କୃତକାର୍ଯ୍ୟ ହୋଇଛନ୍ତି ।

# ପେନାଲ୍ଟି ମିସ୍ କଲେ ଆଜାରାଇ

## ଓଡ଼ିଶା -ନର୍ଥଇଷ୍ଟ ମ୍ୟାଚ ଡ୍ର

ଭୁବନେଶ୍ୱର, ୨୫।୧୦(ସବ୍ୟୁ) : ଶେଷ ମୁହୂର୍ତ୍ତରେ ପେନାଲ୍ଟିରୁ ଗୋଲ୍ କରିବାର ସୁଯୋଗ ହାତଛଡ଼ା କଲେ ନର୍ଥଇଷ୍ଟ ୟୁନାଇଟେଡର ମରକ୍କୋ ଷ୍ଟ୍ରାଇକର ଆଲାଏଦ୍ଦିନ୍ ଆଜାରାଇ। ଫଳରେ ଏମ୍ପି ଇଣ୍ଡିଆନ୍ ସୁପର ଲିଗରେ ଶନିବାର ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ଓଡ଼ିଶା ଏଫ୍‌ସି ଓ ନର୍ଥଇଷ୍ଟ ୟୁନାଇଟେଡ୍ ଏଫ୍‌ସି ମଧ୍ୟରେ ମ୍ୟାଚ୍ ଗୋଲଶୂନ୍ୟ ଡ୍ର'ରେ ଶେଷ ହୋଇଛି। ମ୍ୟାଚର ଅତିରିକ୍ତ ସମୟରେ ଷ୍ଟିଫେନ୍ ଏଜେ ବଲକୁ ପେନାଲ୍ଟି ଅଞ୍ଚଳରେ ହାତରେ ସ୍ପର୍ଶ କରିବାରୁ ରେଫରି କେ. ରାମଦାସନ୍ ନର୍ଥଇଷ୍ଟକୁ ପେନାଲ୍ଟି ଦେଇଥିଲେ। ଆଜାରାଇଙ୍କ ସଟ୍ ଗୋଲପୋଷ୍ଟରେ ବାଜି ଫେରିଆସିଥିଲା। ଏହା ମ୍ୟାଚର ଶେଷ ଘଟଣା ଥିଲା। ଫଳରେ ନର୍ଥଇଷ୍ଟ ତିନି ପଏଣ୍ଟ ହାସଲ କରିବାର ସୁଯୋଗ ହରାଇଥିଲା। ମ୍ୟାଚ୍ ଆରମ୍ଭରୁ ନର୍ଥଇଷ୍ଟ ଆକ୍ରମଣ କରିଥିଲା। ପଞ୍ଚମ ମିନିଟ୍ରେ ଜିଥିନ୍ ଏମ୍‌ଏସଙ୍କ କ୍ରସରେ ନିକୋଲା ନିଙ୍କୋଭିଚ୍ ସଟ୍ ମାରିଥିଲେ। କିନ୍ତୁ ଓଡ଼ିଶାର ଗୋଲରକ୍ଷକ ହ୍ରିତିକ୍ ତିୱାରୀ ତାହାକୁ ରୋକି ଦେଇଥିଲେ। ଏହାର ଜବାବରେ ଏଭର୍ଟନ୍ ନାସିମେଣ୍ଟୋ ଦୂରରୁ ସଟ୍ ମାରିଥିଲେ ମଧ୍ୟ ବଲ୍ ଗୋଲପୋଷ୍ଟ ବାହାରକୁ ଚାଲିଯାଇଥିଲା। ପରେ ଆଜାରାଇଙ୍କ ଆଉ ଏକ ଉଦ୍ୟମକୁ ମଧ୍ୟ ହ୍ରିତିକ୍ ବିଫଳ କରିଥିଲେ। ଦ୍ୱିତୀୟାର୍ଦ୍ଧରେ ଉଭୟ ଦଳ ଖେଳାଳି ପରିବର୍ତ୍ତନ କରି ଗୋଲ୍ ପାଇଁ ଉଦ୍ୟମ କରିଥିଲେ। ଓଡ଼ିଶା ପକ୍ଷରୁ ନନ୍ଦକୁମାର ଶେକର, ରହିମ୍ ଅଲି ଓ ମାନୁଏଲ୍ ମୋଲିନା ପଡ଼ିଆକୁ ଆସିଥିଲେ। ନର୍ଥଇଷ୍ଟ ମଧ୍ୟ ପାର୍ଥିବ ଗୋଗୋଇ, ଏଥିୟାନ୍ ଗୋଞ୍ଜାଲେଜ୍ ଓ ରେଡିମ୍ ଟାଲଙ୍ଗଙ୍କୁ ସୁଯୋଗ ଦେଇଥିଲା। ଅତିରିକ୍ତ ସମୟରେ ନର୍ଥଇଷ୍ଟ ଗୋଲ୍ ପାଇଁ ଶେଷ ଉଦ୍ୟମ କରିଥିଲା। ହେଲେ ମୋୟାନୋଙ୍କ ସଟ୍ ଲକ୍ଷ୍ୟଭ୍ରଷ୍ଟ ହୋଇଥିଲା। ଶେଷରେ ପେନାଲ୍ଟି ମିସ୍ ହେବାରୁ ମ୍ୟାଚ୍ ଡ୍ର'ରେ ଶେଷ ହୋଇଥିଲା। ଓଡ଼ିଶାର ଗୋଲ୍‌ରକ୍ଷକ ହ୍ରିତିକଙ୍କ ଗୁରୁତ୍ୱପୂର୍ଣ୍ଣ ସେଭ୍ ଦଳକୁ ଗୋଲ୍ ଖାଇବାରୁ ରକ୍ଷା କରିଥିଲା।

# ଜିଲ୍ଲାସ୍ତରୀୟ ତାଇକୋଣ୍ଡୋ ଚାମ୍ପିଅନସିପ ଆୟୋଜିତ

କାମାକ୍ଷାନଗର, ୨୫।୧୦(ସବ୍ୟୁ) : ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ସହର ସ୍ଥିତ ଆଳତୁମା କଲ୍ୟାଣମଣ୍ଡପ ଠାରେ ତୃତୀୟ ଜିଲ୍ଲାସ୍ତରୀୟ ତାଇକୋଣ୍ଡୋ ଚମ୍ପିଅନସିପ ଅନୁଷ୍ଠିତ ହୋଇଯାଇଛି ।ମୁଖ୍ୟ ଅତିଥି ଭାବେ ଓଡିଶା ତାଇକୋଣ୍ଡା ଆସୋସିଏସନର ସାଧାରଣ ସମ୍ପାଦକ ରବିନାରାୟଣ ପାଣିଗ୍ରାହୀ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ ।ଅନ୍ୟ ଅତିଥି ଭାବେ ଢେଙ୍କାନାଳ ଜିଲ୍ଲା ତାଇକୋଣ୍ଡୋ ଆସୋସିଏସନର ସଭାପତି ପ୍ରଦ୍ୟୁମ୍ନ ନାୟକ ଉପସ୍ଥିତ ଥିଲେ । ସମଗ୍ର ଜିଲ୍ଲାରୁ ପ୍ରାୟ ୧୫୦ ଜଣ ପ୍ରତିଯୋଗୀ ଏହି ଚମ୍ପିୟାନଶିପରେ ଅଂଶଗ୍ରହଣ କରିଥିଲେ। ତାଇକୋଣ୍ଡୋକୁ କିପରି ସମଗ୍ର ରାଜ୍ୟରେ ଅଧିକରୁ ଅଧିକ ଲୋକାଭିମୁଖୀ କରିବା ସହିତ ପିଲା ମାନଙ୍କର ଆତ୍ମରକ୍ଷା କୌଶଳ ବୃଦ୍ଧି ପାଇବ, ସେନେଇ ପ୍ରତିଯୋଗିତା ଆୟୋଜନ କରାଯାଇଛି । ବିଶେଷ କରି ବାଳିକା ମାନଙ୍କୁ ଆତ୍ମରକ୍ଷା ଉପରେ ଗୁରୁତ୍ୱ ଦେବାନେଇ ତାଇକୋଣ୍ଡୋ ଆସୋସିଏସନ ଚେଷ୍ଟା କରୁଥିବା ଆୟୋଜକଙ୍କ ତରଫରୁ ସୂଚନା ଦିଆଯାଇଛି । କାମାକ୍ଷାନଗର ସହରର ପ୍ରତିଷ୍ଠିତ ତାଇକୋଣ୍ଡୋ ପ୍ରଶିକ୍ଷକ ଚନ୍ଦନ କୁମାର ସ୍ୱାଇଁଙ୍କ ନେତୃତ୍ୱରେ ଏହି ଚମ୍ପିଅନସିପ ଆୟୋଜିତ ହୋଇଛି ।


ସୂଚନା

ସମୟ

BHIM BHARAT INTERFACE FOR MONEY

SCAN & PAY

ASHIRBAD PRAKASHAN PVT.LTD.

ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦକୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ।





# ଝିଅ ପାଇଁ ଟେନିସ୍ ଛାଡ଼ିପାରନ୍ତି ଓସାକା!

## ମାତୃତ୍ୱ ବଦଳାଇଛି ଜୀବନର ପ୍ରାଥମିକତା, ଅବସର ନେଇ ମଧ୍ୟ କରୁଛନ୍ତି ବିଚାର

ଟୋକିଓ, ୨୫।୧୦(ଏଜେନ୍ସି) : ଚାରିଥର ଗ୍ରାଣ୍ଡସ୍ଲାମ୍ ବିଜୟିନୀ ତଥା ଜାପାନର ଟେନିସ୍ ତାରକା ନାଓମି ଓସାକା ନିଜର ଖେଳ ଜୀବନକୁ ନେଇ ଏକ ବଡ଼ ସଙ୍କେତ ଦେଇଛନ୍ତି। ତାଙ୍କ ତିନି ବର୍ଷର ଝିଅ ଯଦି ତାଙ୍କୁ ଅଧିକ ଯାତ୍ରା ନକରିବାକୁ କିମ୍ବା ଟେନିସ୍ ଛାଡ଼ିବାକୁ କହେ, ତେବେ ସେ ଏହାକୁ ଗୁରୁତ୍ୱର ସହ ବିଚାର କରିବେ। ମାତୃତ୍ୱ ତାଙ୍କ ଜୀବନର ପ୍ରାଥମିକତାକୁ ବଦଳାଇ ଦେଇଥିବା ଓସାକା ସ୍ପଷ୍ଟ କରିଛନ୍ତି। ୨୯ ବର୍ଷୀୟ ଓସାକା ଏବେ ଟୋକିଓରେ ଆୟୋଜିତ ହେବାକୁ ଥିବା ପାନ୍ ପାସିଫିକ୍ ଓପନ୍ ପାଇଁ ପ୍ରସ୍ତୁତ ହେଉଛନ୍ତି। ବିଶ୍ୱ ମାନ୍ୟତାରେ ସେ ୧୯ତମ ସ୍ଥାନରେ ରହିଥିବା ବେଳେ ଏହି ପ୍ରତିଯୋଗିତାରେ ସପ୍ତମ ସିଡ୍ ଖେଳାଳି ଭାବେ ଅଂଶଗ୍ରହଣ କରିବେ। କିନ୍ତୁ ଟେନିସ୍ କୋର୍ଟରେ ସଫଳତା ସହିତ ଝିଅକୁ ସମୟ ଦେବା ଏବେ ତାଙ୍କ ପାଇଁ ଏକ ବଡ଼ ଆହ୍ୱାନ ହୋଇଛି। ଓସାକା କହିଛନ୍ତି, ନିଜ ଭବିଷ୍ୟତକୁ ନେଇ ସେ ଅନେକ ସମୟରେ ଚିନ୍ତା କରୁଛନ୍ତି ଏବଂ ଆଉ କେତେ ଦିନ ଖେଳ ଜାରି ରଖିବେ, ତାହା ନେଇ ମଧ୍ୟ ଭାବୁଛନ୍ତି। ତାଙ୍କ ଝିଅ ଯଦି ତାଙ୍କୁ ବାରମ୍ବାର ଯାତ୍ରା ନକରିବାକୁ କହେ, ତେବେ ସେ ଝିଅର ଇଚ୍ଛାକୁ ଅଣଦେଖା କରିବେ ନାହିଁ। ତାଙ୍କ ପାଇଁ ଝିଅ ହେଉଛି ସବୁଠାରୁ ବଡ଼ ପ୍ରାଥମିକତା।୨୦୨୧ରେ ମାନସିକ ସ୍ୱାସ୍ଥ୍ୟକୁ ଗୁରୁତ୍ୱ ଦେଇ ଓସାକା ଟେନିସରୁ ବିରତି ନେଇଥିଲେ। ଝିଅ ଜନ୍ମ ପରେ ସେ ପ୍ରାୟ ୧୫ ମାସ ଖେଳଠାରୁ ଦୂରେଇ ରହିଥିଲେ ଏବଂ ୨୦୨୪ରେ ପୁଣି କୋର୍ଟକୁ ଫେରିଥିଲେ। ଏବେ ଜଣେ ମା' ଓ ପେସାଦାର ଖେଳାଳି ଭାବେ ଦୁଇଟି ଦାୟିତ୍ୱକୁ ସମନ୍ୱୟ କରିବା ଶିଖୁଥିବା ସେ କହିଛନ୍ତି। ତେବେ ଟେନିସରେ ପୁଣି ଶୀର୍ଷ ସ୍ଥାନକୁ ଫେରିବା ଆଶା ଓସାକା ଛାଡ଼ିନାହାନ୍ତି। ଚଳିତ ବର୍ଷ ୱିମ୍ବଲଡନରେ ସେ କ୍ୱାର୍ଟର ଫାଇନାଲରେ ପହଞ୍ଚିଥିଲେ। ଏହି ଯାତ୍ରାରେ ବିଶ୍ୱର ଶୀର୍ଷ ମାନ୍ୟତାପ୍ରାପ୍ତ ଆରିନା ସାବାଲେଙ୍କାଙ୍କୁ ମଧ୍ୟ ପରାସ୍ତ କରିଥିଲେ। ଫ୍ରେଞ୍ଚ ଓପନ୍ ଏବଂ ୟୁଏସ୍ ଓପନରେ ମଧ୍ୟ ସେ ଚତୁର୍ଥ ପର୍ଯ୍ୟାୟରେ ପହଞ୍ଚିଥିଲେ। ନିଜର ପୂର୍ବ ଫର୍ମକୁ ଫେରିବା ନେଇ ସେ ଆଶାବାଦୀ। ତାଙ୍କ ମତରେ, ଗ୍ରାଣ୍ଡସ୍ଲାମ୍ ଜିତିବା ପାଇଁ ଆବଶ୍ୟକ ଦକ୍ଷତାଠାରୁ ସେ ବେଶି ଦୂରରେ ନାହାନ୍ତି। ଆଗାମୀ ବର୍ଷରେ ଆହୁରି ଭଲ ପ୍ରଦର୍ଶନ କରିବା ନେଇ ମଧ୍ୟ ସେ ଆଶା ରଖିଛନ୍ତି। ଓସାକାଙ୍କ ଏହି ମନ୍ତବ୍ୟରୁ ସ୍ପଷ୍ଟ ଯେ ଟେନିସ୍ ପ୍ରତି ତାଙ୍କର ଆଗ୍ରହ ଏବେ ବି ରହିଛି, କିନ୍ତୁ ପରିବାର ଓ ଝିଅର ଆବଶ୍ୟକତା ତାଙ୍କ ନିଷ୍ପତ୍ତିରେ ଗୁରୁତ୍ୱପୂର୍ଣ୍ଣ ହେବ। ଅବସର ନେବା ନେଇ ସେ କୌଣସି ଚୂଡ଼ାନ୍ତ ଘୋଷଣା କରିନାହାନ୍ତି। ବରଂ ଖେଳ ଜାରି ରଖିବା ଓ ମାତୃତ୍ୱର ଦାୟିତ୍ୱ ମଧ୍ୟରେ ସନ୍ତୁଳନ ରକ୍ଷା କରିବା ତାଙ୍କ ପାଇଁ ଏବେ ସବୁଠାରୁ ବଡ଼ ପ୍ରଶ୍ନ ହୋଇଛି।




Printed & Published by Parikhita Dash for Ashirbad Prakashan Pvt. Ltd., Plot. 44 & 54, Sec.-A, Zone-D, M.I.Estate, Bhubaneswar-751010. at Meerabasanta Industries Pvt. Ltd., Plot. 2/253, Birachandrapur, P.S-Rampur, Redhakhol, Dist.-Sambalpur, Odisha, TEL-2585740, 2585602, News-2583867, 2586702, Fax-2586665, 2586702, Advt.-Ph-2585704, Advt.Fax-2587704, Circulation-2586541, Chief Editor: Dr. Gurukalyan Mohapatra,ମୁଖ୍ୟ ସମ୍ପାଦକ: ଡ. ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି